# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୧/୨୦୨୫ (୧୬ ପୃଷ୍ଠା) | Bhubaneswar, Friday, April 11/2025 | Page 16 | ₹ 7.00

୫୧ଶ ଭାଗ ୧୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 136 | ମୂଲ୍ୟ ₹୭/-



DSPL-24



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ଜଗତ ପ୍ରକାଶ ନଡ୍ଡା
କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାର ଓ ରସାୟନ ମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଶୁଭାରମ୍ଭ

## ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏ.ବି.ପିଏମ୍.ଜେ.ଏ.ୱାଇ) ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜି.ଜେ.ଏ.ୱାଇ)ର ନୂଆ ଏକକ କାର୍ଡ଼ ବିତରଣ ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା (ଏ.ଭି.ଭି.ୱାଇ)

**ମୁଖ୍ୟ ଅତିଥି**

**ଶ୍ରୀ ଜଗତ ପ୍ରକାଶ ନଡ୍ଡା**
କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାର ଓ ରସାୟନ ମନ୍ତ୍ରୀ

**ଗରିମାମୟ ଉପସ୍ଥିତି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**ଶ୍ରୀ ଜୁଏଲ୍ ଓରାମ**
କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ

**ଶ୍ରୀ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଡ଼. ମୁକେଶ ମହାଲିଙ୍ଗ**
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ, ଓଡ଼ିଶା

**୧୧ ଏପ୍ରିଲ୍ ୨୦୨୫ | ଅପରାହ୍ନ ୨.୩୦ ଘଟିକା | ବାଲିଯାତ୍ରା ପଡ଼ିଆ, କଟକ**

OIPR-10001/13/0049/2425




ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

**ହରିଦ୍ୱାର ଜେଲରେ ୧୫ କଏଦୀ ଏଚ୍ଆଇଭି ପଜିଟିଭ**

ଉତ୍ତରାଖଣ୍ଡର ହରିଦ୍ୱାର ଜେଲରେ ୧୫ କଏଦୀ ଏଚ୍ଆଇଭି ପଜିଟିଭ ଚିହ୍ନଟ ହୋଇଛନ୍ତି। ଗତ ୭ରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଜେଲରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଶିବିରରେ କଏଦୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା, ଯେଉଁଥିରେ ୧୫ ଜଣ ଏଚ୍ଆଇଭି ପଜିଟିଭ୍ ଚିହ୍ନଟ ହୋଇଛନ୍ତି।



# ଦିଲ୍ଲୀରେ ପହଞ୍ଚିବା ପରେ ତହଉର ରାଣା ଗିରଫ

ନୂଆଦିଲ୍ଲୀ,୧୦।୪



୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣାରେ ସମ୍ପୃକ୍ତି ନେଇ ଭାରତର ମୋଷ୍ଟୱାଣ୍ଟେଡ୍ ତାଲିକାରେ ଥିବା ତହଉର ହୁସେନ୍ ରାଣା ଆମେରିକାରୁ ପ୍ରତ୍ୟର୍ପଣରେ ଆସି ଗୁରୁବାର ଅପରାହ୍ନରେ ଦିଲ୍ଲୀର ପାଲାମ ବିମାନବନ୍ଦରରେ ଅବତରଣ କରିବା ପରେ ତାଙ୍କୁ ଗିରଫ କରାଯାଇଛି। ବିମାନବନ୍ଦରରେ ଉପସ୍ଥିତ ଥିବା ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍ଆଇଏ)ର ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ। ରାତିରେ ତାଙ୍କୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଏନ୍ଆଇଏ କୋର୍ଟରେ ହାଜର କରାଯାଇଛି। ସ୍ୱତନ୍ତ୍ର ଏନ୍ଆଇଏ ବିଚାରପତି ଚନ୍ଦ୍ରଜିତ ସିଂ ତହଉରଙ୍କ ଜେଲ ପ୍ରୋସିଡିଂର ଶୁଣାଣି କରୁଛନ୍ତି। ଏନ୍ଆଇଏ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦୟାନ କ୍ରିଷ୍ଣନ ଏବଂ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ନରେନ୍ଦର ମାନ୍ ଉପସ୍ଥିତ ରହିଥିବାବେଳେ ଦିଲ୍ଲୀ ଲିଗାଲ ସର୍ଭିସ କର୍ତ୍ତୃପକ୍ଷଙ୍କ ତରଫରୁ ଆଇନଜୀବୀ ପିୟୁଷ ସଚଦେବା ପ୍ରତିନିଧିତ୍ୱ କରିଥିଲେ।

ଆମେରିକାର ଲସ୍ ଏଞ୍ଜେଲ୍ସରୁ ବୁଧବାର ଏକ ସ୍ୱତନ୍ତ୍ର ବିମାନ ୬୪ ବର୍ଷୀୟ ତହଉରଙ୍କୁ ଆଣି ଭାରତ ଆସିଥିଲା। ତାଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ର, ଭାରତ ସରକାରଙ୍କ ବିରୋଧରେ ଯୁଦ୍ଧରେ ଲିପ୍ତ ହେବା, ହତ୍ୟା, ଜାଲିଆତି ଅଭିଯୋଗ ଲାଗିଛି। ରାଣା ଭାରତରେ ପହଞ୍ଚିବା ପୂର୍ବରୁ ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ ଡୋଭାଲ ଏକ ବୈଠକରେ ଯୋଗଦେଇଥିଲେ। ୨୬/୧୧ ଆକ୍ରମଣର ମୁଖ୍ୟ ଅଭିଯୁକ୍ତଙ୍କୁ ପ୍ରତ୍ୟର୍ପଣ କରିଆଣିବାରେ ଆମେ ସଫଳ ହୋଇଛୁ ବୋଲି ଏନ୍ଆଇଏ ଗୁରୁବାର କହିଛି। ତହଉରଙ୍କୁ ଭାରତ ଆଣିବା ଦିଗରେ ଆମେରିକାର ନ୍ୟାୟ ବିଭାଗ ଏବଂ ସ୍କାଏ ମାର୍ଶାଲଙ୍କ ସହ ଏନ୍ଆଇଏ ଏବଂ ଅନ୍ୟ ଗୋଇନ୍ଦା ସଂସ୍ଥାଗୁଡ଼ିକ କାର୍ଯ୍ୟ କରୁଥିଲେ। ତହଉରଙ୍କୁ ଭାରତରେ ବିଚାରର ସମ୍ମୁଖୀନ ହେବା ପାଇଁ ପ୍ରତ୍ୟର୍ପଣ କରାଯିବ ବୋଲି ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଥିଲେ।

୨୦୦୮ ନଭେମ୍ବର ୨୬ରେ ଭାରତର ଅର୍ଥନୈତିକ ରାଜଧାନୀ ଭାବେ ପରିଚିତ ମୁମ୍ବାଇ ଉପରେ ପାକିସ୍ତାନୀ ଆତଙ୍କବାଦୀ ଆକ୍ରମଣ କରିଥିଲେ। ଏଥିରେ ବିଦେଶୀଙ୍କ ସମେତ ୧୬୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଆକ୍ରମଣରେ ସିକାଗୋରେ ରହୁଥିବା ଭାରତୀୟ ବଂଶୋଦ୍ଭବ କାନାଡ଼ା ନାଗରିକ ତହଉର ରାଣାଙ୍କ ମୁଖ୍ୟ ଭୂମିକା ଥିଲା। ସେ ଆକ୍ରମଣ ପାଇଁ ଆବଶ୍ୟକ ଲଜିଷ୍ଟିକ୍ ଏବଂ ଆର୍ଥିକ ସହାୟତା ଯୋଗାଇଥିଲେ ବୋଲି ପାକିସ୍ତାନୀ-ଆମେରିକୀୟ ଆତଙ୍କବାଦୀ ଡାଭିଡ୍ କୋଲେମାନ୍ ହେଡ୍ଲି କହିଥିଲେ। ମୁମ୍ବାଇରେ ଇମିଗ୍ରାଣ୍ଟ ଲ' ସେଣ୍ଟର ସ୍ଥାପନ ସାଙ୍ଗକୁ ବିଭିନ୍ନ କାର୍ଯ୍ୟରେ ତହଉର ହେଡ୍ଲିଙ୍କୁ ସହଯୋଗ କରିଥିବା ଚାର୍ଜଶିଟ୍‌ରେ କୁହାଯାଇଛି। ଉକ୍ତ ସଂସ୍ଥାର ପ୍ରତିନିଧି ଭାବେ ହେଡ୍ଲି ଭାରତର ବିଭିନ୍ନ ସହରକୁ ଗସ୍ତ କରୁଥିଲେ। ତହଉର ମଧ୍ୟ ୨୦୦୮ ନଭେମ୍ବରରେ ଭାରତ ଆସିଥିଲେ। କୋପେନ୍‌ହେଗେନ୍‌ର ଏକ ଖବର କାଗଜ ସଂସ୍ଥା ଉପରେ ଆକ୍ରମଣ ଯୋଜନା ଏବଂ ମୁମ୍ବାଇ ଆକ୍ରମଣରେ ସମ୍ପୃକ୍ତ ପାକିସ୍ତାନର ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଂଗଠନକୁ ସହାୟତା କରିଥିବା ଅଭିଯୋଗରେ ତହଉରଙ୍କୁ ୨୦୦୯ ଅକ୍ଟୋବରରେ ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ ସିକାଗୋରୁ ଗିରଫ କରିଥିଲା। ପ୍ରତ୍ୟର୍ପଣକୁ ତହଉର ବିଭିନ୍ନ କାରଣ ଦର୍ଶାଇ ଆମେରିକା କୋର୍ଟରେ ଏକାଧିକ ଥର ଚ୍ୟାଲେଞ୍ଜ କରିଥିଲେ। ତେବେ ଅଦାଲତ ସେଗୁଡ଼ିକୁ ଖାରଜ କରିଦେବା ଫଳରେ ତାଙ୍କ ପ୍ରତ୍ୟର୍ପଣ ପାଇଁ ବାଟ ଫିଟିଯାଇଥିଲା।

# ଆର୍‌ଟିଆଇ ଆଇନରେ ସଂଶୋଧନକୁ ଜୋର୍‌ଦାର ବିରୋଧ

## ପ୍ରତ୍ୟାହାର ଦାବିକଲା ଇଣ୍ଡିଆ ବ୍ଲକ୍

ନୂଆଦିଲ୍ଲୀ,୧୦।୪

ଡିଜିଟାଲ ପର୍ସନାଲ ଡେଟା ପ୍ରୋଟେକ୍ସନ ଆକ୍ଟ (ଡିପିଡିପି)ର ଧାରା ୪୪(୩)କୁ ତୁରନ୍ତ ପ୍ରତ୍ୟାହାର କରିନେବା ପାଇଁ ବିରୋଧୀ ଇଣ୍ଡିଆ ବ୍ଲକ୍ ଗୁରୁବାର ଦାବି କରିଛି। ଏହି ଧାରା ତଥ୍ୟ ଜାଣିବା ଅଧିକାର (ଆର୍‌ଟିଆଇ) ଆଇନକୁ ଧ୍ୱଂସ କରିଦେବ ବୋଲି ବିରୋଧୀ ଦଳଗୁଡ଼ିକ କହିଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ ଇଣ୍ଡିଆ ବ୍ଲକ୍‌ର ୧୨୦ରୁ ଊର୍ଦ୍ଧ୍ୱ ଏମ୍‌ପି ଉକ୍ତ ବିବାଦୀୟ ଧାରାକୁ ପ୍ରତ୍ୟାହାର କରାଯିବା ଦାବିରେ ମିଳିତ ସ୍ମାରକପତ୍ରରେ ସ୍ୱାକ୍ଷର କରିଥିବା କଂଗ୍ରେସ ନେତା ଗୌରବ ଗୋଗୋଇ ଏକ ମିଳିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସ୍ମାରକପତ୍ର ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପ୍ରଦାନ କରାଯିବ। ଖବରଦାତା ସମ୍ମିଳନୀରେ ଡିଏମ୍‌କେର ଏମ୍.ଏମ୍. ଅବଦୁଲ୍ଲା, ଶିବସେନା(ୟୁବିଟି)ର ପ୍ରିୟଙ୍କା ଚତୁର୍ବେଦୀ, ସିପିଆଇ(ଏମ୍)ର ଜନ୍ ବ୍ରିଟାସ୍, ସମାଜବାଦୀ ପାର୍ଟି ନେତା ଜାଭେଦ ଅଲି ଖାନ୍ ଏବଂ ଆର୍‌ଜେଡିରୁ ନଭାଲ କିଶୋର ଉପସ୍ଥିତ ଥିଲେ।

ଆର୍‌ଟିଆଇ ଆଇନ, ୨୦୦୫ର ଧାରା ୮(୧)(ଜେ) ପରିବର୍ତ୍ତେ ଲାଗୁ ହେବାକୁ ଯାଉଥିବା ଡିପିଡିପି ଆଇନର ଧାରା ୪୪(୩)କୁ ନାଗରିକ ଅଧିକାର କର୍ମୀମାନେ ବିରୋଧ କରିଛନ୍ତି। ଯଦି କୌଣସି ବ୍ୟକ୍ତିଗତ ସୂଚନା ସାଧାରଣ କାର୍ଯ୍ୟକଳାପ କିମ୍ବା ସ୍ୱାର୍ଥ ସହ ଜଡ଼ିତ ନୁହେଁ ଅଥବା ପ୍ରିଭେସି ଉଲ୍ଲଂଘନ ସମ୍ଭାବନା ଥାଏ, ସେପରି ସ୍ଥଳେ ଆର୍‌ଟିଆଇ ଆଇନର ଧାରା ୮(୧)(ଜେ) ତାହାକୁ ସ୍ଥଗିତ ରଖିବା ପାଇଁ ଅନୁମତି ଦେଉଥିଲା। ସୂଚନା ପ୍ରଘଟ କରିବା ଦ୍ୱାରା ଯଦି ବୃହତ୍ତର ଜନସ୍ୱାର୍ଥ ରକ୍ଷା ହୋଇପାରିବ ବୋଲି କେନ୍ଦ୍ରୀୟ ଜନସୂଚନା ଅଫିସର, ରାଜ୍ୟ ଜନସୂଚନା ଅଫିସର କିମ୍ବା ଆପିଲେଟ୍ କର୍ତ୍ତୃପକ୍ଷ ବିଚାର କରନ୍ତି, ତେବେ ତାହାକୁ ଉପଲବ୍ଧ କରାଇପାରିବେ। ଡିପିଡିପି ଆଇନର ଧାରା ୪୪(୩) ଲାଗୁ ହେଲେ ସରକାରୀ କର୍ତ୍ତୃପକ୍ଷ ବ୍ୟକ୍ତିଗତ ସୂଚନା ସମ୍ପର୍କିତ ତଥ୍ୟ ସ୍ଥଗିତ ରଖିପାରିବେ। ଏଥିପାଇଁ ଜନସ୍ୱାର୍ଥ କିମ୍ବା ଅନ୍ୟକୌଣସି ବ୍ୟତିକ୍ରମକୁ ବିଚାରକୁ ନିଆଯିବ ନାହିଁ। ସର୍ବସାଧାରଣ ଅନୁଷ୍ଠାନଗୁଡ଼ିକର ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ସମ୍ପର୍କରେ ଜାଣିବା ପାଇଁ ନାଗରିକଙ୍କୁ ଆର୍‌ଟିଆଇ କ୍ଷମତା ଦେଇଥିଲା।

# ସମସ୍ୟାକୁ ଆମନ୍ତ୍ରଣ କରିଥିଲେ ପୀଡ଼ିତା: ହାଇକୋର୍ଟ

## ବଳାତ୍କାର ଅଭିଯୁକ୍ତଙ୍କୁ ଜାମିନ

ଲକ୍ଷ୍ନୌ,୧୦।୪

ପୀଡ଼ିତା ସମସ୍ୟାକୁ ଆମନ୍ତ୍ରଣ କରିଥିଲେ। ତାଙ୍କ ପ୍ରତି ହୋଇଥିବା ବଳାତ୍କାର ପାଇଁ ସେ ହିଁ ଦାୟୀ ବୋଲି ଆଲ୍ଲାହାବାଦ ହାଇକୋର୍ଟ ଟିପ୍ପଣୀ ଦେବା ସହ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଏମିଟି ୟୁନିଭର୍ସିଟି ନୋଏଡ଼ା କ୍ୟାମ୍ପସରେ ଜଣେ ପିଜି ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗରେ ଅଭିଯୁକ୍ତଙ୍କୁ ଗତବର୍ଷ ଡିସେମ୍ବରରେ ଗିରଫ କରାଯାଇ ଜେଲରେ ରଖାଯାଇଥିଲା। ଅଭିଯୁକ୍ତ ପୀଡ଼ିତାଙ୍କୁ ଦିଲ୍ଲୀର ହୌଜଖାସ୍ଥିତ ବାର୍‌ରେ ଭେଟିଥିଲେ। ଛାତ୍ରୀ ଜଣକ ଦୀର୍ଘ ସମୟ ମଦ ପିଇ ଅତ୍ୟାଧିକ ନିଶାଗ୍ରସ୍ତ ଥିଲେ। ଘରକୁ ଯିବାକୁ ଅସମର୍ଥ ଥିବାରୁ ଅଭିଯୁକ୍ତଙ୍କ ସହ ଯିବା ପାଇଁ ରାଜି ହୋଇଥିଲେ। ଅଭିଯୁକ୍ତ ତାଙ୍କୁ ଜଣେ ସମ୍ପର୍କୀୟଙ୍କ ଘରକୁ ନେଇ ୨ ଥର ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଯଦି ପୀଡ଼ିତାଙ୍କ ଅଭିଯୋଗ ସତ ହୋଇଥାଏ, ତେବେ ସେ ନିଜେ ହିଁ ଏଥିପାଇଁ ଦାୟୀ। ଜଣେ ପିଜି ଛାତ୍ରୀ ହୋଇଥିବାରୁ ନିଜ କାର୍ଯ୍ୟର ନୈତିକତା ଏବଂ ପରିଣତି ସମ୍ପର୍କରେ ବୁଝିବାକୁ ସେ ଯଥେଷ୍ଟ ସମର୍ଥ ଥିଲେ ବୋଲି ଜଷ୍ଟିସ୍ ସଞ୍ଜୟ କୁମାର ସିଂ କହିଛନ୍ତି। ଏହା ବଳାତ୍କାର ନୁହେଁ ବରଂ ସହମତିରେ ସମ୍ପର୍କ ଭଳି ଜଣାପଡ଼ୁଥିବା ଖଣ୍ଡପୀଠ କହିଛନ୍ତି। ସୂଚନାଯୋଗ୍ୟ, ସ୍ତନ ସ୍ପର୍ଶ କରିବା ଏବଂ ପାଇଜାମା ଡୋର ଖୋଲିବା ବଳାତ୍କାର ବା ବଳାତ୍କାର ଉଦ୍ୟମ ନୁହେଁ ବୋଲି କିଛି ସପ୍ତାହ ପୂର୍ବରୁ ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ରାୟ ଦେଇଥିଲେ।



ସ୍ଲୋଭାକିଆ ଗସ୍ତରେ ଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ସ୍ଥାନୀୟ ପିଲାଙ୍କ ଦ୍ୱାରା ଆୟୋଜିତ ଏକ ଚିତ୍ର ପ୍ରଦର୍ଶନୀ ପରିଦର୍ଶନ କରିବା ଅବସରରେ।

# ଭିଜା ବାତିଲ ଭାରତୀୟ ଛାତ୍ରଙ୍କୁ ଆମେରିକା ଛାଡ଼ିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୦।୪

ଆମେରିକାର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପଢ଼ୁଥିବା ଭାରତୀୟଙ୍କ ସମେତ ବିଦେଶୀ ଛାତ୍ରୀଛାତ୍ରଙ୍କ ସାମାନ୍ୟ ଭୁଲ୍ ପାଇଁ ସେମାନଙ୍କ ଭିଜା ରଦ୍ଦ କରିଦିଆଯାଉଛି। ଭିଜା ବାତିଲ ହେବାର ୧୫ ଦିନ ମଧ୍ୟରେ ଦେଶ ଛାଡ଼ି ଚାଲିଯିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଦ୍ରୁତ ଗାଡ଼ି ଚାଳନା, ମଦ ପିଇ ଗାଡ଼ି ଚଳାଇବା ଆଦି ଭୁଲ୍ ପାଇଁ ଭିଜା ରଦ୍ଦ କରାଯାଉଛି। ଫଳରେ ମିସୌରୀ, ଟେକ୍ସାସ ଏବଂ ନେବ୍ରାସ୍କାର ବିଶ୍ୱବିଦ୍ୟାଳୟଗୁଡ଼ିକରେ ପଢ଼ୁଥିବା ଛାତ୍ରୀଛାତ୍ର ପ୍ରଭାବିତ ହୋଇଛନ୍ତି।

ଏପରିକି ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ, ଏକ୍ସ ଆଦି ସୋସିଆଲ ମିଡିଆରେ କରାଯାଇଥିବା ପୋଷ୍ଟ ଯଦି ଘୃଣିତ କିମ୍ବା ଆମେରିକା ନୀତି ବିରୋଧୀ ବୋଲି ଜଣାପଡ଼େ, ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ଭିଜା ରଦ୍ଦ କରାଯିବ ବୋଲି ଆମେରିକା ନାଗରିକ ଓ ଆପ୍ରବାସ ସେବା (ୟୁଏସ୍‌ସିଆଇଏସ୍) ପକ୍ଷରୁ ଘୋଷଣା କରାଯାଇଛି।

# ବଜ୍ରପାତରେ ୨୫ ମୃତ

ପାଟନା, ୧୦।୪

ବିହାରର ବିଭିନ୍ନ ଜିଲାରେ ଗୁରୁବାର ବଜ୍ରପାତ ଏବଂ କୁଆପଥର ବୃଷ୍ଟିରେ ୨୫ ଜଣଙ୍କର ମୃତ୍ୟୁ ଘଟିଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ) ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। ନାଳନ୍ଦା ଜିଲାରେ ସର୍ବାଧିକ ୧୮ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ସିୱାନରେ ୨, କଟିହାର, ଦରଭଙ୍ଗା, ବେଗୁସରାଇ, ଭାଗଲପୁର ଏବଂ ଜେହନାବାଦ ଜିଲାରେ ଜଣ ଲେଖାଏ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶୋକ ପ୍ରକଟ କରିବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ରାଶି ଦିଆଯିବ ବୋଲି ଘୋଷଣା କରିଛନ୍ତି। ବୁଧବାର ମଧ୍ୟ ବଜ୍ରପାତର ସମ୍ମୁଖୀନ ହୋଇ ବିହାରର ୪ ଜିଲାରେ ୧୩ ଜଣଙ୍କର ମୃତ୍ୟୁ ଘଟିଥିଲା।

# ୧୬ରେ ୱାକ୍‌ଫ ଶୁଣାଣି

ନୂଆଦିଲ୍ଲୀ,୧୦।୪

ୱାକ୍‌ଫ ସଂଶୋଧନ ଆଇନ, ୨୦୨୫ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ହୋଇଥିବା ପିଟିଶନଗୁଡ଼ିକର ଏକତ୍ର ଶୁଣାଣି ସୁପ୍ରିମକୋର୍ଟରେ ଆସନ୍ତା ୧୬ ତାରିଖରେ ଅନୁଷ୍ଠିତ ହେବ। ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନାଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ସଞ୍ଜୟ କୁମାର ଏବଂ କେ.ଭି. ବିଶ୍ୱନାଥନଙ୍କୁ ନେଇ ଗଠିତ ଖଣ୍ଡପୀଠ ପିଟିଶନଗୁଡ଼ିକର ଶୁଣାଣି କରିବେ। ୱାକ୍‌ଫ ସଂଶୋଧନ ଆଇନର ସାମ୍ବିଧାନିକ ବୈଧତାକୁ ଅଲ୍ ଇଣ୍ଡିଆ ମୁସଲିମ୍ ପର୍ସନାଲ ଲ' ବୋର୍ଡ(ଏଆଇଏମ୍‌ପିଏଲ୍‌ବି) ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିଥିଲା। ଏହା ବ୍ୟତୀତ ଆପ୍ ନେତା ଅମାନତୁଲ୍ଲା ଖାନ୍, ଆର୍‌ଜେଡି ନେତା ମନୋଜ କୁମାର ଝା, ଅଞ୍ଜୁମ୍ କାଦାରି, ତାଇୟାବ ଖାନ୍ ସଲମାନି, ମହମ୍ମଦ ଶାଫି, ମହମ୍ମଦ ଫଜଲୁରହିମ, ଅର୍ଶାଦ ମଦାନଙ୍କ ସମେତ ଆସୋସିଏଶନ ଫର୍ ଦି ପ୍ରୋଟେକ୍ସନ ଅଫ୍ ସିଭିଲ୍ ରାଇଟ୍ସ ଏବଂ ସମସ୍ତ କେରଳ ଜାମିଆତୁଲା ଉଲେମା ମଧ୍ୟ ସଂଶୋଧିତ ଆଇନକୁ ବିରୋଧ କରି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଉ କେତେକ ପିଟିଶନ ଶୁଣାଣି ପାଇଁ ଏପର୍ଯ୍ୟନ୍ତ ତାଲିକାଭୁକ୍ତ ହୋଇନାହିଁ। ୮ ତାରିଖରେ କେନ୍ଦ୍ର ସରକାର ଏକ କ୍ୟାଭିଟ୍ ଦାଖଲ କରିଥିଲେ। ଉକ୍ତ ମାମଲାରେ ରାୟ ପ୍ରଦାନ ପୂର୍ବରୁ କ୍ୟାଭିଟ୍ ଶୁଣାଣି କରିବାକୁ ନିବେଦନ କରିଥିଲେ। ସୂଚନାଯୋଗ୍ୟ, ଗତ ସପ୍ତାହରେ ପାର୍ଲାମେଣ୍ଟରେ ଦୀର୍ଘ ବିତର୍କ ପରେ ୱାକ୍‌ଫ ସଂଶୋଧନ ବିଲ୍ ଗୃହୀତ ହୋଇଥିଲା। ୫ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଞ୍ଜୁରୀ ପ୍ରଦାନ କରିବା ପରେ ୱାକ୍‌ଫ ସଂଶୋଧନ ଆଇନ କାର୍ଯ୍ୟକାରୀ ହେବା ନେଇ ଗତ ମଙ୍ଗଳବାର କେନ୍ଦ୍ର ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ।

# ଧନୀଙ୍କ ସମ୍ପତ୍ତି ୧୩୫ ବିଲିୟନ ଡଲାର ବୃଦ୍ଧି

■ ଟ୍ରମ୍ପ ଟାରିଫ ଅଟକାଇବା ପରେ ବିଶ୍ୱ ଶେୟାର କାରବାରରେ ବଡ଼ ଅଗ୍ରଗତି

ୱାଶିଂଟନ,୧୦।୪



ଜେଫ୍ ବେଜୋସ | ଏଲନ୍ ମସ୍କ | ମାର୍କ ଜୁକରବର୍ଗ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ କରି ବିଭିନ୍ନ ରାଷ୍ଟ୍ର ଉପରେ ଲଗାଇଥିବା ରେସିପ୍ରୋକାଲ ଟାରିଫ୍ (ପାଲଟା ଶୁଳ୍କ)କୁ ୯୦ଦିନ ସ୍ଥଗିତ ରଖିଛନ୍ତି। ଟ୍ରମ୍ପଙ୍କ ଏହି ନିଷ୍ପତ୍ତିର ଦିନକ ପରେ ଗୁରୁବାର ବିଶ୍ୱ ଷ୍ଟକ୍ ମାର୍କେଟରେ ଉଲ୍ଲେଖନୀୟ ଅଗ୍ରଗତି ଦେଖାଦେଇଛି। ନିବେଶକମାନେ ଟ୍ରମ୍ପଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

ଜାପାନ ଶେୟାର ବଜାର କାରବାର ୯ ପ୍ରତିଶତରୁ ଅଧିକ ବଢ଼ିଥିବାବେଳେ ଜର୍ମାନୀର ଡିଏକ୍ସ କାରବାର ଆରମ୍ଭରେ ୮%ରୁ ଅଧିକ ଲାଭବାନ ହୋଇଥିଲା। ପରେ ଏହା ୫.୩% ବଢ଼ି ୨୦.୭୨୦.୮୬ ରହିଥିବାବେଳେ ଫ୍ରାନ୍ସର ସିଏସି୪୦ ୫% ବଢ଼ି ୭,୨୦୪.୨୩ ଏବଂ ବ୍ରିଟେନ୍‌ର ଏଫ୍‌ଟିଏସ୍‌ଇ୧୦୦ ମଧ୍ୟ ୪ ପ୍ରତିଶତ ବୃଦ୍ଧି ପାଇ ୭,୯୮୩.୩୭ରେ ପହଞ୍ଚିଛି। ଟ୍ରମ୍ପ ୯୦ ଦିନ ପାଇଁ ଟାରିଫ୍ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେବା ପରେ ବିଶ୍ୱର ୧୦ ଜଣ ସର୍ବାଧିକ ଧନୀ ବିଲିୟନେୟାର ମୋଟ ୧୩୫.୩୩ ବିଲିୟନ ଡଲାର ଲାଭବାନ ହୋଇଥିବା ବ୍ଲୁମ୍‌ବର୍ଗ ବିଲିୟନେୟାର୍ସ ଇଣ୍ଡେକ୍ସରୁ ଜଣାପଡ଼ିଛି। କେବଳ ଏଲନ୍ ମସ୍କ, ଜେଫ୍ ବେଜୋସ୍ ଏବଂ ମାର୍କ ଜୁକେରବର୍ଗ ୮୦ ବିଲିୟନ ଡଲାର ଫାଇଦା ଉଠାଇଛନ୍ତି। ଅନ୍ୟପକ୍ଷରେ ଏଲ୍‌ପିଏମ୍‌ଏଚ୍‌ର ବର୍ନାର୍ଡ ଅର୍ନାଲ୍ଟଙ୍କ ବଜାର ପୁଞ୍ଜି ୫.୭ ବିଲିୟନ ଡଲାର ହ୍ରାସ ପାଇ ୧୪୮ ବିଲିୟନ ଡଲାରରେ ପହଞ୍ଚିଛି। ବିଶ୍ୱର ସର୍ବଶ୍ରେଷ୍ଠ ଧନୀ ମସ୍କଙ୍କ ସମ୍ପତ୍ତି ୩୫.୯ ବିଲିୟନ ଡଲାର ବୃଦ୍ଧି ପାଇ ୩୨୬ ବିଲିୟନ ଡଲାରରେ ପହଞ୍ଚିଥିବାବେଳେ ମେଟା ସିଇଓ ଜୁକେରବର୍ଗଙ୍କ ଶେୟାର ୨୫.୮ ବିଲିୟନ ବଢ଼ି ୨୦୭ ବିଲିୟନ ଡଲାରରେ ପହଞ୍ଚିଛି। ସେହିପରି ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସଙ୍କ ସମ୍ପତ୍ତି ୧୮.୫ ବିଲିୟନ ବଢ଼ି ୨୧୦ ବିଲିୟନ ଡଲାର ହୋଇଛି। ୱାରେନ୍ ବଫେଟ୍‌ଙ୍କ ସମ୍ପତ୍ତି ୮.୧ ବିଲିୟନ ବଢ଼ି ୧୬୨ ବିଲିୟନ ଡଲାର ହୋଇଥିବାବେଳେ ଓରାକ୍ଲର ଲାରି ଏଲିସନଙ୍କ ସମ୍ପତ୍ତି ୧୫.୫ ବିଲିୟନ ବଢ଼ି ୧୫୯ ବିଲିୟନ ଡଲାରରେ ପହଞ୍ଚିଛି। ମାଇକ୍ରୋସଫ୍ଟ ସହପ୍ରତିଷ୍ଠାତା ବିଲ୍ ଗେଟ୍ସଙ୍କ ସମ୍ପତ୍ତି ୪.୮ ବିଲିୟନ, ଗୁଗଲ୍‌ର ଲାରି ପେଜ୍‌ଙ୍କ ସମ୍ପତ୍ତି ୧୧ ବିଲିୟନ ଏବଂ ମାଇକ୍ରୋସଫ୍ଟର ଷ୍ଟିଭ୍ ବାଲମେରଙ୍କ ସମ୍ପତ୍ତି ୧୧.୨ ବିଲିୟନ ଡଲାର ବଢ଼ିଛି।

ସୂଚନାଯୋଗ୍ୟ, ଆମେରିକା ବିଭିନ୍ନ ଦେଶ ଉପରେ ଉଚ୍ଚ ଟାରିଫ୍ ଲଗାଇବାକୁ ଘୋଷଣା କରିବା ପରେ ବିଶ୍ୱ ବଜାରରେ ଅଚଳାବସ୍ଥା ସହ ମାନ୍ଦାବସ୍ଥା ସୃଷ୍ଟି ହେବା ଆଶଙ୍କା ପ୍ରକାଶ ପାଇଥିଲା।

## ପାଲଟା ଟାରିଫ୍‌କୁ ୯୦ ଦିନ ରୋକିଲା ଇୟୁ

ବ୍ରସେଲ୍ସ,୧୦।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରେସିପ୍ରୋକାଲ ଟାରିଫ୍ କାର୍ଯ୍ୟକାରିତାକୁ ୯୦ ଦିନ ସ୍ଥଗିତ ରଖିବା ପରେ ୟୁରୋପୀୟ ସଂଘ (ଇୟୁ) ମଧ୍ୟ ଆମେରିକା ସାମଗ୍ରୀ ଉପରେ ଲଗାଇବାକୁ ଥିବା ପାଲଟା ଶୁଳ୍କକୁ ୯୦ ଦିନ ଅଟକାଇବାକୁ ନିଷ୍ପତ୍ତି ନେଇଛି। ବୁଝାମଣା ପାଇଁ ଏକ ସୁଯୋଗ ଦେବା ନିମନ୍ତେ ଆମେ ଟାରିଫ୍ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛୁ ବୋଲି ଇୟୁ ମୁଖ୍ୟ ଉର୍ସୁଲା ଭନ୍ ଡେର୍ ଲେୟେନ୍ ଗୁରୁବାର କହିଛନ୍ତି। ତେବେ ଆମେରିକା ସାମଗ୍ରୀ ଉପରେ ୨୭ ସଦସ୍ୟ ରାଷ୍ଟ୍ର ବିଶିଷ୍ଟ ଇୟୁ କେତେ ପ୍ରତିଶତ ଶୁଳ୍କ ଲଗାଇଥାନ୍ତା, ତାହା ଘୋଷଣା କରିନାହିଁ। ଯଦି ବୁଝାମଣା ସନ୍ତୋଷଜନକ ନହୁଏ, ତେବେ ଆମେ ପାଲଟା ଶୁଳ୍କ ଲାଗୁ କରିବୁ ବୋଲି ୟୁରୋପୀୟ କମିଶନ ଅଧ୍ୟକ୍ଷ କହିଛନ୍ତି।

# ବିମ୍ସଟେକ୍ ଉତ୍କର୍ଷ କେନ୍ଦ୍ର ସ୍ଥାପନ ପାଇଁ ଭାରତର ପ୍ରସ୍ତାବ




କାଠମାଣ୍ଡୁରେ ତୃତୀୟ ବିମ୍ସଟେକ୍ ଏଗ୍ରିକଲ୍‌ଚର ମିନିଷ୍ଟ୍ରିଆଲ ମିଟିଂରେ ଶିବରାଜ ସିଂ ଚୌହାନଙ୍କ ସହ ବିଭିନ୍ନ ଦେଶର କୃଷି ମନ୍ତ୍ରୀ ଓ ଅଧିକାରୀ।

କାଠମାଣ୍ଡୁ, ୧୦।୪

ନେପାଳର ରାଜଧାନୀ କାଠମାଣ୍ଡୁରେ ଅନୁଷ୍ଠିତ ତୃତୀୟ ବିମ୍ସଟେକ୍ ଏଗ୍ରିକଲ୍‌ଚର ମିନିଷ୍ଟ୍ରିଆଲ ମିଟିଂ (ବିଏଏମ୍‌ଏମ୍)ରେ କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହାନ ଭାରତର ପ୍ରତିନିଧିତ୍ୱ କରିଛନ୍ତି। ବିମ୍ସଟେକ୍ ଦେଶ ମଧ୍ୟରେ କୃଷି ସହଯୋଗକୁ ଅଧିକ ମଜଭୁତ କରିବା ପାଇଁ ନୂଆଦିଲ୍ଲୀଠାରେ ବିମ୍ସଟେକ୍ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରିବାକୁ ଭାରତ ପକ୍ଷରୁ ଏହି ବୈଠକରେ ପ୍ରସ୍ତାବ ରଖାଯାଇଛି। ବିମ୍ସଟେକ୍ ଦେଶଗୁଡ଼ିକର ଖାଦ୍ୟ ସୁରକ୍ଷା ନିଶ୍ଚିତ କରିବା ପାଇଁ ଡ୍ରୋନ୍, ଡିଜିଟାଲ ପ୍ରଯୁକ୍ତିବିଦ୍ୟା ସମେତ ବିଭିନ୍ନ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଉପରେ ଜ୍ଞାନ ଏବଂ କୌଶଳ ବାଣ୍ଟିବାରେ ଏହି ଉତ୍କର୍ଷ କେନ୍ଦ୍ର ଏକ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବ ବୋଲି ଶିବରାଜ୍ କହିଛନ୍ତି।

# ଜେଡିୟୁ ନେତାଙ୍କୁ ଗୁଳିକରି ହତ୍ୟା

ପାଟନା, ୧୦।୪

ବିହାରର ଖଗଡ଼ିଆରେ ଗୁରୁବାର ଜେଡିୟୁ ଖଗଡ଼ିଆ ଜିଲା ମହାସଚିବ କୌଶଳ ସିଂଙ୍କୁ ଗୁଳିକରି ହତ୍ୟା କରାଯାଇଛି। କୌଶଳ ସ୍ତ୍ରୀଙ୍କ ସହ ବାଇକରେ ଘରକୁ ଯାଉଥିବା ସମୟରେ ଚୌଥନ ଥାନା କୈଥୀରୁ ଜୟପ୍ରଭା ନଗର ମଧ୍ୟରେ କେତେଜଣ ଦୁର୍ବୃତ୍ତ ତାଙ୍କ ବାଇକକୁ ଅଟକାଇ ଗୁଳି ଚଳାଇଥିଲେ। କୌଶଳଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଖଗଡ଼ିଆ ଏସ୍‌ପି କହିଛନ୍ତି। ପାରିବାରିକ ବିବାଦରୁ ଏହି ହତ୍ୟାକାଣ୍ଡ ଘଟିଥିବା ନେଇ ପୋଲିସ ସନ୍ଦେହ କରୁଛି। ପ୍ରକାଶ ଯେ, କୌଶଳ ହେଉଛନ୍ତି ବେଲ୍‌ଦୌରର ଜେଡିୟୁ ବିଧାୟକ ଲାଲ ସିଂ ପଟେଲଙ୍କର ଭଣଜା।

# ଡକ୍ୟୁମେଣ୍ଟାରି ପାଇଁ ମେଲାନିଆ-ବେଜୋସ୍ ଡିଲ୍

ୱାଶିଂଟନ, ୧୦।୪



ମେଲାନିଆ ଟ୍ରମ୍ପ

ଆମେରିକାର ଫାର୍ଷ୍ଟ ଲେଡି ମେଲାନିଆ ଟ୍ରମ୍ପ ସମ୍ପ୍ରତି ଆମାଜନ ପ୍ରାଇମ ଭିଡିଓ ସହ ମିଶି ତାଙ୍କ ଜୀବନକୁ ନେଇ ଆଧାରିତ ଏକ ଡକ୍ୟୁମେଣ୍ଟାରି ଫିଲ୍ମ ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି। ଏଥିପାଇଁ ସେ ଆମାଜନ ପ୍ରତିଷ୍ଠାତା ତଥା ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ ଜେଫ୍ ବେଜୋସ୍‌ଙ୍କ ସହ ୪୦ ମିଲିୟନ ଡଲାରର ଡିଲ୍ କରିଛନ୍ତି। ସମ୍ପ୍ରତି ଫିଲ୍ମର ସୁଟିଂ ଚାଲିଥିବାବେଳେ ମେଲାନିଆ ଏକ୍‌ଜିକ୍ୟୁଟିଭ ପ୍ରଡ୍ୟୁସର ଭାବେ ଫିଲ୍ମ ନିର୍ମାଣ ପ୍ରକ୍ରିୟାରେ ସାମିଲ ଅଛନ୍ତି। ବ୍ରେଟ୍ ରାଟନରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର କିଛି ଦୃଶ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କ ପୁଅ ବାରୋନ୍ ଟ୍ରମ୍ପ ମଧ୍ୟ ନଜରକୁ ଆସିବେ। ଚଳିତବର୍ଷ ଶେଷ ଆଡ଼କୁ ଏହି ଫିଲ୍ମ ରିଲିଜ୍ ହେବ।

ଗତ ଡିସେମ୍ବରରେ ଫ୍ଲୋରିଡାସ୍ଥିତ ମାର୍-ଏ-ଲାଗୋ ରିସର୍ଟରେ ଏକ ଡିନର ବେଳେ ବେଜୋସ ଓ ତାଙ୍କ ଗର୍ଲଫ୍ରେଣ୍ଡ ଲୌରେନ ସାଞ୍ଚେଜଙ୍କ ସହ ମେଲାନିଆ ଏହି ଡକ୍ୟୁମେଣ୍ଟାରି ସମ୍ପର୍କରେ ଆଲୋଚନା କରିଥିଲେ। ବେଜୋସ୍‌ଙ୍କ ସହ ଆଲୋଚନା ପୂର୍ବରୁ ମେଲାନିଆ ଓ ତାଙ୍କ ଟିମ୍ ଏହି ଡକ୍ୟୁମେଣ୍ଟାରିର ନିର୍ମାଣ ପାଇଁ ଅନେକ ଷ୍ଟୁଡିଓ ଓ ଧନୀ ବ୍ୟକ୍ତିଙ୍କ ସହ ସମ୍ପର୍କ କରିଥିଲେ। ଟ୍ରମ୍ପଙ୍କ ଶପଥ ଗ୍ରହଣରେ ସାମିଲ ହୋଇଥିବା ଅନେକ ବିଜ୍‌ନେସ୍ ଲିଡରଙ୍କ ସହ ମଧ୍ୟ ମେଲାନିଆ ଆଲୋଚନା କରିଥିଲେ। ଆମେରିକୀୟ ଟିଭି ଶୋ' ଫକ୍ସ ଆଣ୍ଡ ଫ୍ରେଣ୍ଡସ୍‌କୁ ସାକ୍ଷାତ୍କାର ଦେଇ ମେଲାନିଆ କହିଛନ୍ତି, ଏହି ଡକ୍ୟୁମେଣ୍ଟାରି ଫିଲ୍ମରେ ତାଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟାକୁ ଦେଖିବାକୁ ମିଳିବ। ଆମେରିକାର ଫାର୍ଷ୍ଟ ଲେଡି ଭାବେ ତାଙ୍କ କାର୍ଯ୍ୟକୁ ଏହି ଫିଲ୍ମରେ ଗୁରୁତ୍ୱ ଦିଆଯାଇଛି। ହ୍ୱାଇଟହାଉସରେ ଫାର୍ଷ୍ଟ ଲେଡି ଭାବେ ତାଙ୍କର ବିଭିନ୍ନ ଭୂମିକା, ସେ ସାମ୍ନା କରିଥିବା ବିଭିନ୍ନ ଜଟିଳ ପରିସ୍ଥିତି ଏବଂ ହ୍ୱାଇଟହାଉସରେ ଟ୍ରମ୍ପଙ୍କର ପ୍ରତ୍ୟାବର୍ତ୍ତନ କାହାଣୀକୁ ଏହି ଫିଲ୍ମରେ ଦେଖିବାକୁ ମିଳିବ ବୋଲି ମେଲାନିଆ କହିଛନ୍ତି।

ପୂର୍ବରୁ ମେଲାନିଆଙ୍କ ଆତ୍ମଜୀବନୀକୁ ଅନେକ ପାଠକ ପସନ୍ଦ କରିଥିବାରୁ ଏହାକୁ ଡକ୍ୟୁମେଣ୍ଟାରି ଫିଲ୍ମ ଭାବେ ପ୍ରସ୍ତୁତ କରିବାକୁ ତାଙ୍କ ମନରେ ବିଚାର ଆସିଥିଲା ବୋଲି ମେଲାନିଆ କହିଛନ୍ତି। ତାଙ୍କ ଆତ୍ମଜୀବନୀ ପୁସ୍ତକକୁ ପଢ଼ି ଅନେକ ପାଠକ ଏବଂ ପ୍ରଶଂସକମାନେ ତାଙ୍କୁ ଚିଠି ଏବଂ ମେସେଜ୍ ପଠାଉଥିବା ସେ କହିଛନ୍ତି। ତେବେ ଆମାଜନ ପ୍ରାଇମ ଭିଡିଓରେ ରିଲିଜ୍ ହେବା ପୂର୍ବରୁ ମେଲାନିଆଙ୍କ ଏହି ଡକ୍ୟୁମେଣ୍ଟାରିକୁ ସୀମିତ ସିନେମା ହଲ୍‌ରେ ରିଲିଜ୍ କରାଯିବ ବୋଲି ରିପୋର୍ଟ ପ୍ରକାଶ ପାଇଛି।

51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୧/୨୦୨୫ | Bhubaneswar, Friday, April 11/2025 | ପୃଷ୍ଠା-୧




## ସିଏସ୍‌କେର ଅଧିନାୟକତ୍ୱ କରିବେ ଧୋନୀ

ଋତୁରାଜ ଗାଏକ୍ୱାଡଙ୍କ ସ୍ଥାନରେ ଆଇପିଏଲ୍ ଅବଶିଷ୍ଟାଂଶ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ର ଅଧିନାୟକତ୍ୱ କରିବେ ଏମ୍. ଏସ୍. ଧୋନୀ।

୧୪ ୦୯

## ଓଟିଟିରେ ‘ଛାବା’

ଅଭିନେତା ଭିକି କୌଶଲ ଓ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କର ‘ଛାବା’ ଫିଲ୍ମ ଶୁକ୍ରବାରଠାରୁ ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ଷ୍ଟ୍ରିମିଂ ହେବ।





ଆୟୁଷ୍ମାନ୍ ଭାରତ ଯୋଜନାର ଉଦ୍‌ଘାଟନ କାର୍ଯ୍ୟକ୍ରମ ପାଇଁ ଗୁରୁବାର କଟକ ବାଲିଯାତ୍ରା ତଳ ପଡ଼ିଆରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସମୀକ୍ଷା କରୁଛନ୍ତି। **(ଫଟୋ: ରାଜକିଶୋର ମହାନ୍ତି)**

# ଆଜିଠୁ ଆୟୁଷ୍ମାନ୍

## ବାଲିଯାତ୍ରା ପଡ଼ିଆରେ ଯୋଜନାର ଶୁଭାରମ୍ଭ କରିବେ ନଡ୍ଡା

**ଭୁବନେଶ୍ୱର/କଟକ,୧୦।୪ (ସୁନିତ୍ ମିଶ୍ର/ଶିଲ୍ପା ପ୍ରିୟଦର୍ଶିନୀ)**

କଟକ ବାଲିଯାତ୍ରା ତଳ ପଡିଆରେ ଶୁକ୍ରବାର ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ, ଗୋପବନ୍ଧୁ ଜନ ଆରୋଗ୍ୟ ଏବଂ ଆୟୁଷ୍ମାନ୍ ବୟୋବନ୍ଦନା ଯୋଜନାର ଶୁଭାରମ୍ଭ କରାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ୨ ଦିନିଆ ଓଡ଼ିଶା ଗସ୍ତରେ ଆସି ଶୁକ୍ରବାର ଅପରାହ୍ନ ପ୍ରାୟ ୧ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ଏହାପରେ ସେ କଟକ ଯାଇ ବାଲିଯାତ୍ରା ପଡିଆରେ ଉପରୋକ୍ତ ଯୋଜନାର ଶୁଭାରମ୍ଭ କରିବେ। ଏଥିସହ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ପୋଷ୍ଟ ଗ୍ରାଜୁଏଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପେଡିଆଟ୍ରିକ୍‌ର ନୂତନ କୋଠା ଉଦ୍‌ଘାଟନ କରିବେ। ଏଥିସହ ନଡ୍ଡା ଭୁବନେଶ୍ୱରସ୍ଥିତ ସିପେଟ୍ ଓ ଏମ୍‌ସ ମେଡିକାଲ କଲେଜ ଯିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ସନ୍ଧ୍ୟାରେ ପୁରୀଠାରେ ହେବାକୁ ଥିବା ଦଳର ଏମ୍‌ପି ଓ ବିଧାୟକମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ମନମୋହନ କହିଛନ୍ତି, ପୂର୍ବ ସରକାର ଅମଳରେ ପ୍ରଚଳିତ ଯୋଜନାରେ କେବଳ ୯୭୮ ☞ପୃଷ୍ଠା–୨

## ୨୮ ଆଇଏଏସ୍ ଅଧିକାରୀ ପୁନଃ ଅବସ୍ଥାପିତ

**ଭୁବନେଶ୍ୱର,୧୦।୪ (ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ନିକଟରେ ୨୮ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍)କୁ ପଦୋନ୍ନତି ପରେ ପୁନଃ ଅବସ୍ଥାପିତ କରାଯାଇଛି। ଏହାସହିତ କେତେକ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

ସାଧାରଣ ପ୍ରଶାସନ ବିଭାଗର ବିଜ୍ଞପ୍ତି ଅନୁଯାୟୀ, କେନ୍ଦ୍ର ସରକାରଙ୍କ କାର୍ମିକ ମନ୍ତ୍ରଣାଳୟର ବିଜ୍ଞପ୍ତିକୁ ଆଧାର କରି ଜଙ୍ଗଲ ଓ ପରିବେଶ ବିଭାଗ ସ୍ୱତନ୍ତ୍ର ସଚିବ ତଥା ଆଇଏଏସ୍ ଅଫିସର ଧରମ ହାଁସଦାଙ୍କୁ ଉକ୍ତ ବିଭାଗର ଯୁଗ୍ମ ସଚିବ ଭାବେ ପୁନଃ ଅବସ୍ଥାପିତ କରାଯାଇଥିବାବେଳେ ମତ୍ସ୍ୟ ଓ ପଶୁ ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**

ଚାଇନାରେ ବିବାହ ସଙ୍କଟ

# ରାୟ ଉତାରିଥିଲେ ଦୀପକ ମିଶ୍ର

ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ଦୀପକ ମିଶ୍ରଙ୍କ ଦ୍ୱାରା ପ୍ରଦତ୍ତ ଏକ ଅନ୍ତର୍ଜାତୀୟ ମଧ୍ୟସ୍ଥତା ଆୱାର୍ଡକୁ ସିଙ୍ଗାପୁର ସୁପ୍ରିମକୋର୍ଟ ରଦ୍ଦ କରିଦେଇଛନ୍ତି। ଜଷ୍ଟିସ୍ ମିଶ୍ର ପୂର୍ବରୁ ଇଣ୍ଟରନ୍ୟାଶନାଲ ଚାମ୍ବର ଅଫ୍ କମର୍ସ (ଆଇସିସି) ଆର୍ବିଟ୍ରେଶନ୍ ଅଧ୍ୟକ୍ଷ ଥିବାବେଳେ ଦେଇଥିବା ୨ଟି ରାୟରେ ୪୫୧ ପାରାଗ୍ରାଫ୍ ମଧ୍ୟରୁ ୨୧୨ଟି ପାରା ଅର୍ଥାତ୍ ୪୭% ଉତାରି ଭିନ୍ନ ମାମଲାରେ ସମାନ ରାୟ ଦେଇଥିବାରୁ ସିଙ୍ଗାପୁର ସୁପ୍ରିମକୋର୍ଟ ଏହାକୁ ‘ଅବିବେକୀ କାର୍ଯ୍ୟ’ କହି ଭର୍ତ୍ସନା କରିଛନ୍ତି। ପ୍ରଶ୍ନ ଘେରକୁ ଆସିଥିବା ଆଲୋଚ୍ୟ ଆୱାର୍ଡ ଭାରତ ସରକାର ଓ ଘରୋଇ ରେଲୱେ କଣ୍ଟ୍ରାକ୍ଟରଙ୍କ ମଧ୍ୟରେ ହୋଇଥିବା ବିବାଦ ସହ ଜଡ଼ିତ। ୨୦୧୭ରେ ଭାରତ ସରକାର ସର୍ବନିମ୍ନ ମଜୁରି ବୃଦ୍ଧି ସକାଶେ ଏକ ବିଜ୍ଞପ୍ତି ପ୍ରକାଶ କରିବା ପରେ ଏହି ବିବାଦ ସୃଷ୍ଟି ହୋଇଥିଲା। ଭାରତରେ ଫ୍ରେଟ୍ କରିଡର ଅଧୀନ ପ୍ରକଳ୍ପଗୁଡ଼ିକରେ ସାମିଲ ଥିବା ୩ କମ୍ପାନୀକୁ ନେଇ ଗଠିତ ଏକ କନ୍‌ସୋର୍ଟିୟମ୍ ମଜୁରି ବୃଦ୍ଧି ଯୋଗୁ ଅଧିକ ଦେୟ ଦାବି କରିଥିଲା। ଫଳରେ ଠିକାଦାର କମ୍ପାନୀଗୁଡ଼ିକୁ ଅତିରିକ୍ତ ଦେୟ ପ୍ରଦାନ କରାଯିବ କି ନାହିଁ ସେନେଇ ପ୍ରଶ୍ନ ଉଠିଥିଲା। ସେତେବେଳେ ଏନେଇ ଦେଶରେ ସହମତି ପ୍ରକାଶ ନ ପାଇବାରୁ ସମାଧାନ ପାଇଁ ସିଙ୍ଗାପୁରସ୍ଥିତ ଆଇସିସି ଆର୍ବିଟ୍ରେଶନ୍ ଅଧ୍ୟକ୍ଷ ଜଷ୍ଟିସ୍ ମିଶ୍ରଙ୍କ ନିକଟକୁ ମାମଲା ପଠାଯାଇଥିଲା। ଜଷ୍ଟିସ୍ ମିଶ୍ରଙ୍କ ଟ୍ରିବ୍ୟୁନାଲ ଉକ୍ତ ଠିକା ସଂସ୍ଥାଗୁଡ଼ିକ ସପକ୍ଷରେ ରାୟ ଦେଇଥିଲେ। ମାମଲା ସିଙ୍ଗାପୁର ସୁପ୍ରିମକୋର୍ଟକୁ ଯିବା ପରେ ସେଠାକାର ପ୍ରଧାନ ବିଚାରପତି ଜଷ୍ଟିସ୍ ସୁନ୍ଦରେଶ ମେନନ୍ ଏବଂ ଷ୍ଟିଭେନ୍ ଚୋଙ୍ଗ୍ ଏହାର ବିଚାରକରି ରାୟ ଶୁଣାଇଛନ୍ତି।



ପୂର୍ବତନ ସିଜେଆଇ ଦୀପକ ମିଶ୍ର

## ରଦ୍ଦକଲେ ସିଙ୍ଗାପୁର ସୁପ୍ରିମକୋର୍ଟ

**ସିଙ୍ଗାପୁର/ନୂଆଦିଲ୍ଲୀ,୧୦।୪**

ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଆର୍ବିଟ୍ରେଶନ ଟ୍ରିବ୍ୟୁନାଲଙ୍କ ରାୟକୁ ସିଙ୍ଗାପୁର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଉକ୍ତ ରାୟର ୪୭ ପ୍ରତିଶତ ଅର୍ଥାତ୍ ମୋଟ ୪୫୧ରୁ ୨୧୨ ପାରାଗ୍ରାଫ୍‌ରେ ଦୁଇଟି ପୂର୍ବ ରାୟର ଶବ୍ଦଗୁଡ଼ିକୁ ଅବିକଳ ଉତରାଯାଇଥିବା ସିଙ୍ଗାପୁର ଶୀର୍ଷ ଅଦାଲତ ଜାଣିବାକୁ ପାଇଛନ୍ତି। ଉକ୍ତ ଟ୍ରିବ୍ୟୁନାଲରେ ମଧ୍ୟପ୍ରଦେଶ ହାଇକୋର୍ଟର ପୂର୍ବତନ ବିଚାରପତି କ୍ରିଷ୍ଣକୁମାର ଲାହୋଟି ଏବଂ ଜମ୍ମୁ-କଶ୍ମୀର ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଗୀତା ମିତ୍ତଲ ମଧ୍ୟ ସଦସ୍ୟ ରହିଥିଲେ।

ପୂର୍ବ ରାୟଗୁଡ଼ିକୁ ଅତିମାତ୍ରାରେ କପି କରାଯାଇଥିବା ପ୍ରଧାନ ବିଚାରପତି ସୁନ୍ଦରେଶ ମେନନ ଏବଂ ଜଷ୍ଟିସ୍ ଷ୍ଟିଭେନ୍ ଚୋଙ୍ଗ୍‌ଙ୍କୁ ନେଇ ଗଠିତ ସିଙ୍ଗାପୁର ସୁପ୍ରିମକୋର୍ଟ ଖଣ୍ଡପୀଠ ଜାଣିବା ଏହା ପଛରେ ଅନେକ ନିହିତାର୍ଥ ରହିଥିବା ଟିପ୍ପଣୀ ଦେଇଛନ୍ତି। ପରସ୍ପର ସହ ସାମଞ୍ଜସ୍ୟ ଥିବା ୨ଟି ବିବାଦର ସମାଧାନ କରିବା ଜଣେ ଆର୍ବିଟ୍ରେଟରଙ୍କ ☞ପୃଷ୍ଠା–୨

# ୧୨୮ ବର୍ଷ ପରେ ଅଲିମ୍ପିକ୍ସକୁ ଫେରୁଛି କ୍ରିକେଟ୍

**ନୂଆଦିଲ୍ଲୀ,୧୦।୪(ପି.ଟି.)**

୧୨୮ ବର୍ଷର ଦୀର୍ଘ ବ୍ୟବଧାନ ପରେ କ୍ରିକେଟ ଅଲିମ୍ପିକ୍ସକୁ ଫେରିବାକୁ ଯାଉଛି। ଆମେରିକାର ଲସ୍‌ଏଞ୍ଜେଲ୍ସ (ଲା)ରେ ହେବାକୁ ଯାଉଥିବା ୨୦୨୮ ଅଲିମ୍ପିକ୍ସରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଖେଳାଯିବ। ଉଭୟ ବିଭାଗରେ ୬ ଲେଖାଏ ଦଳ ଭାଗ ନେବେ। ଏ ନେଇ ଅଲିମ୍ପିକ୍ସ ଆୟୋଜକଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। କ୍ରିକେଟକୁ ଅନ୍ତିମ ଥର ଅଲିମ୍ପିକ୍ସର ୧୯୦୦ ସଂସ୍କରଣରେ ଖେଳାଯାଇଥିଲା। ଏଥିରେ ଗ୍ରେଟ ବ୍ରିଟେନ ଓ ଫ୍ରାନ୍ସ ମଧ୍ୟରେ ଏକ ଦୁଇ ଦିନିଆ କ୍ରିକେଟ ମ୍ୟାଚ ଖେଳାଯାଇଥିଲା, ଯାହାକୁ ବର୍ତ୍ତମାନ ଅଣସ୍ୱୀକୃତିପ୍ରାପ୍ତ ଟେଷ୍ଟ ମାନ୍ୟତା ଦିଆଯାଇଛି। ପ୍ରତ୍ୟେକ ଦଳ ୧୫ ଲେଖାଏ ଖେଳାଳିଙ୍କ ନାମ ଘୋଷଣା କରିବେ। ☞ପୃଷ୍ଠା–୨


KIIT

## ସୁରକ୍ଷା ଅଧିକାରୀ /କର୍ମଚାରୀ ଆବଶ୍ୟକ

କିଟ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ କ୍ୟାମ୍ପସ ପାଇଁ ଉଭୟ ପୁରୁଷ ଓ ମହିଳା ବର୍ଗର ୩୦୦ ସୁରକ୍ଷା କର୍ମଚାରୀ ଓ ସୁରକ୍ଷା ଅଧିକାରୀ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି।

**ସୁରକ୍ଷା କର୍ମଚାରୀ** ପ୍ରାର୍ଥୀଙ୍କ ବୟସ ୧୮ରୁ ୨୫ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ପ୍ରାର୍ଥୀ ମ୍ୟାଟ୍ରିକ୍ ବା ତଦୂର୍ଦ୍ଧ୍ୱ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବେ। ପ୍ରାର୍ଥୀଙ୍କ ଉଚ୍ଚତା ୫ଫୁଟ୍ ୮ଇଞ୍ଚ ହୋଇଥିବା ବାଞ୍ଛନୀୟ (ମହିଳାଙ୍କ କ୍ଷେତ୍ରରେ ଉଚ୍ଚତା କୋହଳ କରାଯିବ)। ପ୍ରାର୍ଥୀଙ୍କ ଫିଜିକାଲ୍ ଓ ମେଡିକାଲ୍ ଫିଟ୍‌ନେସ୍ ଉପରେ ଗୁରୁତ୍ୱ ଦିଆଯିବ।

**ସୁରକ୍ଷା ଅଧିକାରୀ** ପଦବୀ ପାଇଁ ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ ଅଗ୍ରାଧିକାର ଦିଆଯିବ। ଆବେଦନର ଶେଷ ତାରିଖ **୨୫।୪।୨୦୨୫**। ଆବେଦନ କରିବା ସମୟରେ ପ୍ରାର୍ଥୀ ନିଜର ସ୍ଥାୟୀ ଠିକଣା ସହ ଟେଲିଫୋନ୍ ନମ୍ବର ଦେବା ନିହାତି ଆବଶ୍ୟକ।

ସ୍ୱା/-କୁଳସଚିବ (କିଟ୍ ବିଶ୍ୱବିଦ୍ୟାଳୟ)

ଆବେଦନ କରିବାର ଠିକଣା: ଏଚ୍ ଆର୍ ସେଲ୍, ଚିନ୍ତନ ବିଲ୍‌ଡିଂ, କ୍ୟାମ୍ପସ୍-୪
କିଟ୍ ବିଶ୍ୱବିଦ୍ୟାଳୟ, ପୋ: କିଟ୍, ଭୁବନେଶ୍ୱର-୭୫୧୦୨୪
Email: recruitment.kiit2025@kiit.ac.in


# ଗାଁରେ ପାଣି ନାହିଁ ବୋଲି ମିଳୁନି ବୋହୂ



ମହିଳାମାନେ ଝରଣାରୁ ପାଣି ଧରି ଗାଁକୁ ଫେରୁଛନ୍ତି।

**ନବରଙ୍ଗପୁର,୧୦।୪ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସାନବାର୍ଲି ପଞ୍ଚାୟତ ଅଧୀନ ବଡ଼ବାର୍ଲି ଗାଁରେ ବର୍ଷ ବର୍ଷ ଧରି ଲାଗିରହିଛି ପାଣି ସମସ୍ୟା। ପ୍ରାୟ ୨ ବର୍ଷ ହେବ ମେଗା ପାନୀୟଜଳ ପ୍ରକଳ୍ପରେ ଏକ ପାଣି ଟାଙ୍କି ଗ୍ରାମରେ ନିର୍ମାଣ ହୋଇ ପାଇପ ବିଛା ଯାଇଛି। ହେଲେ ଗ୍ରାମବାସୀଙ୍କୁ ପାଇପ୍ ପାଣି ମିଳିନି। ଟୋପାଏ ପାଣି ପାଇଁ ଯିବାକୁ ପଡୁଛି ଦୀର୍ଘ ଦେଢ଼ କିଲୋମିଟର। ଉକ୍ତ ସମସ୍ୟା ପାଇଁ ଏହି ଗାଁରେ ଝିଅ ଦେବାକୁ କେହି ରାଜି ହେଉନାହାନ୍ତି। ଖାସ୍ ଏହି କାରଣରୁ ଏବେ ଗାଁର ପ୍ରାୟ ୮୦ରୁ ଅଧିକ ଯୁବକ ଅବିବାହିତ ଅଛନ୍ତି।

ବଡ଼ବାର୍ଲି ଗାଁରେ ୨୧୮ ପରିବାର। ଲୋକସଂଖ୍ୟା ହଜାରରୁ ଊର୍ଦ୍ଧ୍ୱ। ପାହାଡ଼ଘେରା ଗାଁରେ ରାସ୍ତା, ବିଜୁଳିତ ରହିଛି। କିନ୍ତୁ ପିଇବା ପାଣି ସୁବିଧାରେ ମିଳୁନି। ପ୍ରଶାସନ ପକ୍ଷରୁ ଏଠାରେ ୩ଟି ନଳକୂପ ଖୋଳାଯାଇଥିଲା। ଗାଁ ସ୍କୁଲ ପରିସରରେ ବି ଗୋଟିଏ ନଳକୂପ ଅଛି। କିନ୍ତୁ ବର୍ତ୍ତମାନ କେବଳ ଗୋଟିଏ ନଳକୂପରୁ ଅଳ୍ପ କିଛି ପାଣି ବାହାରୁଛି, ଯାହା କି ଲୋକଙ୍କ ଆବଶ୍ୟକତାଠାରୁ ଢେର୍ କମ୍। ଅନ୍ୟ ୩ଟି ଅଚଳ। ଫଳରେ ବାଧ ☞ପୃଷ୍ଠା–୨




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭଗବତୀ ମା' ପାଟୋଳୀଶ୍ୱରୀଙ୍କ ଦ୍ୱାଦଶ ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ସୂର୍ଯ୍ୟ ପୂଜା ଓ ଗୀତା ଯଜ୍ଞ, ସ୍ଥାନ: ବେଣ୍ଟପୁର ବାଲିକାମ୍ବିଆସ୍ଥିତ ମନ୍ଦିର ପରିସର, ସମୟ: ସକାଳ ୯ଟା।
- ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ଦୀକ୍ଷାନ୍ତ ସମାରୋହ, ସ୍ଥାନ: ରେଳ ଅଡିଟୋରିୟମ, ମଞ୍ଚେଶ୍ୱର ସମୟ: ପୂର୍ବାହ୍ନ ୧୦ଟା।
- ଛେନାପୋଡ଼ ଦିବସ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନଳିନୀ ଦେବୀ ଶିକ୍ଷକ ଶିକ୍ଷା ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା ୩୦।
- ଶ୍ରୀ ଶ୍ରୀ ସୀତା ରାମେଶ୍ୱର ରାମଲୀଳା ଗୀତିନାଟ୍ୟ ସଂଘ ଆନୁକୂଲ୍ୟରେ ନାଟକ 'ଶ୍ରୀ ରାମ ବନବାସ', ସ୍ଥାନ: ଗୋତଲବିନ୍ଧାସ୍ଥିତ ସୀତା ରାମେଶ୍ୱର ମନ୍ଦିର ସମ୍ମୁଖ, ସମୟ: ରାତି ୧୧ଟା।
- ଶ୍ରୀ ଶ୍ରୀ ପତିତପାବନ ଦେବ ରାମଲୀଳା ନାଟ୍ୟ ପରିଷଦ ଆନୁକୂଲ୍ୟରେ ନାଟକ 'ସୂପନେଖାର ନାସା ଓ କର୍ଣ୍ଣ ଛେଦନ', ସ୍ଥାନ: କାକରୁଦ୍ରପୁର ପତିତପାବନ ଦେବ ମନ୍ଦିର ପରିସର, ସମୟ: ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ରାମଲୀଳା ପ୍ରଚାର କମିଟି ପକ୍ଷରୁ ରାମଲୀଳାର ନାଟକ 'ସୀତା ଚୋରି', ସ୍ଥାନ: ବଇରୁଆ ଗାନ୍ଧୀ ଛକସ୍ଥିତ ରାମଲୀଳା ପଡ଼ିଆ, ସମୟ: ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ରାମଲୀଳା ପ୍ରଚାର ସମିତି ପକ୍ଷରୁ ରାମଲୀଳାର ନାଟକ 'ଶ୍ରୀ ରାମ ବନବାସ', ସ୍ଥାନ: ବେଣ୍ଟପୁରସ୍ଥିତ ରାମଲୀଳା ପଡ଼ିଆ, ସମୟ: ରାତି ୧୧ଟା ୩୦।

## କଟକ

- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଜଷ୍ଟିସ ଦୀପକ ମିଶ୍ର ସାହିତ୍ୟ ସମ୍ମାନ ପ୍ରଦାନ ସମାରୋହ, ସ୍ଥାନ: କଟକ ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଚିନ୍ମୟ ମିଶନ କଟକ ଆନୁକୂଲ୍ୟରେ ସ୍ୱାମୀ ସଦାନନ୍ଦ ସରସ୍ୱତୀଙ୍କ ସୁନ୍ଦରାକାଣ୍ଡ ପ୍ରବଚନର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଫିରିଙ୍ଗିବଜାର ଚିନ୍ମୟ ମିଶନ ପରିସର, ସମୟ: ସନ୍ଧ୍ୟା ୭ଟା।
- ଚେତନା ମହାଯଜ୍ଞ, ସ୍ଥାନ: ଚେତନା ସଂଘ, ବଡ଼ମ୍ବା ଶାଖା ଆଶ୍ରମ, ସମୟ: ସକାଳ ୭ଟା୩୦।

## ପୁରୀ

- ଆଭାସି ମାଧ୍ୟମରେ ଆୟୁଷ୍ମାନ ଯୋଜନାର ଉଦ୍‌ଘାଟନ, ସ୍ଥାନ: ସୁକଳ, ମହୁରା, ରାୟଖଣ୍ଡି ପଞ୍ଚାୟତ, ସାକ୍ଷୀଗୋପାଳ, ସମୟ: ମଧ୍ୟାହ୍ନ ୨ଟା ୩୦।

## ବାଲେଶ୍ୱର

- ଯୁବ ଲେଖକ ସମ୍ମିଳନୀ ଉଦ୍‌ଘାଟନୀ, ସ୍ଥାନ: ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଆୟୁଷ୍ମାନ ଯୋଜନା, ସ୍ଥାନ: ସିମୁଳିଆ ବ୍ଲକ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ଭଦ୍ରକ, ସମୟ: ସକାଳ ୯ଟା।
- ଆୟୁଷ୍ମାନ ଭାରତ କାର୍ଡ ବଣ୍ଟନ, ସ୍ଥାନ: ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟ, ଭଦ୍ରକ ବାଇପାସ୍, ସମୟ: ସକାଳ ୯ଟା।

## କେନ୍ଦୁଝର

- ଆୟୁଷ୍ମାନ ଭାରତ ଯୋଜନାର ଉଦ୍‌ଘାଟନୀ, ସ୍ଥାନ: ସରକାରୀ ନୋଡାଲ ବିଦ୍ୟାଳୟ ମୁଗୁପୁର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓରାଳୀ, ସୋସୋ, ସୁନ୍ଦରାପାଳ, ରୁକୁଣା ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକେନ୍ଦ୍ର, ହାଟଡିହୀ, , ସମୟ: ଅପରାହ୍ନ ୨ଟା ୩୦।

## ମୟୂରଭଞ୍ଜ

- ସିଏମ୍ ଟ୍ରଫି-୨୦୨୫ ଫୁଟବଲ ଟୁର୍ନାମେଣ୍ଟରେ ଶିମିଳିପାଳ ସ୍ପୋର୍ଟ୍ସ ଏସି ସହିତ ଶାନ୍ତି ନିକେତନ ଟିମ୍‌ର ମ୍ୟାଚ, ସ୍ଥାନ:ଷ୍ଟାଡିୟମ ପଡ଼ିଆ ବାରିପଦା,ସମୟ: ସକାଳ ୮ଟା।
- ପ୍ରସିଦ୍ଧ ଚୈତ୍ର ପର୍ବ ଉଦ୍‌ଘାଟନ, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ

- ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ, ସ୍ଥାନ: ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କରଚୁଲି, ମାଣିତରା, ବାଲିପଦର, ଆଶ୍ରମ କରଡାବାଡ଼ି, ସମୟ: ଅପରାହ୍ନ ୨ ଟା ୩୦।

## କନ୍ଧମାଳ

- ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଫୁଲବାଣୀ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ୱିଙ୍ଗ କମାଣ୍ଡର ବିଏସ୍ ସିଂହଦେଓଙ୍କୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ସିନର୍ଜି ଇଞ୍ଜିନିୟରିଙ୍ଗ କଲେଜ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ଅନୁଗୋଳ

- ହିଙ୍ଗୁଳା ଯାତ୍ରା ଅବସରରେ ୯ ଦିନିଆ ୨୧ତମ ଲୋକ ମହୋତ୍ସବର ଶୁଭାରମ୍ଭ, ସ୍ଥାନ: ତାଳଚେର, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାର ଶୁଭାରମ୍ଭ, ସ୍ଥାନ: ଜୟଦେବ ଭବନ ବଡ଼ପଡ଼ିଆ, ପାରାଦୀପ, ସମୟ: ଅପରାହ୍ନ ୨ଟା।

## କେନ୍ଦ୍ରାପଡ଼ା

- ଆୟୁଷ୍ମାନ ଭାରତ ଯୋଜନା ଉଦ୍‌ଘାଟନ କାର୍ଯ୍ୟକ୍ରମ, ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର, ଖଡିଅଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।

## ଯାଜପୁର

- ଓଡ଼ିଶା ପକ୍ଷ ପାଳନ ଅବସରରେ ଯୁବ ଲେଖକ ସମ୍ମିଳନୀ, ସ୍ଥାନ : ଯାଜପୁର ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳ, ସମୟ : ସକାଳ ୯ଟା।

## ନୟାଗଡ଼

- ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ଷଷ୍ଠ ଦିବସରେ ସୀତା ବିବାହ ଓ ପର୍ଶୁରାମ ଭେଟ, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା

- ପଞ୍ଚାୟତ କାର୍ଯ୍ୟାଳୟ,ତହସିଲ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଏବଂ ଶୋଭାଯାତ୍ରା, ସ୍ଥାନ: ଗୁଣ୍ଡିଚା ପୀଠ, ପଦ୍ମପୁର, ସମୟ: ସକାଳ ୮ଟା।

## ନବରଙ୍ଗପୁର

- ଓଡ଼ିଆ ପକ୍ଷ ଅବସରରେ ଯୁବ ଲେଖକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ନବରଙ୍ଗପୁର ମହାବିଦ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା।

## କୋରାପୁଟ

- ରକ୍ତଦାନ ଶିବିର, ସ୍ଥାନ: ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସର,ସୁନାବେଡା, ସମୟ: ସକାଳ ୯ଟା ୩୦।।

## ମାଲକାନଗିରି

- ମାଲକାନଗିରିରେ ଆୟୁଷ୍ମାନ ଭାରତ ଯୋଜନା କାର୍ଡ ବଣ୍ଟନ, ସ୍ଥାନ: କଟଲିଗୁଡା, ସମୟ: ଅପରାହ୍ନ ୨ଟା ୩୦।

## ସମ୍ବଲପୁର

- ଜିଲା ପ୍ରଶାସନ ଆୟୋଜିତ ଓଡ଼ିଶା ପକ୍ଷରେ ଯୁବ ଲେଖକ ସମ୍ମିଳନୀ, ସ୍ଥାନ : ଜ୍ୟୋତି ବିହାର ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ବନଦୁର୍ଗା ମହୋତ୍ସବ ଉଦ୍‌ଯାପନୀ, ସ୍ଥାନ: ଲୋୟର ସୁକ୍‌ତେଲ ଡ୍ୟାମ ସାଇଟ୍, ମାଗୁରବେଡା, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ମହିଳା ସଶକ୍ତୀକରଣକୁ ନେଇ ବାସନ୍ତିକ ପରିଷଦ ପକ୍ଷରୁ ପାଲା, ସ୍ଥାନ: ସେକ୍ଟର-୩ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ଓଡ଼ିଆ ପକ୍ଷ ପାଳନ ଅବସରରେ ଯୁବ ଲେଖକ ସମ୍ମିଳନୀ,ସ୍ଥାନ:ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟ,ସମୟ:ପୂର୍ବାହ୍ନ ୧୦ଟା।

## ବରଗଡ଼

- ସି.ଏମ୍ ଟ୍ରଫି ଫୁଟବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମ, ବରଗଡ଼, ସମୟ: ସକାଳ ୮ଟା।
- ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ ସମାରୋହ, ସ୍ଥାନ: ଗୋରୁ ମାର୍କେଟ୍, ବରଗଡ଼, ସମୟ: ଅପରାହ୍ନ ୨ଟା ୩୦।

## କଳାହାଣ୍ଡି

- ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଯୁବ ଲେଖକ ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ମହିଳା ମହାବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ବୌଦ୍ଧ ରାମଲିଳା ନାଟ୍ୟ ସଂସଦ ପକ୍ଷରୁ ରାମଲିଳା ଯାତ୍ରାର ଷଷ୍ଠ ଦିନ ନାଟକ ସୀତା ଚୋରୀ, ସ୍ଥାନ: ରଘୁନାଥ ମନ୍ଦିର ପରିସର ପଡିଆ,ବୌଦ୍ଧ, ସମୟ: ରାତି ୯ଟା।

## ଦେବଗଡ଼

- ଆନ୍ତଃ କ୍ଲବ୍ ଜିଲାସ୍ତରୀୟ ଫୁଟ୍‌ବଲ୍ ଚାମ୍ପିୟନଶିପ୍ ଫର୍ ସିଏମ୍ ଟ୍ରଫି, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ଦେବଗଡ଼, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର

- ବୀରମହାରାଜପୁରରେ ୩ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଭାରତ ଯୋଜନା ଶୁଭାରମ୍ଭ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ହରିହର ଯୋର, ମୁର୍ଷୁଣ୍ଡୀ ଖେଳ ପଡ଼ିଆ, ସୁବଳୟା ଖେଳ ପଡ଼ିଆ, ସମୟ: ଅପରାହ୍ନ ୨ଟା।

## ନୂଆପଡ଼ା

- ଆୟୁଷ୍ମାନ ଭାରତ ଯୋଜନା ଆରମ୍ଭ, ସ୍ଥାନ: ନୂଆପଡା ଜିଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ଅପରାହ୍ନ ୨ଟା ୩୦।

## ଝାରସୁଗୁଡ଼ା

- ସମର୍ଥ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ସରବାହାଲ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଷଷ୍ଠ ସ୍ଥାନରେ ଚନ୍ଦ୍ର ପାପଗ୍ରହ କେତୁ ଯୁକ୍ତ ହେତୁ ବିଭିନ୍ନ କାରଣକୁ କେନ୍ଦ୍ରକରି ମାନସିକ ସ୍ଥିତି ଭଲ ରହିବ ନାହିଁ। ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ସୃଷ୍ଟି ଆଶଙ୍କା ରହିଛି। ପ୍ରିୟବନ୍ଧୁଙ୍କ ଆଗମନର ସୂଚନା ପାଇବା ସାଙ୍ଗକୁ ନୂତନ ସ୍ଥାନକୁ ବୁଲିଯିବାର ସୁଯୋଗ ମିଳିପାରେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ।

**ବୃଷ** ଗୁରୁ ଦ୍ୱିତୀୟସ୍ଥ ଯୋଗୁ ପ୍ରାପ୍ୟ ଅର୍ଥ କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ପ୍ରାପ୍ତ ହେବାର ସୂଚନା ରହିଛି। ସପ୍ତମସ୍ଥାନ ଗ୍ରହଶୂନ୍ୟ କାରଣରୁ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟଲାଭ କରିବେ। ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷାକରି ଯାତ୍ରା କରିବାକୁ ବାଧ ହୋଇପାରନ୍ତି। ଅବଶ୍ୟ ପିଲାଙ୍କ କୌଣସି ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିତି ଭଲ ରହି ନ ପାରେ।

**ମିଥୁନ** ରାଶ୍ୟାଧିପ ବୃହସ୍ପତି କ୍ଷେତ୍ରର ପ୍ରଭାବରେ କର୍ମକ୍ଷେତ୍ରରେ ସଫଳତା ଲାଭ କରିପାରିବେ। ପାରିବାରିକ ସହଯୋଗ ଅଭାବରୁ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଧାର, କରଜ କରି ଆବଶ୍ୟକତା ପୂରଣ କରିବାରେ ସମର୍ଥ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ ରୋଗପୀଡା ନିୟନ୍ତ୍ରଣ ମଧ୍ୟରେ ରହିବ।

**କର୍କଟ** ବଳହୀନ ମଙ୍ଗଳ ରାଶିରେ ଥିବାରୁ ସନ୍ତାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ଲାଗିରହୁଥିବାରୁ ନିରାଶ ହେବାକୁ ପଡିପାରେ। ଅବଶ୍ୟ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଥିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ନିଜ ଲୋକମାନଙ୍କ ଅନାଦର ଓ ଖାପଛଡା ମନୋଭାବରୁ ସାମୟିକ ଦୁଃଖୀ ହୋଇପାରନ୍ତି।

**ସିଂହ** ଉଚ୍ଚାରୋହୀ ରାଶ୍ୟାଧିପ ରବି ଏକାଧିକ ଗ୍ରହଙ୍କ ମଧ୍ୟରେ ଦୁଃସ୍ଥାନସ୍ଥ ଯୋଗୁ କୌଣସି କାର୍ଯ୍ୟ ସୁବିଧାରେ ହୋଇ ନ ପାରେ। ବିଭିନ୍ନ ଦିଗରୁ ସହଯୋଗ ଲାଭକରି ଉପକୃତ ହୋଇପାରନ୍ତି। ଚନ୍ଦ୍ରଙ୍କ ଅଶୁଭତ୍ୱ କାରଣରୁ ସାମୟିକ ମନରେ ଅଶାନ୍ତି ସୃଷ୍ଟି ହେଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ।

**କନ୍ୟା** ଧନାଧିପ ନିଜଭାବରୁ ଷଷ୍ଠସ୍ଥ ହେତୁ ଅର୍ଥ ପ୍ରାପ୍ତିରେ କୌଣସି ବ୍ୟକ୍ତି ପ୍ରତିରୋଧ କରିବେ। ନିଜ ପରିବାରର ବ୍ୟକ୍ତିଙ୍କ ଅସହଯୋଗ ମନୋଭାବରୁ ବ୍ୟଥିତ ହେବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କଷ୍ଟକର ହେବ। ସାହିତ୍ୟ,କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା** ଭାଗ୍ୟାଧିପ ଗ୍ରହଯୁଦ୍ଧରେ ଆକ୍ରାନ୍ତ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଲାଗି ରହିବ। କିଛି ଅସୁବିଧା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ ଟେନ୍‌ସନ ଲାଗିରହିବ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବେ। କଳା, ସାହିତ୍ୟ, ସଙ୍ଗୀତ, ରାଜନୀତି, ସାମ୍ବାଦିକତା, ଆଇନ ଓ ଅଦାଲତ କ୍ଷେତ୍ରରୁ ଶୁଭଫଳ ପାଇବେ।

**ବିଛା** ସପ୍ତମସ୍ଥ ବୃହସ୍ପତି ପାରିବାରିକ ଜୀବନରେ ସମସ୍ୟାଜନିତ ଅଶାନ୍ତି ସୃଷ୍ଟି କରିବ। ସାଧାରଣ କଥାକୁ ନେଇ ଭୁଲ୍ ବୁଝାମଣା ହେତୁ ଦୀର୍ଘ ଦିନର ସମ୍ପର୍କରେ ଭଙ୍ଗା ପଡିବ। ଅନୁରାଧା ସକାଶେ ସମୟାନ୍ତରେ ମତାନ୍ତର ବଦଳିପାରେ। ରାଜନୀତି, ଅଧ୍ୟାପନା, ସାହିତ୍ୟ, ସାମ୍ବାଦିକତା, କ୍ରୀଡା ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ।

**ଧନୁ** ଚତୁର୍ଥଭାବରେ ଏକାଧିକ ଗ୍ରହ ପରିବାର ଓ କର୍ମକ୍ଷେତ୍ର ସକାଶେ ସମସ୍ୟା ସୃଷ୍ଟି କରିବେ। ଅବଶ୍ୟ ଆପଣ ପ୍ରତ୍ୟେକ କ୍ଷେତ୍ରରେ ଭାଙ୍ଗିଯିବେ ପଛକେ ନଇଁବେ ନାହିଁ। ମନ ଭଲ ନ ରହିଲେ ସୁଦ୍ଧା ବନ୍ଧୁଙ୍କ ଅନୁରୋଧ ରକ୍ଷା କରି ତାଙ୍କ ସାଙ୍ଗରେ ଯିବାକୁ ବାଧ ହେବେ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି।

**ମକର** ନୀଚାରୋହୀ ରାଶ୍ୟାଧିପ ହେତୁ ଦୈହିକ ଓ ମାନସିକ ସ୍ଥିତି ଭଲ ରହି ନ ପାରେ। ମନ ଚାହୁଁଥିବା ଅନୁସାରେ କୌଣସି ଜିନିଷ ପାଇବା ଦୁଷ୍କର ହୋଇ ପଡିବ। ବହୁ କଷ୍ଟରେ ସାଇତି ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବାର ସୂଚନା ରହିଛି। ଅବଶ୍ୟ ଆନୁଷ୍ଠାନିକ କାମ, ସଭାସମିତି, ସଂଗଠନ, ରାଜନୈତିକ ସ୍ଥିତି ପ୍ରାୟତଃ ଭଲ ରହିବ।

**କୁମ୍ଭ** କର୍ମାଧିପତି ଭାଗ୍ୟସ୍ଥାନକୁ ଦେଖୁଥିବାରୁ କୌଣସି କାମ ଅଟକି ରହିବ ନାହିଁ। କିନ୍ତୁ ଶତଭିଷା ନକ୍ଷତ୍ର ପାଇଁ ସମସ୍ତ ପ୍ରକାରର ସୁବିଧା ଥାଇ ମଧ୍ୟ କାମଟିକୁ ପୂରା କରିବା କଷ୍ଟକର ହୋଇପାରେ। ଯାହାକୁ ନିଜର ବୋଲି ମନେ କରିବେ ସେ ହିଁ ଧୋକା ଦେବାର ବହୁ ସମ୍ଭାବନା ରହିଛି। ବ୍ୟବସାୟ, ଯାତ୍ରା ଓ କର୍ମାରମ୍ଭ କ୍ଷେତ୍ରରେ ପ୍ରତିକୂଳତା ଦୂରେଇଯିବ।

**ମୀନ** ଧନାଧିପତିଙ୍କ ଦୁର୍ବଳତାଜନିତ ଆର୍ଥିକ ଦୁରବସ୍ଥା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। କୌଶଳ ପ୍ରୟୋଗ କରି ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡିବାରେ ସମର୍ଥ ହେବେ ।

ଆଜି ଏପ୍ରିଲ ୧୧ ତାରିଖ, ନିରାପଦ ମାତୃତ୍ୱ ଦିବସ, ଚୈତ୍ର ଶୁକ୍ଳପକ୍ଷର ବିଷ୍ଣୁ ଓ ଶିବ ଦମନକ ଚତୁର୍ଦ୍ଦଶୀ ଶୁକ୍ରବାର, ଶ୍ରୀମନ୍ଦିରରେ ଦମନକାର୍ପଣ ଉତ୍ସବ ବା ଦୟଣା ଲାଗି, ଶ୍ରୀଲିଙ୍ଗରାଜ ଦେବଙ୍କ ଦମନକ ଯାତ୍ରା, ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା, ରାଶି ନକ୍ଷତ୍ର-ଉତ୍ତରା ଫାଲଗୁନୀ/କନ୍ୟା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୩୫ ଗତେ, ଘ.୦୭।୨୫ ମଧ୍ୟେ, ଘ.୦୭।୧୪ ଗତେ, ଘ.୦୮।୪୧ ମଧ୍ୟେ ଶୁଦ୍ଧ ଶୁଭବେଳା, ଦିବା ଘ. ୧୦।୧୪ ଗତେ, ଘ.୧୧।୪୭ ମଧ୍ୟେ ରାହୁ କାଳ ।

## ଆଜିଠୁ ଆୟୁଷ୍ମାନ...

ପ୍ରଥମ ପୃଷ୍ଠାରୁ...

ହସ୍ପିଟାଲରେ ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯାଉଥିଲା। ଫଳରେ ବହୁ ଲୋକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିଲେ। ରାଜ୍ୟରେ ଆୟୁଷ୍ମାନ୍ ଭାରତ ଯୋଜନା ଶୁଭାରମ୍ଭ ହେବା ପରେ ରାଜ୍ୟ ଓ ବାହାରେ ରହୁଥିବା ଓଡ଼ିଆ ଲୋକଙ୍କୁ ମାଗଣାରେ ଉନ୍ନତମାନର ଚିକିତ୍ସା ସେବା ମିଳିପାରିବ। ଦେଶର ୨୯ ହଜାର ହସ୍ପିଟାଲରେ ଏହି ସେବା ଉପଲବ୍ଧ ହେବ। ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୭୦ ବର୍ଷ ବା ତଦୂର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ନାଗରିକଙ୍କୁ ବିନା କୌଣସି ମାନଦଣ୍ଡରେ ଏହି ସେବା ଯୋଗାଇ ଦିଆଯିବ। ଆୟୁଷ୍ମାନ୍ ଭାରତ ଯୋଜନାରେ ପରିବାର ପିଛା ଗୋଟିଏ କାର୍ଡ ଦିଆ ନ ଯାଇ ବ୍ୟକ୍ତିଗତ ଭାବେ ସମସ୍ତଙ୍କୁ ପ୍ରଦାନ କରାଯିବ। ରାଜ୍ୟରେ ଭାଜପା ସରକାର ଗଠନ ହେବା ପରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ନୂତନ ଯୁଗର ଶୁଭାରମ୍ଭ ହେବାକୁ ଯାଉଛି। ପୁରୀରେ ହେବାକୁ ଥିବା 'ବିଧାୟକ ଓ ଏମ୍‌ପି ପ୍ରଶିକ୍ଷଣ' କାର୍ଯ୍ୟକ୍ରମ ୧୧ ତାରିଖ ସନ୍ଧ୍ୟାରୁ ୧୩ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିବ। ୧୨ ତାରିଖ ସକାଳେ ନଡ୍ଡା ବିଧିବଦ୍ଧଭାବେ ଏହାକୁ ଉଦ୍‌ଘାଟନ କରିବେ। ଏହି ଶିବିରରେ ସାଙ୍ଗଠନିକ, ପ୍ରଶାସନିକ, ବିଚାରଧାରା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ନଡ୍ଡାଙ୍କ ଏହି ୨ ଦିନର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଏକ ସ୍ମରଣୀୟ ହୋଇ ରହିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ କାର୍ଯ୍ୟକ୍ରମରେ ୩ କେନ୍ଦ୍ରମନ୍ତ୍ରୀ ମଧ୍ୟ ସାମିଲ ହେବେ ବୋଲି ଜଣାପଡ଼ିଛି।

ଅପରପକ୍ଷରେ ଗୁରୁବାର ମଧ୍ୟାହ୍ନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବାଲିଯାତ୍ରା ପଡିଆରେ ପହଞ୍ଚି ସମସ୍ତ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେହିପରି ଅପରାହ୍ନରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ବାଲିଯାତ୍ରା ପଡିଆରେ ପହଞ୍ଚି ବିଭିନ୍ନ କାର୍ଯ୍ୟର ସ୍ଥିତି ସମୀକ୍ଷା କରିବା ସହ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ସମୀକ୍ଷା ପରେ ପ୍ରଭାତୀ କହିଛନ୍ତି, ବାଲିଯାତ୍ରା ପଡିଆରେ ପ୍ରାୟ ୨୫ ହଜାର ଲୋକଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ଆୟୁଷ୍ମାନ୍ ଭାରତ ଯୋଜନାରେ ଦେଶର ସମସ୍ତ ହସ୍ପିଟାଲରେ ଲୋକମାନେ ଯେପରି ଚିକିତ୍ସା ସୁବିଧା ପାଇପାରିବେ, ସେଥିପାଇଁ ଲକ୍ଷ୍ୟ ରଖାଯାଇଛି। ଶୁଭାରମ୍ଭ କାର୍ଯ୍ୟକ୍ରମରେ ୧୫ରୁ ୨୦ ଜଣଙ୍କୁ ଏହି କାର୍ଡ ପ୍ରଦାନ କରାଯିବ। ପରେ ସମସ୍ତ ପିଏଚ୍‌ସି ଓ ସିଏଚ୍‌ସିରେ ଏହି କାର୍ଡ ବଣ୍ଟନ କରାଯିବ। ପୂର୍ବରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) କାର୍ଡ ଥିଲା, ହେଲେ ସେଥିରେ ଦୁର୍ନୀତି କରାଯାଉଥିଲା ; କିନ୍ତୁ ଏହି ଆୟୁଷ୍ମାନ୍ କାର୍ଡରେ କେବଳ ସେବା ଲୋକଙ୍କ ପାଖରେ ପହଞ୍ଚିବ। ଏଥିସହ ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କ ପାଇଁ ଅନ୍ୟ ବ୍ୟବସ୍ଥା ରହିଛି। ଆସନ୍ତା ୧ ମାସ ମଧ୍ୟରେ ସମସ୍ତ ଲୋକଙ୍କ ପାଖରେ ଏହି କାର୍ଡର ସୁବିଧା ପହଞ୍ଚିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ପ୍ରଭାତୀ କହିଛନ୍ତି।

ସେହିପରି କନକବର୍ଦ୍ଧନ ସିଂଦେଓ କହିଛନ୍ତି, କଟକ ବାଲିଯାତ୍ରା ପଡ଼ିଆରେ ଅପରାହ୍ନ ପ୍ରାୟ ୨ଟାରେ କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା ପହଞ୍ଚି ଆୟୁଷ୍ମାନ୍ ଭାରତ ଯୋଜନାର ଶୁଭାରମ୍ଭ କରିବେ। ଏହାପରେ ସେ ଶିଶୁଭବନ ନୂତନ କୋଠାକୁ ଉଦ୍‌ଘାଟନ କରିବେ। ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା ଓ ଦିଲ୍ଲୀରେ ଏହି କାର୍ଡ ଲାଗୁ କରାଯିବ। ଓଡ଼ିଶାର ସାଢ଼େ ୩ କୋଟି ଲୋକ ଏହି କାର୍ଡର ସୁବିଧା ପାଇବେ ବୋଲି ସିଂଦେଓ କହିଛନ୍ତି। ଏହି ସମୀକ୍ଷା କାର୍ଯ୍ୟକ୍ରମରେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।



ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଆୟୁଷ୍ମାନ୍ ଭାରତ ଯୋଜନାର ଉଦ୍‌ଘାଟନ କାର୍ଯ୍ୟକ୍ରମ ସମୀକ୍ଷା କରୁଛନ୍ତି।

# ସବୁ ସହବନ୍ଧିତ ହସ୍ପିଟାଲକୁ ସରକାରଙ୍କ ନିର୍ଦ୍ଦେଶ

## ନୂତନ ଆଇଟି ବ୍ୟବହାର ବେଳେ ଏସ୍‌ଓପିକୁ ଗୁରୁତ୍ୱ ଦିଅ

ଭୁବନେଶ୍ୱର,୧୦।୪(ରବିନାରାୟଣ ଜେନା)

ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ଲୋକେ ଯେପରି ଲାଭାନ୍ୱିତ ହୋଇପାରିବେ ଏବଂ ହସ୍ପିଟାଲରେ ସମସ୍ୟା ନ ହେବ ତାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚିବ ଅଶ୍ୱଥୀ ଏସ୍ ଏକ ସ୍ପଷ୍ଟ ନିର୍ଦ୍ଦେଶନାମା ସରକାରଙ୍କ ସହ ସହବନ୍ଧିତ ସବୁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଉଦ୍ଦେଶ୍ୟରେ ଦର୍ଶାଇଛନ୍ତି, ଏହି ହସ୍ପିଟାଲ ନୂତନ ଆଇଟି ପ୍ଲାଟଫର୍ମ ବ୍ୟବହାର କରିବେ। ରୋଗୀଙ୍କ ନୂତନ ସ୍ୱାସ୍ଥ୍ୟ କାର୍ଡ ଆଇଡି କିମ୍ବା ଆଧାର ନମ୍ବର, ରାଶନକାର୍ଡ ଓ ପୁରୁଣା ସ୍ୱାସ୍ଥ୍ୟ କାର୍ଡ ନମ୍ବରରୁ ଯେକୌଣସି ବିକଳ୍ପକୁ ନେଇପାରିବେ। ପୁରୁଣା ପୋର୍ଟାଲରେ ହିତାଧିକାରୀ ଯୋଗ୍ୟ ପ୍ରମାଣିତ ହେଲେ ଚିକିତ୍ସା କରାଇବେ। ନୂତନ ପୋର୍ଟାଲରେ ବୈଷୟିକ ସମସ୍ୟାର ସମ୍ମୁଖୀନ ହେଲେ ହସ୍ପିଟାଲ ନୂଆ ବ୍ୟବସ୍ଥାରେ ପଞ୍ଜୀକରଣ କରିପାରିବେ। ଆବଶ୍ୟକ ସ୍ଥଳେ 'ସାସ୍'କୁ ଇ-ମେଲ ଜରିଆରେ ସମ୍ପର୍କ ସ୍ଥାପନ କରିପାରିବେ ବୋଲି ସେ ଦର୍ଶାଇଛନ୍ତି।

## ରାୟ ଉତାରିଥିଲେ...

ପାଇଁ କିଛି ଭୁଲ୍ ନୁହେଁ। ତେବେ ପୂର୍ବରୁ ଦିଆଯାଇଥିବା ରାୟର ସମାନ ଅଂଶକୁ ଉତାରି ଏହାକୁ ତୃତୀୟ ରାୟରେ ସ୍ଥାନ ଦେବା ଏବଂ ସେଥିରେ ରହିଥିବା ପାର୍ଥକ୍ୟଗୁଡ଼ିକୁ ଆଦୌ ନ ବଦଳାଇବା ଭୁଲ୍ ବୋଲି ସୁପ୍ରିମକୋର୍ଟଙ୍କ କୋର୍ଟ ଅଫ୍ ଅପିଲ୍ ପକ୍ଷରୁ କୁହାଯାଇଛି। ଉକ୍ତ ରାୟକୁ ଦେଖିଲେ ଟ୍ରିବ୍ୟୁନାଲ ପୂର୍ବ ରାୟଗୁଡ଼ିକ ଦ୍ୱାରା ପ୍ରଭାବିତ ହୋଇଥାଇପାରନ୍ତି ବୋଲି ଯେକୌଣସି ସୁସ୍ଥ ମାନସିକ ପର୍ଯ୍ୟବେକ୍ଷକ ସନ୍ଦେହ କରିପାରେ ବୋଲି ଅଦାଲତ କହିଛନ୍ତି।

ବିବାଦଟି ଭାରତରେ ମାଲ୍ ପରିବହନ କରିଡର ପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ଆଇନଗତ ସଂସ୍ଥାକୁ ନେଇ ସୃଷ୍ଟି ହୋଇଥିଲା। ଏହି ଭିତ୍ତିଭୂମି ପ୍ରକଳ୍ପ ସହ ୩ଟି କମ୍ପାନୀର ଏକ କନ୍‌ସୋର୍ଟିୟମ୍ ସମ୍ପୃକ୍ତ ଥିଲେ। ସରକାରଙ୍କ ୨୦୧୭ର ଏକ ବିଜ୍ଞପ୍ତିରେ ସର୍ବନିମ୍ନ ମଜୁରି ବଢ଼ାଇଦିଆଯିବା ଅର୍ଥ କନ୍‌ସୋର୍ଟିୟମ୍ ସେମାନଙ୍କ କଣ୍ଟ୍ରାକ୍ଟ ଅଧୀନରେ ଅତିରିକ୍ତ ପ୍ରାପ୍ୟ ଦାବି କରିପାରିବ କି ବୋଲି ପ୍ରଶ୍ନ ଉଠିଥିଲା। ବୁଝାମଣା ବିଫଳ ହେବା ପରେ ୨୦୨୩ ନଭେମ୍ବରରେ ଉକ୍ତ ମାମଲା ସିଙ୍ଗାପୁରର ଆର୍ବିଟ୍ରେଶନକୁ ଯାଇଥିଲା, ଯେଉଁଠି ଜଷ୍ଟିସ୍ ଦୀପକ ମିଶ୍ରଙ୍କ ନେତୃତ୍ୱାଧୀନ ଟ୍ରିବ୍ୟୁନାଲ କନସୋର୍ଟିୟମ୍ ସପକ୍ଷରେ ରାୟ ଦେଇଥିଲେ। ପୂର୍ବତନ ସିଜେଆଇ ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଅନ୍ୟ ଟ୍ରିବ୍ୟୁନାଲର ରାୟକୁ ଉକ୍ତ ମାମଲାରେ କପି କରାଯାଇଥିବା ଅପିଲ୍‌ର ସିଙ୍ଗାପୁର ହାଇକୋର୍ଟରେ ଶୁଣାଣି ହୋଇଥିଲା। ତେବେ ପୂର୍ବ ରାୟଗୁଡ଼ିକ ସହ ଦୀପକ ମିଶ୍ରଙ୍କ ସହ ଆର୍ବିଟ୍ରେଟରମାନେ ସାମିଲ ନ ଥିଲେ। ପକ୍ଷମାନଙ୍କ ଯୁକ୍ତି ଏବଂ ଭୁଲ୍ ଚୁକ୍ତିଭିତ୍ତିକ ସର୍ତ୍ତ ଲାଗୁ କରିବା ତଥା ଆଇନଗତ ସିଦ୍ଧାନ୍ତର ନିରପେକ୍ଷ ଭାବେ ଅନୁଧ୍ୟାନ କରିବାରେ ଟ୍ରିବ୍ୟୁନାଲ ବିଫଳ ହୋଇଥିବାରୁ ଏହା ସ୍ୱାଭାବିକ ନ୍ୟାୟ ସିଦ୍ଧାନ୍ତର ଉଲ୍ଲଂଘନ ବୋଲି ହାଇକୋର୍ଟ ଜାଣିବାକୁ ପାଇଥିଲେ।

## ୧୨୮ ବର୍ଷ ପରେ...

ପୁରୁଷ ଓ ମହିଳାଙ୍କ ଇଭେଣ୍ଟ ଲାଗି ୯୦ ଲେଖାଏ ଆଥ୍‌ଲେଟ୍‌ଙ୍କ କୋଟା ପ୍ରଦାନ କରାଯାଇଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ରେ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ବାଂଲାଦେଶ, ଭାରତ, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ, ଜିମ୍ବାୱେ ଆଦି ୧୨ ସମ୍ପୂର୍ଣ୍ଣ ସଦସ୍ୟ ରହିଛନ୍ତି। ଏମାନଙ୍କ ବ୍ୟତୀତ ଆସୋସିଏଟ୍ ସଦସ୍ୟଙ୍କ ଗ୍ରୁପରେ ୯୪ ଦେଶ ରହିଛନ୍ତି। ୨୦୨୮ ଅଲିମ୍ପିକ୍ସର କ୍ରିକେଟ ଇଭେଣ୍ଟ ଲାଗି ଯୋଗ୍ୟତା ମାନଦଣ୍ଡ ସମ୍ପର୍କରେ କିଛି ସ୍ପଷ୍ଟ କରାଯାଇ ନାହିଁ। କିନ୍ତୁ ଆମେରିକା ଆୟୋଜକ ଦେଶ ହୋଇଥିବାରୁ ସିଧାସଳଖ ଇଭେଣ୍ଟରେ ଅଂଶଗ୍ରହଣ କରିବ। ଏହାର ଅର୍ଥ ଯୋଗ୍ୟତା ପର୍ଯ୍ୟାୟ ପ୍ରକ୍ରିୟାରୁ ୫ ଦଳ ମୁଖ୍ୟ ଇଭେଣ୍ଟରେ ପହଞ୍ଚିବେ। ଆଶା କରାଯାଉଛି ଯେ, ଏକ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଆଇସିସି ର‍୍ୟାଙ୍କିଙ୍ଗର ଟପ-୫ରେ ଥିବା ଦଳ ଯୋଗ୍ୟତା ହାସଲ କରିବେ।

କ୍ରିକେଟ ସମେତ ୫ଟି ନୂଆ ସ୍ପୋର୍ଟ୍ସ ଇଭେଣ୍ଟ ପରବର୍ତ୍ତୀ ଅଲିମ୍ପିକ୍ ଗେମ୍ସରେ ସ୍ଥାନ ପାଇବ। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ୨୦୨୩ରେ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରିବା ଲାଗି ମଞ୍ଜୁରୀ ଦେଇଥିଲା। କ୍ରିକେଟ ସହିତ ବେସ୍‌ବଲ/ସଫ୍ଟବଲ, ଫ୍ଲାଗ ଫୁଟବଲ, ଲାକରୋସେ (ସିକ୍ସେସ) ଓ ସ୍କ୍ୱାଶକୁ ମଞ୍ଜୁରୀ ମିଳିଥିଲା। ଆଇଓସିର କାର୍ଯ୍ୟନିର୍ବାହୀ ପରିଷଦ (ଇବି) ୨୦୨୮ ଅଲିମ୍ପିକ୍ସ ଲାଗି ଇଭେଣ୍ଟ ପ୍ରୋଗ୍ରାମ ଓ ଆଥଲେଟ୍ କୋଟାକୁ ମଞ୍ଜୁରୀ ଦେଇଛି। ୨୦୨୪ ପ୍ୟାରିସ ଅଲିମ୍ପିକ୍ସଠାରୁ ଲସ୍‌ଏଞ୍ଜେଲ୍ସ ସଂସ୍କରଣରେ ୨୮ଟି ଅଧିକ ପଦକ ଇଭେଣ୍ଟ ସାମିଲ କରାଯାଇଛି। ଆଇଓସି ରେକର୍ଡ ୩୫୧ ପଦକ ଇଭେଣ୍ଟ ଓ ୧୦,୫୦୦ ଆଥଲେଟ୍ କୋଟାକୁ ମଞ୍ଜୁରୀ ପ୍ରଦାନ କରିଛି। ୫ ଅତିରିକ୍ତ ସ୍ପୋର୍ଟ୍ସ ଇଭେଣ୍ଟ ଲାଗି ଅଧିକ ୬୯୮ କୋଟା ଦିଆଯାଇଛି। ଇତିହାସରେ ପ୍ରଥମ ଥର ପାଇଁ ସମସ୍ତ ଦଳଗତ ଇଭେଣ୍ଟର ଉଭୟ ପୁରୁଷ ଓ ମହିଳା ବିଭାଗରେ ସମାନ ସଂଖ୍ୟକ ଦଳ ଭାଗ ନେବେ।

## ଗାଁରେ ପାଣି ନାହିଁ...

ହୋଇ ରାତି ପାହିଲେ ମହିଳାମାନେ ଦେଢ଼ କି.ମି. ଦୂରରେ ଥିବା ଝରଣାକୁ ପାଣି ପାଇଁ ଯାଉଛନ୍ତି। ତେବେ ଏ ନେଇ ୧୦ ବର୍ଷ ତଳେ ମଧ୍ୟ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ଝରଣା ପାଣି ସଂଗ୍ରହ ପାଇଁ ପ୍ରଶାସନ ପକ୍ଷରୁ କୁଣ୍ଡ ନିର୍ମାଣ ସହ ପାଇପ୍ ଲଗାଯାଇଥିଲା। ଝରଣା ପାଖକୁ ଯିବାକୁ ହେଲେ ପ୍ରାୟ ୩୦ ଫୁଟ୍ ତଳକୁ ଯିବାକୁ ପଡୁଥିବାରୁ ପ୍ରଶାସନ ପକ୍ଷରୁ ୩୫ଟି ପାହାଚ କରାଯାଇଛି। ପାଣି ସଂଗ୍ରହ ପାଇଁ ପଥର ସନ୍ଧିରେ ୨ଟି ପାଇପ୍ ଲଗାଯାଇଛି। ଏଥିସହ ଅନ୍ତ୍ୟେଷ୍ଟିକ୍ରିୟା ସ୍ନାନ, ଶୌଚ ଆଦି ପାଇଁ ପ୍ରାୟ ୨କି.ମି. ଦୂର ସାନବାର୍ଲି କିମ୍ବା ନୂଆଗୁଡ଼ା ଗାଁ ପୋଖରୀକୁ ଯିବାକୁ ପଡୁଥିବା ଗ୍ରାମବାସୀ କହିଛନ୍ତି। ବାରମ୍ବାର ଏ ସମସ୍ୟା ସମ୍ପର୍କରେ ବ୍ଲକ ଓ ଜିଲା ପ୍ରଶାସନକୁ ଅବଗତ କରାଯିବା ପରେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ପ୍ରମାନନ୍ଦ ନାଗ କହିଛନ୍ତି। ଏହି ସମସ୍ୟା ପାଇଁ ଗାଁକୁ କେହି ଝିଅ ଦେବାକୁ ରାଜି ହେଉନାହାନ୍ତି। ଯଦି ଅନ୍ୟ ଗାଁ ଝିଅ ଏଠାକୁ ବାହା ହୋଇ ଆସୁଛନ୍ତି ଏହି ଅସୁବିଧା ଯୋଗୁ ଶାଶୁ ଘର ଛାଡ଼ି ବାପଘରକୁ ଚାଲିଯାଉଛନ୍ତି। ଗାଁର ରାଏସିଙ୍ଗ ନାୟକ କହିଛନ୍ତି, ସେ ଅନ୍ୟ ଗ୍ରାମର ଝିଅଙ୍କୁ ବାହା ହୋଇଥିଲେ। ତାଙ୍କର ପୁଅଟିଏ ମଧ୍ୟ ହେଲା। କିନ୍ତୁ ପାଣି ସମସ୍ୟାର ସମ୍ମୁଖୀନ ହୋଇ ୮ ମାସର ପୁଅ ଓ ପରିବାରକୁ ଛାଡ଼ି ସ୍ତ୍ରୀ ଚାଲିଯାଇଥିବା ରାଏସିଙ୍ଗ କହିଛନ୍ତି। ତୁରନ୍ତ ପାଣି ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏପରି ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସମୀର ହରିଜନଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ପାନୀୟଜଳ ଯୋଗାଣ ଅଧୀକ୍ଷଣ ଯନ୍ତ୍ରୀ ପ୍ରତୀକ କୁମାର ରାଉତଙ୍କୁ ପଚାରିବାରୁ ବଡ଼ବାର୍ଲି ଗ୍ରାମଟି ରେଡ୍ ଜୋନ୍‌ରେ ଥିବାବେଳେ ପାଣି ସମସ୍ୟା ରହିଥିବା ସେ ସ୍ୱୀକାର କରିଛନ୍ତି। ତେବେ ସେଠାରେ ମେଗା ପାନୀୟଜଳ ପ୍ରକଳ୍ପରେ ଗାଁକୁ ଜଳ ଯୋଗାଣ ଯୋଜନା ରହିଥିଲେ ମଧ୍ୟ ଜାତୀୟ ରାଜପଥ ବିଭାଗ ପାଇପ୍ ବିଛାଇବା ଲାଗି ଅନୁମତି ଦେଉ ନ ଥିବାରୁ ସମସ୍ୟା ହେଉଛି। ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇ ଜୁନ୍ ମାସ ସୁଦ୍ଧା ଗାଁର ପାନୀୟଜଳ ସମସ୍ୟା ଦୂର କରାଯିବ। ସେହିଭଳି ଖରାଦିନ ସାରା ଟ୍ୟାଙ୍କର ଯୋଗେ ଗ୍ରାମରେ ଜଳ ଯୋଗାଣ କରାଯାଇ ପାଣି ସମସ୍ୟା ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ୨୮ ଆଇଏଏସ୍...

ସମ୍ପଦ ବିକାଶ ବିଭାଗ ସ୍ୱତନ୍ତ୍ର ସଚିବ ରୀନା ମହାପାତ୍ରଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ, ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶକ ଡ. ମହେଶ୍ୱର ସାହୁ, ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ଶ୍ରୀକାନ୍ତ ତରାଇ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କୋରକୋରା, ଅନୁସୂଚିତ ଜାତି ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ, ଚକବନ୍ଦୀ ଓ ବନ୍ଦୋବସ୍ତ ଅତିରିକ୍ତ ଆୟୁକ୍ତ ଉପମା କାଲୋଙ୍କୁ ଆଏଏସ୍‌କୁ ପଦୋନ୍ନତି ପରେ ତାଙ୍କ ପଦରେ ପୁନଃ ଅବସ୍ଥାପିତ କରାଯାଇଥିବାବେଳେ ରାଜସ୍ୱ ବିଭାଗ ସ୍ୱତନ୍ତ୍ର ସଚିବ ଲିଲି କୁମାରୀ କୁଲୁଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ଦେବଗଡ଼ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ରିଭିଜନାଲ କୋର୍ଟ(ଭୁବନେଶ୍ୱର)ର ଅତିରିକ୍ତ ଆୟୁକ୍ତ ପ୍ରଦୀପ କୁମାର ନାୟକ, ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶ, ଆୟୁଷ ନିର୍ଦ୍ଦେଶକ ପ୍ରେମଜିତ୍ ନାୟକ, ଜଳସମ୍ପଦ ବିଭାଗ ସ୍ୱତନ୍ତ୍ର ସଚିବ ନରହରି ସେଠୀ, ପଛୁଆବର୍ଗ ନିର୍ଦ୍ଦେଶକ ଯୁଗଳେଶ୍ୱରୀ ଦାଶଙ୍କୁ ତାଙ୍କ ପଦରେ ପୁନଃ ଅବସ୍ଥାପିତ କରାଯାଇଛି।

ସେହିପରି ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ସ୍ୱତନ୍ତ୍ର ସଚିବ ମଧୁମିତା ରଥଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ ସହିତ ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ଦେବାଶିଷ ସିଂହଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ବୌଦ୍ଧ ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କୁ ଆଇଏଏସ୍‌କୁ ପଦୋନ୍ନତି ପରେ ପୁନଃ ଅବସ୍ଥାପିତ କରାଯାଇଛି। ଏହାସହିତ ସଂସଦୀୟ ବ୍ୟାପାର ବିଭାଗ ସ୍ୱତନ୍ତ୍ର ସଚିବ ପ୍ରତାପ କୁମାର ହୋତାଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ ଭାବେ ପୁନଃ ଅବସ୍ଥାପିତ କରାଯାଇଥିବାବେଳେ ଶକ୍ତି ବିଭାଗ ସ୍ୱତନ୍ତ୍ର ସଚିବ ନିବେଦିତା ମିଶ୍ରଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ଗ୍ରାମ୍ୟ ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ରେଗା ଗୀତାରାଣୀ ପଟ୍ଟନାୟକଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ଅବକାରୀ ବିଭାଗ ସ୍ୱତନ୍ତ୍ର ସଚିବ ଅର୍ଚ୍ଚନା ଦାସ ପଟ୍ଟନାୟକଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଅଞ୍ଜନା ପଣ୍ଡାଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ଗୃହବିଭାଗ ସ୍ୱତନ୍ତ୍ର ସଚିବ ନିବେଦିତା ପୃଷ୍ଟିଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ମହିଳା ଓ ଶିଶୁ ବିକାଶ ବିଭାଗ ସ୍ୱତନ୍ତ୍ର ସଚିବ ସ୍ୱୟଂ ପ୍ରଭା ମହାନ୍ତିଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ସୁଦାମ ଚରଣ ମଣ୍ଡଳଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ ଏବଂ ଗଣଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବ ଗିରିଶ ଚନ୍ଦ୍ର ସିଂହଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ ଭାବେ ପୁନଃ ଅବସ୍ଥାପିତ କରାଯାଇଛି।



ପରିବେଶର ସୁରକ୍ଷା ବାର୍ତ୍ତା ନେଇ ପଶ୍ଚିମବଙ୍ଗ ମୁର୍ଶିଦାବାଦରୁ ସାଇକେଲ ଯୋଗେ ବିଶ୍ୱଭ୍ରମଣରେ ବାହାରିଥିବା ପ୍ରସନ୍ନଜିତ୍ ଦାସ ଓରଫ ଜୋଜୋ ଦାଦା ଗୁରୁବାର 'ଧରିତ୍ରୀ' ମୁଖ୍ୟ କାର୍ଯ୍ୟାଳୟରେ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଅନ୍ୟମାନଙ୍କ ସହ ଏକ ବିଶେଷ ମୁହୂର୍ତ୍ତରେ। **(ଫଟୋ: ବିକାଶ ନାୟକ)**

# ସବୁଜ ବିଶ୍ୱ ପାଇଁ ସାଇକେଲରେ ୧୯୫ ଦେଶ ବୁଲିବେ ପ୍ରସନ୍ନଜିତ

**ଭୁବନେଶ୍ୱର, ୧୦।୪ (ବନ୍ଦନା ସେଠୀ)**

## ଓଡ଼ିଶାରେ ପହଞ୍ଚି ସଚେତନତା ବାର୍ତ୍ତା ଦେଲେ

ପଶ୍ଚିମବଙ୍ଗରୁ ସାଇକେଲ୍‌ରେ ବିଶ୍ୱ ଭ୍ରମଣରେ ବାହାରିଛନ୍ତି ପ୍ରସନ୍ନଜିତ୍ ଦାସ ଓରଫ ଜୋଜୋ ଦାଦା। ସବୁଜ ପରିବେଶ ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସାଇକେଲ ଚାଳନାକୁ ପ୍ରୋତ୍ସାହିତ କରିବା ଏହି ଯାତ୍ରାର ଲକ୍ଷ୍ୟ ରହିଥିବାବେଳେ ଏଥିପାଇଁ ଚାରା ରୋପଣ ଓ ରକ୍ତଦାନ ଲାଗି ସଚେତନତା ସୃଷ୍ଟି କରୁଛନ୍ତି ପ୍ରସନ୍ନଜିତ୍। ଇତିମଧ୍ୟରେ ସେ ୨୦ ରାଜ୍ୟ ଓ ୬ କେନ୍ଦ୍ର ଶାସିତ ଅଞ୍ଚଳ ବୁଲି ସାରିଲେଣି। ଓଡ଼ିଶାରେ ପହଞ୍ଚିବା ପରେ ଗୁରୁବାର ପ୍ରସନ୍ନଜିତ୍ 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ'ର କାର୍ଯ୍ୟାଳୟକୁ ଆସି ନିଜ ଅନୁଭୂତି ଏବଂ ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ପ୍ରସନ୍ନଜିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଶ୍ଚିମବଙ୍ଗ ମୁର୍ଶିଦାବାଦର ଲାଲ୍‌ଗୋଲା ଅଞ୍ଚଳର ମା' ନିଳିମା ଦାସ ଏବଂ ବାପା ବିଶ୍ୱଜିତ୍ ଦାସଙ୍କ ପୁଅ ହେଉଛନ୍ତି ପ୍ରସନ୍ନଜିତ୍। ପିଲାବେଳୁ ତାଙ୍କର ସାଇକେଲ୍ ଚାଳନା ପ୍ରତି ଅହେତୁକ ରୁଚି ଥିଲା। ତେବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରେ ଦିନେ ୨.୫ ଘଣ୍ଟା ମଧ୍ୟରେ ସେ ୪୦ କି.ମି. ବାଟ ସାଇକେଲ୍‌ରେ ଅତିକ୍ରମ କରିଥିଲେ। ଏହା ତାଙ୍କୁ ସାଇକେଲ୍ ଚାଳନା ପ୍ରତି ଅଧିକ ଆଗ୍ରହ ପ୍ରଦାନ କରିଥିଲା। ୨୬ବର୍ଷୀୟ ଏହି ଯୁବ ସାଇକେଲ୍ ଚାଳକ ୨୦୨୧ ଅଗଷ୍ଟ ୨୫ରେ ଲାଲ୍‌ଗୋଲାଠାରୁ ସାଇକେଲ୍ ଯାତ୍ରା ଆରମ୍ଭ କରିଥିଲେ। ମାତ୍ର ୨୨୮ଦିନ ମଧ୍ୟରେ ସେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ହିମାଚଳପ୍ରଦେଶ, ବିହାର, ଉତ୍ତରପ୍ରଦେଶ, ଲଦାଖ, କଶ୍ମୀର, ପଞ୍ଜାବ, ଦିଲ୍ଲୀ, ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, କେରଳ, ତାମିଲନାଡୁ, ତେଲେଙ୍ଗାନା, ମଧ୍ୟପ୍ରଦେଶ ଏବଂ ଓଡ଼ିଶା ସମେତ ୨୦ଟି ରାଜ୍ୟ ଓ ୬ଟି କେନ୍ଦ୍ର ଶାସିତ ଅଞ୍ଚଳ ସାଇକେଲ୍‌ରେ ଅତିକ୍ରମ କରିସାରିଛନ୍ତି। ବିଭିନ୍ନ ଏନ୍‌ଜିଓ ସଙ୍ଗଠନ ସହାୟତାରେ ଏହି ଯାତ୍ରା ସଫଳତାର ସହ ଚାଲିଛି ଓ ଆସନ୍ତା ୧୭ବର୍ଷ ମଧ୍ୟରେ ସାଇକେଲ୍‌ରେ ୧୯୫ଟି ଦେଶ ବୁଲିବାର ଯୋଜନା ରହିଥିବା ସେ କହିଛନ୍ତି। ପ୍ରସନ୍ନଜିତ୍‌ଙ୍କ ଏହି ସାଇକେଲ୍ ଅଭିଯାନକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ୭ ବିଭାଗଠାରୁ ଲୋଡ଼ିଲେ ସଂଶୋଧିତ ଆକାଂକ୍ଷୀ ରିପୋର୍ଟ

**ଭୁବନେଶ୍ୱର,୧୦।୪ (ରବିନାରାୟଣ ଜେନା)**

## ରାଜ୍ୟ ଷଷ୍ଠ ଅର୍ଥ ଆୟୋଗଙ୍କ ବିଭାଗୀୟ ସମୀକ୍ଷା

## ଆଜି ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ସମୀକ୍ଷା

ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି ଆସନ୍ତା ୨୦୨୬ରୁ ୨୦୩୧ ଆର୍ଥିକବର୍ଷ ପାଇଁ ବିଭିନ୍ନ ବିଭାଗ ପକ୍ଷରୁ କେନ୍ଦ୍ର ଅର୍ଥ ଆୟୋଗଙ୍କଠାରୁ କେତେ ଅର୍ଥ ଏବଂ କେଉଁ ବାବଦରେ ଆଶା କରାଯାଉଛି ସେନେଇ ରାଜ୍ୟ ଷଷ୍ଠ ଅର୍ଥ ଆୟୋଗଙ୍କ ପକ୍ଷରୁ ସମୀକ୍ଷା ବୈଠକ ଆରମ୍ଭ ହୋଇଛି। ରାଜ୍ୟ ଷଷ୍ଠ ଅର୍ଥ ଆୟୋଗ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଡ. ଅରୁଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ରାଜ୍ୟରେ ମୁଖ୍ୟତଃ ପଞ୍ଚାୟତିରାଜ ବ୍ୟବସ୍ଥା ଓ ସହରାଞ୍ଚଳକୁ ସୁଦୃଢ଼ୀକରଣ କରାଯିବା ସହିତ କୃଷି, ସୂଚନା ପ୍ରଯୁକ୍ତି ଭଳି ବିଭାଗକୁ ଅଧିକ ସଶକ୍ତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହି କ୍ରମରେ ସରକାରଙ୍କ କୃଷି, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ, ନଗର ଉନ୍ନୟନ, ଜଙ୍ଗଲ ଓ ପରିବେଶ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇସାରିଛି। ଆସନ୍ତା ଶୁକ୍ରବାର ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହେବାକୁ ରହିଛି। ଏସଂକ୍ରାନ୍ତରେ ଡ. ଅରୁଣ କହିଛନ୍ତି, ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି କେଉଁ ବିଭାଗ କେତେ ଟଙ୍କାର ପ୍ରସ୍ତାବ କେନ୍ଦ୍ର ଅର୍ଥ ଆୟୋଗଙ୍କୁ ଦେବାକୁ ଆଶା ରଖିଛନ୍ତି ତାହାର ଚିକିନିଖି ସମୀକ୍ଷା କରାଯାଉଛି। ସ୍ଥଳ ବିଶେଷରେ ପ୍ରସ୍ତାବଗୁଡ଼ିକୁ ସଂଶୋଧନ କରି ମାସକ ମଧ୍ୟରେ ଦେବାକୁ ବିଭାଗଗୁଡ଼ିକୁ କୁହାଯାଇଛି। ଆସନ୍ତା ମାସକ ମଧ୍ୟରେ ବିଭାଗଗୁଡ଼ିକର ସଂଶୋଧନ ପ୍ରସ୍ତାବ ଆସିବା ପରେ କେନ୍ଦ୍ର ଅର୍ଥ ଆୟୋଗଙ୍କ ନିକଟକୁ ମଞ୍ଜୁର ପାଇଁ ସୁପାରିସ କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, କେନ୍ଦ୍ର ଷୋଡ଼ଶ ଅର୍ଥ ଆୟୋଗ ଅଧ୍ୟକ୍ଷ ଅରବିନ୍ଦ ପାନଗାରିୟାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଫେବୃଆରୀ ୪ରେ ଓଡ଼ିଶା ଗସ୍ତରେ ଆସିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆସନ୍ତା ୫ବର୍ଷ ପାଇଁ କେନ୍ଦ୍ର ଅର୍ଥ ଆୟୋଗଙ୍କଠାରୁ ପ୍ରାୟ ୧୨.୫୬ଲକ୍ଷ କୋଟି ଟଙ୍କା ପାଇବା ପାଇଁ ଓଡ଼ିଶା ଆଶା ବାନ୍ଧିଛି। ସେଥିମଧ୍ୟରେ ରାଜସ୍ୱ ନିଅଣ୍ଟ ଭରଣା ପାଇଁ ୯ଲକ୍ଷ ୮୮ହଜାର ୪୨୨ କୋଟି ଟଙ୍କା ରହିଥିବାବେଳେ ରାଜ୍ୟର ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ ପାଇଁ ୧ଲକ୍ଷ ୧୦ହଜାର ୪୩୪ କୋଟି ଟଙ୍କା, ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଲୋକାଲ ବଡିମାନଙ୍କ ପାଇଁ ଅନୁଦାନ ବାବଦରେ ୧ଲକ୍ଷ ୩୬ କୋଟି ଟଙ୍କା, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ୩୧,୦୦୪ କୋଟି ଟଙ୍କା ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୨୯ହଜାର ୨୫୨ କୋଟି ଟଙ୍କା ଦାବି ରଖାଯାଇଛି ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ଅର୍ଥ ଆୟୋଗଙ୍କ ନିକଟରେ କେନ୍ଦ୍ର ସରକାରଙ୍କ ଟିକସ ଆୟର ୪୧%ରୁ ୫୦%କୁ ବୃଦ୍ଧି କରିବା ପାଇଁ ଦାବି କରାଯାଇଛି। ଏହାସହିତ କେନ୍ଦ୍ର ସରକାରଙ୍କ ଟିକସ ଆୟର ଯେଉଁ ଅଂଶ ରାଜ୍ୟଗୁଡ଼ିକୁ ବଣ୍ଟନ କରାଯାଏ, ତାହା ରାଜ୍ୟମାନଙ୍କ ମଧ୍ୟରେ ଏକ ନିର୍ଦ୍ଧାରିତ ସୂତ୍ର ଆଧାରରେ ବଣ୍ଟାଯାଏ, ଯେଉଁଥିରୁ ଓଡ଼ିଶା ୪.୫୨୮% ଭାଗ ପାଇଥାଏ। ଓଡ଼ିଶାର ଭାଗକୁ ୪.୯୬୪ %କୁ ବୃଦ୍ଧି କରିବା ସହିତ କେନ୍ଦ୍ର ଦ୍ୱାରା ଆକଳନ କରାଯାଇଥିବା ମୋଟ୍ ରାଜସ୍ୱ ପ୍ରାପ୍ତିର ୨ ପ୍ରତିଶତ ଗ୍ରାମୀଣ ଏବଂ ସହରାଞ୍ଚଳ ସ୍ଥାନୀୟ ନିକାୟ ସଂସ୍ଥା ପାଇଁ ଅନୁଦାନ ଦେବା ପାଇଁ ପ୍ରସ୍ତାବ ଦିଆଯାଇଛି। ଏହାଦ୍ୱାରା ଓଡ଼ିଶା ଗ୍ରାମୀଣ ଓ ସହରୀ ସ୍ଥାନୀୟ ନିକାୟ ସଂସ୍ଥାମାନେ କେନ୍ଦ୍ର ସରକାରଠାରୁ ଅଧିକ ଆର୍ଥିକ ଅନୁଦାନ ପାଇପାରିବେ । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ଦିଆଯାଉଥିବା ବାର୍ଷିକ ଅନୁଦାନର ୭୫ପ୍ରତିଶତ କେନ୍ଦ୍ର ସରକାର ବହନ କରେ ଏବଂ ଅବଶିଷ୍ଟ ୨୫ପ୍ରତିଶତ ରାଜ୍ୟ ସରକାର ବହନ କରିଥାଏ। ଏହାକୁ କେନ୍ଦ୍ର ସରକାର ୧୦୦ପ୍ରତିଶତ ବହନ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦାବି କରାଯାଇଥିଲା। ତେବେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ସମୀକ୍ଷା ପରେ ପ୍ରସ୍ତାବରେ କେତେ ସଂଶୋଧିତ ହେଉଛି ଏବଂ କେତେ ଅଧିକ ଅନୁଦାନ ଓଡ଼ିଶାକୁ ମିଳୁଛି ତାହା ଦେଖିବାର ରହିଛି।

# ଜାପାନ ଯିବେ ୩ ମେଧାବୀ ଛାତ୍ରୀଛାତ୍ର

**ଢେଙ୍କିକୋଟ,୧୦।୪ (ନୀଳମଣି ମଣ୍ଡଳ)**





ସମ୍ବିତ ମୁଣ୍ଡା, ଅନୁଷ୍କା ମହାପାତ୍ର ଓ ସାଇଶ୍ରୀ ଶୁଭସ୍ମିତା ସାହୁ

କେନ୍ଦୁଝର ଜିଲା ଢେଙ୍କିକୋଟ୍‌ରେ ଥିବା ଶିକ୍ଷାନୁଷ୍ଠାନ ଶ୍ରୀଗୁରୁକୁଳ ଇଂଲିଶ ମିଡିୟମ ସ୍କୁଲର ୩ ମେଧାବୀ ଛାତ୍ରୀଛାତ୍ର ଜାପାନ ଯିବେ। ସେମାନେ ହେଉଛନ୍ତି ୧୦ମ ଶ୍ରେଣୀର ଛାତ୍ରୀ ଅନୁଷ୍କା ମହାପାତ୍ର, ସାଇଶ୍ରୀ ଶୁଭସ୍ମିତା ସାହୁ ଓ ସମ୍ବିତ ମୁଣ୍ଡା। ଛାତ୍ରୀଛାତ୍ରମାନେ ଜାପାନର ଶିକ୍ଷା, ସଂସ୍କୃତି, ଆଧୁନିକ ପ୍ରଯୁକ୍ତି ବିଦ୍ୟା ଆଦି ସମ୍ପର୍କରେ ଜ୍ଞାନ ଆହରଣ କରିବେ। ଏ ନେଇ ଜାପାନ ସରକାରଙ୍କ ପକ୍ଷରୁ ନିମନ୍ତ୍ରଣ ମିଳିଛି। ଘଟଣା ପ୍ରଚାର ପରେ ଘଟଗାଁ ବ୍ଲକ୍ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ପ୍ରକାଶ ଯେ, ମେଟ୍ ଲର୍ନ ଇନ୍‌ସ୍ପାୟାର ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଆୟୋଜିତ ଇଣ୍ଡୋ-ଜାପାନ ଏକ୍ସଚେଞ୍ଜ କାର୍ଯ୍ୟକ୍ରମ ଅନୁଯାୟୀ ଗତବର୍ଷ ୨୦୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ରାଜ୍ୟର ୮ ଛାତ୍ରୀଛାତ୍ର ପରୀକ୍ଷାରେ ସଫଳତା ପାଇ ଜାପାନ ଯିବା ପାଇଁ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ କୁଡ଼ିପସା ପଞ୍ଚାୟତର ଆଦିବାସୀ ଛାତ୍ର ସମ୍ବିତ ମୁଣ୍ଡା, ଏବଂ ଅନୁଷ୍କା ମହାପାତ୍ର, ସାଇଶ୍ରୀ ଶୁଭସ୍ମିତା ସାହୁ ସ୍ଥାନ ପାଇଛନ୍ତି। ଏପ୍ରିଲ ୧୯ ତାରିଖରେ ସେମାନେ ଜାପାନ ଯିବେ ବୋଲି ଆୟୋଜକଙ୍କ ପକ୍ଷରୁ ବିଦ୍ୟାଳୟକୁ ପତ୍ର ମାଧ୍ୟମରେ ଜଣାଇଦିଆଯାଇଛି। ଛାତ୍ରୀଛାତ୍ରମାନେ ସେଠାକାର ଶିକ୍ଷା, ସଂସ୍କୃତି, ବିଜ୍ଞାନ, ଜ୍ଞାନ କୌଶଳ ସାଙ୍ଗକୁ ଆଧୁନିକ ପ୍ରଯୁକ୍ତି ସମ୍ପର୍କରେ ଜ୍ଞାନ ଆହରଣ କରିବେ। ଏଥି ନିମନ୍ତେ ଆବଶ୍ୟକ ସମସ୍ତ ଖର୍ଚ୍ଚ ଜାପାନ ସରକାର ବହନ କରିବେ ବୋଲି ଜଣାପଡ଼ିଛି। ଛାତ୍ରୀଛାତ୍ରମାନେ ଜାପାନରେ ମୋଟ ୭ଦିନ ରହିବାର ବ୍ୟବସ୍ଥା କରାଯାଇଥିବା କୁହାଯାଇଛି। ୭ଦିନ ମଧ୍ୟରେ ଜାପାନର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ନୂତନ ଦୃଷ୍ଟିକୋଣ ଓ ଅନ୍ତର୍ଜାତୀୟ ସ୍ତରରେ ନେତୃତ୍ୱ ନେବାର ଦକ୍ଷତା ସୃଷ୍ଟି କରିପାରିବେ ବୋଲି କୁହାଯାଇଛି।




# ସରକାର କ୍ରୀଡ଼ାକୁ ପ୍ରାଧାନ୍ୟ ଦେଉଛନ୍ତି: ମୁଖ୍ୟମନ୍ତ୍ରୀ

**କେନ୍ଦୁଝର,୧୦।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)**

## ୩୯ତମ ସବ୍ ଜୁନିୟର ବାଳକ ହ୍ୟାଣ୍ଡବଲ ଚାମ୍ପିୟନଶିପ

ରାଜ୍ୟ ସରକାର କ୍ରୀଡ଼ାକୁ ପ୍ରାଧାନ୍ୟ ଦେଉଛନ୍ତି। ଏ ନେଇ ପ୍ରତି ବ୍ଲକ୍‌ରେ ଖେଳପଡ଼ିଆ ଓ ପଞ୍ଚାୟତରେ ମିନି ଷ୍ଟାଡିୟମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିସହ ଇନ୍‌ଡୋର ଷ୍ଟାଡିୟମ ମଧ୍ୟ କରାଯିବ। ହ୍ୟାଣ୍ଡବଲ ସମେତ ଅନ୍ୟାନ୍ୟ କ୍ରୀଡ଼ାର ଉନ୍ନତି ପାଇଁ ସରକାର ସମସ୍ତ ପ୍ରୟାସ ଓ ସହଯୋଗ କରୁଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଦିନିକିଆ କେନ୍ଦୁଝର ଗସ୍ତ ଅବସରରେ କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମରେ ଚାଲିଥିବା ୩୯ତମ ସବ୍ ଜୁନିୟର ବାଳକ ହ୍ୟାଣ୍ଡବଲ ଚାମ୍ପିୟନଶିପର ତୃତୀୟ ଦିବସରେ ଯୋଗଦେଇ ଏଭଳି ମତବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ପହଞ୍ଚିବା ପରେ ସେଠାରୁ ହ୍ୟାଣ୍ଡବଲ ଷ୍ଟାଡିୟମରେ ଚାଲିଥିବା ୩୯ତମ ସବ୍ ଜୁନିୟର ବାଳକ ହ୍ୟାଣ୍ଡବଲ ଚାମ୍ପିୟନଶିପରେ ଯୋଗଦେଇଥିଲେ। ତାଙ୍କ ସହ ତେଲକୋଇ ବିଧାୟକ ଡା. ଫକିର ମୋହନ ନାଏକ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ଅଭିଭାଷଣରେ ହ୍ୟାଣ୍ଡବଲ ଖେଳ ପାଇଁ କେନ୍ଦୁଝର ପ୍ରସିଦ୍ଧ। ୧୯୮୦ରେ ପ୍ରଥମେ ଏଠାରେ ଜାତୀୟ ଜୁନିୟର ହ୍ୟାଣ୍ଡବଲ ପ୍ରତିଯୋଗିତା ହୋଇଥିଲା। ଦୀର୍ଘ ୪୫ ବର୍ଷ ପରେ ପୁଣି ଏଠାରେ ଜାତୀୟ ପ୍ରତିଯୋଗିତା ହେବାର ସୌଭାଗ୍ୟ ମିଳିଛି। ୨୪ଟି ରାଜ୍ୟର ୪୩୨ ଜଣ ଖେଳାଳି ଓ ୧୫୦ ଅଫିସିଆଲଙ୍କୁ ନେଇ ଅନୁଷ୍ଠିତ ପ୍ରତିଯୋଗିତା କେବଳ ଆମର ଯୁବ ଖେଳାଳିଙ୍କ ଅବିଶ୍ୱସନୀୟ ପ୍ରତିଭା ଏବଂ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁନାହିଁ। ଆମ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ଏବଂ ଶାରୀରିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ପାଇଁ ଆମର ସାମୂହିକ ପ୍ରତିବଦ୍ଧତାକୁ ମଧ୍ୟ ପ୍ରତିଫଳିତ କରୁଛି। କ୍ରୀଡାର ବିକାଶ ପାଇଁ ୫ ବର୍ଷ ମଧ୍ୟରେ ୪ ହଜାର ୧୨୪ କୋଟି ଟଙ୍କା ଖର୍ଚ୍ଚ କରାଯିବ। ୨୦୨୫-୨୬ରେ ବ୍ଲକ୍‌ସ୍ତରୀୟ ଷ୍ଟାଡ଼ିୟମର ବିକାଶ ପାଇଁ ୮୨୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ହ୍ୟାଣ୍ଡବଲ ଖେଳ ଆଜି ସମସ୍ତଙ୍କୁ ଏକାଠି କରିପାରିଛି। ଖେଳର ମୂଲ୍ୟବୋଧକୁ ବୁଝି ଆଗକୁ ବଢ଼ିବାକୁ ଆହ୍ୱାନ ଦେଇଥିଲେ। କେନ୍ଦୁଝରର ହ୍ୟାଣ୍ଡବଲ ପଡ଼ିଆ ଏସିଆ ମହାଦେଶର ପ୍ରଥମ ସିନ୍ଥେଟିକ ପଡ଼ିଆ। ଆମ ସରକାର ଖେଳ ସହ ରାଜ୍ୟର ବିକାଶ ପାଇଁ ଗୁରୁତ୍ୱ ଦେଉଛନ୍ତି। ହ୍ୟାଣ୍ଡବଲର ଉନ୍ନତି ସହ ଅନ୍ତର୍ଜାତୀୟ ସ୍ତରର ଖେଳାଳି ପ୍ରସ୍ତୁତ ପାଇଁ ଯାହା ଦରକାର ସରକାର ସହଯୋଗ କରିବେ ବୋଲି କହିଥିଲେ।



ମଞ୍ଚରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।




ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା- ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। -ଶ୍ରୀଅରବିନ୍ଦ

-ଶିବ ଓ ବିଷ୍ଣୁ ଦମନକ ଚତୁର୍ଦ୍ଦଶୀ





# ଚାଇନାରେ ବିବାହ ସଙ୍କଟ

ୟି ଫୁକ୍ସିଆନ

ଗତବର୍ଷ ଚାଇନାରେ ନୂଆ ବିବାହ ସଂଖ୍ୟା ଏକ ପଞ୍ଚମାଂଶ ହ୍ରାସ ପାଇଥିଲା। ଫଳରେ ୨୦୨୪ରେ ଥିବା ଜନ୍ମସଂଖ୍ୟା ୯.୫୪ ମିଲିୟନ ତୁଳନାରେ ୨୦୨୫ରେ ୭.୩ରୁ ୭.୮ ମିଲିୟନକୁ ଖସି ଆସିବାର ସମ୍ଭାବନା ଦେଖାଯାଇଛି। ବିଶ୍ୱ ଜନସଂଖ୍ୟାରେ ଚାଇନାର ଅଂଶ ୧୭.୨ ପ୍ରତିଶତ। କିନ୍ତୁ ଏଭଳି ସ୍ଥିତି ଯୋଗୁ ନାଇଜେରିଆ ତୁଳନାରେ ଏହାର ଜନ୍ମହାର ୬ ପ୍ରତିଶତ କମ୍ ରହିବ ବୋଲି ଆକଳନ କରାଯାଇଛି। ତେବେ ଚାଇନାର ଫର୍ଟିଲିଟି ରେଟ୍ ବା ହାର (ପିଲାଜନ୍ମ କରିବା ବୟସ ମଧ୍ୟରେ ଜଣେ ମହିଳା ଜନ୍ମ ଦେଉଥିବା ହାରାହାରି ସନ୍ତାନ ସଂଖ୍ୟା)୨୦୨୫ରେ ମହିଳା ପିଛା ୦.୯ ପ୍ରତିଶତ ହାସ ପାଇବ ବୋଲି ଅନୁମାନ କରାଯାଉଛି। ଏହି ଜନସାଂଖ୍ୟିକ ବାସ୍ତବତା ଅତ୍ୟନ୍ତ ଚିନ୍ତାଜନକ। ଏଥିପାଇଁ ଚଳିତ ମାସ ପ୍ରାରମ୍ଭରେ ଚାଇନିଜ ପ୍ରିମିୟର ଲି କ୍ୱିଆଙ୍ଗ ଘୋଷଣା କରିଥିଲେ, ଜନ୍ମହାର ବୃଦ୍ଧି କରିବା ପାଇଁ ସରକାର ନୂଆ ନୀତି ଲାଗୁ କରିବେ। କିନ୍ତୁ ବିବାହ ସଙ୍କଟ ଏହି ପଦକ୍ଷେପର ଗୁରୁତ୍ୱକୁ ସମ୍ପୂର୍ଣ୍ଣ କମାଇଦେବ। ୨୦୧୩ରେ ୧୩.୪୭ ମିଲିୟନ ଦମ୍ପତି ବିବାହ ବନ୍ଧନରେ ବାନ୍ଧିହୋଇଥିବା ବେଳେ ୨୦୨୪ରେ ହ୍ରାସ ପାଇ ଏହା ୬.୧୧ ମିଲିୟନରେ ପହଞ୍ଚିଛି। ସେହିଭଳି ଏହି ସମୟ ମଧ୍ୟରେ ସାମଗ୍ରିକ ବିବାହ ହାର (୧୦୦୦ ଲୋକରେ) ତାଇୱାନର ୫.୪ ଏବଂ ଆମେରିକାର ୬.୧(୨୦୨୩) ଥିଲାବେଳେ ଚାଇନାର ୯.୯ରୁ ୪.୩କୁ ଖସି ଆସିଥିଲା।

ବାସ୍ତବରେ କାହିଁକି ଏଭଳି ଘଟୁଛି? ଦୁର୍ଭାଗ୍ୟଜନକ ଯେ, ଏହା ଚାଇନାର ନେତୃତ୍ୱ ଯୋଗୁ ହେଉଛି। ଏହା ପଛରେ ଗୋଟିଏ ନୁହେଁ ଅନେକ କାରଣ ରହିଛି। ଉଲ୍ଲେଖନୀୟ କାରଣ ଗୁଡ଼ିକ ମଧ୍ୟରେ ରହିଛି ଚାଇନାର ଗର୍ଭଧାରଣ ଓ ସନ୍ତାନ ଜନ୍ମ କରିବା ବୟସର ମହିଳାଙ୍କ



ସଂଖ୍ୟା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। ଏହା ବାଦ୍ ଅନ୍ୟ କାରଣଗୁଡ଼ିକ ହେଉଛି ଜୀବନଶୈଳୀରେ ପରିବର୍ତ୍ତନ, ଦୀର୍ଘଦିନର ଏକ ସନ୍ତାନ ନୀତି(ଏବେ ରଦ୍ଦ କରାଯାଇଛି), ଲଗାତର ଅତ୍ୟଧିକ ସଂଖ୍ୟାରେ ପୁରୁଷ ବାହାରକୁ ଯିବା ଏବଂ ଅଧିକ ଯୁବ ବେରୋଜଗାର ହେବା।

ଚାଇନାର ୨୦୨୦ ଜନଗଣନା ଅନୁଯାୟୀ, ୨୦-୩୦ ବର୍ଷ ବୟସ ମଧ୍ୟରେ ମହିଳାମାନେ ୬୧ ପ୍ରତିଶତ ସନ୍ତାନଙ୍କୁ ଜନ୍ମ ଦେଇଛନ୍ତି। କିନ୍ତୁ ଏହି ବୟସ ବର୍ଗର ମହିଳାଙ୍କ ସଂଖ୍ୟା ୨୦୧୨ରେ ୧୧୧ ମିଲିୟନ ଥିବାବେଳେ ଏହା ହ୍ରାସ ପାଇ ୨୦୨୪ରେ ୭୩ ମିଲିୟନ ହୋଇଛି ଏବଂ ୨୦୫୦ରେ ଏହା ୩୭ ମିଲିୟନରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଏପରି କି ଜନ୍ମ ହାର ଲଗାତର ଦ୍ରୁତ ଗତିରେ କମିବ। ଅନେକ ଦଶନ୍ଧି ଧରି ଚାଇନାରେ କନ୍ୟାଭ୍ରୂଣ ଠାବ କରି ଗର୍ଭପାତ କରାଯିବା ଯୋଗୁ ବିବାହ ପାଇଁ କନ୍ୟାଙ୍କ ଅଭାବ ଦେଖାଯାଇଛି ଏବଂ ବ୍ରାଇଡ ପ୍ରାଇସ ଯଥେଷ୍ଟ ବୃଦ୍ଧି ପାଇଛି, ଅର୍ଥାତ୍ ବର ପକ୍ଷ କନ୍ୟାକୁ ଅଧିକ ଅର୍ଥ ଦେବାକୁ ପଡୁଛି। ଚାଇନାରେ ଅନେକ ମହିଳା ଅବିବାହିତ ରହିଛନ୍ତି। କାରଣ ଗୋଟିଏ କନ୍ୟା ସନ୍ତାନ ଥିବା ଅନେକ ଅଭିଭାବକ ସେମାନଙ୍କ ବିବାହ ଅପେକ୍ଷା ଶିକ୍ଷା ଓ ଆର୍ଥିକ ସ୍ୱାଧୀନତା ଉପରେ ଗୁରୁତ୍ୱ ଦେଉଛନ୍ତି। ତୁଳନାତ୍ମକ ଭାବେ ଦେଖିବାକୁ ଗଲେ ୨୦୦୦ରେ ଚାଇନାରେ ୨୫-୨୯ ବର୍ଷ ବୟସ ମଧ୍ୟରେ ଅବିବାହିତ ମହିଳାଙ୍କ ସଂଖ୍ୟା ୯ ପ୍ରତିଶତ ବୃଦ୍ଧି ଘଟିଥିଲାବେଳେ ୨୦୨୦ରେ ଏହା ୩୩ ପ୍ରତିଶତ ଏବଂ ୨୦୨୩ରେ ୪୩ ପ୍ରତିଶତ ବଢ଼ିଛି ଏବଂ ଏହି ଧାରା ଆଗକୁ ଜାରି ରହିବ ବୋଲି କୁହାଯାଉଛି।

୧୯୮୦ରେ ଚାଇନା ଲାଗୁ କରିଥିବା ଏକ ସନ୍ତାନ ନୀତି ବିବାହରେ ବାଧା ଦେବା ସହ ଛାଡ଼ପତ୍ର ବା ବିବାହ ବିଚ୍ଛେଦର ପଥ ସୁଗମ କରିଛି, ଯାହା ବିବାହ ସଙ୍କଟକୁ ଗମ୍ଭୀର କରିଦେଇଛି। ୧୯୮୦ରେ ୧୦୦୦ ଲୋକରେ ଛାଡ଼ପତ୍ର ହାର ୦.୩ ପ୍ରତିଶତ ଥିଲାବେଳେ ୨୦୧୯ରେ ଏହା ୩.୪କୁ ବୃଦ୍ଧି ପାଇଥିଲା। ବ୍ରିଟେନ ଓ ଫ୍ରାନ୍ସକୁ ଅନୁସରଣ କରି ଛାଡ଼ପତ୍ର ପାଇଁ ୩୦ ଦିନର କୁଲିଂ ଅଫ୍ ପିରିୟଡ ଲାଗି ୨୦୨୧ରେ ଚାଇନା ନୂଆ ନାଗରିକ ସଂହିତା ଲାଗୁ କରିଥିଲା ଏବଂ ଏହା ୧୦୦୦ ଜଣରେ ଛାଡ଼ପତ୍ର ହାର ଦୁଇ ପ୍ରତିଶତକୁ ହ୍ରାସ ପାଇଥିଲା। କିନ୍ତୁ ୨୦୨୩ରେ ଏହା ପୁନର୍ବାର ୨.୬ ପ୍ରତିଶତ ବୃଦ୍ଧି ଘଟିଥିଲା। ଚାଇନାର ୩୦ ବର୍ଷ ବୟସ ମଧ୍ୟରେ ଜଣେ ମହିଳାଙ୍କର ୧୦ ପ୍ରତିଶତ ଗର୍ଭପାତ ଆଶଙ୍କା ରହିଥିବାବେଳେ ୩୫ ବୟସରେ ଏହା ୨୦% , ୪୦ବର୍ଷରେ ୩୩-୪୦% ଏବଂ ୪୫ ବର୍ଷରେ ଏହା ୫୭-୮୦% । ଏଣୁ ମା'ର ବୟସ ବୃଦ୍ଧି ଅନୁଯାୟୀ ଗର୍ଭଧାରଣରେ ଜନ୍ମଗତ ବିକୃତ ସନ୍ତାନଙ୍କ ସଂଖ୍ୟା ବୃଦ୍ଧିର ସମ୍ଭାବନା ରହିଛି। ୨୦ ବର୍ଷ ବୟସରେ ୨୦୦୦ ଜଣରେ ଜଣେ ଏଭଳି ସନ୍ତାନ ଗର୍ଭରେ ରହିବାର ଆଶଙ୍କା ରହୁଥିବାବେଳେ ଏହା ବୃଦ୍ଧି ପାଇ ୩୫ ବର୍ଷରେ ୩୫୦ ହେବା ଏବଂ ୪୫ ବର୍ଷ ବୟସରେ ୩୦ ଜଣରେ ଜଣେ ଏଭଳି ସନ୍ତାନର ସମ୍ଭାବନା ରହିଛି ।

୨୦୨୧ରେ ଆମେରିକା ଓ ମେକ୍ସିକୋରେ ପ୍ରଥମ ସନ୍ତାନ ଜନ୍ମ ଦେବାର ହାରାହାରି ବୟସ ଥିଲା ୨୭ ଏବଂ ଭାରତରେ ଏହା ଥିଲା ୨୧। ତୁଳନାତ୍ମକ ଭାବେ ଚାଇନାର ପ୍ରଥମ ସନ୍ତାନ ଜନ୍ମ ଦେବାରେ ହାରାହାରି ବୟସ ୨୦୦୦ରେ ୨୫ ଥିଲା ଓ ଏହା ୨୦୨୦ରେ ୨୮କୁ ବୃଦ୍ଧି ପାଇଥିଲା ଏବଂ ଚଳିତବର୍ଷ ବଢ଼ିଥିବା ଅନୁମାନ କରାଯାଉଛି। ସବୁଠୁ ଖରାପ ହେଉଛି, ଚାଇନାରେ ସାମଗ୍ରିକ ଫର୍ଟିଲିଟି ହାର ୧୯୭୦ ଦଶନ୍ଧିରେ ୧.୨% ଥିଲା ଓ ୨୦୨୦ରେ ୧୮% ହୋଇଛି। ଅଧିକରୁ ଅଧିକ ମହିଳାଙ୍କର ବିବାହ ପରେ କିମ୍ବା ପ୍ରଥମ ସନ୍ତାନ ପରେ ଗର୍ଭଧାରଣ କ୍ଷମତା କମୁଛି।

ପାରମ୍ପରିକ ଭାବେ ଦାର୍ଶନିକ କନ୍‌ଫୁସିୟସଙ୍କ ବିଚାରଧାରାରେ ଅଧିକ ବିଶ୍ୱାସ ଥିବା ଅଞ୍ଚଳରେ ଫର୍ଟିଲିଟି ହାର ବିଶ୍ୱରେ ସବୁଠୁ କମ୍ । କାରଣ ସେମାନେ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଉଥିବାବେଳେ ବିବାହ ଓ ସନ୍ତାନ ଜନ୍ମକୁ କମ୍ ଗୁରୁତ୍ୱ ଦେଇଥାନ୍ତି। ଏହିସବୁ ଅଞ୍ଚଳରେ ସାମଗ୍ରିକ ଭାବେ ସବୁଠୁ ବେଶି ଅବିବାହିତ ଲୋକ ଅଛନ୍ତି। ଇତିହାସର ତଥ୍ୟରୁ ଜଣାପଡ଼େ , ମା'ମାନଙ୍କର ପ୍ରଥମ ସନ୍ତାନ ଜନ୍ମ କରିବାର ହାରାହାରି ବୟସ ୨୮ରୁ ଅଧିକ ହୋଇଥିଲେ ସେ କ୍ଷେତ୍ରରେ ଫର୍ଟିଲିଟି ହାର ୧.୫% ବୃଦ୍ଧି କରିବା ଅସମ୍ଭବ। ଅନ୍ତର୍ଜାତୀୟ ସ୍ତରରେ ଆଇନତଃ ସର୍ବନିମ୍ନ ବିବାହ ବୟସ ୧୬ ରୁ ୧୮ ବର୍ଷ ମଧ୍ୟରେ ରହିଛି। କିନ୍ତୁ ଚାଇନା ୧୯୮୦ରେ ଏହାକୁ ପୁରୁଷଙ୍କ ପାଇଁ ୨୨ ଓ ମହିଳାଙ୍କ ପାଇଁ ୨୦ ବର୍ଷକୁ ବୃଦ୍ଧି କରିଥିଲା। ସେମାନେ ଏହି ବୟସ ସହ ଏମିତି ଅଭ୍ୟସ୍ତ ହୋଇଯାଇଛନ୍ତି ଯେ, ବିବାହ ବୟସ ଏବେ ୧୮କୁ ହ୍ରାସ କଲେ ଫର୍ଟିଲିଟି ହାର ବୃଦ୍ଧିକରିବା କଷ୍ଟକର।

ବିବାହ ଓ ଗର୍ଭଧାରଣରେ ବିଳମ୍ବ ସହ ଅବିବାହିତ ଲୋକଙ୍କ ସଂଖ୍ୟାରେ ବୃଦ୍ଧି ମୁଖ୍ୟତଃ ପ୍ରଜ୍ଞାଗତ ଲାଭ ଓ ନୂଆ ଗୁଣବତ୍ତା ଉତ୍ପାଦକତା ଶକ୍ତି ଅନୁସନ୍ଧାନରେ ଗ୍ରହଣ କରାଯାଉଥିବା ସରକାରୀ ନୀତି ଯୋଗୁ ହେଉଛି। ଚାଇନା ସରକାର ଏହାର ଆର୍ଥିକ ମହତ୍ତ୍ୱାକାଂକ୍ଷା ଏବଂ ଜନସାଂଖ୍ୟିକ ବାସ୍ତବତା ମଧ୍ୟରେ ଥିବା ବିରୋଧାଭାସକୁ ଦୂର କରିପାରିବ ତ? ଏହାର ଅତୀତର ରେକର୍ଡକୁ ଦେଖିଲେ କେହି ବି ଏହା ଉପରେ ଗ୍ୟାରେଣ୍ଟି ଦେବା କଷ୍ଟକର।

**ବରିଷ୍ଠ ବୈଜ୍ଞାନିକ, ୱିସ୍କନସିନ ମାଡିସନ ବିଶ୍ୱବିଦ୍ୟାଳୟ**



# ଆୟୁଷ୍ମାନ୍ ସ୍ୱପ୍ନ ଏବେ ସାକାର

## ସାଢ଼େ ୩ କୋଟି ଓଡ଼ିଶାବାସୀଙ୍କୁ ମାଗଣା ସ୍ୱାସ୍ଥ୍ୟସେବା

ମୋହନ ଚରଣ ମାଝୀ

କଥା ଦେଇଥିଲୁ। କଥା ରଖିଲୁ। ସାରା ରାଜ୍ୟବାସୀ ଆଜି ଖୁସି। ବିଶେଷ ଭାବରେ କାମଧନ୍ଦା ଅନ୍ୱେଷଣରେ ପେଟପାଟଣା ପାଇଁ ବିଭିନ୍ନ ରାଜ୍ୟରେ ପ୍ରବାସୀ ଶ୍ରମିକ ଭାବେ କାମ କରୁଥିବା ଲକ୍ଷ ଲକ୍ଷ ଭାଇଭଉଣୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ମୁହଁରେ ହସ ଓ ହୃଦୟରେ ଆନନ୍ଦ ଭରିଯାଇଛି।

ଆଜିଠାରୁ ଓଡ଼ିଶାରେ ଆୟୁଷ୍ମାନ୍ ଭାରତର ଲାଗୁ। ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା। ଆୟୁଷ୍ମାନ୍ ବୟୋବନ୍ଦନା ଯୋଜନାର ସୁଫଳ ଆଜିଠାରୁ ମୋର ପ୍ରିୟ ଓଡ଼ିଆ ଭାଇଭଉଣୀମାନଙ୍କୁ ଉପଲବ୍ଧ ହେବା କାରଣରୁ ମୁଁ ବି ବିଶେଷ ଆନନ୍ଦିତ। ଭାରତର ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜଗତ ପ୍ରକାଶ ନଡ୍ଡାଙ୍କ କରକମଳରେ କଟକର ଐତିହାସିକ ବାଲିଯାତ୍ରା ପଡ଼ିଆରେ ଏହାର ଲୋକାର୍ପଣ ହେବ।

ରାଜ୍ୟରେ ୧.୦୩ କୋଟିରୁ ଊର୍ଦ୍ଧ୍ୱ ପରିବାରର ୩.୪୬ କୋଟି ଲୋକଙ୍କ ପାଇଁ ଏହି ଯୋଜନା ସମର୍ପିତ। ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମିଳିବ ଯୋଜନାର କାର୍ଡ। ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଓ ମହିଳା ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ମିଳିବ।

ଆୟୁଷ୍ମାନ୍ ବୟୋବନ୍ଦନା ଯୋଜନାରେ ୭୦ ବର୍ଷ କିମ୍ବା ୭୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ମିଳିବ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ବରିଷ୍ଠ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ସହାୟତା।

ଦେଶର ସବୁ ରାଜ୍ୟର ୨୯ ହଜାରରୁ ଊର୍ଦ୍ଧ୍ୱ ସରକାରୀ ଓ ପଞ୍ଜୀକୃତ ଘରୋଇ ଚିକିତ୍ସାଳୟରେ ଏହି କାର୍ଡ ଦେଖାଇଲେ ମିଳିବ ମାଗଣା ସ୍ୱାସ୍ଥ୍ୟସେବା।

ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ଓଡ଼ିଶାର ଜନସାଧାରଣଙ୍କୁ ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାରର ଉପହାର। ଏହି ଅବସରରେ ଓଡ଼ିଶାର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଉଛି।

ପୂର୍ବରୁ ରାଜନୈତିକ ଅଭିସନ୍ଧି ରଖି ବିଜେଡି ସରକାର ଏହି ଆୟୁଷ୍ମାନ ଯୋଜନାକୁ ରାଜ୍ୟରେ ଲାଗୁ କରୁ ନ ଥିଲେ। କିନ୍ତୁ ବିଜେପି ସରକାର ଗଠନ ହେବା ପରେ ଆମେ ଆମର ସଂକଳ୍ପପତ୍ରରେ କହିଥିବା ଗୋଟି ଗୋଟି କଥାକୁ ପୂରଣ କରିବାକୁ ବଦ୍ଧପରିକର। ପ୍ରତିଶ୍ରୁତିର ସଠିକ୍ କ୍ରିୟାନ୍ୱୟନ ହିଁ ଡବଲ ଇଞ୍ଜିନ ସରକାରର ପ୍ରତିବଦ୍ଧତା।

ଜଣେ ରାଜନୈତିକ କର୍ମୀଭାବରେ ଓଡ଼ିଶାରେ ମୋଦିଙ୍କ ଆୟୁଷ୍ମାନ୍ ଭାରତ ଲାଗୁକରିବା ପାଇଁ ଅନେକ ସମୟରେ ସହକର୍ମୀମାନଙ୍କ ସହ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଥିଲୁ। ଗତ ବିଜେଡି ସରକାରରେ ଆୟୁଷ୍ମାନ୍ ଭାରତ ଲାଗୁ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଅନେକ ଥର ଅନୁରୋଧ ଓ ଦାବି କରିଥିଲୁ।

ମୋର ସ୍ପଷ୍ଟ ମନେଅଛି ଆଜି ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ଏହି ଯୋଜନାର ଯିଏ ଉଦ୍‌ଘାଟକ ସେ ପୂର୍ବରୁ ଦେଶର ସ୍ୱାସ୍ଥ୍ୟମନ୍ତ୍ରୀ ଭାବରେ ଏବଂ ବିଜେପିର ରାଷ୍ଟ୍ରୀୟ ସଭାପତି ଭାବରେ ଏହି ଯୋଜନାକୁ ଓଡ଼ିଶାରେ ଲାଗୁକରିବା ପାଇଁ ବାରମ୍ବାର ଅନୁରୋଧ ଓ ଦାବି କରିଥିଲେ। ତାଙ୍କରି କରକମଳରେ ଆଜି ଓଡ଼ିଶାରେ ଏହି ଯୁଗାନ୍ତକାରୀ ଯୋଜନାର ଶୁଭାରମ୍ଭ ହେବା ଅବସରରେ ଆମେ ସମସ୍ତେ ଆନନ୍ଦିତ।

ନଡ୍ଡା ଜୀଙ୍କ ସହ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହା ବାରମ୍ବାର ଓଡ଼ିଶାରେ ଆୟୁଷ୍ମାନ୍ ଭାରତ ଲାଗୁ କରିବା ପାଇଁ ତତ୍କାଳୀନ ରାଜ୍ୟ ସରକାରଙ୍କୁ ବାରମ୍ବାର ଅନୁରୋଧ କରିଥିଲେ। ରାଜନୈତିକ କାର୍ଯ୍ୟକର୍ତ୍ତା ଭାବରେ ଆମର ପ୍ରାଥମିକତା ଗରିବ ଲୋକଙ୍କୁ ସୁବିଧା ମିଳୁ। ମୋଦିଙ୍କ ଏପରି ଜନକଲ୍ୟାଣକାରୀ ଯୋଜନା କ୍ରିୟାନ୍ୱୟନ ନ କରାଇ ଦେବା ପଛରେ ତତ୍କାଳୀନ ସରକାରର ଗୋଟିଏ ହୀନ ପ୍ରୟାସ ଥିଲା। ଗରିବ ଓଡ଼ିଆ ଲୋକଙ୍କୁ ପଛେ ଲାଭ ନ ମିଳୁ କିନ୍ତୁ ଶ୍ରେୟ ନରେନ୍ଦ୍ର ମୋଦି ନ ନିଅନ୍ତୁ। ଓଡ଼ିଆ ଲୋକ ସେମାନଙ୍କର ଅସଲ ଉଦ୍ଦେଶ୍ୟ ବୁଝିଲେ। ଲୋକଙ୍କ ଦୁଃଖ ନ ବୁଝୁଥିବା, ରାଜନୈତିକ ସ୍ୱାର୍ଥ ପାଇଁ ରାଜ୍ୟର ଗରିବଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଉଥିବା ସରକାରକୁ ପରିବର୍ତ୍ତନ କରି ରଖିଦେଲେ।

ସଂଘୀୟ ବ୍ୟବସ୍ଥାରେ ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦାୟିତ୍ୱ। ସମସ୍ତଙ୍କୁ ବିନା ଆର୍ଥିକ ଅସୁବିଧାରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାରତ ସରକାର ୨୩ ସେପ୍ଟେମ୍ବର ୨୦୧୮ ତାରିଖରେ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା(ଏବି-ପିଏମ୍‌ଜେଏୱାଇ) ଆରମ୍ଭ କରିଥିଲେ। ଏହି ଯୋଜନାର ଲକ୍ଷ୍ୟ ଥିଲା ଗୋଟିଏ ଏବଂ ତାହା ହେଉଛି ଗରିବଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା।

ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ (ଏନ୍‌ଏଚ୍‌ଏ) ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ପ୍ରମୁଖ ଯୋଜନା ଦ୍ୱାରା ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଚିକିତ୍ସା ଖର୍ଚ୍ଚ ସହାୟତା ପ୍ରତି ପରିବାରକୁ ଯୋଗାଇଦେବା ଥିଲା ମହତ୍ତ୍ୱାକାଂକ୍ଷୀ ଉଦ୍ଦେଶ୍ୟ।

ଆୟୁଷ୍ମାନ୍ ଭାରତ ହେଉଛି ବିଶ୍ୱର ସର୍ବବୃହତ୍ ସାର୍ବଜନୀନ ଅନୁଦାନପ୍ରାପ୍ତ ସ୍ୱାସ୍ଥ୍ୟ ବୀମା ଯୋଜନା ଯାହା ୧୨.୩୪ କୋଟି ପରିବାରର ୫୫ କୋଟି ଲୋକଙ୍କୁ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ପ୍ରଦାନ କରୁଛି।

ନିକଟରେ ୨୦୨୪ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଅଧୀନରେ ୭୦ ବର୍ଷରୁ ଅଧିକ ବୟସର ସମସ୍ତ ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟ ବୀମା ପ୍ରଦାନକୁ ସ୍ୱୀକୃତି ମିଳିଛି, ଯାହା ଏକ ଐତିହାସିକ ନିଷ୍ପତ୍ତି।

ପୂର୍ବ ବିଜେଡି ସରକାର ମୋଦି ସରକାରଙ୍କ ଆୟୁଷ୍ମାନ୍ ଯୋଜନା କାର୍ଯ୍ୟକାରୀ ନ କରି ଗରିବଙ୍କୁ ପ୍ରତାରଣା କରୁଥିଲେ ଏବଂ ନିଜର ପ୍ରଚାର ପାଇଁ ଶସ୍ତା ରାଜନୀତି କରିବାକୁ ମଧ୍ୟ ପଛାଉ ନ ଥିଲେ, ଯାହା ବିଡ଼ମ୍ବନାର ବିଷୟ ଥିଲା। ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଭୟରେ ରାଜ୍ୟ ସରକାର ଓ ଗରିବ ପରିବାରକୁ ଆୟୁଷ୍ମାନ୍ ଭାରତ ଯୋଜନାରୁ ବଞ୍ଚିତ ରଖିଥିଲେ।

ତେବେ ଓଡ଼ିଶା ପାଇଁ ଆୟୁଷ୍ମାନ୍ ଭାରତ ଯୋଜନା ନିହାତି ଆବଶ୍ୟକ ଥିଲା। ଓଡ଼ିଶାର ଲକ୍ଷ ଲକ୍ଷ ଲୋକ ତାମିଲନାଡୁ, ଗୁଜରାଟ, ମହାରାଷ୍ଟ୍ର ଓ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଆନ୍ତି। ଭାରତର ଏମିତି ରାଜ୍ୟ ନାହିଁ ଯେଉଁଠି ଓଡ଼ିଆ ଭାଇ ଭଉଣୀମାନେ ଶ୍ରମଦାନକରି ଓଡ଼ିଶାକୁ ସେ ରାଜ୍ୟଗୁଡ଼ିକର ବିକାଶରେ ଭାଗୀଦାରି କରିନାହାନ୍ତି। ବାହାର ରାଜ୍ୟରେ କାମ କରୁଥିବା ଏହି ଓଡ଼ିଆ ଭାଇଭଉଣୀମାନେ ସେମାନଙ୍କର କଷ୍ଟ ଅର୍ଜିତ ଅର୍ଥକୁ ନିଜ ପରିବାରକୁ ପଠାଇବା ପରିବର୍ତ୍ତେ ନିଜର ସ୍ୱାସ୍ଥ୍ୟ ସମସ୍ୟା ବେଳେ ସେ ଅର୍ଥକୁ ଡାକ୍ତରଖାନାକୁ ଦେବାକୁ ବାଧ୍ୟ ହେଉଥିଲେ। ଏବେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ ଦେଖାଇ ସେଠାରେ ମାଗଣାରେ ଉଚ୍ଚମାନର ସ୍ୱାସ୍ଥ୍ୟସେବା ପାଇପାରିବେ।

ପୂର୍ବ ସରକାରଙ୍କ ନିଜସ୍ୱ ଯୋଜନା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କେବଳ ଓଡ଼ିଶା ଏବଂ ଓଡ଼ିଶା ବାହାରେ ଲୋକମାନେ ସୀମିତ ଡାକ୍ତରଖାନାରେ ସୁବିଧା ପାଉଥିଲେ। ଏବେ ଆୟୁଷ୍ମାନ୍ ଭାରତ ଯୋଜନା ସହ ରାଜ୍ୟ ସରକାରଙ୍କ ନିଜସ୍ୱ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ଲୋକ ଏବଂ ରାଜ୍ୟର ପ୍ରବାସୀ ଲୋକମାନେ ବିଶେଷ ଉପକୃତ ହେବେ।

ଏହି ଯୋଜନା ଅଧୀନରେ ହସ୍ପିଟାଲରେ ଭର୍ତ୍ତିହେବାର ୩ ଦିନ ପୂର୍ବରୁ ଏବଂ ୧୫ ଦିନ ପର୍ଯ୍ୟନ୍ତ ଉପଚାର ଓ ଔଷଧ ମାଗଣା ଉପଲବ୍ଧ ହୋଇଥାଏ।

ଡାକ୍ତରୀ ପରୀକ୍ଷା, ଚିକିତ୍ସା ଏବଂ ପରାମର୍ଶ, ସମସ୍ତ ପ୍ରକାର ସେବାଯତ୍ନ, କ୍ଲିନିକାଲ ଏବଂ ଲାବରେଟୋରି ଇନ୍‌ଭେଷ୍ଟିଗେଶନ, ରହିବା ଏବଂ ଖାଦ୍ୟ ସେବା ଓ ମେଡିସିନ ଏବଂ ଚିକିତ୍ସା ଉପଯୋଗୀ ସାମଗ୍ରୀ ସୁବିଧା ମିଳିବ।

ଓଡ଼ିଶା ସମେତ ଦେଶର ୩ଟି ରାଜ୍ୟରେ ମୋଦିଙ୍କ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ଲାଗୁ ହୋଇପାରି ନ ଥିଲା। ଇତିମଧ୍ୟରେ ଲାଗୁ ହୋଇ ନ ଥିବା ଆମ ରାଜ୍ୟ ଓଡ଼ିଶାରେ ଏହି ଯୋଜନା ଆଜିଠାରୁ ଲାଗୁହେଲା। ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ଉକ୍ତ ଯୋଜନା ଲାଗୁ ପାଇଁ ସବୁ ଯୋଜନା ପ୍ରସ୍ତୁତ। ବାକି ରହିଲା ଆମର ପଡ଼ୋଶୀ ପଶ୍ଚିମବଙ୍ଗ। ମୁଁ ନିଶ୍ଚିତ ଆମ ପଡ଼ୋଶୀ ରାଜ୍ୟରେ ଖୁବ୍‌ଶୀଘ୍ର ସେ ରାଜ୍ୟର ଲୋକଙ୍କ ମୋଦିଙ୍କ ପ୍ରତି ଆଶୀର୍ବାଦ, ସାହାଯ୍ୟ ଓ ସମର୍ଥନ ସେ ରାଜ୍ୟରେ ବି ଆୟୁଷ୍ମାନ୍ ଭାରତ ଲାଗୁ ପାଇଁ ରାସ୍ତା ଖୋଲିବ।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

## ୫୦ ବର୍ଷ ତଳର ଧରିତ୍ରୀ

୧୧ ଏପ୍ରିଲ ୧୯୭୬

- ରାଜ୍ୟର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରୁଥିବା ଖଣି କର୍ମଚାରୀମାନଙ୍କୁ ବାସଗୃହ ଯୋଗାଇଦେବା ପାଇଁ ଖଣି କର୍ପୋରେସନ ପକ୍ଷରୁ ସ୍ଥିର କରାଯାଇଛି।
- ବିଶିଷ୍ଟ ରବୀନ୍ଦ୍ର ସଙ୍ଗୀତ ଗାୟିକା ରାଜେଶ୍ୱରୀ ଦତ୍ତଙ୍କ ୫୫ ବର୍ଷ ବୟସରେ ପରଲୋକ।
- କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶତକଡ଼ା ୧୫ ଭାଗ ସ୍ଥାନ ତଫସିଲଭୁକ୍ତ ଜାତି ଓ ଉପଜାତି ଛାତ୍ରୀଛାତ୍ରଙ୍କ ପାଇଁ ସଂରକ୍ଷିତ କରାଯିବା ନେଇ ନିଷ୍ପତ୍ତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | | | | 9 | | |
| | | 9 | 6 | | | 2 | 7 | |
| | 7 | 5 | | | | | | |
| | | | | | | | | |
| | | | 7 | 2 | 5 | | | |
| | | | 8 | 9 | 1 | 6 | 2 | |
| | 2 | | | 3 | | | 4 | |
| 7 | | 8 | | | 4 | 1 | | |
| 1 | | | 5 | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 7 | 4 | 1 | 2 | 8 | 3 | 6 |
| 6 | 8 | 3 | 5 | 9 | 7 | 4 | 2 | 1 |
| 2 | 4 | 1 | 3 | 8 | 6 | 7 | 5 | 9 |
| 7 | 6 | 4 | 9 | 3 | 5 | 1 | 8 | 2 |
| 1 | 3 | 5 | 6 | 2 | 8 | 9 | 4 | 7 |
| 8 | 2 | 9 | 1 | 7 | 4 | 3 | 6 | 5 |
| 5 | 7 | 8 | 2 | 4 | 9 | 6 | 1 | 3 |
| 3 | 9 | 6 | 8 | 5 | 1 | 2 | 7 | 4 |
| 4 | 1 | 2 | 7 | 6 | 3 | 5 | 9 | 8 |

ଗତକାଲିର ଉତ୍ତର



# ବଞ୍ଚିବାକୁ ଦିଅ

ବିପ୍ଳବ

ହାଇଦ୍ରାବାଦର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ନିକଟରେ ଏକ ଆଇଟି ପାର୍କ ନିର୍ମାଣ ପାଇଁ ୪ ଶହ ଏକର ଜଙ୍ଗଲକୁ ବୁଲ୍‌ଡୋଜର ଲଗେଇ ରାତାରାତି ସଫା କରିବାର ଅମାନବୀୟ ନିଷ୍ପତ୍ତି ଆଜି ସମସ୍ତ ପରିବେଶବିତ୍ ଏବଂ ପଶୁପକ୍ଷୀପ୍ରେମୀଙ୍କୁ ଗଭୀର ଆଘାତ ଦେଇଛି। ମୁଖ୍ୟତଃ ମୟୂର ଏବଂ ହରିଣଙ୍କର ଚରାଭୂମି ଥିବା ଏହି ଜଙ୍ଗଲ ସୁରକ୍ଷା ପାଇଁ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କର ପ୍ରାଣମୂର୍ଚ୍ଛା ଉଦ୍ୟମ, ସାମାଜିକ ଗଣମାଧ୍ୟମରେ ଜନ ଆନ୍ଦୋଳନ ଏବଂ ଶେଷରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ନିରୀହଙ୍କ ପ୍ରତି ଅତ୍ୟାଚାର ବିରୋଧରେ ମାନବତାର ବିଜୟ ବୋଲି ଧରିନେବାକୁ ହେବ।

ମଣିଷ ଆଗରେ ଏବେ ଦୁଇଟି ବଡ଼ ସମସ୍ୟା ମୁଣ୍ଡ ଟେକିଛି । ଗୋଟିଏ ହେଉଛି ତାପମାତ୍ରାର ଭୟଙ୍କର ବୃଦ୍ଧି ଏବଂ ଅନ୍ୟଟି ହେଉଛି ଭୂତଳ ଜଳର ହ୍ରାସ। ଏହା ବିଶ୍ୱର ମାନବସମାଜ ଏବଂ ଜୀବଜଗତକୁ ପ୍ରଭାବିତ କରୁଛି। ଏ ଦୁଇଟି ସମସ୍ୟାର କାରଣ ଆଉ ନିରାକରଣର ବାଟ ନ ଖୋଜିଲେ ଆମେ ଭବିଷ୍ୟତ ପିଢ଼ିଙ୍କ ପାଇଁ ମୃତ୍ୟୁର କବର ପ୍ରସ୍ତୁତ କରି ରଖୁଛେ ବୋଲି ଭାବିବାକୁ ହେବ।

ଓଡ଼ିଶା କଥା ଆଲୋଚନା ପରିସରକୁ ନିଆଯାଉ। କିଛି ବର୍ଷ ହେବ ଓଡ଼ିଶାର ପ୍ରତ୍ୟେକ ଜିଲାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ପାନୀୟ ଜଳ ସଙ୍କଟକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ସରକାର ୫ ହଜାରରୁ ଊର୍ଦ୍ଧ୍ୱ ନଳକୂପ ଖନନ କରିଛନ୍ତି। ଏହା ସତ୍ତ୍ୱେ କେତେକ ଜିଲାରେ କେବଳ ଗ୍ରୀଷ୍ମ ଋତୁରେ ନୁହେଁ ବର୍ଷ ସାରା ବି ପାନୀୟ ଜଳ ସଙ୍କଟ ଲାଗିରହିଛି। ଏହାର ମୁଖ୍ୟ କାରଣ ସ୍ୱଳ୍ପ ଜଳ ବୃଷ୍ଟି ଏବଂ ଭୂତଳ ଜଳର ଭୟଙ୍କର ହ୍ରାସ।

ଓଡ଼ିଶା ସରକାରଙ୍କର ପ୍ରଦୂଷଣ ବିଭାଗ



ତରଫରୁ ଜାରି ହୋଇଥିବା ଏକ ରିପୋର୍ଟରୁ ଜଣାଯାଏ କି ୨୦୨୦ରୁ ୨୦୨୪ ଭିତରେ ଗଜପତିରେ ୩. ୮୯ ମିଟର, କେନ୍ଦୁଝରରେ ୧. ୨୬ ମିଟର, ବୌଦ୍ଧ ୧. ୫୧ ମିଟର, କଟକ ୧. ୩୮ ମିଟର, ଖୋର୍ଦ୍ଧା ୧. ୪୦ ମିଟର ଏବଂ ରାୟଗଡ଼ା ଜିଲାରେ ୨. ୦୫ ମିଟର ଭୂତଳ ଜଳ ହ୍ରାସ ପାଇଛି। ସରକାର ଏ ଦିଗରେ ବିଭିନ୍ନ ଯୋଜନା ହାତକୁ ନେଇ ସଫଳ ହୋଇ ପାରି ନାହାନ୍ତି। ଏହାର ଅନେକ କାରଣ ରହିଛି। ସରକାରୀ ଭାବରେ ବୃକ୍ଷରୋପଣ ଏବଂ ଜଙ୍ଗଲ ବୃଦ୍ଧିର ମିଛ ରିପୋର୍ଟ, ଶିଳ୍ପାୟନ ଏବଂ ରାସ୍ତା ସମ୍ପ୍ରସାରଣ ପାଇଁ ବ୍ୟାପକ ବୃକ୍ଷ ଛେଦନ, ଶିଳ୍ପ ସଂସ୍ଥାଗୁଡ଼ିକରେ ଜଳର ବ୍ୟାପକ ବେଆଇନ ବ୍ୟବହାର, ଭୂପୃଷ୍ଠରେ ମାତ୍ରାଧିକ କଂକ୍ରିଟ ଜଙ୍ଗଲ ଏବଂ ଶେଷରେ ସଂଗୃହୀତ ଜଳର ବହୁଳ ବ୍ୟବହାର ଇତ୍ୟାଦି। ଅଧିକାଂଶ ନଦୀ ଏବେ ବାଲିଚର, ଶୁଷ୍କ ଆଉ ବେଗହୀନ। ଏପରିକି ମହାନଦୀ ଏବେ ଜଳହୀନ। ବୋରିଂ କରି ଯେଉଁ ସବୁ ପ୍ରକଳ୍ପ ଚାଲୁଛି ସେଗୁଡ଼ିକ ପାନୀୟ ଜଳ ପରିବର୍ତ୍ତେ କେତେକ ଅସାଧୁ ଲୋକ ତାକୁ ସଂଗ୍ରହ କରି ନିର୍ମାଣ କାର୍ଯ୍ୟରେ ବ୍ୟବହାର କରୁଛନ୍ତି ତ କେଉଁଠି ଟ୍ୟାପ ଖୋଲା ହୋଇ ଅନବରତ ପାଣି ଝରୁଛି। ସବୁଥିରେ ସରକାରଙ୍କୁ ଦୋଷ ଦେଇ ହେବନି। ଲୋକେ ସଚେତନ ହେବା ଦରକାର।

ତିରିଶ ବର୍ଷ ପଛକୁ ଫେରିଗଲେ ଦେଖିବା ପରିବେଶର ଉତ୍ତାପ ବୃଦ୍ଧି ଭୟଙ୍କର ନ ଥିଲା। ଖରାଦିନେ ଲୋକେ ବିଞ୍ଚଣାର ବ୍ୟବହାର କରୁଥିଲେ। ଏବେ ଘରେ ଘରେ ଫ୍ରିଜ, କୁଲର, ଏସି। କିନ୍ତୁ ତା'ର ପ୍ରତିକୂଳ ପ୍ରଭାବ ଶରୀର ଆଉ ପରିବେଶ ଉପରେ କ'ଣ ପଡୁଛି ତାକୁ ଆମେ ଅଣଦେଖା କରୁଛେ।ସଚେତନ ହେବା ପାଇଁ ବିଜ୍ଞାପନ ଦିଆହେଉଛି, ସଭା ସମିତିରେ ସଚେତନତାର ବାର୍ତ୍ତା ବଣ୍ଟା ଚାଲିଛି। ଲାଭ କ'ଣ? ତମେ ଯେତେବେଳେ ଅନ୍ୟକୁ ଧ୍ୱଂସ କରିବାର କାରଣ ହେବ ନିଜେ ଧ୍ୱଂସ ହୋଇଯିବ। ଅତଏବ ହେ ପ୍ରକୃତିର ଶ୍ରେଷ୍ଠ ଜୀବ ନିଜେ ସଚେତନ ହୁଅ, ନିଜେ ବଞ୍ଚ, ଅନ୍ୟକୁ ବଞ୍ଚିବାକୁ ଦେଇ ମାନବ ଧର୍ମ ସାର୍ଥକ କର।

**ମକୁନ୍ଦ ପୁର, ବାଙ୍କୀ**
**ମୋ : ୯୪୩୭୪୬୮୦୧୬**

## ଏଇ ଭାରତରେ

ମହାରାଷ୍ଟ୍ରର ଏଭଳି ଅନେକ ଆଦିବାସୀବହୁଳ ଗାଁଗୁଡ଼ିକରେ ସୌରଶକ୍ତି ଯୋଗାଇଦେବାର ବ୍ୟବସ୍ଥା କରିଛନ୍ତି କେମିକାଲ ଇଞ୍ଜିନିୟର ତନବୀର ଇନାମଦାର। କେବଳ ଏତିକି ନୁହେଁ, ସେ ପାହାଡ଼ ଉପରେ ଥିବା ଗାଁ ନିକଟରେ ଜଳପ୍ରପାତ ଥିଲେ ସେଥିରୁ ବିଦ୍ୟୁତ ଉତ୍ପାଦନ କରି ଯୋଗାଇ ଦେଉଛନ୍ତି। ତାଙ୍କ ଉଦ୍ୟମରେ ମିଶନ ଉର୍ଜାରେ ଅନେକ ଘର ଆଲୋକିତ ହୋଇପାରିଛି। ୨୦୧୮ରେ ଟ୍ରି (ଟେକ୍‌ନୋଲୋଜି ରିୟୁଜ ଏନ୍‌ଭାଇରନ୍‌ମେଣ୍ଟ ଏମ୍ପାୱାର୍‌ମେଣ୍ଟ ଇନୋଭେଶନ)ଫାଉଣ୍ଡେଶନ ଗଠନ କରି ତା' ମାଧ୍ୟମରେ ୨୦୨୨ରୁ ଏହି ଅଭିଯାନ ଚଳାଇଛନ୍ତି। ମିଶନ ଉର୍ଜାରେ ସ୍ଥାୟୀ ଭାବେ ପ୍ୟାନେଲ ବସାଇ ସୌର ବିଦ୍ୟୁତ ଉତ୍ପାଦନ କରାଯାଉଛି। ଏହା ସହ ସାଙ୍ଗରେ ନେଇଯିବା ଭଳି ଛୋଟ ସୋଲାର ସିଷ୍ଟମ ମଧ୍ୟ ଯୋଗାଇ ଦେଉଛନ୍ତି। ଦରକାର ହେଲେ ଲୋକେ ବାହାରକୁ କାମ କରିବାକୁ ଗଲାବେଳେ ତାହାକୁ ସାଙ୍ଗରେ ନେଇପାରୁଛନ୍ତି। ଏହାର ସୁପରିଚାଳନା ପାଇଁ ସେ ଉର୍ଜା କମିଟି ଗଠନ କରିଛନ୍ତି। ବିଦ୍ୟୁତ ଉପଯୋଗ ପରିମାଣକୁ ନେଇ ପରିବାର ୧୦ରୁ ୫ହ ଟଙ୍କା ଦେଉଛନ୍ତି। ଏହାକୁ ଉର୍ଜା କମିଟିର ପାସ୍‌ବୁକ୍‌ରେ ଜମା କରାଯାଉଛି। ଏହି ଅର୍ଥରେ ସୋଲାର ସିଷ୍ଟମର ଦେଖାରଖା କରାଯାଉଛି। ଏବେସୁଦ୍ଧା ୯୪୫ ପରିବାର ଉପକୃତ ହୋଇସାରିଲେଣି। ୨୦୨୮ ସୁଦ୍ଧା ୧୦୦ରୁ ଅଧିକ ଗାଁକୁ ସୌରଶକ୍ତି ଯୋଗାଇ ଦେବାକୁ ତନବୀର ଯୋଜନା କରିଛନ୍ତି। ଏହା ସହ ପ୍ରତି ଗାଁରେ ସେ ୧୦ ଜଣ ଯୁବକଙ୍କୁ ପ୍ରଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ମଧ୍ୟ ଦେଉଛନ୍ତି।

## ଚିରନ୍ତନୀ

ରୂପର ମୋହେ ମୁଗ୍‌ଧ କବି
ମୁରୁଛି ନାହିଁ ପାରେ
ଅବାକ୍ ହୋଇ ରହିଲା ଚାହିଁ
ପଥର ସେହି ଧାରେ।

-(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଟ୍ରମ୍ପଙ୍କ କଠୋର ଚେତାବନୀ

ମହାଶୟ,

ଡୋନାଲ୍ଡ ଟ୍ରମ୍ପ୍ ଆମେରିକାରେ ଦ୍ୱିତୀୟ ଥର ରାଷ୍ଟ୍ରପତି ରୂପେ କ୍ଷମତାସୀନ ହେବା ପରେ କେତେକ ପ୍ରସଙ୍ଗରେ ନିଜର ମତାମତ ବ୍ୟକ୍ତ କରିଛନ୍ତି, ଯାହା ଆନ୍ତର୍ଜାତିକ ସ୍ତରରେ ଅସ୍ଥିରତା ସୃଷ୍ଟି କରିଛି। କାନାଡ଼ାକୁ ଆମେରିକା ଅନ୍ତର୍ଭୁକ୍ତ କରିବାକୁ କହିଛନ୍ତି ଓ ଗ୍ରୀନ୍‌ଲାଣ୍ଡକୁ ନିଜ ଦେଶରେ ସାମିଲ କରବାକୁ କହିଛନ୍ତି। ଆମେରିକା ଉତ୍ପାଦିତ ଦ୍ରବ୍ୟଗୁଡିକ ଉପରେ କାନାଡ଼ା, ଭାରତ, ମେକ୍ସିକୋ, ଚାଇନା ଆଦି କେତେକ ଦେଶ ଉଚ୍ଚ ହାରରେ ଯେଉଁ ଟାରିଫ୍ ଲାଗୁ କରିଛନ୍ତି, ତା'ର ମୁକାବିଲା ପାଇଁ ସେ ସବୁ ଦେଶରୁ ଆମଦାନୀ ଦ୍ରବ୍ୟରେ ସେହି ପରିମାଣରେ ଟାରିଫ୍ ବୃଦ୍ଧି ପାଇଁ ଧମକ ଦେଇଛନ୍ତି। ଇରାନ୍ ଆଣବିକ ଚୁକ୍ତିରେ ସ୍ୱାକ୍ଷର ନ କଲେ ବୋମାମାଡ଼ ହେବ ବୋଲି ଚେତାବନୀ ଦେଇଛନ୍ତି। ଲେବାନନ୍‌ରେ ଆତଙ୍କବାଦୀ ହିଜ୍‌ବୁଲା ଗୋଷ୍ଠୀ ଉପରେ ବୋମାମାଡ଼ ହେଉଛି। ତେବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଭିନ୍ନ ସମୟରେ ନୂଆ ନୂଆ ବିବୃତି ଦେଉଥିବାରୁ ରାଜନୈତିକ ଅସ୍ଥିରତା ବୃଦ୍ଧି ପାଇବା ଲକ୍ଷ୍ୟ କରାଯାଉଛି।

**-ହରମୋହନ ମହାନ୍ତି, ଦଉତୋଟା, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନବୀନଙ୍କ ମୁହଁରେ ମିଛ ଶୋଭାପାଉନି: ପ୍ରଭାତ

ଭୁବନେଶ୍ୱର, ୧୦।୪(ସୁନିତ୍ ମିଶ୍ର)

ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ବିଜେଡିରେ ନାହାନ୍ତି ବୋଲି ଦଳ ସଭାପତି ନବୀନ ପଟ୍ଟନାୟକ କହିବା ସହ ତାଙ୍କୁ ଟାର୍ଗେଟ କରିଥିଲେ। ଏହାର ଦିନକ ପରେ ପ୍ରଭାତ ସଭାପତି ନବୀନଙ୍କ ମନ୍ତବ୍ୟ ଉପରେ କାଉଣ୍ଟର ଆଟାକ୍ କରିଛନ୍ତି। ଗୁରୁବାର ଏକ ଖବରଦାତା ସମ୍ମିଳନୀ ଜରିଆରେ ପ୍ରଭାତ କହିଛନ୍ତି, ୱକ୍‌ଫ ବିଲ୍‌କୁ ନେଇ ବିଜେଡିକୁ ଚାରିଆଡୁ ଯେଉଁ ଟାର୍ଗେଟ କରାଯାଉଛି ତାହା ଉପରୁ ନଜର ହଟାଇବାକୁ ଏଭଳି କରାଯାଇଛି। ନବୀନଙ୍କ ଭାବମୂର୍ତ୍ତିକୁ ତାଙ୍କ କାର୍ଯ୍ୟାଳୟ ଜାଣିଶୁଣି କ୍ଷୁଣ୍ଣ କରୁଛି। ବିଜେଡିର ତଥାକଥିତ ମୁଖିଆ ନିଜର ସ୍ଥିତି ଜାହିର ପାଇଁ ନବୀନଙ୍କ ମୁହଁରେ ଯାହା କିଛି ବି କୁହାଇ ଦେଇପାରୁଛନ୍ତି। ମିଛ କହିବା ନବୀନ ପଟ୍ଟନାୟକଙ୍କ ମୁହଁରେ ଶୋଭାପାଉନାହିଁ। ନବୀନ ବୁଧବାର କହିଥିଲେ ଯେ, ପ୍ରଭାତ ଦଳର କେହି ନୁହଁନ୍ତି। ଏହି କଥା କହିବା ବେଳେ କେବଳ ଜାତୀୟ ଗଣମାଧ୍ୟମକୁ ଡାକି ପ୍ରତିକ୍ରିୟା ଦେଇଥିଲେ। ଓଡ଼ିଶାର କୌଣସି ଗଣମାଧ୍ୟମକୁ ଏ କଥା ନବୀନ କହି ନ ଥିଲେ। ୧୦ ମାସ ତଳେ ଓଡ଼ିଶା ଲୋକ ଜବାବ ଦେଇଛନ୍ତି, ଅଣଓଡ଼ିଆଙ୍କୁ କେବେ ଗ୍ରହଣ କରିବେ ନାହିଁ। ଗତ ନିର୍ବାଚନରେ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହେଲା। ନବୀନ ପଟ୍ଟନାୟକ ଦୁଇଟି ସ୍ଥାନରୁ ଛିଡା ହୋଇଥିଲେ। ଦୁଇଟି ସ୍ଥାନରୁ ଜିତିଥିଲେ, ପାଣ୍ଡିଆନଙ୍କୁ ଛିଡା କରାଇ ଉପମୁଖ୍ୟମନ୍ତ୍ରୀ କରାଇଥାଆନ୍ତେ। ଏହାପରେ ନବୀନ ଓଡ଼ିଶା ଛାଡି ପଳାଇଥାଆନ୍ତେ ବୋଲି ଲୋକ ଭାବିଥିଲେ। ତେଣୁ ଲୋକ ଏହାକୁ ଗ୍ରହଣ କଲେ ନାହିଁ। ପାଣ୍ଡିଆନଙ୍କୁ ଘରେ ରଖି ବ୍ୟକ୍ତିଗତ ଭାବେ ପରାମର୍ଶ ନେବାରେ କିଛି ଅସୁବିଧା ନାହିଁ। କିନ୍ତୁ ଗାଁ ଗହଳିର ଲୋକଙ୍କ ପାଖକୁ ଏକ ଖରାପ ମେସେଜ୍ ଯାଉଛି। 'ଲୁଚିଛି ନା ଗୋଡ଼ ଦି' ଟା ଦିଶୁଛି ' ନ୍ୟାୟରେ ଯଦି ବିଜେଡିର ସବୁ ନିଷ୍ପତ୍ତି ତାଙ୍କ ଦ୍ୱାରା ହେଉଥିବ ଏହା ଦଳ ପାଇଁ ଭଲ ନୁହେଁ ବୋଲି ପ୍ରଭାତ କହିଛନ୍ତି।

ପ୍ରଭାତ ଆହୁରି କହିଛନ୍ତି, ୱକ୍‌ଫ ପ୍ରସଙ୍ଗରୁ ନଜର ହଟାଇବାକୁ ନବୀନବାବୁ ଏପରି କଥା ମୋ ନାଁରେ କହିଛନ୍ତି। ବର୍ତ୍ତମାନ ଯେଉଁମାନେ ଦଳରେ ବେଶି ପାଟି କରୁଛନ୍ତି, ସେମାନେ ମିଡନାଇଟ୍ ଅପରେସନରେ ପ୍ୟାରୀ ବାବୁଙ୍କ ସାଙ୍ଗରେ ଥିଲେ। ସେମାନେ ଦଳର ମେମ୍ବରଶିପ୍ ବିଷୟରେ କ'ଣ କହିବେ। ବିନା କାରଣରେ ଯେମିତି ଆଘାତ ପାଇଲି, ସେମାନେ ବି ଆଗକୁ ଅସୁବିଧାରେ ପଡିବେ। ଗୋଟିଏ ରାଜନୈତିକ ଦଳ କ'ଣ ଏମିତି ଚାଲିବ। ଜଣେ ଲୋକ ଜଣକୁ ଭରସା କରି ଚାଲିବ। ସେ ଲୋକ ଚାଲିଗଲେ କ'ଣ ଆଉ ଚାଲିବନି। ଏହା ବ୍ୟକ୍ତିଗତ ପରିବାରର କଥା ନୁହେଁ, ଓଡ଼ିଶାର ଲୋକ ଏହି ଦଳ ସହ ଜଡିତ ଅଛନ୍ତି। ସେ ନିଜ ପାଇଁ ଫାଇଟ୍ କରୁନାହାନ୍ତି। ଗୋଟିଏ କାରଣ ପାଇଁ ଲଢେଇ କରୁଥିବା ସେ କହିଛନ୍ତି। ୱକଫ୍ ଭୋଟଦାନ ପ୍ରସଙ୍ଗରୁ ନଜର ହଟାଇବାକୁ ନବୀନ ବାବୁ ମୋ ବିରୋଧରେ ଏମିତି ପଦକ୍ଷେପ ନେଇଛନ୍ତି। କିନ୍ତୁ ଦଳର ଏମ୍‌ପିମାନଙ୍କୁ କେଉଁ ପରିସ୍ଥିତିରେ ବିବେକାନୁମୋଦିତ ଭୋଟ ଦେବା ପାଇଁ କୁହାଗଲା, ଏହା ପଛରେ କିଏ ତାକୁ ବିଜେଡିର ବରିଷ୍ଠ ନେତା ଓ ଓଡ଼ିଶା ଲୋକ ଜାଣିବାକୁ ଚାହୁଁଛନ୍ତି। ଏହାକୁ ନେଇ ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି, ଦଳରେ ଶୃଙ୍ଖଳା ପାଇଁ ଏବଂ ଭବିଷ୍ୟତ ପାଇଁ କେତେକ ଅନୁଶାସନ ପାଳନ କରାଯିବା ଦରକାର। ସେ ବିଷୟରେ ସଭାପତି ନବୀନ ପଟ୍ଟନାୟକ କହିଛନ୍ତି। ତାଙ୍କର ଏହି କଥାକୁ ସ୍ୱାଗତ। କୌଣସି ହୋଟେଲରେ ନେତା କର୍ମୀ ବୈଠକ କରିବା ଅନୁଚିତ ବୋଲି ଗଣେଶ୍ୱର କହିଛନ୍ତି। ସୂଚନାଯୋଗ୍ୟ ୨୦୧୭ ନଭେମ୍ବର ୧୦ରେ ନବୀନ ତତ୍କାଳୀନ ବାଙ୍କୀ ବିଧାୟକ ପ୍ରଭାତଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଥିବା ଚିଠି ସୋସିଆଲ ମିଡିଆରେ ଭାଇରାଲ ହେଉଛି।



ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ।



ମଧ୍ୟପ୍ରଦେଶର ଶିବ୍‌ପୁରୀରେ ଚାଲିଥିବା ମହାବୀର ଜୟନ୍ତୀ ଶୋଭାଯାତ୍ରାରେ କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଯୋଗଦେଇ ଏକ ଡ୍ରମ୍ ବଜାଉଛନ୍ତି।

# ଖଣି ମାଫିଆମାନେ ଅବୈଧ ଖନନ କରୁଛନ୍ତି

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଉପବାଚସ୍ପତି**

ଭୁବନେଶ୍ୱର, ୧୦।୪(ସୁନିତ୍ ମିଶ୍ର)

ବର୍ତ୍ତମାନ ସମୟରେ ଓଡ଼ିଶାର ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଓ କୋଇଡା ଅଞ୍ଚଳରେ ବ୍ୟାପକ ଭାବେ ଅବୈଧ କୋଇଲା, ଆଇରନ ଏବଂ ମାଙ୍ଗାନିଜ ଖନନ ଚାଲିଛି। ଉପରୋକ୍ତ ଜଙ୍ଗଲ ଅଞ୍ଚଳରେ ଏହି କାର୍ଯ୍ୟକଳାପ ହେଉଥିବାରୁ ପରିବେଶ, ଜନଜୀବନ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ପ୍ରତି ମହାବିପଦ ସୃଷ୍ଟି ହୋଇଛି। ଖଣି ମାଫିଆମାନେ ଭାରି ଯନ୍ତ୍ରପାତି ସହିତ ଅବୈଧ ଖନନ କରୁଛନ୍ତି। ରାଜ୍ୟର ବିଭିନ୍ନ ଅଞ୍ଚଳ ସହ ପଡ଼ୋଶୀ ରାଜ୍ୟକୁ ମଧ୍ୟ ଚୋରା ଚାଲଣ ହେଉଛି। ବହୁ ସ୍ଥାନରେ ଜିଲା ପ୍ରଶାସନ, ଜଙ୍ଗଲ ବିଭାଗ, ଜିଲା ଖଣି ଅଧିକାରୀ ଦାୟିତ୍ୱରେ ଥିବା ବିଭାଗର ଅନ୍ୟ କର୍ମଚାରୀଙ୍କ ଅଭିଜ୍ଞତାର ଅଭାବ କିମ୍ବା ସହଯୋଗ ହୀନତା ଦେଖିବାକୁ ମିଳୁଛି ବୋଲି ରାଜ୍ୟ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଗତ ୮ ତାରିଖରେ ଉପବାଚସ୍ପତି ଏନେଇ ଏକ ଚିଠି ଲେଖି ସେଥିରେ ଉଲ୍ଲେଖ କରିଛନ୍ତି, ବଣାଇ ଉପଖଣ୍ଡର ମୂଷାପୋଷ ପଥର ଖଣି ମଧ୍ୟ ଲୁଟ ହେଉଛି। ଏହିସବୁ ଘଟଣା ଜିଲା ପ୍ରଶାସନର ଦୁର୍ବଳତା ଦର୍ଶାଉଛି। ଅବୈଧ ଖଣି ଖନନ ବିରୋଧରେ ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ କରାଯାଉ। ଅଭିଯୁକ୍ତ ମାଫିଆ ଓ ସହଯୋଗ କରୁଥିବା କର୍ମଚାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଅବୈଧ ଖଣି ଖନନ ରୋକିବାକୁ ଏକ ବିଶେଷ ଟାସ୍କଫୋର୍ସ ଗଠନ କରାଯାଉ। ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗ ଜନସଚେତନତା ଅଭିଯାନ ଆରମ୍ଭ ହେଉ। ରାଜ୍ୟର ସମସ୍ତ ବର୍ଡର ଅଞ୍ଚଳରେ ଜୋର୍‌ଦାର ଚେକିଂ କରାଯାଉ। ଏହା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି ଆଶା କରୁଥିବା ଉପବାଚସ୍ପତି ତାଙ୍କ ଚିଠିରେ ମୁଖ୍ୟମନ୍ତ୍ରୀଙ୍କୁ କହିଛନ୍ତି।

# ଝାରସୁଗୁଡ଼ା ଜିଲା ବିଜେଡି ୨ ଭାଗ

ଝାରସୁଗୁଡ଼ା,୧୦।୪
(ଆଶିଷ ରଞ୍ଜନ ଦାଶ)

ବର୍ତ୍ତମାନ ୱକ୍‌ଫ ବିଲ୍‌କୁ ନେଇ ରାଜ୍ୟ ବିଜେଡି ଭାଗ ଭାଗ ହୋଇ ପରସ୍ପରକୁ ଦୋଷାରୋପ କରୁଥିବା ବେଳେ ଝାରସୁଗୁଡ଼ାରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌର ପରିଷଦ ଅଧ୍ୟକ୍ଷାଙ୍କ ଅନାସ୍ଥା ଭୋଟ ପରେ ଜିଲା ବିଜେଡି ପ୍ରାୟତଃ ଦୁଇ ଭାଗ। ଜିଲା ବିଜେଡିରେ ପୂର୍ବତନ ବିଧାୟିକା ଅଳକା ମହାନ୍ତି ଓ ଦୀପାଳି ଦାସଙ୍କ ମଧ୍ୟରେ ଟକରାଟକରି ଚାଲିଛି। ବ୍ରଜରାଜନଗର ପୌର ପରିଷଦ ଅଧ୍ୟକ୍ଷା ଯାଜ୍ଞସେନୀ ଓରାମ ଥିଲେ ପୂର୍ବତନ ବିଧାୟିକା ଅଳକାଙ୍କ ସମର୍ଥକ। କିନ୍ତୁ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଓ ଭାଜପାର ଜଣେ ଆଗ ଧାଡ଼ିର ନେତାଙ୍କ ପ୍ରଚେଷ୍ଟାରେ ଏଇ କିଛି ଦିନ ହେବ ଅନାସ୍ଥା ଅଣାଯାଇ ଯାଜ୍ଞସେନୀଙ୍କୁ ହଟାଇ ଦିଆଯାଇଥିବା ଅଳକାଙ୍କ ଅନୁଗତମାନେ କହୁଛନ୍ତି, ଯାହା କି ଜିଲା ବିଜେଡିରେ ଫାଟ ସୃଷ୍ଟି ହେବା ମୁଖ୍ୟ କାରଣ। ଯଦି ଝାରସୁଗୁଡ଼ାର ୧୫ରୁ ୨୦ ବର୍ଷ ରାଜନୀତି ଇତିହାସକୁ ଦେଖିବା, ତେବେ ସ୍ୱର୍ଗତ କିଶୋର ମହାନ୍ତିଙ୍କ ଲୋକପ୍ରିୟତା ଥିଲା। ପରେ କଂଗ୍ରେସରୁ ଆସି ନବ ଦାସ ବିଜେଡିରେ ଯୋଗ ଦେଇଥିଲେ। ଫଳରେ ଉଭୟେ ଜିଲାରେ ବିଜେଡିକୁ ମଜଭୁତ କରିଥିଲେ। ତେବେ କିଶୋରଙ୍କ ଦେହାନ୍ତ ପରେ ତାଙ୍କ ସ୍ତ୍ରୀ ଅଳକା କମ୍ ଦିନ ପାଇଁ ବ୍ରଜରାଜନଗର ବିଧାୟକ ହେବା ସହିତ ଗତ ନିର୍ବାଚନରେ ଭାଜପାର ସୁରେଶ ପୂଜାରୀଙ୍କଠାରୁ ହାରିଯାଇଥିଲେ। କିନ୍ତୁ ଏବେ ଅଳକାଙ୍କ ସହ ତାଙ୍କ ପୁଅ ଦୁର୍ଗେଶ ମହାନ୍ତି ପିତାଙ୍କ ଅନୁଗତଙ୍କ ସହ ମିଶି ଲୋକଙ୍କ ପାଇଁ କାମ କରୁଛନ୍ତି।

ବିଶ୍ୱସ୍ତ ସୂତ୍ରର ଖବର ଅନୁସାରେ ଜିଲା ସଭାପତି ପଦ ପାଇଁ ଅଳକା ମହାନ୍ତି ଅନ୍ୟତମ ନେତା ତାପସ ରାୟ ଚୌଧୁରୀଙ୍କ ନାମ ସୁପାରିସ କରିଥିବା ଜଣାପଡିଛି। ଚୌଧୁରୀ ଝାରସୁଗୁଡା ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷ ଥିଲେ। ଏବେ ସେ ଜିଲା ଆଥ୍‌ଲେଟିକ ଆସୋସିଏଶନ ସହିତ ବିଭିନ୍ନ ରାଜନୈତିକ, ସାମାଜିକ ତଥା ସାଂସ୍କୃତିକ ସଙ୍ଗଠନ ସହିତ ଜଡ଼ିତ ଅଛନ୍ତି। ସେ ଯଦି ଜିଲା ସଭାପତି ହୁଅନ୍ତି, ତେବେ ଉଭୟ ଗୋଷ୍ଠୀର ଲୋକଙ୍କୁ ଏକଜୁଟ କରି ଜିଲାରେ ବିଜେଡି ସଙ୍ଗଠନକୁ ମଜଭୁତ କରିପାରିବେ ବୋଲି ଚର୍ଚ୍ଚା ହୁଏ।

ସେହିପରି ଦୀପାଳି ମଧ୍ୟ ଝାରସୁଗୁଡ଼ାରେ ତାଙ୍କ ପିତା ନବଙ୍କ ଦେହାନ୍ତ ପରେ ଝାରସୁଗୁଡାର ବିଧାୟକ ହୋଇଥିଲେ। ୨୦୨୪ ନିର୍ବାଚନରେ ଭାଜପାର ଟଙ୍କଧର ତ୍ରିପାଠୀଙ୍କଠାରୁ ଅଳ୍ପ ଭୋଟରେ ହାରିଯାଇଥିଲେ। ନବଙ୍କ ଏକାନ୍ତ ଅନୁଗତ ଥିବା ଅନେକ ଲୋକ ଏବେ ଦଳ ଛାଡି ଭାଜପାକୁ ଚାଲିଯାଉଥିବା ବେଳେ କିର୍ମିରା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନାସ୍ଥା ପ୍ରସ୍ତାବରେ ନିଜର ସଂଖ୍ୟାଗରିଷ୍ଠତା ଥାଇ ମଧ୍ୟ ଦୀପାଳି ନିଜ ଲକ୍ଷ୍ୟ ହାସଲ କରିପାରିଲେ ନାହିଁ। ଅର୍ଥାତ୍ ଏକଦା ନବଙ୍କ ଗଡ଼ ଥିବା କିର୍ମିରାରେ ଭାଜପା ସମର୍ଥିତ ସମିତି ଅଧ୍ୟକ୍ଷା ନିଜ ପଦବୀ ବଜାୟ ରଖିଲେ। ଏହାସତ୍ତ୍ୱେ ଭାଇ ବିଶାଳଙ୍କ ସହାୟତାରେ ଦୀପାଳି ନିଜ ସଙ୍ଗଠନକୁ ମଜଭୁତ କରିବାକୁ ଚେଷ୍ଟା କରୁଛନ୍ତି। ସେ ଜିଲା ସଭାପତି ପଦ ପାଇଁ ବର୍ତ୍ତମାନ ଥିବା ଜିଲା ସଭାପତି ରବି ସିଂ ଓ ହରିଶ ଗଣତ୍ରାଙ୍କ ନାମ ସୁପାରିସ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। କୁହାଯାଉଛି ରବି ସିଂ ବୟସାଧିକ୍ୟ କାରଣରୁ ଭାଜପା କବ୍‌ଜାରେ ଥିବା ଝାରସୁଗୁଡା ଜିଲାରେ ଧାଁଧପଡ଼ କରି ସଙ୍ଗଠନକୁ ମଜଭୁତ କରିବା ସମ୍ଭବ ନୁହେଁ। ତେବେ ଜିଲା ସଭାପତି ପଦ ପାଇଁ ଜିଲା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲଙ୍କ ନାମକୁ ନେଇ ମଧ୍ୟ ଜିଲାରେ ଚର୍ଚ୍ଚା ହେଉଛି। ଏଭଳି ସ୍ଥଳେ ଝାରସୁଗୁଡ଼ାବାସୀ କାହା ନେତୃତ୍ୱ ପ୍ରତି ଆସ୍ଥା ରଖୁଛନ୍ତି ଓ ବିଜେଡି ମୁଖ୍ୟ କାହାର କେଉଁ ଅଭିଜ୍ଞତାକୁ ଆଖି ଆଗରେ ରଖି ଜିଲା ସଭାପତି ପଦ ଦେଉଛନ୍ତି, ତାହା ଦେଖିବାକୁ ବାକି ରହିଲା।

**ସଭାପତି ପଦ, ସଙ୍ଗଠନକୁ ନେଇ ସବୁଠି ଚର୍ଚ୍ଚା**



ଅଳକା ମହାନ୍ତି



ଦୀପାଳି ଦାସ

# ଏମ୍‌ଓୟୁକୁ ଆଉ ଥରେ କରି ବାହାବା ନେଉଛନ୍ତି: ବିଜେଡି

ଭୁବନେଶ୍ୱର, ୧୦।୪
(ସୁନିତ୍ ମିଶ୍ର)

ନିକଟରେ ରାଜ୍ୟ ସରକାରଙ୍କ ଦ୍ୱାରା ଦିଲ୍ଲୀରେ ସ୍ୱାକ୍ଷର ହୋଇଥିବା ଏମ୍‌ଓୟୁ ମଧ୍ୟରୁ ପାରାଦୀପସ୍ଥିତ ଇଣ୍ଡିଆନ ଅଏଲର ସମ୍ପ୍ରସାରଣ ସହ ସେଠାରେ ଇଣ୍ଟିଗ୍ରେଟେଡ୍ ନାପଥା କ୍ରାକର ପ୍ରକଳ୍ପ ସ୍ଥାପନ ପାଇଁ ହୋଇଥିବା ଚୁକ୍ତି ପୂର୍ବ ସରକାରଙ୍କ ସମୟରେ ଅନୁମୋଦିତ ହୋଇଥିଲା। ଏହାକୁ ପୁଣି ଥରେ କରି ମିଛ ବାହାବା ନେବା ପାଇଁ ରାଜ୍ୟ ସରକାର ଚେଷ୍ଟା କରୁଛନ୍ତି ବୋଲି ବିଜେଡି ଜାତୀୟ ମୁଖପାତ୍ର ସଂତୃପ୍ତ ମିଶ୍ର ଅଭିଯୋଗ କରିଛନ୍ତି। ଶଙ୍ଖ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂତୃପ୍ତ କହିଛନ୍ତି, ରାଜ୍ୟବାସୀଙ୍କୁ ପ୍ରକୃତ ତଥ୍ୟ ନ ଦେଇ କେବଳ ପୂର୍ବ ପ୍ରକଳ୍ପଗୁଡିକର ନାମ ଓ ରଙ୍ଗ ପରିବର୍ତ୍ତନକରି ନିଜର ବୋଲି ଦାବି କରିବା ଭାଜପା ସରକାରଙ୍କ ଏକ ଅଭ୍ୟାସରେ ପରିଣତ ହୋଇଛି। ନିକଟରେ ରାଜ୍ୟ ସରକାରଙ୍କ ଦ୍ୱାରା ଦିଲ୍ଲୀଠାରେ ସ୍ୱାକ୍ଷରିତ ହୋଇଥିବା କିଛି ଚୁକ୍ତି ମଧ୍ୟରୁ ପାରାଦୀପ ସ୍ଥିତ ଇଣ୍ଡିଆନ ଅଏଲ ପ୍ରକଳ୍ପର ସମ୍ପ୍ରସାରଣ ଓ ନାପଥା କ୍ରାକର ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ କରାଯାଇଥିବା ଚୁକ୍ତି, ପୂର୍ବ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲେ ମଧ୍ୟ ଏହାକୁ ପୁନର୍ବାର କରାଯାଇ ମିଛ ବାହାଦୁରି ନେବାକୁ ଚେଷ୍ଟା କରାଯାଇଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ଜାନୁଆରୀ ୧୧ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ପାରାଦୀପରେ ଇଣ୍ଡିଆନ ଅଏଲ ପ୍ରକଳ୍ପର ସମ୍ପ୍ରସାରଣ ଓ ନାପଥା କ୍ରାକର ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଦାବି କରିଥିଲେ। ୨୦୧୯ ଏପ୍ରିଲରେ ଇଣ୍ଡିଆନ ଅଏଲ ତରଫରୁ ଏ ସମ୍ବନ୍ଧରେ ଦିଆଯାଇଥିବା ପ୍ରସ୍ତାବକୁ ତତ୍କାଳୀନ ଓଡ଼ିଶା ସରକାର ଅନୁମୋଦନ ଦେଇଥିଲେ। ଇଣ୍ଡିଆନ ଅଏଲ ତରଫରୁ ଦିଆଯାଇଥିବା ପ୍ରସ୍ତାବରେ ଏହାର ଉତ୍ପାଦନ କ୍ଷମତା ୧୫ ମିଲିଅନ ଟନ୍‌ରୁ ୨୫ ମିଲିଅନ ଟନ କରିବା ସହ ଏକ ନାପଥା କ୍ରାକର ପ୍ଲାଣ୍ଟ ସ୍ଥାପନ ପାଇଁ ୧ ଲକ୍ଷ ୩ ଶହ କୋଟି ଟଙ୍କା ବ୍ୟୟର ବ୍ୟବସ୍ଥା ରହିଥିଲା। ସେହିପରି ୨୦୨୩ରେ ତତ୍କାଳୀନ ଶିଳ୍ପ ସଚିବଙ୍କ ଦ୍ୱାରା ଇଣ୍ଡିଆନ ଅଏଲର ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କ ତରଫରୁ କ'ଣ ସବୁ ପ୍ରୋତ୍ସାହନ ପ୍ରଦାନ କରାଯିବ ତାହାର ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା ବୋଲି ସେ କହିଛନ୍ତି।

# ବିଜେଡି ମୁଖିଆଙ୍କ ମୁଠା ହୁଗୁଳା: ତାରା

ଭୁବନେଶ୍ୱର,୧୦।୪
(ରବିନାରାୟଣ ଜେନା)

ବିଜେଡିରେ ସଂପ୍ରତି ୱକ୍‌ଫ ବିଲ୍‌କୁ ନେଇ ଯେଉଁ ରାଜନୈତିକ ଆରୋପ ପ୍ରତ୍ୟାରୋପ ଦେଖାଦେଇଛି, ସେଥିରୁ ଦଳର ନେତା ଓ କର୍ମୀଙ୍କ ଅସନ୍ତୋଷ ସ୍ପଷ୍ଟ ବାରି ହୋଇ ପଡୁଛି ବୋଲି କଂଗ୍ରେସର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି। ତେଣୁ ବିଜେଡି ଆଉ ନବୀନବାବୁଙ୍କ ନିୟନ୍ତ୍ରଣରେ ନାହିଁ ଓ ତାଙ୍କ ହାତମୁଠା ଦିନକୁ ଦିନ କୋହଳ ହେଉଛି ବୋଲି ତାରା କହିଛନ୍ତି।

ଗୁରୁବାର ପୂର୍ବତନ ବିଜେଡି ବିଧାୟକ ପ୍ରଭାତ ତ୍ରିପାଠୀ ଖବରଦାତା ସମ୍ମିଳନୀରେ ଦେଇଥିବା ମନ୍ତବ୍ୟକୁ ନେଇ ତାରା କହିଛନ୍ତି, ବିଜେଡିରେ ଆଉ ଶୃଙ୍ଖଳା ନାହିଁ। ନବୀନବାବୁ କେତେବେଳେ କ'ଣ କହୁଛନ୍ତି ତାହା ରାଜ୍ୟବାସୀ କି ତାଙ୍କ ଦଳର ନେତା ଓ କର୍ମୀ ବୁଝିପାରୁନାହାନ୍ତି। ଯଦିଓ ବିଜେଡିର ଏହା ଆଭ୍ୟନ୍ତରୀଣ ବ୍ୟାପାର, ରାଜ୍ୟବାସୀଙ୍କ ସହିତ ନବୀନ ଯେଉଁ ଛଳନା କରୁଛନ୍ତି ତାହାକୁ ନେଇ ଦଳୀୟ ନେତୃବୃନ୍ଦ ଜଣକ ପରେ ଜଣେ ଗଣମାଧ୍ୟମ ସମ୍ମୁଖକୁ ଆସି ଦେଉଥିବା ମନ୍ତବ୍ୟ ଦୁର୍ଭାଗ୍ୟଜନକ। ଦୀର୍ଘଦିନ ଧରି ଦଳରେ ଥିବା ଅସନ୍ତୋଷ ଏବେ ପଦାକୁ ଫୁଟି ବାହାରୁଛି। ସ୍ଥିତି ଏପରି ହେଲାଣି ଯେ ଆଗାମୀ ଦିନରେ ଦଳର ଅସ୍ତିତ୍ୱ ହଜିଯିବ ବୋଲି ତାରା କହିଛନ୍ତି।


## ଶ୍ରୀଯୁକ୍ତ ସହକାରୀ ହିନ୍ଦୁ ଦେବୋତ୍ତର ଆୟୁକ୍ତଙ୍କ ଅଦାଲତ, ଓଡ଼ିଶା, ଭୁବନେଶ୍ୱର

ଓ.ଏ. ନଂ. ୦୧/୨୦୨୪ (ଧାରା ୪୧ ଅନୁଯାୟୀ)

ଶ୍ରୀ ଜଳେଶ୍ୱର ମହାଦେବ ବିଜେ କଳାରାହାଙ୍ଗ ...ଦରଖାସ୍ତକାରୀ

ବନାମ

ଦେବାନନ୍ଦ ପାଢ଼ୀ ଓ ଅନ୍ୟମାନେ ...ଅପରପକ୍ଷ

### ବିଜ୍ଞାପନ

ଏତଦ୍ୱାରା ସମସ୍ତ ହିନ୍ଦୁ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଖୋର୍ଦ୍ଧା ଜିଲ୍ଲା ମଞ୍ଚେଶ୍ୱର ଥାନା ଅଧୀନ, କଳାରାହାଙ୍ଗ ଗ୍ରାମରେ ଥିବା ଶ୍ରୀ ଜଳେଶ୍ୱର ମହାଦେବ ସର୍ବସାଧାରଣଙ୍କ ଠାକୁର ଓ ଠାକୁରଙ୍କ ନାମରେ ଥିବା ତଫସିଲ ବର୍ଣ୍ଣିତ ଜମିକୁ ଠାକୁରଙ୍କ ଜମି ଦାବି କରି ଶ୍ରୀ ଜଳେଶ୍ୱର ମହାଦେବ ବିଜେ କଳାରାହାଙ୍ଗଙ୍କ ତରଫରୁ ନ୍ୟାସୀ: ଶ୍ରୀ ନୃସିଂହ ବେହେରା, ବୟସ-୬୮ ବର୍ଷ, ପିତା: ୰ସାରଥୀ ବେହେରା ଆମ୍ଭ ଇଜିଲାସରେ ମୋକଦ୍ଦମା ଦାୟର କରି ହିନ୍ଦୁ ସର୍ବସାଧାରଣଙ୍କ ତରଫରୁ (୭) ଶ୍ରୀ ପ୍ରଶାନ୍ତ କୁମାର ବେହେରା, ପିତା: ଭରତ ବେହେରା, ସା/ପୋ.: କଳାରାହାଙ୍ଗ ଓ ଥାନା: ମଞ୍ଚେଶ୍ୱର, ଜିଲ୍ଲା: ଖୋର୍ଦ୍ଧାଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଏତଦ୍ ବ୍ୟତୀତ (୧) ଶ୍ରୀ ଦେବାନନ୍ଦ ପାଢ଼ୀ, (୨) ମନମୟୀ ପାଢ଼ୀ ଓରଫ ନନ୍ଦ, (୩) ଜ୍ୟୋତିର୍ମୟୀ ପାଢ଼ୀ, (୪) ପ୍ରଣତୀ ମନମୟୀ ପାଢ଼ୀ ଓରଫ ପାଣିଗ୍ରାହୀ, ସମସ୍ତଙ୍କ ପିତା: ୰ଆନନ୍ଦ ପାଢ଼ୀ, (୫) ତୁଳସୀ ବେଓ୍ୱା, ସ୍ୱାମୀ: ୰ଆନନ୍ଦ ପାଢ଼ୀ, ଏ ସମସ୍ତଙ୍କର ସା/ପୋ: କଳାରାହାଙ୍ଗ ଓ ଥାନା: ମଞ୍ଚେଶ୍ୱର, ଜିଲ୍ଲା: ଖୋର୍ଦ୍ଧାଙ୍କୁ ବ୍ୟକ୍ତିଗତ ପକ୍ଷଭୁକ୍ତ କରାଯାଇଛି। ଏଣୁ ଉପରୋକ୍ତ ଦାବି ଓ ପ୍ରତିନିଧିତ୍ୱରେ କାହାରି କୌଣସି ଦାବି, ଆପତ୍ତି ଥିଲେ ନିଜେ ବା କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ତା୦୮।୦୫।୨୫ରିଖ ଦିନ ଦିବା ୧୦ଘଟିକା ସମୟରେ ଆମ୍ଭ ଇଜିଲାସରେ ଉପସ୍ଥିତ ହୋଇ ଆପତ୍ତି ଅଭିଯୋଗ ଜଣାଇପାରିବେ ଅନ୍ୟଥା ଆପତ୍ତି ଅଭିଯୋଗ ଗ୍ରହଣୀୟ ନୁହେଁ।

(କ) (୧୯୭୩ ମସିହା ପଟ୍ଟା ଅନୁଯାୟୀ) ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ମୌଜା: କଳାରାହାଙ୍ଗ, ହାଲ୍ ଖାତା ନଂ୬୩୦ନ୍ବର, ହାଲ ପ୍ଲଟ ନଂ୨୩୪୨/୨୫୯୮ନ୍ବର, ରକବା ଏ୦.୧୨୦ ଡିସିମିଲ। (୧୯୩୧ ମସିହା ପଟ୍ଟା ଅନୁଯାୟୀ) ଜିଲ୍ଲା: କଟକ, ମୌଜା: କଳାରାହାଙ୍ଗ, ପ୍ରଗଣା: ସୌରୀ, ସାବକ ଖାତା ନଂ୪୪୭ନ୍ବର, ପ୍ଲଟ ନଂ୨୦୫୮ନ୍ବର, ରକବା ଏ୦.୧୨୦ ଡିସିମିଲ।

(ଖ) (୧୯୭୩ ମସିହା ପଟ୍ଟା ଅନୁଯାୟୀ) ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ମୌଜା: କଳାରାହାଙ୍ଗ, ହାଲ୍ ଖାତା ନଂ୬୩୧ନ୍ବର, ହାଲ ପ୍ଲଟ ନଂ୨୩୪୨ନ୍ବର, ରକବା ଏ୦.୦୨୦ ଡିସିମିଲ। (୧୯୩୧ ମସିହା ପଟ୍ଟା ଅନୁଯାୟୀ) ଜିଲ୍ଲା: କଟକ, ମୌଜା: କଳାରାହାଙ୍ଗ, ପ୍ରଗଣା: ସୌରୀ, ସାବକ ଖାତା ନଂ୪୩୯ନ୍ବର, ପ୍ଲଟ ନଂ୨୦୫୯ନ୍ବର ରକବା ଏ୦.୦୨୦ ଡିସିମିଲ।

ସ୍ୱା./- ସହକାରୀ ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱର



## TPWODL

TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

1. **TPWODL/MK/O/SITC/ 2500000915: RC for SITC of 16mtr & 20mtr High mast at TPWODL.**
2. **TPWODL/PJ/O/SU/2500000917: Supply of 315KVA, 11/0.433KV BIS Lev-II Distribution Transformer.**

Interested bidders to submit Tender Participation Fee and Authorization Letter through email on or before 22nd April 2025, 18:00Hrs, respectively, after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tp-westernodisha.com.** Further details for participating in tender is given in the tender document.

Prospective bidders are requested to visit the website for detailed amendment and updated tender document.

Sd/- **Head- Contracts & Procurement**



## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.05/ET/SBP/ENGG/2025-26, ତା.04.04.2025ରିଖ

(1)ଇ-ଟେଣ୍ଡର ସଂ.01-eT-DENE-SBP-25

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ପରିସୀମା ଅଧୀନସ୍ଥ ଚାରମାଳ ଷ୍ଟେସନ ଠାରେ 40 BOBYNs କୁ ସ୍ଥାନ ଯୋଗାଇ ଦେବା ପାଇଁ TM ତଥା ବାଲାଷ୍ଟ ସାଇଡ଼ିଂର ସମ୍ପ୍ରସାରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 6,45,67,606.21, ବିଡ୍ ସିକ୍ୟୁରିଟି (ଟଙ୍କାରେ): 4,72,900/-।

(2)ଇ-ଟେଣ୍ଡର ସଂ.02-eT-DENE-SBP-25

**କାର୍ଯ୍ୟର ନାମ :** ବର୍ଷ 2025-26 ନିମନ୍ତେ ସମ୍ବଲପୁର ମଣ୍ଡଳରେ USFD ପରୀକ୍ଷଣ ନିମନ୍ତେ ସହାୟକ କର୍ମଚାରୀଙ୍କ ନିଯୁକ୍ତି।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 52,44,305/-, ବିଡ୍ ସିକ୍ୟୁରିଟି (ଟଙ୍କାରେ): 1,04,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,900/-।

(3)ଇ-ଟେଣ୍ଡର ସଂ.07-eT-DENE-SBP-25

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଯୁଯୁମୁରା-କେରେଜାଙ୍ଗା ସେକ୍ସନରେ କି.ମି.66/31-67/17 ଠାରେ କର୍ଭ ନଂ.32(UP) ର ସ୍ଥାୟୀ ଗତି ପ୍ରତିବନ୍ଧକ (PSR) ର ଅପସାରଣ ସମ୍ବନ୍ଧୀୟ P.Way ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟଗୁଡ଼ିକର ସମାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 3,00,41,353.97, ବିଡ୍ ସିକ୍ୟୁରିଟି (ଟଙ୍କାରେ): 3,00,300/-।

କାର୍ଯ୍ୟ ଶେଷ ହେବା ଅବଧି: 12 ମାସ (ସମସ୍ତ ଟେଣ୍ଡର ନିମନ୍ତେ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.28.04.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର

PR-22/Q/25-26



See Career Appointment on every **Wednesday & Saturday**



## GOVERNMENT OF ODISHA
## (PANCHAYATI RAJ & DRINKING WATER DEPARTMENT)
## OFFICE OF THE PANCHAYAT SAMITI, NANDAPUR, KORAPUT

E-mail : ori-nandapur@nic.in

No.1489/2025 Dated : 05.04.2025

**NOTICE INVITING TENDER**

**Bid Identification No. - NDP01 of 2025-26 of B.D.O. Nandapur**

The Block Development Officer, Nandapur, Dist.-Koraput, PIN-764037 (Odisha) invites **Percentage Rate Bids in Single Cover System** on behalf of Governor of Odisha in electronic tendering system **(www.tendersodisha.gov.in)** for the construction of **8 (Eight)** Nos. of works detailed in the table from the eligible civil contractors. The amount put to tender and bid security may be changed and confirmed at the time of available of tender documents. The bidders may participate for any bids or all the following works.

| Sl. No. | Name of the Work | Amount put to Tender (Approx. in Rupees) | Class of Contractor | Cost of Tender Paper | E.M.D. (Bid Security) in Rs. | Period of Completion (Calendar Month) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Additional class room at Netaji High School, Thuba | 13,51,165/- | "C" & "D" | 6,000/- | 13,550/- | 06 Months |
| 2 | Construction of Additional class room at Govt. UGHS, Attanda | 14,60,442/- | "C" & "D" | 6,000/- | 14,610/- | 06 Months |
| 3 | Construction of Additional class room at Khurji PS | 14,47,366/- | "C" & "D" | 6,000/- | 14,500/- | 06 Months |
| 4 | Construction of Additional class room at Mangrel PS | 14,50,769/- | "C" & "D" | 6,000/- | 14,510/- | 06 Months |
| 5 | Construction of Additional class room at Badel PS | 14,45,853/- | "C" & "D" | 6,000/- | 14,500/- | 06 Months |
| 6 | Construction of Additional class room at Kukudaput PS | 14,48,172/- | "C" & "D" | 6,000/- | 14,500/- | 06 Months |
| 7 | Construction of Additional class room at Talakondapalli PS | 14,48,639/- | "C" & "D" | 6,000/- | 14,500/- | 06 Months |
| 8 | Construction of BT Road from PWD Road to Chatwa | 25,28,210/- | "B" & "C" | 6,000/- | 26,000/- | 04 Months |

| | |
|---|---|
| Tender documents are available on website | Can be downloaded from Website (http://www.tendersodisha.gov.in) |
| Bid documents available date and time | **15.04.2025 to 28.04.2025** up to 17.30 Hours |
| Bid clarification start date & closing date | **15.04.2025 to 28.04.2025** during office hours |
| Date, time and venue of opening of bid online | **(02.05.2025 at 11.30 Hours)**, Office of the Block Development Officer, Panchayat Samiti, Nandapur |
| If stipulation arises the tender will be decided through Lottery System | **(02.05.2025)** Office of the Block Development Officer, Panchayat Samiti, Nandapur |

Sd./- Block Development Officer
Nandapur



## ବ୍ୟାଙ୍କ ଅଫ୍ ଇଣ୍ଡିଆ

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ ର ଧାରା ୧୩(୨) ଅନୁଯାୟୀ ନୋଟିସ୍**

ବ୍ୟାଙ୍କ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ବିଭିନ୍ନ ସମୟରେ ନିମ୍ନସାରଣୀରେ ଦର୍ଶିତ ଋଣ ପ୍ରଦାନ କରିଥିଲା ଏବଂ ଉକ୍ତ ଋଣ ରାଶିର ବକେୟା ପରିମାଣ ଯଥା ସମୟରେ ପୈଠ ନକରିବାରୁ **ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଶୈଳଶ୍ରୀ ବିହାର ଶାଖାର** ଋଣଗ୍ରହୀତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ତେଣୁ ସେଗୁଡିକର ବିଷୟବସ୍ତୁ ସହିତ ବକେୟା ଦେୟ, ଋଣ ପରିମାଣ ଏବଂ ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| ଶୈଳଶ୍ରୀ ବିହାର ଶାଖା / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ପ୍ରକାର / ଋଣ ପରିମାଣ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ | ସରଫେଶୀ ଆକ୍ଟ ଅନୁଯାୟୀ ନୋଟିସ୍ ପ୍ରଦତ୍ତ ରାଶିର ପରିମାଣ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|---|
| ଋଣଗ୍ରହୀତା:ମେସର୍ସ ସାଇ କ୍ରିଏସନ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଶକ୍ତି ପ୍ରସାଦ ପଣ୍ଡା, ପିତା: ତ୍ରିଲୋଚନ ପଣ୍ଡା, ଠିକଣା-୧: ସା: ଏଚ୍‌ଆଇଜି ୧୧/୧୧୭, ସତ୍ୟ ସାଇ ଏନ୍‌କ୍ଲେଭ, ମଣିପାଲ ହସ୍ପିଟାଲ ନିକଟ, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଠିକଣା-୨: ସା: ଫ୍ଲାଟ୍ ନଂ.: ୧୦୧, କ୍ରିପାଲୁ ରେସିଡେନ୍ସି, ପଟିଆ ଷ୍ଟେସନ୍ ରୋଡ, ଭୁବନେଶ୍ୱର-୭୫୧୦୨୪ | ୧) କ୍ୟାଶ କ୍ରେଡିଟ୍ / ଟ.୨୭,୦୦,୦୦୦/-<br>୨) ଏଫ୍‌ଆଇଟିଏଲ୍ /ଟ.୪,୦୭,୩୦୦/-<br>୩) ଜିଇସିଏଲ୍ /ଟ.୪,୭୦,୦୦୦/-<br>୪) ଜିଇସିଏଲ୍ /ଟ.୩,୪୦,୦୦୦/-<br>ସମୁଦାୟ: ଟ.୩୯,୧୭,୩୦୦/- | ୩୦.୦୩.୨୦୨୫ / ୦୨.୦୪.୨୦୨୫ | ଟ.୩୧,୩୧,୩୦୪.୬୭ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧) ବନ୍ଧକପ୍ରାପ୍ତ ଫାଇବର ଏବଂ କାଠ ନିର୍ମିତ ଆସବାବପତ୍ରର ଷ୍ଟକ୍, ୨) ଶ୍ରୀମତୀ ଝୁନୁଲତା ପଣ୍ଡା, ସ୍ୱାମୀ: ତ୍ରିଲୋଚନ ପଣ୍ଡାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୭୨/୪୧୩, ପ୍ଲଟ୍ ନଂ.: ୨୨୬୭/୫୨୬୯, କ୍ଷେତ୍ର: ଏକର୦.୦୮୦ଡିସିମିଲି, କିସମ: ଘରବାରୀ, ମୌଜା: ନିମପୁର, ଥାନା: ଟାଙ୍ଗି, ଡିଏସ୍‌ଆରଓ: କଟକ, ତହସିଲ: ଟାଙ୍ଗି ଚୌଦ୍ୱାର, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗୋବିନ୍ଦ ଚନ୍ଦ୍ର ସାହୁ, ଦକ୍ଷିଣ: ରେଣୁବାଳା ମିଶ୍ର, ପୂର୍ବ: ରାସ୍ତା, ପଶ୍ଚିମ: ରେଲୱେ ଜମି |

ଉପରଦର୍ଶିତ **ଶୈଳଶ୍ରୀ ବିହାର ଶାଖାର** ଋଣଗ୍ରହୀତା, ମୂଳଋଣ/କିସ୍ତି ସୁବିଧା/ସୁଧ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି, ତେଣୁ ଭାରତୀୟ ରିଜର୍ଭ ବ୍ୟାଙ୍କର ମାର୍ଗଦର୍ଶିକା ଅନୁସାରେ ଆମ ବ୍ୟାଙ୍କ ଦ୍ୱାରା ସେମାନଙ୍କର ଆକାଉଣ୍ଟକୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (**NPA**) ରେ ପରିଣତ କରାଯାଇଛି। ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ତେଣୁ ଆମେ କଥିତ ଆକ୍ଟର ଧାରା ୧୩(୨) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁସାରେ ଡ଼ିମାଣ୍ଡ ନୋଟିସ୍ ପ୍ରକାଶନ ନିମନ୍ତେ ବାଧ୍ୟ ହେଉଛୁ। ଏତଦ୍‌ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଆପଣ ନୋଟିସ୍ ତାରିଖ ଠାରୁ **୬୦ଦିନ** ମଧ୍ୟରେ ଉପର କଥିତ ବକେୟା ଦେୟ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ,ଆନୁସଙ୍ଗିକ ଖର୍ଚ୍ଚ, ଦେୟ ଇତ୍ୟାଦି ପ୍ରଦାନ କରିବେ, ଅନ୍ୟଥା ଆମେ କଥିତ ଆକ୍ଟର ଧାରା ୧୩(୪) ଅନୁସାରେ ଆପଣଙ୍କର ସୁରକ୍ଷିତ ସମ୍ପତ୍ତିକୁ ଦଖଲ କରି ବିକ୍ରୟ କରିବାକୁ ବାଧ୍ୟ ହେବୁ। ଯଦି ସୁରକ୍ଷିତ ସମ୍ପତ୍ତି ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଦ୍ୱାରା ସମ୍ପୂର୍ଣ୍ଣ ବକେୟା ପରିମାଣ ଆଦାୟ ହୋଇନପାରିଲା ତେବେ ବ୍ୟାଙ୍କ ଅଦାଲତ / ଋଣ ଆଦାୟ ପ୍ରାଧିକରଣରେ ଆପଣଙ୍କ ବିରୁଦ୍ଧରେ ମୋକଦ୍ଦମା ଦାଏର କରି ଉପରୋକ୍ତ ବକେୟା ରାଶି ଆଦାୟ କରିବାର ଅଧିକାର ସଂରକ୍ଷିତ ରଖିଅଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ କଥିତ ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ସମ୍ପତ୍ତିର ବିକ୍ରୟ କିମ୍ବା ସର୍ବସାଧାରଣରେ ନିଲାମ ନିମନ୍ତେ ସର୍ବସାଧାରଣଙ୍କ ଠାରୁ କୋଟେସନ୍ କିମ୍ବା ଟେଣ୍ଡର ଆହ୍ୱାନ କିମ୍ବା ଘରୋଇ ଚୁକ୍ତି ମାଧ୍ୟମରେ ଲିଜ୍, ଆସାଇନମେଣ୍ଟ ଦ୍ୱାରା ସମ୍ପତ୍ତି ହସ୍ତାନ୍ତରିତ ନିମନ୍ତେ ସର୍ବସାଧାରଣ ବିଜ୍ଞପ୍ତି ପ୍ରକାଶନ ତାରିଖ ପର୍ଯ୍ୟନ୍ତ ଯେକୌଣସି ସମୟରେ ବ୍ୟାଙ୍କର ସମସ୍ତ ଦେୟ ସହିତ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ପ୍ରଦାନ କରି ଋଣମୁକ୍ତ ହେବାର ଅଧିକାର ଆପଣଙ୍କ ପାଇଁ ଉପଲବ୍ଧ ରହିଛି । ଅବଗତ କରାଗଲା କି କଥିତ ଆକ୍ଟର ଉପଧାରା (୧୩) ଅନୁଯାୟୀ ଏହି ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ଆପଣ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରୟ, ଲିଜ୍, ଲାଇସେନ୍ସ, ଦାନ, ବନ୍ଧକ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତର କିମ୍ବା ଏନ୍‌କମ୍ବ୍ରାନ୍ସ ସୃଷ୍ଟି କରିବାକୁ ନିଷେଧ କରାଯାଉଛି। **ଏହି ବିଜ୍ଞପ୍ତି କୌଣସି ଆଇନ ବଳରେ ବ୍ୟାଙ୍କ ଅଧିକାର କ୍ଷୁର୍ଣ୍ଣ ନକରି ଜାରି କରାଯାଉଛି।**

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୧.୦୪.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଭାରସାମ୍ୟ ହରାଇ ଓଲଟିଲା ଟାଟା ଏସିଇ, ୫ ଗୁରୁତର

କାକଟପୁର/ଅସ୍ତରଙ୍ଗ,୧୦।୪
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଥାନା ଅଧୀନ ଦେବୀନଦୀ ବନ୍ଧରେ ଭାରସାମ୍ୟ ହରାଇ ଏକ ଟାଟା ଏସିଇ ଓଲଟି ପଡ଼ିଛି। ଫଳରେ ସେଥିରେ ଥିବା ୫ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଲକ୍ଷ୍ମଣ ବେହେରା (୬୫), ଅଭୟ ବେହେରା (୪୦), ଦୀପକ ବେହେରା (୩୦), କାଳନ୍ଦୀ ବେହେରା (୬୫), ଗଦା ବେହେରା (୪୩)। ଅସ୍ତରଙ୍ଗ ବ୍ଲକ ଆଳସାହି ଓ ବାଲିତିଆ ଅଞ୍ଚଳର କେତେଜଣ ଯୁବକ ପାରାଦୀପରୁ ନିଜ ଗ୍ରାମକୁ ଏକ ଟାଟା ଏସିଇରେ ଆସୁଥିଲେ। ଅଣଓସାରିଆ ଦେବୀ ନଦୀବନ୍ଧ ତାଳଦାରୁ ଅସନ ମୁଖ୍ୟ ରାସ୍ତାରେ ଭାରସାମ୍ୟ ହରାଇ ଟାଟା ଏସିଇଟି ବନ୍ଧ ତଳକୁ ଖସି ପଡ଼ିଥିଲା। ଫଳରେ ଟାଟା ଏସିଇ ଗାଡ଼ିରେ ଥିବା ୫ ଜଣ ଆହତ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ସମସ୍ତଙ୍କ ମୁଣ୍ଡ ସହ ଶରୀରର ଅନେକ ସ୍ଥାନରେ ଆଘାତ ଲାଗିଛି।

# ଲୋକକଳାକୁ ବିଶ୍ୱବିଦିତ କରିବାକୁ ଆହ୍ୱାନ

ଭୁବନେଶ୍ୱର, ୧୦।୪ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶାର ଲୋକକଳା ହେଉଛି ଆମ ସଂସ୍କୃତି ଏବଂ ଐତିହ୍ୟର ଏକ ଅବିଚ୍ଛେଦ୍ୟ ଅଂଶ। ଲୋକକଳାର ପ୍ରଚାର ଓ ପ୍ରସାର କରିବା ସହିତ ଏହାକୁ ବିଶ୍ୱବିଦିତ କରାଇବା ଲାଗି ଗୁରୁବାର ଓଡ଼ିଆ ପକ୍ଷ ପାଳନର ଦଶମ ଦିବସରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ 'ଲୋକକଳା ପାଇଁ ଦିନଟିଏ' ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଭିନ୍ନ ଜିଲା ଏବଂ ଲୋକକଳା ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ଲୋକନୃତ୍ୟ ଏବଂ ଆଞ୍ଚଳିକ କଳା ଓ ପରମ୍ପରାର ଏକ ନିଛକ ନିଦର୍ଶନ ଦେଖିବାକୁ ମିଳିଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଏମ୍‌ପି, ବିଧାୟକ, ସ୍ଥାନୀୟ ଲୋକପ୍ରତିନିଧି, ପ୍ରଶାସନିକ ଅଧିକାରୀ ଏବଂ ଜନସାଧାରଣ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହିତ କଳାକାରମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ଏଥିସହ ଜିଲାର ଲୋକ କଳାକାରଙ୍କୁ ମଧ୍ୟ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଲୋକ କଳାକାରମାନେ ନିଜ କଳା ପ୍ରଦର୍ଶନ କରିବା ସଙ୍ଗେସଙ୍ଗେ କାର୍ଯ୍ୟକ୍ରମର ଫଟୋ ଓ ସେଲ୍ଫିକୁ ଓଡ଼ିଆ ପକ୍ଷ ୱେବ୍‌ସାଇଟ www.odiapakhy.comରେ ଅପ୍‌ଲୋଡ଼ କରିବା ସହିତ ଓଡ଼ିଆ ପକ୍ଷ କୁଇଜ୍‌ରେ ଭାଗନେଇଥିଲେ। ସୂଚନାଯୋଗ୍ୟ ଯେ, ଓଡ଼ିଶାରେ ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନ କ୍ରମେ ସାରା ରାଜ୍ୟରେ ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଗୁରୁବାର 'ଲୋକକଳା ପାଇଁ ଦିନଟିଏ' ପାଳନ ଅବସରରେ ଆମ ଲୋକକଳାର ସଂରକ୍ଷଣ, ଏହାର ବହୁଳ ପ୍ରଚାର ଓ ପ୍ରସାର ଏବଂ ଏହାକୁ ପୁନଶ୍ଚ ବିଶ୍ୱବିଦିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସମେତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ସମସ୍ତଙ୍କୁ ପ୍ରୋତ୍ସାହିତ କରିଛନ୍ତି।


ଉତ୍ସବରେ ଲୋକକଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ଓଡ଼ିଆ ପକ୍ଷର ଦଶମ ଦିବସରେ 'ଲୋକକଳା ପାଇଁ ଦିନଟିଏ' ଉତ୍ସବ

## ପ୍ରତିଦିନ ଗୀତା ପାଠ କଲେ ଶାନ୍ତି, ଆନନ୍ଦ ମିଳେ

ଭୁବନେଶ୍ୱର, ୧୦।୪ (ସୌମ୍ୟରଞ୍ଜନ ରାଉତ)

ପୂଜ୍ୟ ପୂଜା ଓଡିଶାର ମାସିକ ଆଲୋଚନାଚକ୍ର ଓଡିଶା ଲେଖକ ସମବାୟ ସମିତି ପରିସରଠାରେ ବିରଜା ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟ ଅତିଥି ଭାବେ ପ୍ରଭାତ କୁମାର ନନ୍ଦ ଯୋଗଦେଇ ପଣ୍ଡିତ କମଳାକାନ୍ତ ମିଶ୍ରଙ୍କ ରଚିତ 'ଗୀତା ଜ୍ଞାନସାର' ପୁସ୍ତକର ଉନ୍ମୋଚନ କରିଥିଲେ। ସେ କହିଲେ, ପ୍ରତିଦିନ ଗୀତା ପାଠ କଲେ ମନରେ ଶାନ୍ତି ଆନନ୍ଦ ମିଳିଥାଏ। ତେଣୁ ପ୍ରତିଦିନ ଗୀତା ପାଠ କରିବା ଉଚିତ। ବକ୍ତା ଓ ଆଲୋଚକ ଭାବେ ସୁକାନ୍ତ ପ୍ରଧାନ, ଆରତି କର, ସିଦ୍ଧାର୍ଥ କାନୁନଗୋ, ଲଡୁକିଶୋର ପଢିଆରୀ, କୈଳାଶ ଚନ୍ଦ୍ର ରଥ, ବିରଞ୍ଚି ଶତପଥି ପ୍ରମୁଖ ଯୋଗଦାନ କରି ଗୀତା ପାଠ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ ସହ ଗୀତା ପଠନର ଆବଶ୍ୟକତା ଉପରେ ମତ କରିଥିଲେ। ତାରେଶ୍ୱର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ହୋମିଓପାଥିକ୍ ଡ୍ରଗିଷ୍ଟ ଆସୋସିଏଶନ୍ ପକ୍ଷରୁ ହାନିମାନଙ୍କ ଜୟନ୍ତୀ

ଭୁବନେଶ୍ୱର, ୧୦।୪ (ବନ୍ଦନା ସେଠୀ)

ଓଡ଼ିଶା ହୋମିଓପାଥିକ୍ ଡ୍ରଗିଷ୍ଟ ଆସୋସିଏଶନ୍ ପକ୍ଷରୁ ହୋମିଓପାଥିକ୍ ଚିକିତ୍ସା ବିଜ୍ଞାନର ଜନକ ଡା. ସାମୁଏଲ୍ ହାନିମାନଙ୍କ ୨୭୦ତମ ଜନ୍ମ ବାର୍ଷିକୀ ଗୁରୁବାର ରେଡକ୍ରସ୍ ଭବନଛକ ନିକଟ ହାନିମାନଙ୍କ ପ୍ରତିମୂର୍ତ୍ତିଠାରେ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ୍ ସଭାପତି ଡ. ଆର୍.ଏନ୍. ଦତ୍ତ ଏଥିରେ ଅଧ୍ୟକ୍ଷତା କରିଥିଲେ। ହୋମିଓପାଥିକ୍ ଚିକିତ୍ସାର ପ୍ରଚାର ପ୍ରସାର ସହିତ ସାଧାରଣ ଜନତା କିଭଳି ଏହି ଚିକିତ୍ସା ପଦ୍ଧତି ଦ୍ୱାରା ଉପକୃତ ହୋଇପାରିବେ ସେଥିପାଇଁ ଡ. ଦତ୍ତ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଅତିଥି ଭାବେ ୱି ଫର୍ ଭୁବନେଶ୍ୱରର ଉପଦେଷ୍ଟା ଅମରେଶ ଜେନା, ରୁଦ୍ର ସାମନ୍ତ ରାୟ, ନରେନ ସାହୁ, ଉମା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରତିବର୍ଷ ଏକ ସ୍ୱାସ୍ଥ୍ୟ ଶିବିର କରିବାକୁ ଅମରେଶ ପରାମର୍ଶ ଦେଇଥିଲେ। ଏହି ଅବସରରେ ସମାଜସେବୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଆସୋସିଏଶନ ସଭ୍ୟ ନିରୋଦ ମହାପାତ୍ର, ଦିପ୍ତି ଦାସ, କେ.ସି. ସାହୁ, ଭୁବନେଶ୍ୱରର ସମସ୍ତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଆସୋସିଏଶନ ପକ୍ଷରୁ ପଥଚାରୀମାନଙ୍କୁ ମିଷ୍ଟାନ୍ନ ଓ ଦହି ସର୍ବତ ବିତରଣ କରାଯାଇଥିଲା।


ଓଡ଼ିଶା ହୋମିଓପାଥିକ୍ ଡ୍ରଗିଷ୍ଟ ଆସୋସିଏଶନ୍ ପକ୍ଷରୁ ଡା. ସାମୁଏଲ୍ ହାନିମାନଙ୍କ ଜୟନ୍ତୀ।

## ଶ୍ରୀମନ୍ଦିରରେ ଦୟଣା ଚୋରି ନୀତି


ମହାପ୍ରଭୁଙ୍କ ଦୟଣା ଚୋରି ନୀତି ପାଇଁ ରାମ ଓ କୃଷ୍ଣ ଜଗନ୍ନାଥବଲ୍ଲଭ ପରିସରକୁ ଯାଉଛନ୍ତି।

ପୁରୀ,୧୦।୪(ଅଜିତ୍ କୁମାର ମହାନ୍ତି)

ଚୈତ୍ର ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥି ଗୁରୁବାର ଅବସରରେ ଶ୍ରୀମନ୍ଦିରରେ ଦମନକ ବା ଦୟଣା ଚୋରି ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଧ୍ୟାହ୍ନଧୂପ ପରେ ରାମ ଓ କୃଷ୍ଣ ରତ୍ନସିଂହାସନକୁ ବିଜେ କରାଇଥିଲେ। ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ୨ ଠାକୁରଙ୍କୁ ପ୍ରଦାନ କରିଥିଲେ। ସେହିପରି ପୂର୍ବରାତିରୁ ଅଧିବାସ ହୋଇଥିବା କନ୍ଦର୍ପ ପଟିକୁ ମହାଜନସେବକମାନେ ଆଣି ବଟମୂଳେ ଥିବା ପାଲିଙ୍କି ନିକଟକୁ ବିଜେ କରାଇଥିଲେ। ପରେ ରାମ ଓ କୃଷ୍ଣ ପାଲିଙ୍କିକୁ ବିଜେ ହୋଇଥିଲେ। ବିମାନବଡୁ ସେବକମାନେ ଘଣ୍ଟ, ଛତା, ସହ ଠାକୁରଙ୍କୁ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରାଇଥିଲେ। ଜଗନ୍ନାଥବଲ୍ଲଭ ଝୁଲଣ ଘର ଶେଯଖଟ ଉପରେ ରାମକୃଷ୍ଣ ବିଜେ କରିବା ପରେ କନ୍ଦର୍ପ ପଟି ବିଜେ କରାଯାଇଥିଲା। ସେଠାରେ ପୂଜାପଣ୍ଡା ସାମନ୍ତ ବରୁଣ ପୂଜା ଏବଂ ଯଜ୍ଞ କରିଥିଲେ। ଯଜ୍ଞର ପୂର୍ଣ୍ଣାହୁତି ପରେ କନ୍ଦର୍ପଙ୍କଠାରେ ପଞ୍ଚ ଉପଚାରରେ ଖିରି ଭୋଗ ହେବା ସହ ମୁଦିରସ୍ତ ବନ୍ଦାପନା କରିଥିଲେ।

ଏହାପରେ ପୂଜାପଣ୍ଡା ସାମନ୍ତ ରାମକୃଷ୍ଣଙ୍କ ନିକଟରେ ପୂଜା କରି ଶୀତଳ ଭୋଗ ମଣୋହି କରିବା ପରେ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ମହାଜନସେବକ ରାମକୃଷ୍ଣଙ୍କୁ ହାତରେ ଧରି ମଠର ସୁଗ୍ରୀବ ମହାରାଜଙ୍କ ସମ୍ମୁଖ ପ୍ରମୋଦ ଉଦ୍ୟାନକୁ ବିଜେ କରାଇଥିଲେ। ସେଠାରେ ଏକ ଆସ୍ଥାନରେ ୬ଟି ଦୟଣା ବୃକ୍ଷ ରୋପଣ କରାଯାଇଥିଲା। ଭିତରଛୁ ୨ଟି ବୃକ୍ଷ ଆଣି ରାମକୃଷ୍ଣଙ୍କ ଶ୍ରୀହସ୍ତରେ ଲାଗି କରାଇଥିଲେ। ଅବଶିଷ୍ଟ ୪ଟି ବୃକ୍ଷକୁ ଏକ ତାଡ଼ରେ ଶ୍ରୀମନ୍ଦିରକୁ ଅଣାଯାଇଥିଲା। ଏହାପରେ ରାମ ଓ କୃଷ୍ଣ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଠାକୁର ଶ୍ରୀମନ୍ଦିରରେ ପହଞ୍ଚିବା ପରେ ଭୋଗମଣ୍ଡପରେ ଚୂନ ପାଣି ପକାଯାଇ ଧୋପଖାଳ କରାଯାଇ ଚାନ୍ଦୁଆ ଟଣା ଯାଇଥିଲା। ଚାନ୍ଦୁଆ ତଳେ ବାଲିବନ୍ତ ଉପରେ ଦୟଣା ମରୁଆ ସୁବାସ ଗଛମାନ ରୋପଣ କରାଯାଇଥିଲା। ପରେ ପାଲିଙ୍କିରୁ ମହାଜନ ସେବକମାନେ ୨ ଠାକୁରଙ୍କୁ ଗରୁଡ଼ ଦ୍ୱାରକୁ ଆଣିଥିଲେ। ଗରୁଡ଼ ଦ୍ୱାରଠାରେ ମହାଜନସେବକମାନେ ରାମ ଓ କୃଷ୍ଣଙ୍କ ଶ୍ରୀହସ୍ତରେ ଲାଗିହୋଇ ରହିଥିବା ଦୟଣାଗଛ ମଇଲମ କରିଥିଲେ। ଦୟଣାପତ୍ରୀ ଉକ୍ତ ଗଛମାନଙ୍କୁ ତାଡ଼ରେ ରଖିଥିଲେ। ବଡ଼ସିଂହାର ଭୋଗ ପରେ ମଦନମୋହନ ଠାକୁର ଭିତରକୁ ବିଜେ କରିଥିଲେ। ଶ୍ରୀଦେବୀ, ଭୂଦେବୀ ଓ ମଦନମୋହନ ଆଜ୍ଞାମାଳ ପାଇଲା ପରେ ଭୋଗମଣ୍ଡପ ଘରେ ପଡ଼ିଥିବା ଶେଯ ଉପରେ ବିଜେ କରାଇଥିଲେ। ବିଜେ ପରେ ମହାଜନେ ଶ୍ରୀଦେବୀ, ଭୂଦେବୀ ଓ ମଦନମୋହନଙ୍କ ହାତରେ ତିନୋଟି ଦୟଣା ଗଛ ବାନ୍ଧିଥିଲେ। ସେମାନଙ୍କ ଆଗରେ ଆଉ ତିନୋଟି ଗଛକୁ ତିନୋଟି ଚାଙ୍ଗୁଡ଼ିରେ ରଖାଯାଇଥିଲା। ପୂଜାପଣ୍ଡା ପତନି ଫୁଲଚନ୍ଦନ ଦେଇ ମଣ୍ଡଳ ଉପରେ ତିନୋଟି ଚାଙ୍ଗୁଡ଼ି ରଖିଥିଲେ। ଏହାପରେ ପାଣିପଡ଼ି, ଶୀତଳ ଭୋଗ ବଢ଼ାଯାଇ ପଞ୍ଚ ଉପଚାରରେ ମଣୋହି ହୋଇଥିଲା। ଭୋଗମଣ୍ଡପ ଘର ଦ୍ୱାରକୁ ତଡ଼ଉକରଣ ମୁଦ ଦେଇଥିଲେ। ପରେ ଅନ୍ୟାନ୍ୟ ନୀତି ହୋଇଥିଲା। ଶୁକ୍ରବାର ଚତୁର୍ଦ୍ଦଶୀ ତିଥି ଅବସରରେ ଶ୍ରୀମନ୍ଦିରରେ ରୀତିନୀତି ଅନୁଯାୟୀ ସକାଳଧୂପ ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ନିକଟରେ ଦୟଣା ବା ଦମନକ ବୃକ୍ଷ ଲାଗିହେବାର ପରମ୍ପରା ରହିଛି।

## ଆବଶ୍ୟକ ଭିତ୍ତିଭୂମି ସୃଷ୍ଟି କରି ୟୁନିଫାଏଡ୍ ଅଟୋମେଶନ ସିଷ୍ଟମ୍ ଲାଗୁ ହେଉ

ଭୁବନେଶ୍ୱର,୧୦।୪(ସୁଚିସ୍ମିତା ସାହୁ)

ରାଜ୍ୟର ବହୁ ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ନାହିଁ। ଉପାନ୍ତ ଅଞ୍ଚଳଗୁଡିକରେ ଇଣ୍ଟରନେଟ ସଂଯୋଗ ନ କଲେ ୟୁନିଫାଏଡ୍ ଅଟୋମେଶନ ସିଷ୍ଟମ୍ (ୟୁଏଏସ୍) ଲାଗୁ କରିବା ସମ୍ଭବ ହେବନାହିଁ। ଭିତ୍ତିଭୂମି ନ ଯୋଗାଇ ବିଦ୍ୟାଳୟରେ ଏହି ବ୍ୟବସ୍ଥା ଲାଗୁ କରିବାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ତୀବ୍ର ବିରୋଧ କରୁଛି। ଆବଶ୍ୟକ ଶିକ୍ଷକ ନିଯୁକ୍ତି, ମୋବାଇଲ୍, ଇଣ୍ଟରନେଟ୍, କମ୍ପ୍ୟୁଟର ସୁବିଧା ଲାଗୁ କରିବାକୁ ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଗୁରୁବାର ଏକ ପ୍ରେସ୍ ବିବୃତି ଜରିଆରେ କହିଛନ୍ତି। ୟୁଏଏସ୍ ବ୍ୟବସ୍ଥା ଶିକ୍ଷକଙ୍କ ମାନବିକ ଅଧିକାରକୁ କ୍ଷୁଣ୍ଣ କରୁଛି। ସମସ୍ତ କର୍ମଚାରୀଙ୍କ ପାଇଁ ଏ ବ୍ୟବସ୍ଥା ଲାଗୁ କରା ନ ଯାଇ କେବଳ ଶିକ୍ଷକଙ୍କ କ୍ଷେତ୍ରରେ ଏହା କାର୍ଯ୍ୟକାରୀ କରିବା ନିଷ୍ପତ୍ତି ନିନ୍ଦନୀୟ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

ସୂଚନାଥାଉକି, ରାଜ୍ୟ ସରକାର ବିଦ୍ୟାଳୟସ୍ତରରେ ୟୁନିଫାଏଡ୍ ଅଟୋମେଶନ ସିଷ୍ଟମ୍ ଲାଗୁ କରିଛନ୍ତି। ଏହା ମାଧ୍ୟମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଦୈନିକ ଉପସ୍ଥାନ ପକାଇବେ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ହେଲେ ବିଦ୍ୟାଳୟଗୁଡିକରେ ଉପଯୁକ୍ତ ସଂଖ୍ୟାରେ ଶିକ୍ଷକ ନାହାନ୍ତି। ବହୁ ପଦବୀ ଖାଲି ପଡ଼ିଛି। ବିଦ୍ୟାଳୟରେ ଉପଯୁକ୍ତ ସାଧନ ବା ଡିଭାଇସ୍ ନାହିଁ କି ଦକ୍ଷ ପରିଚାଳକ ମଧ୍ୟ ନିଯୁକ୍ତ ହୋଇ ନାହାନ୍ତି। ଇଣ୍ଟରନେଟ୍ ସୁବିଧା ନ ଯୋଗାଇ ଏବଂ ସର୍ବୋପରି ଶିକ୍ଷକଙ୍କ ସମସ୍ୟା ସମାଧାନ ନ କରି ଏହି ବ୍ୟବସ୍ଥା ଲାଗୁ କରାଗଲେ ଶିକ୍ଷକମାନେ ମାନସିକସ୍ତରରେ ଚାପଗ୍ରସ୍ତ ହେବେ ବୋଲି ଓଷ୍ଟା ତରଫରୁ କୁହାଯାଇଛି। ୟୁଏଏସ୍ ପୋର୍ଟାଲ୍ ସିଷ୍ଟମ ବଦଳରେ ବାୟୋମେଟ୍ରିକ୍ ମାଧ୍ୟମରେ ଉପସ୍ଥାନ ଗ୍ରହଣ କରାଗଲେ ଭଲ ହୁଅନ୍ତା ବୋଲି ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷା ପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ସରକାରଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି।


କଟକ ଜିଲା ସାଲେପୁର ବଜାର ପଡ଼ିଆଠାରେ ତ୍ରୟ ଦିବସୀୟ ଯୋଗ ସାଧନା ଶିବିରରେ ଭାରତ ସ୍ୱାଭିମାନ ଟ୍ରଷ୍ଟର ମୁଖ୍ୟ ବାବା ରାମଦେବ ଶିବରାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି।

## ଆଇଆର୍‌ଇଏଲ୍ ପକ୍ଷରୁ ଭକ୍ତଙ୍କ ସୁବିଧା ପାଇଁ ୨ ଗାଡ଼ି ପ୍ରଦାନ

ପୁରୀ,୧୦।୪(ଅଜିତ୍ କୁମାର ମହାନ୍ତି)

ଭାରତ ସରକାରଙ୍କ ଆଇଆର୍‌ଇଏଲ୍ ପକ୍ଷରୁ ଗୁରୁବାର ୨ଟି ବ୍ୟାଟେରିଚାଳିତ ଗାଡ଼ି ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ପ୍ରଦାନ କରାଯାଇଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ପ୍ରଦାନ ସମୟରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଶ୍ରୀମନ୍ଦିର ସ୍ୱତନ୍ତ୍ର ପଦାଧିକାରୀ ଶୁଭ୍ରାଂଶୁ ଶେଖର ପାଢ଼ୀ, ଆଇଆର୍‌ଇଏଲ୍‌ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶାରଦା ଭୂଷଣ ମହାନ୍ତି, ଅନୁତମ ମିଶ୍ର, ସିଭିଆର ମୂର୍ତ୍ତି, ରବିଶଙ୍କର ସାବତ, ଜଗଦାନନ୍ଦ ନାୟକ, ଜିକେ ନାୟକ, ଅଜୟ କୁମାର ପ୍ରହରାଜ, ନରେନ୍ଦ୍ର କୁମାର ନାୟକ, ଆଶୁତୋଷ ଶର୍ମା, ସରୋଜ ବେହେରା, ଦୀପକ ମିଶ୍ର, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ର ନାରାୟଣ ମହାନ୍ତି ଏବଂ ଅନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରତ୍ୟେକ ଦିନ ହଜାର ହଜାର ଶ୍ରଦ୍ଧାଳୁଙ୍କ ଆଗମନ ହେଉଛି। ସେମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗ ଭକ୍ତଙ୍କ ସଂଖ୍ୟା ପୂର୍ବ ଅପେକ୍ଷା ବଢ଼ିବାରେ ଲାଗିଛି। ସେମାନଙ୍କ ସୁରକ୍ଷିତ ଯାତାୟାତ ପାଇଁ ଜିଲାପାଳ ଭାରତ ସରକାରଙ୍କ ଆଇଆର୍‌ଇଏଲ୍‌କୁ ୨ଟି ବ୍ୟାଟେରି ଚାଳିତ ଗାଡ଼ି ପ୍ରଦାନ ପାଇଁ ଚିଠି ଲେଖିଥିଲେ। ଏହି ପରିପ୍ରେକ୍ଷୀରେ ଆଇଆର୍‌ଇଏଲ୍ ପକ୍ଷରୁ ସଂସ୍ଥାଗତ ସାମାଜିକ ଦାୟିତ୍ୱବୋଧକୁ ଉପଲବ୍ଧି କରି ଗୁରୁବାର ୨ଟି ବ୍ୟାଟେରି ଚାଳିତ ଗାଡ଼ି ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକଙ୍କ ଉପସ୍ଥିତିରେ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ପ୍ରଦାନ କରାଯାଇଛି।

## ଡଲ୍‌ଫିନ୍ ସୁରକ୍ଷା ସମ୍ପର୍କିତ ତାଲିମ ନେଲେ ୮୦ ମିତ୍ର

କୋଣାର୍କ,୧୦।୪(ଜ୍ୟୋତିରାଜ ମହାନ୍ତି)

ପୁରୀ ଜିଲା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ୪ଟି ରେଞ୍ଜର ୮୦ ଜଣ ଡଲ୍‌ଫିନ ମିତ୍ର ଗୁରୁବାର ଚିଲିକା ପରିଦର୍ଶନ କରିବା ସହ ଡଲ୍‌ଫିନ ସୁରକ୍ଷା ସମ୍ପର୍କରେ ପ୍ରାକ୍ଟିକାଲ ତାଲିମ ଗ୍ରହଣ କରିଥିବା ଜଣାପଡ଼ିଛି। ଡଲ୍‌ଫିନଗୁଡ଼ିକ ହେଉଛନ୍ତି ମଣିଷର ବନ୍ଧୁ। ସେମାନଙ୍କ ସୁରକ୍ଷା ମାନବ ସମାଜର ଏକ ନୈତିକ ଦାୟିତ୍ୱ କହିଲେ ଅତ୍ୟୁକ୍ତି ହେବନାହିଁ। ଏଠାରେ ସୂଚନାଯୋଗ୍ୟ, କୋଣାର୍କ, ବ୍ରହ୍ମଗିରି, ବାଲୁଖଣ୍ଡ ଓ ଅସ୍ତରଙ୍ଗ ଆଦି ୪ଟି ବନ୍ୟପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ୮୦ ଜଣ ଯୁବ ସ୍ୱେଚ୍ଛାସେବୀଙ୍କୁ ବିରଳ ପ୍ରଜାତିର ପ୍ରାଣୀ ଡଲ୍‌ଫିନଙ୍କ ସୁରକ୍ଷା ନିମନ୍ତେ ସମାଜରେ ସଚେତନତା ସୃଷ୍ଟି କରିବାକୁ ଡଲ୍‌ଫିନ ମିତ୍ର ଭାବେ ବନ ବିଭାଗ ପକ୍ଷରୁ ଚୟନ କରାଯାଇଥିଲା। ଏହି ଡଲ୍‌ଫିନ ମିତ୍ରଙ୍କୁ ଚିଲିକା ଓ ସାତପଡ଼ା ପରିଦର୍ଶନ ନିମନ୍ତେ ନିଆଯାଇଥିଲା। ଏହି ପରିଦର୍ଶନ ଦ୍ୱାରା ଡଲ୍‌ଫିନ ମିତ୍ରମାନେ ଡଲ୍‌ଫିନ ସମ୍ପର୍କରେ ଅଧିକ ସୂଚନା ପ୍ରାପ୍ତ କରିବା ସହ ଆଗାମୀ ଦିନରେ ଡଲ୍‌ଫିନ ସୁରକ୍ଷା ଓ ସଂରକ୍ଷଣ ଦିଗରେ ସହାୟକ ହେବ ବୋଲି ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀ ମୋନାଲିସା ମହାପାତ୍ର ପ୍ରକାଶ କରିଛନ୍ତି। ପୂର୍ବାହ୍ନ ସମୟରେ ଡଲ୍‌ଫିନ ମିତ୍ରଙ୍କୁ ଏକ ବସ୍ ଯୋଗେ ଚିଲିକା ପରିଦର୍ଶନରେ ନିଆଯାଇଥିଲା। ଏହି ସମୟରେ କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟର ଫରେଷ୍ଟର ଯୋଗେନ୍ଦ୍ର ପ୍ରଧାନ, ଫରେଷ୍ଟ ଗାର୍ଡ ଭାବଗ୍ରାହୀ ସେଠୀ, ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟ ଫରେଷ୍ଟର ବବୁଲ ମଲ୍ଲିକ, ଫରେଷ୍ଟର ପ୍ରଫୁଲ୍ଲ ବିଶ୍ୱାଳଙ୍କ ସମେତ ଅନ୍ୟ ବନ କର୍ମଚାରୀ ସାମିଲ ଥିଲେ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ଭୁବନେଶ୍ୱର, ୧୦।୪ (ସୌମ୍ୟରଞ୍ଜନ ରାଉତ)

ଧର୍ମପରାୟଣା ମହିଳା ତଥା ଭାଷାବିଜ୍ଞାନୀ ଡ. ଦେବାଶିଷ ମହାପାତ୍ରଙ୍କ ମା' ଗିରିବାଳା ମହାପାତ୍ର(୮୨)ଙ୍କ କୈବର୍ତ୍ତସାହି ବିଜୟଭବନ ସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ଗତ କିଛିଦିନ ହେଲା ଅସୁସ୍ଥ ରହୁଥିଲେ। ତାଙ୍କ ପରଲୋକ ଖବର ପାଇ ପୂର୍ବତନ ପ୍ରଶାସକ ରଘୁନାଥ ମିଶ୍ର, ସାହିତ୍ୟିକ ରମେଶ ଚନ୍ଦ୍ର ପାଣି ସମେତ ବହୁ ବ୍ୟକ୍ତି ବିଶେଷ ଶେଷଦର୍ଶନ କରିଥିଲେ। ଶେଷ ସମୟରେ ବଡ଼ ପୁଅ ଦୀପ୍ତି, ଦେବାଶିଷ, ଆଶିଷ, ନାତିନାତୁଣୀ ଓ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ। ସ୍ୱର୍ଗତ ମହାପାତ୍ରଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି।

## ରମାଦେବୀରେ ବାର୍ଷିକ କ୍ରୀଡ଼ା ସଭା ଉଦ୍‌ଯାପିତ

ଭୁବନେଶ୍ୱର,୧୦।୪(ସୁଚିସ୍ମିତା ସାହୁ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ତିନିଦିନ ଧରି ଚାଲିଥିବା 'ବାର୍ଷିକ କ୍ରୀଡା ସଭା ୨୦୨୪-୨୦୨୫' ଗୁରୁବାର ଉଦଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡାର ମହତ୍ତ୍ୱ ପ୍ରତିପାଦନ କରି ଯୁବପିଢିଙ୍କୁ ଅଭିପ୍ରେରିତ କରିଥିଲେ। ସମାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ୟୁଥ୍ ଏଣ୍ଡ୍ ସୋସିଆଲ ଡେଭଲପେମଣ୍ଟ ସେଣ୍ଟର୍‌ର ସଂସ୍ଥାପକ ସଦସ୍ୟ ଜଗଦାନନ୍ଦ ଯୋଗଦେଇ ବିଶ୍ୱବିଦ୍ୟାଳୟ ଛାତ୍ରୀଙ୍କୁ ସାମ୍ପ୍ରତିକ ସମୟରେ କ୍ରୀଡାର ଗୁରୁତ୍ୱ ସମ୍ବନ୍ଧରେ କହିଥିଲେ। ଏହି ଅବସରରେ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡା କ୍ଷେତ୍ରରେ ତିନିବର୍ଷ ଧରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡା ପରିଷଦ ନିର୍ଦ୍ଦେଶିକା ପ୍ରଫେସର ଜ୍ୟୋତିର୍ମୟୀ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଓ ପ୍ରଭାରୀ ଅଧିକାରୀ ବିଭାଗର ସଦସ୍ୟା ବି.ଆର୍. ଆଭା ଆୟୁଶ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡା ପରିଷଦର ଡେପୁଟି ଡାଇରେକ୍ଟର ଡ. ଇତିଶ୍ରୀ ଷଡ଼ଙ୍ଗୀ, ପ୍ରଭାରୀ ଅଧିକାରୀ ଡ. ପ୍ରକାଶ ଚନ୍ଦ୍ର ପରିଚ୍ଛା, ଶାରୀରିକ ଶିକ୍ଷା ପ୍ରଶିକ୍ଷିକା କୁନୁମୁନ୍ ବେହେରା, ଡ. ସୋନାଲି ସାହୁ, ଆର୍ କେ. ବିନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ସଭାରେ ଅତିଥିଙ୍କ ସହ କୃତୀ ଛାତ୍ରୀ।

# ସରିଲା ଲିଙ୍ଗରାଜ ମହୋତ୍ସବ

ପୁରୁଣା ଭୁବନେଶ୍ୱର,୧୦।୪(ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଚାଲିଥିବା ଲିଙ୍ଗରାଜ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚିତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଥମେ ପଦ୍ମଶ୍ରୀ ଗୁରୁ ଦୁର୍ଗା ଚରଣ ରଣବୀର ଓ ସାଥୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ପରେ ହାସ୍ୟ ଅଭିନେତା ପପୁ ପମପମ କମେଡି କରିଥିଲେ। ପରେ ଓଡ଼ିଶୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଓଡ଼ିଶୀ ନୃତ୍ୟ, ଶିଳ୍ପୀକା ଅନୁଷ୍ଠାନ ପକ୍ଷରୁ କ୍ରିଏଟିଭ ନୃତ୍ୟ, କୋଲକାତାର ଆଦି ନୃତ୍ୟ କଳା ଏକାଡେମୀ ପକ୍ଷରୁ କ୍ରିଏଟିଭ ନୃତ୍ୟ, ଟୁବୁଲା ଦାସଙ୍କ ନିର୍ଦ୍ଦେଶନାରେ କ୍ରିଏଟିଭ ନୃତ୍ୟ, ଅସାମର ରୁପମ ଶର୍ମା ଓ ସାଥୀଙ୍କ ଦ୍ୱାରା ବିହୁ ନୃତ୍ୟ ଏବଂ ଶେଷରେ ପଦ୍ମଶ୍ରୀ ଗୁରୁ ଉତ୍ସବ ଚରଣ ଦାସଙ୍କ ଘୋଡ଼ା ନାଚ ମନମୁଗ୍ଧ କରିଥିଲା। ଏଥିରେ ଅତିଥିଭାବେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବିଧାୟକ ବାବୁ ସିଂ, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବରିଷ୍ଠ ଭାଜପା ନେତା ସମୀର ମହାନ୍ତି, ପୂର୍ବତନ ମୁମ୍ବାଇ କମିଶନର ଅରୂପ ପଟ୍ଟନାୟକ, ରାଷ୍ଟ୍ରୀୟ ପତ୍ରକାର ମହାସଂଘ ସଭାପତି ଡ.ପବିତ୍ର କୁମାର ସାମନ୍ତରାୟ, ବରିଷ୍ଠ ସାମ୍ବାଦିକ ବଦ୍ରି ପଟ୍ଟନାୟକ, ଭି ନାଗେଶ୍ୱର ରାଓ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସଭାପତି ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ସନତ୍ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଗୁରୁ ଗଜେନ୍ଦ୍ର ପଣ୍ଡା, ଗୁରୁ ପ୍ରତିଭା ପଣ୍ଡାଙ୍କ ନିର୍ଦ୍ଦେଶନାରେ ବାସୁଦେବ ନାଥ ଏହାକୁ ସଂଯୋଜନା କରିଥିଲେ। ଏଥିରେ ଅନୁଷ୍ଠାନର କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଲିଙ୍ଗରାଜ ସାହୁ, ରଶ୍ମି ମହାପାତ୍ର, ମ୍ୟାନେଜର ବିଶ୍ୱନାଥ ମହାପାତ୍ର, ବାବନ ଚନ୍ଦ୍ର ମହାପାତ୍ର, କେଦାରନାଥ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନେ କଳାକାରଙ୍କୁ ଓ ରୁକୁଣା ରଥ ନିର୍ମାଣ କରିଥିବା ମହାରଣା ସେବାୟତ, ଖରଡ଼ା ସେବାୟତ, ଦର୍ଜି ସେବାୟତ, ଆପଟିଆ ସେବାୟତ, ପୂଜପଣ୍ଡା ନିଯୋଗ, ବଡୁ ନିଯୋଗ, ବ୍ରାହ୍ମଣ ନିଯୋଗ, ସମର୍ଥା ନିଯୋଗ ପ୍ରତିନିଧି, ଲିଙ୍ଗରାଜ ମହାପ୍ରଭୁଙ୍କ ପ୍ରଚାର ପାଇଁ ସୁଶାନ୍ତ କୁମାର ସେଠୀ, ରଥ କଳେସୀ ବାବୁ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


ଲିଙ୍ଗରାଜ ମହୋତ୍ସବର ଗୁରୁବାର ଉଦ୍‌ଯାପନୀ ଅବସରରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ଅନ୍ୟ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।

## ସଂକ୍ଷେପରେ

### ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ବାରଙ୍ଗ,୧୦।୪(ଲିଙ୍ଗରାଜ ରାଉତ)

ଗଣ୍ଡରପୁରଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଏକାଦଶ ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ପିଲାଙ୍କ ଭବିଷ୍ୟତ ଗଢ଼ିବାରେ ଶିକ୍ଷା ସହ କ୍ରୀଡ଼ା ଓ ନୃତ୍ୟର ଆବଶ୍ୟକତା ରହିଛି ବୋଲି କହିଥିଲେ। ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ କାଶୀନାଥ ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ଶିକ୍ଷାବିତ୍ ଜନ୍ମେଶ୍ୱର ରଥ, ସରପଞ୍ଚ ଦେବରାଜ ଭୋଇ, ଗ୍ରାମ୍ୟ କମିଟି ସଭାପତି ଭାସ୍କର ଚନ୍ଦ୍ର ପଢ଼ିହାରୀ, ମୁରବି କୈଳାସ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ପିଲାମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା। ପ୍ରଧାନ ଆଚାର୍ଯ୍ୟ ଅଜୟ କୁମାର ରାଉତ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିଶୁ ବିଦ୍ୟା ମନ୍ଦିରର ସଭାପତି ଗୋପୀନାଥ ଦାସ ଧନ୍ୟବାଦ ଦେଇଥିଲେ।

### ଭାରତୀୟ ଯୋଗ ସଂସ୍ଥାନର ସ୍ଥାପନା ଦିବସ ପାଳନ

ତିଗିରିଆ,୧୦।୪(ଜାଫର ଖାଁ)

ତିଗିରିଆ ବ୍ଲକ ଅଧୀନ ନୂଆପାଟଣା ପଞ୍ଚାୟତସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ନୂଆପାଟଣା ଯୋଗ ଜିଲା ପକ୍ଷରୁ ଭାରତୀୟ ଯୋଗ ସଂସ୍ଥାନ, ନୂଆଦିଲ୍ଲୀର ୫୯ତମ ସ୍ଥାପନା ଦିବସ ଗୁରୁବାର ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଯୋଗ ଜିଲାର ୧୭ଟି କେନ୍ଦ୍ରର, ସାଧିକା ସାଧକ, ଜିଲା ଅଧିକାରୀ, କ୍ଷେତ୍ର ଅଧିକାରୀ, କେନ୍ଦ୍ର ପ୍ରମୁଖ, ଉପ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ, ଓଁ ଧ୍ୱନି, ଗାୟତ୍ରୀ ମନ୍ତ୍ର ସହ ଯୋଗର ବିଭିନ୍ନ ଆସନ ପ୍ରଦର୍ଶନ କରାଯାଇଥିଲା। ଜିଲା ପ୍ରଧାନ ଦୁର୍ଯ୍ୟୋଧନ ସାହୁ, ଉପ ପ୍ରଧାନ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଜିଲା ସଙ୍ଗଠନ ମନ୍ତ୍ରୀ ପ୍ରଭାକର ରାଉତ, ତିଗିରିଆ କ୍ଷେତ୍ର ପ୍ରଧାନ ଅକ୍ଷୟ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ପାଳନ ଓ ଯୋଗ, ପ୍ରାଣାୟମ ଅଭ୍ୟାସର ଉପକାରିତା ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ସଙ୍ଗଠନର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଅଭିଯୋଗ ପରେ ବି ବଦଳୁନାହାନ୍ତି ଶିକ୍ଷୟିତ୍ରୀ, ଶିକ୍ଷକ

- ଜିଲାପାଳଙ୍କ ନିର୍ଦ୍ଦେଶ ମାନୁନାହିଁ ଜିଲା, ବ୍ଲକ ଶିକ୍ଷା ବିଭାଗ
- ୧୦ରୁ ଊର୍ଦ୍ଧ୍ୱ ବର୍ଷ ସମୟ ଧରି ରହିଛନ୍ତି
- ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବାକୁ ଚେତାବନୀ

ବାଙ୍କୀ, ୧୦।୪(ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ–ଡମପଡ଼ା ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ଡମପଡ଼ାଗଡ଼ ଅମରେନ୍ଦ୍ର ସରକାରୀ ୟୁଜିଏମ୍‌ଇ ବିଦ୍ୟାଳୟରେ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଠିକ୍‌ଭାବେ ପାଠପଢ଼ାଯାଉ ନ ଥିବା ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ଏପରିକି ଜିଲାପାଳଙ୍କ ନିର୍ଦ୍ଦେଶକୁ ମଧ୍ୟ ବେଖାତିର କରାଯାଉଛି ବୋଲି କେତେଜଣ ଗ୍ରାମବାସୀ କହିଛନ୍ତି। ବିଦ୍ୟାଳୟରେ ପାଠପଢ଼ା ନିମ୍ନମାନର ହେଉଥିବା ନେଇ ୨୦୨୩ରେ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ସଞ୍ଜୀବ ଦାସ ଓ ଗ୍ରାମବାସୀ ବ୍ଲକ ଶିକ୍ଷା ବିଭାଗ ଏବଂ ଜିଲା ଶିକ୍ଷା ବିଭାଗ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଦୀର୍ଘ ୧୦ ବର୍ଷ ଧରି ବିଦ୍ୟାଳୟରେ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ବଦଳି ହୋଇ ନ ଥିବାରୁ ସେମାନେ ଏଠାରେ ମନମୁଖି ଭାବେ ପାଠ ପଢ଼ାଉଥିବା ନେଇ ଅଭିଯୋଗରେ ଦର୍ଶାଯାଇଥିଲା। ଏହା ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ପୁନର୍ବାର ଫେବୃଆରୀ ୨୭ରେ ବାଙ୍କୀ ମଣ୍ଡଳ ଶିକ୍ଷା ବିଭାଗ ଅଧିକାରୀଙ୍କ ନିକଟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ସରପଞ୍ଚ ଓ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହାସତ୍ତ୍ୱେ କୌଣସି ପଦକ୍ଷେପ ନିଆ ନ ଯିବାରୁ ସରପଞ୍ଚ କୁସୁମ ମଞ୍ଜରୀ ଧଳ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସିଲୁ ମୋହନ ଜେନା ମାର୍ଚ୍ଚ ୩ରେ ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଥିଲେ। ଏହାପରେ ଦୀର୍ଘବର୍ଷ ଧରି ଏଠାରେ କାର୍ଯ୍ୟରତ ଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ତୁରନ୍ତ ବଦଳି କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ଏକ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ବ୍ଲକ କି ଜିଲା ଶିକ୍ଷା ବିଭାଗ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି ବୋଲି ଲୋକେ କହିଛନ୍ତି। ତୁରନ୍ତ ଏନେଇ ପଦକ୍ଷେପ ନିଆ ନ ଗଲେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନିଆଯିବ ବୋଲି ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ଡିଓଇ ସନ୍ତୋଷ କୁମାର ରାଉତ, ବିଓଇ ସନ୍ତୋଷ କୁମାର ସେଠୀଙ୍କ ସହ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ଉଭୟ କଲ୍ ଉଠାଇ ନ ଥିଲେ।

# ମା'ଦକ୍ଷିଣକାଳୀଙ୍କ ଭ୍ରମଣଯାତ୍ରା ସମ୍ପନ୍ନ



ମା'ଦକ୍ଷିଣ କାଳୀଙ୍କ ପ୍ରତୀକଭାବେ କେଶବ ଚନ୍ଦ୍ର ପାତ୍ର ବିଭିନ୍ନ ଦେବାଳୟ ପରିକ୍ରମା କରୁଛନ୍ତି।

ତିଗିରିଆ,୧୦।୪(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ପଞ୍ଚାୟତ ସ୍ଥିତ ନୂଆପାଟଣା ବଡ଼ ସାହିର ଆରାଧ୍ୟ ଦେବୀ ମା'ଦକ୍ଷିଣକାଳୀଙ୍କ ଭ୍ରମଣୀ ଯାତ୍ରା ବୁଧବାର ବିଳମ୍ବିତ ରାତିରେ ଶେଷ ହୋଇଛି। ମା'ଙ୍କ ପ୍ରସିଦ୍ଧ ଖଣ୍ଡାପାଟୁଆ ଯାତ୍ରାର ୯ ଦିନ ପୂର୍ବରୁ ମାନସିକଧାରୀମାନେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାକରିବା ପରେ ସ୍ଥାନୀୟ ପୁରୁଣା ପୋଖରୀରେ ଘଟ ଉଠା ନୀତି ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଘଟକୁ ମନ୍ଦିର ବେଢାରେ ସ୍ଥାପନ କରାଯାଇଥିଲା। ଘଟ ଉଠିବାର ୨ ଦିନ ପରେ ପୂର୍ବ ପରମ୍ପରା ଅନୁଯାୟୀ ଏହି ଭ୍ରମଣି ଯାତ୍ରା ଆୟୋଜନ କରାଯାଇଥିଲା। ଏହି ଯାତ୍ରାରେ ମା'ଦକ୍ଷିଣ କାଳୀଙ୍କ ପ୍ରତୀକଭାବେ ସାମାଜିକ କର୍ମୀ କେଶବ ଚନ୍ଦ୍ର ପାତ୍ର ଦକ୍ଷିଣେଶ୍ୱରୀ ମନ୍ଦିରରୁ ପାରମ୍ପରିକ ବେଶଭୁଷାରେ ବାହାରି ଶ୍ରଦ୍ଧାଳୁଙ୍କ ଗହଣରେ ନୂଆପାଟଣା ଗ୍ରାମର ସମସ୍ତ ଦେବାଳୟ ପରିକ୍ରମା କରିଥିଲେ। ଏହି ସମୟରେ ମାନସିକଧାରୀ ଓ ସ୍ଥାନୀୟ ବାସିନ୍ଦା ଘଟକୁ ବନ୍ଦାପନା କରିଥିଲେ। କାର୍ଯ୍ୟକ୍ରମରେ ନୂଆପାଟଣା ଗ୍ରାମ ସଭାପତି ପ୍ରଫୁଲ୍ଲ କୁମାର ଦତ୍ତ, ସମ୍ପାଦକ ବିଦ୍ୟାଧର ଗୁଇଁ, ସରପଞ୍ଚ ସୋମନାଥ ଦାସଙ୍କ ସମେତ ଅନ୍ୟାନ୍ୟ ଗ୍ରାମବାସୀ ସହଯୋଗ କରିଥିଲେ।

# ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଲେ ଓଡ଼ିଆ ଶିଳ୍ପୀ



ମାଲେସିଆରେ ଆୟୋଜିତ ସୌର କଳା ଏବଂ ବାଉଁଶ ହସ୍ତଶିଳ୍ପ କର୍ମଶାଳାରେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

ବାଙ୍କୀ, ୧୦।୪(ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ମାଲେସିଆ ଦେଶର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଭାରତୀୟ ସଂସ୍କୃତି କେନ୍ଦ୍ର କୁଆଲାଲମ୍ପୁରଠାରେ ଆୟୋଜିତ ସୌର କଳା ଏବଂ ବାଉଁଶ ହସ୍ତଶିଳ୍ପ କର୍ମଶାଳାରେ ଓଡ଼ିଆ ପୁଅ ତଥା ବାଙ୍କୀ–ଡମପଡ଼ା ବ୍ଲକ ତାଳବସ୍ତ ପଞ୍ଚାୟତର ବାଉଁଶ ଓ ବେତଶିଳ୍ପୀ ଏକାଦଶୀ ବାରିକ ଯୋଗଦେଇଥିଲେ। ସେ ବାଉଁଶ ଶିଳ୍ପ ଉପରେ ସେଠାକାର ଛାତ୍ରୀଛାତ୍ରମାନଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। ମାଲେସିଆ ଓଡ଼ିଆ ସଂଘ ଆନୁକୂଲ୍ୟରେ ସେଠାକାର ୪୫ ଜଣ ସ୍କୁଲ ଛାତ୍ର ଓ ୧୦୦ଜଣ ଶିଳ୍ପୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ପାରମ୍ପରିକ ଆଦିବାସୀ କଳାକାର ପ୍ରଭାତ ମହାରଣା ଓ ବାଉଁଶ ଶିଳ୍ପ ଡିଜାଇନର ପ୍ରିୟଦର୍ଶିନୀ ସାହୁ ଯୋଗଦେଇ ବାଉଁଶ କଳା ଉପରେ ଆଲୋକପାତ କରିଥିଲେ। ମାଲେସିଆ ଓଡ଼ିଆ ସଂଘର ସତ୍ୟବ୍ରତ ନାୟକ, ସ୍ନିଗ୍ଧା ମିଶ୍ର, ହୃଦାନନ୍ଦ ପଟ୍ଟନାୟକ, ଉମେଶ ମହାରଣା ଓ ଦୀପକ ମନ୍ତ୍ରୀ ଏଥିରେ ସହଯୋଗ କରିଥିଲେ। କର୍ମଶାଳାରେ ସଂସ୍କୃତି ଓ ପରିବେଶଗତ ପାରମ୍ପରିକ ବାଉଁଶ ହସ୍ତଶିଳ୍ପ ଉପରେ ବାରିକ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ଉଦାହରଣ ମାଧ୍ୟମରେ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ସେଠାକାର ଛାତ୍ରୀଛାତ୍ର ଓ ଯୁବକମାନେ ଅଭ୍ୟାସ କଲେ ବାଉଁଶ ଶିଳ୍ପର ଚାହିଦା ବଢ଼ିବ ବୋଲି ଆୟୋଜକମାନେ କହିଥିଲେ।

### ଶ୍ରୀଶ୍ରୀ ହରେକୃଷ୍ଣ ପରମହଂସ ଦେବଙ୍କ ଅଷ୍ଟବିଂଶତମ ବାର୍ଷିକୋତ୍ସବ

ତ୍ରିଶୂଳିଆ,୧୦।୪(ତୁଷାରକାନ୍ତ ବେହେରା)

ବାରଙ୍ଗ ବ୍ଲକ ନରାଜ ମାର୍ଥାପୁର ଗ୍ରାମପଞ୍ଚାୟତ ନରାଜସ୍ଥିତ ପରମହଂସ ଗୁରୁକୁଳାଶ୍ରମ ପରିସରରେ ଗୁରୁବାର ଶ୍ରୀଶ୍ରୀ ହରେକୃଷ୍ଣ ପରମହଂସ ଦେବଙ୍କ ଅଷ୍ଟବିଂଶତମ ବାର୍ଷିକୋତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରୁ ଶ୍ରୀମଦ୍ଭାଗବତର ଏକାଦଶ ସ୍କନ୍ଧ ପାରାୟଣ, ଶ୍ରୀଶ୍ରୀ ହରେକୃଷ୍ଣ ପରମହଂସ ଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଭଜନ, କୀର୍ତ୍ତନ, ସଂକୀର୍ତ୍ତନ, ନାମ ପରିବେଷଣ, ପ୍ରସାଦସେବନ ଓ ନଗର ପରିକ୍ରମା ପ୍ରଭୃତି କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ନରାଜ, ମାର୍ଥାପୁର, ମୁଣ୍ଡଳୀ, ବାରଙ୍ଗ, କଟକ ସମେତ ବିଭିନ୍ନ ଅଞ୍ଚଳରୁ ବହୁ ଭକ୍ତ ଅଂଶଗ୍ରହଣ କରିଥିଲେ। ଶ୍ରୀଶ୍ରୀ ହରେକୃଷ୍ଣ ପରମହଂସ ଦେବ ନରାଜ ଅଞ୍ଚଳରେ ୧୯୪୮ ମସିହାରେ ଆଶ୍ରମ ପ୍ରତିଷ୍ଠା କରି ପ୍ରଭୁ ଜଗନ୍ନାଥଙ୍କୁ ସ୍ଥାପନା କରିଥିଲେ। ୧୯୫୨ ମସିହାରେ ବିଶ୍ୱଶାନ୍ତି ଯଜ୍ଞର ଶୁଭାରମ୍ଭ କରିଥିଲେ। ୧୯୭୬ ମସିହାରେ ପରମହଂସ ସଂସ୍କୃତ ବିଦ୍ୟାପୀଠ ସ୍ଥାପନ କରି ଏହି ଅଞ୍ଚଳରେ ଜ୍ଞାନର ବିକାଶ କରିଥିଲେ। ଅଞ୍ଚଳବାସୀ ଏହାକୁ ପରିଚାଳନା କରିଥିଲେ।

# ଆବଶ୍ୟକ ଭିତ୍ତିଭୂମି ସୃଷ୍ଟି କରି ୟୁନିଫାଏଡ୍ ଅଟୋମେଶନ ସିଷ୍ଟମ୍ ଲାଗୁ କରାଯାଉ : ଓଷ୍ଟା

ଭୁବନେଶ୍ୱର,୧୦।୪(ସୁଚିସ୍ମିତା ସାହୁ):

ରାଜ୍ୟର ବହୁ ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ନାହିଁ। ଉପାନ୍ତ ଅଞ୍ଚଳଗୁଡ଼ିକରେ ଇଣ୍ଟରନେଟ ସଂଯୋଗ ନ କଲେ ୟୁନିଫାଏଡ୍ ଅଟୋମେଶନ ସିଷ୍ଟମ୍ (ୟୁଏଏସ୍) ଲାଗୁ କରିବା ସମ୍ଭବ ହେବନାହିଁ। ଭିତ୍ତିଭୂମି ନ ଯୋଗାଇ ବିଦ୍ୟାଳୟରେ ଏହି ବ୍ୟବସ୍ଥା ଲାଗୁ କରିବାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ତୀବ୍ର ବିରୋଧ କରୁଛି। ଆବଶ୍ୟକ ଶିକ୍ଷକ ନିଯୁକ୍ତି, ମୋବାଇଲ୍, ଇଣ୍ଟରନେଟ୍, କମ୍ପ୍ୟୁଟର ସୁବିଧା ଲାଗୁ କରିବାକୁ ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଗୁରୁବାର ଏକ ପ୍ରେସ୍ ବିବୃତ୍ତି ଜରିଆରେ କହିଛନ୍ତି। ୟୁଏଏସ୍ ବ୍ୟବସ୍ଥା ଶିକ୍ଷକଙ୍କ ମାନବିକ ଅଧିକାରକୁ କ୍ଷୁଣ୍ଣ କରୁଛି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ରାଜ୍ୟ ସରକାର ବିଦ୍ୟାଳୟସ୍ତରରେ ୟୁନିଫାଏଡ୍ ଅଟୋମେଶନ ସିଷ୍ଟମ୍ ଲାଗୁ କରିଛନ୍ତି। ଏହା ମାଧ୍ୟମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଦୈନିକ ଉପସ୍ଥାନ ପକାଇବେ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ହେଲେ ବିଦ୍ୟାଳୟଗୁଡ଼ିକରେ ଉପଯୁକ୍ତ ସଂଖ୍ୟାରେ ଶିକ୍ଷକ ନାହାନ୍ତି। ବହୁ ପଦବୀ ଖାଲି ପଡ଼ିଛି। ବିଦ୍ୟାଳୟରେ ଉପଯୁକ୍ତ ସାଧନ ବା ଡିଭାଇସ୍ ନାହିଁ କି ଦକ୍ଷ ପରିଚାଳକ ମଧ୍ୟ ନିଯୁକ୍ତ ହୋଇ ନାହାନ୍ତି। ଏନେଇ ୟୁଏଏସ୍ ପୋର୍ଟାଲ୍ ସିଷ୍ଟମ ବଦଳରେ ବାୟୋମେଟ୍ରିକ୍ ମାଧ୍ୟମରେ ଉପସ୍ଥାନ ଗ୍ରହଣ କରାଗଲେ ଭଲ ହୁଅନ୍ତା ବୋଲି ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ ସରକାରଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି।

# ସମବାୟର ଅନ୍ତୁଡ଼ିଶାଳ ହେଉଛି ବାଙ୍କୀ



ରାୟବାହାଦୁର ବିଦ୍ୟାଧର ପଣ୍ଡାଙ୍କ ଜୟନ୍ତୀରେ ଯୋଗଦେଇଥିବା ଅତିଥିମାନେ।

ବାଙ୍କୀ,୧୦।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର ):

**ରାୟବାହାଦୁର ବିଦ୍ୟାଧର ପଣ୍ଡାଙ୍କ ୧୭୦ତମ ଜୟନ୍ତୀ**

ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାଗୃହରେ ରାୟବାହାଦୁର ବିଦ୍ୟାଧର ପଣ୍ଡାଙ୍କ ୧୭୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବାଙ୍କୀର ବିଶିଷ୍ଟ ସାମାଜିକ କର୍ମୀ ଭବନୀ ପ୍ରସାଦ ପଣ୍ଡିତ ଯୋଗଦେଇ ବାଙ୍କୀ ହେଉଛି ସମବାୟର ଏନ୍ତୁଡିଶାଳ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଡେପୁଟି ଶ୍ରମଆୟୁକ୍ତ ବ୍ରଜବନ୍ଧୁ ପାଲ ସମ୍ମାନିତ ଅତିଥିଭାବେ ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା, କ୍ରେଡିଟ ବ୍ୟାଙ୍କ କାର୍ଯ୍ୟନିର୍ବାହୀ ଅଧିକାରୀ କୃତ୍ତିବାସ ପଣ୍ଡା, କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ କରୁଣାକର ସାହୁ ଯୋଗଦେଇ ରାୟବାହାଦୁର ବିଦ୍ୟାଧର ପଣ୍ଡା ଓଡ଼ିଶା ସମବାୟ ଆନ୍ଦୋଳନର ପଥ ପ୍ରଦର୍ଶକ ଥିଲେ ବୋଲି କହିଥିଲେ। ବିଦ୍ୟାଧର ପଣ୍ଡାଙ୍କ ଜୟନ୍ତୀ ପାଳନରେ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ ସମସ୍ତ ପ୍ରକାର ସହଯୋଗ କରିଥିବାରୁ ତାଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ରେଡିଟ ବ୍ୟାଙ୍କ ସଭାପତି ସମରେନ୍ଦ୍ର ମହାପାତ୍ର ସଭାପତିତ୍ୱ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ କେନ୍ଦ୍ରୀୟ ବ୍ୟାଙ୍କର ବହୁ କର୍ମଚାରୀ, ବୁଦ୍ଧିଜୀବୀ ସାମିଲ ହୋଇଥଲେ। ଶେଷରେ ସୁବାସଚନ୍ଦ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ତୈଳିକ ବୈଶ୍ୟ ସମାଜର ସମସ୍ୟା ସମାଧାନକୁ ଗୁରୁତ୍ୱ

ବାଙ୍କୀ, ୧୦।୪(ଶୁଭେନ୍ଦୁ ମହାପାତ୍ର):



ଅତିଥିମାନେ ଜଣେ ବ୍ୟକ୍ତିଙ୍କୁ ସିଲେଇ ମେଶିନ ପ୍ରଦାନ କରୁଛନ୍ତି।

ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ପଞ୍ଚାୟତସ୍ଥିତ ଘୋଡ଼ାବର ଗ୍ରାମରେ ସପ୍ତରାଜ୍ୟ ତୈଳିକ ବୈଶ୍ୟ ସମାଜର ୧୦୪ତମ ସାଧାରଣ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସରଣ୍ଡା ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୦ ତୈଳିକ ସମାଜ ରାଜ୍ୟର ବହୁ ଲୋକ ଯୋଗଦେଇଥିଲେ। ସପ୍ତରାଜ୍ୟ ତୈଳିକ ବୈଶ୍ୟ ସମାଜ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ବୁଧବାର ଅପରାହ୍ନରେ ରାଜ୍ୟ ସଭାପତିଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ଏହାପରେ ବାଜା ବଜାଇ, ବାଣ ଫୁଟାଇ, ରୋଶଣି କରି ତୈଳିକ ସମାଜର ଆରାଧ୍ୟ ଦେବତାଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ପରିକ୍ରମା ସମୟରେ ଭକ୍ତମାନେ ନିଜ ନିଜ ଘର ସମ୍ମୁଖରେ ତୋରଣ ବାନ୍ଧି ଗୋବର ଲିପି ଦିଅଁଙ୍କୁ ପୂଜାର୍ଚ୍ଚନା ଓ ବନ୍ଦାପନା କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ଅଞ୍ଚଳର କୁନି କୁନି କଳାକାରମାନଙ୍କୁ ନେଇ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଚିଲିକା ବିଧାୟକ ରଘୁନାଥ ସାହୁ, ବାଙ୍କୀ କେନ୍ଦ୍ର ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ତୈଳିକ ସମାଜର କାର୍ଯ୍ୟ ସମ୍ପର୍କରେ ମୁଖ୍ୟ ଅତିଥି ତ୍ରିପାଠୀ ଓ ସମ୍ମାନିତ ଅତିଥି ସାହୁ ଆଲୋକପାତ କରିଥିଲେ। ଅଭିନନ୍ଦନ ପତ୍ର ପାଠ କରାଯିବା ସହ ଅତିଥି ଓ କର୍ମକର୍ତ୍ତା ପରିଚୟ ପ୍ରଦାନ, ସଂପାଦକୀୟ ବିବରଣୀ ପାଠ ଓ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଗୁରୁବାର ମୁଖ୍ୟ ଅତିଥି ଭାବେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇ ତୈଳିକ ସମାଜ ଉପରେ ଅଭିଭାଷଣ ରଖିବା ସହ ଏହି ସମାଜରେ କାର୍ଯ୍ୟକ୍ଷେତ୍ରରେ ଯେଉଁମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେମାନଙ୍କ ସମସ୍ୟାର ସମାଧାନ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ସେମାନଙ୍କୁ ସାଇକେଲ ଓ ସିଲେଇ ମେଶିନ ପ୍ରଦାନ କରିଥିଲେ। ମଧ୍ୟାହ୍ନରେ ମୁଖ୍ୟ ଅତିଥିଭାବେ ବାଙ୍କୀ କଂଗ୍ରେସ ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ ଯୋଗଦେଇ ନିଜର ଅଭିଭାଷଣ ରଖିଥିଲେ। ସରଣ୍ଡା ରାଜ୍ୟ ତୈଳିକ ବୈଶ୍ୟ ସମାଜ ସଭାପତି ଚନ୍ଦ୍ରମଣି ସାହୁଙ୍କ ସମେତ ନରେନ୍ଦ୍ର କୁମାର ସାହୁ, ପ୍ରଶାନ୍ତ କୁମାର ସାମନ୍ତରାୟ, ସନ୍ତୋଷ କୁମାର ପୃଷ୍ଟି, ଶରତ ଚନ୍ଦ୍ର ସାମନ୍ତରାୟ, ମଳୟ କୁମାର ସାହୁ, ସନ୍ତୋଷ କୁମାର ସାହୁ, ପୀତାମ୍ବର ସାହୁ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଦୁଇଦିନ ଧରି ଆୟୋଜିତ ଏହି ସମାରୋହରେ ତୈଳିକ ବୈଶ୍ୟ ସମାଜର ବହୁ ବ୍ୟକ୍ତିବିଶେଷ ଯୋଗଦେଇଥିଲେ।

## ଫଟୋ ରେ ଖବର



ସାଲେପୁର ବଜାର ପଡ଼ିଆଠାରେ ତ୍ରୟ ଦିବସୀୟ ଯୋଗ ସାଧନା ଶିବିରରେ ଭାରତ ସ୍ୱାଭିମାନ ଟ୍ରଷ୍ଟର ମୁଖ୍ୟ ବାବା ରାମଦେବ ଶିବରାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି।




ବଡ଼ମ୍ବା ବ୍ଲକ ଅନ୍ତର୍ଗତ ବାଙ୍ଗେରିସିଂହା ଗ୍ରାମସ୍ଥିତ ଦୁର୍ଗାଦେବୀ ବିଏନ୍‌ଟି ନୋଡାଲ ବିଦ୍ୟାପୀଠରେ ଶକ୍ତି କ୍ଲବର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥିମାନେ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

**ଲୋକକଳା ପାଇଁ ଦିନଟିଏ**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ)- କଣାସ ପଞ୍ଚାୟତ ସମିତି ସଭାଗୃହରେ ଗୁରୁବାର ଓଡ଼ିଆ ପକ୍ଷ ପାଳନ ଅବସରରେ ଲୋକକଳା ପାଇଁ ଦିନଟିଏ ପାଳିତ ହୋଇଯାଇଛି। ସଭାରେ ମଣ୍ଡଳ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ସ୍ୱାଇଁ, ଅତିରିକ୍ତ ବିଡିଓ ମଙ୍ଗଳସିଂହ ହେମ୍ବ୍ରମ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, ସହକାରୀ ଯନ୍ତ୍ରୀ ସାତ୍ୱିକ ମିଶ୍ର ଯୋଗଦେଇ ଲୋକକଳା ପାଇଁ ଦିନଟିଏ ସମ୍ପର୍କରେ ସୂଚନା ଦେବା ସହ ୨୬ ଜଣ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ମହିଳା ମୃତ

ନିମାପଡ଼ା,୧୦।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଅଂଶାଲୋ ନୀଳଗିରି ସାହିଗ୍ରାମରେ ଜଣେ ମହିଳାଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ହେଲେ ଜ୍ୟୋତ୍ସ୍ନାରାଣୀ ମହାନ୍ତି(୫୮)। ସେ ଘରେ ତାଙ୍କ ଝିଆରୀଙ୍କ ପାଖରେ ଶୋଇଥିଲେ। ହେଲେ ବୁଧବାର ଭୋରରୁ ପରିବାର ଲୋକେ ଜ୍ୟୋତ୍ସ୍ନାରାଣୀଙ୍କୁ ନ ପାଇ ଖୋଜାଖୋଜି କରିବାରୁ ଗ୍ରାମର ଏକ ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକେ ତାଙ୍କୁ ପୋଖରୀରୁ ଉଦ୍ଧାର କରିବା ପରେ ଖବର ପାଇ ପୋଲିସ ମୃତଦେହ ଜବତ କରି ଚାରିଛକ ମେଡିକାଲକୁ ପଠାଇଥିଲା। ଏ ସମ୍ପର୍କରେ ମୃତା ଜ୍ୟୋତ୍ସ୍ନାରାଣୀଙ୍କ ଦିଅର ରୁଦ୍ର ନାରାୟଣ ମହାନ୍ତି ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ୧୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଭାରସାମ୍ୟ ହରାଇ ଓଲଟିଲା ଟାଟା ଏସିଇ, ୫ ଗୁରୁତର

କାକଟପୁର/ଅସ୍ତରଙ୍ଗ,୧୦।୪ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଥାନା ଅଧୀନ ଦେବୀନଦୀ ବନ୍ଧରେ ଭାରସାମ୍ୟ ହରାଇ ଏକ ଟାଟା ଏସିଇ ଓଲଟି ପଡ଼ିଛି। ଫଳରେ ସେଥିରେ ଥିବା ୫ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଲକ୍ଷ୍ମଣ ବେହେରା (୬୫), ଅଭୟ ବେହେରା (୪୦), ଦୀପକ ବେହେରା (୩୦), କାଳନ୍ଦୀ ବେହେରା (୬୫), ଗଦା ବେହେରା (୪୩)। ଅସ୍ତରଙ୍ଗ ବ୍ଲକ ଆଳସାହି ଓ ବାଲିଡିଆ ଅଞ୍ଚଳର କେତେଜଣ ଯୁବକ ପାରାଦୀପରୁ ନିଜ ଗ୍ରାମକୁ ଏକ ଟାଟା ଏସିଇରେ ଆସୁଥିଲେ। ଅଣଓସାରିଆ ଦେବୀ ନଦୀବନ୍ଧ ତାଳଦାରୁ ଅସନ ମୁଖ୍ୟ ରାସ୍ତାରେ ଭାରସାମ୍ୟ ହରାଇ ଟାଟା ଏସିଇଟି ବନ୍ଧ ତଳକୁ ଖସି ପଡ଼ିଥିଲା। ଫଳରେ ଟାଟା ଏସିଇ ଗାଡ଼ିରେ ଥିବା ୫ ଜଣ ଆହତ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ସମସ୍ତଙ୍କ ମୁଣ୍ଡ ସହ ଶରୀରର ଅନେକ ସ୍ଥାନରେ ଆଘାତ ଲାଗିଛି।

### ମା' ମଙ୍ଗଳାଙ୍କ ପୀଠରେ ଚଇତି ପର୍ବ ଆରମ୍ଭ

କଣାସ,୧୦।୪(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ କଣାସ ଗ୍ରାମପଞ୍ଚାୟତ ଜଳିଆପଡ଼ା ଗ୍ରାମରେ ପ୍ରତିଷ୍ଠିତ ମା' ମଙ୍ଗଳାଙ୍କ ପୀଠରେ ଗତ ୯ ତାରିଖଠାରୁ ଆରମ୍ଭ ହୋଇଥିବା ତ୍ରୟବିଂଶ ତମ ଚଇତି ପର୍ବ ତଥା ବିଶ୍ୱଶାନ୍ତି ମହାଯଜ୍ଞର ଗୁରୁବାର କଳସ ଯାତ୍ରା କରାଯାଇଛି। ଏଥିରେ ୫,୦୦୦ରୁ ଊର୍ଦ୍ଧ୍ୱ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଭକ୍ତମାନେ ପ୍ରଭାତରୁ ଯୋଗଦେଇଥିଲେ। ଯଜ୍ଞ ମଣ୍ଡପଠାରୁ ଘଣ୍ଟଘଣ୍ଟା, ପେକାଁଳୀ, ବାଦ୍ୟ ଧ୍ୱନି ସହିତ ତଗା ନାଚ, ଘୋଟା ନାଚ, ସଖୀ ନାଚ ସହ କଣାସ ଗ୍ରାମ ଦେଇ ଦୟାନଦୀର ଦୋକନ୍ଦା ଘାଟଠାରେ ଦୀର୍ଘ ୩ କି.ମି. ଅତିକ୍ରମ କରି ପହଞ୍ଚିବା ପରେ ପଣ୍ଡିତମାନେ ନଦୀକୂଳରେ ପୂଜାର୍ଚ୍ଚନା କରିବା ପରେ ଭକ୍ତ କଳସ ବୁଡ଼ାଇ ଯଜ୍ଞସ୍ଥଳକୁ ଆସିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ କଣାସ ଥାନା ଅଧିକାରୀ ପ୍ରଦୀପ କୁମାର ଜୁଝାରସିଂଙ୍କ ଦ୍ୱାରା ବିଭିନ୍ନ ଛକରେ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା।

# ଶ୍ରୀମନ୍ଦିରରେ ଦୟଣା ଚୋରି ନୀତି ସମ୍ପନ୍ନ

## ଶୁକ୍ରବାର ମହାପ୍ରଭୁଙ୍କୁ ଲାଗିହେବ ଦୟଣା ବୃକ୍ଷ

ପୁରୀ,୧୦।୪(ଅଜିତ୍ କୁମାର ମହାନ୍ତି)



ମହାପ୍ରଭୁଙ୍କ ଦୟଣା ଚୋରି ନୀତି ପାଇଁ ରାମ ଓ କୃଷ୍ଣ ଜଗନ୍ନାଥବଲ୍ଲଭ ପରିସରକୁ ଯାଉଛନ୍ତି ।

ଚୈତ୍ର ଶୁକ୍ଲପକ୍ଷ ତ୍ରୟୋଦଶୀ ତିଥି ଗୁରୁବାର ଅବସରରେ ଶ୍ରୀମନ୍ଦିରରେ ଦମନକ ବା ଦୟଣା ଚୋରି ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଧ୍ୟାହ୍ନଧୂପ ପରେ ରାମ ଓ କୃଷ୍ଣ ରତ୍ନସିଂହାସନକୁ ବିଜେ କରାଇଥିଲେ। ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ୨ ଠାକୁରଙ୍କୁ ପ୍ରଦାନ କରିଥିଲେ। ସେହିପରି ପୂର୍ବରାତିରୁ ଅଧିବାସ ହୋଇଥିବା କନ୍ଦର୍ପ ପଟିକୁ ମହାଜନସେବକମାନେ ଆଣି ବଟମୂଳେ ଥିବା ପାଲିଙ୍କି ନିକଟକୁ ବିଜେ କରାଇଥିଲେ। ପରେ ରାମ ଓ କୃଷ୍ଣ ପାଲିଙ୍କିକୁ ବିଜେ ହୋଇଥିଲେ। ବିମାନବଡୁ ସେବକମାନେ ଘଣ୍ଟ, ଛତା, ସହ ଠାକୁରଙ୍କୁ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରାଇଥିଲେ। ଜଗନ୍ନାଥବଲ୍ଲଭ ଝୁଲଣ ଘର ଶେଯଖଟ ଉପରେ ରାମକୃଷ୍ଣ ବିଜେ କରିବା ପରେ କନ୍ଦର୍ପ ପଟି ବିଜେ କରାଯାଇଥିଲା। ସେଠାରେ ପୂଜାପଣ୍ଡା ସାମନ୍ତ ବରୁଣ ପୂଜା ଏବଂ ଯଜ୍ଞ କରିଥିଲେ। ଯଜ୍ଞର ପୂର୍ଣ୍ଣାହୁତି ପରେ କନ୍ଦର୍ପଙ୍କଠାରେ ପଞ୍ଚ ଉପଚାରରେ ଖିରି ଭୋଗ ହେବା ସହ ମୁଦିରସ୍ତ ବନ୍ଦାପନା କରିଥିଲେ।

ଏହାପରେ ପୂଜାପଣ୍ଡା ସାମନ୍ତ ରାମକୃଷ୍ଣଙ୍କ ନିକଟରେ ପୂଜା କରି ଶୀତଳ ଭୋଗ ମଣୋହି କରିବା ପରେ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ମହାଜନସେବକ ରାମକୃଷ୍ଣଙ୍କୁ ହାତରେ ଧରି ମଠର ସୁଗ୍ରୀବ ମହାରାଜଙ୍କ ସମ୍ମୁଖ ପ୍ରମୋଦ ଉଦ୍ୟାନକୁ ବିଜେ କରାଇଥିଲେ। ସେଠାରେ ଏକ ଆସ୍ଥାନରେ ୬ଟି ଦୟଣା ବୃକ୍ଷ ରୋପଣ କରାଯାଇଥିଲା। ଭିତରଚ୍ଛ ୨ଟି ବୃକ୍ଷ ଆଣି ରାମକୃଷ୍ଣଙ୍କ ଶ୍ରୀହସ୍ତରେ ଲାଗି କରାଇଥିଲେ। ଅବଶିଷ୍ଟ ୪ଟି ବୃକ୍ଷକୁ ଏକ ତାଡ଼ରେ ଶ୍ରୀମନ୍ଦିରକୁ ଅଣାଯାଇଥିଲା। ଏହାପରେ ରାମ ଓ କୃଷ୍ଣ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

ଠାକୁର ଶ୍ରୀମନ୍ଦିରରେ ପହଞ୍ଚିବା ପରେ ଭୋଗମଣ୍ଡପରେ ଚୂନ ପାଣି ପକାଯାଇ ଧୋପଖାଳ କରାଯାଇ ଚାନ୍ଦୁଆ ଟଣା ଯାଇଥିଲା। ଚାନ୍ଦୁଆ ତଳେ ବାଲିବନ୍ତ ଉପରେ ଦୟଣା ମରୁଆ ସୁବାସ ଗଛମାନ ରୋପଣ କରାଯାଇଥିଲା। ପରେ ପାଲିଙ୍କିରୁ ମହାଜନ ସେବକମାନେ ୨ ଠାକୁରଙ୍କୁ ଗରୁଡ଼ ଦ୍ୱାରକୁ ଆଣିଥିଲେ। ଗରୁଡ଼ ଦ୍ୱାରଠାରେ ମହାଜନସେବକମାନେ ରାମ ଓ କୃଷ୍ଣଙ୍କ ଶ୍ରୀହସ୍ତରେ ଲାଗିହୋଇ ରହିଥିବା ଦୟଣାଗଛ ମଇଲମ କରିଥିଲେ। ଦୟଣାପତ୍ରୀ ଉକ୍ତ ଗଛମାନଙ୍କୁ ତାଡ଼ରେ ରଖିଥିଲେ। ବଡ଼ସିଂହାର ଭୋଗ ପରେ ମଦନମୋହନ ଠାକୁର ଭିତରକୁ ବିଜେ କରିଥିଲେ। ଶ୍ରୀଦେବୀ, ଭୂଦେବୀ ଓ ମଦନମୋହନ ଆଜ୍ଞାମାଳ ପାଇଲା ପରେ ଭୋଗମଣ୍ଡପ ଘରେ ପଡ଼ିଥିବା ଶେଯ ଉପରେ ବିଜେ କରାଇଥିଲେ। ବିଜେ ପରେ ମହାଜନେ ଶ୍ରୀଦେବୀ, ଭୂଦେବୀ ଓ ମଦନମୋହନଙ୍କ ହାତରେ ତିନୋଟି ଦୟଣା ଗଛ ବାନ୍ଧିଥିଲେ। ସେମାନଙ୍କ ଆଗରେ ଆଉ ତିନୋଟି ଗଛକୁ ତିନୋଟି ଚାଙ୍ଗୁଡ଼ିରେ ରଖାଯାଇଥିଲା। ପୂଜାପଣ୍ଡା ପତନି ଫୁଲଚନ୍ଦନ ଦେଇ ମଣ୍ଡଳ ଉପରେ ତିନୋଟି ଚାଙ୍ଗୁଡ଼ି ରଖିଥିଲେ। ଏହାପରେ ପାଣିପଡ଼ି, ଶୀତଳ ଭୋଗ ବଢ଼ାଯାଇ ପଞ୍ଚ ଉପଚାରରେ ମଣୋହି ହୋଇଥିଲା। ଭୋଗମଣ୍ଡପ ଘର ଦ୍ୱାରକୁ ତଡ଼ଉକରଣ ମୁଦ ଦେଇଥିଲେ। ପରେ ଅନ୍ୟାନ୍ୟ ନୀତି ହୋଇଥିଲା। ଶୁକ୍ରବାର ଚତୁର୍ଦ୍ଦଶୀ ତିଥି ଅବସରରେ ଶ୍ରୀମନ୍ଦିରରେ ରୀତିନୀତି ଅନୁଯାୟୀ ସକାଳଧୂପ ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ନିକଟରେ ଦୟଣା ବା ଦମନକ ବୃକ୍ଷ ଲାଗିହେବାର ପରମ୍ପରା ରହିଛି।

# ଶାବର ଶ୍ରୀକ୍ଷେତ୍ରରେ ଦୟଣା ଚାଷ ଆରମ୍ଭ

ପୁରୀ,୧୦।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଦୈନନ୍ଦିନ ନୀତିକାନ୍ତିରେ ଦୟଣା ସେବା ଏକ ପ୍ରମୁଖ ନୀତି। ଦୟଣା ହେଉଛି ମହାପ୍ରଭୁଙ୍କ ଅତିପ୍ରିୟ ସୁଗନ୍ଧ ବୃକ୍ଷ। ଏହା ଜଗନ୍ନାଥବଲ୍ଲଭରେ ଆଗରୁ ଲଗାଯାଇ ମହାପ୍ରଭୁଙ୍କ ନୀତି କରାଯାଉଥିଲା। ଏହି ବୃକ୍ଷଟି ବ୍ୟବହାର ଉପଯୋଗୀ ପାଇଁ ଅନେକ ପରିଶ୍ରମ କରିବାକୁ ପଡ଼ିଥାଏ। ଏହା ଓଡ଼ିଶାରେ ପ୍ରାୟ ମିଳୁ ନ ଥିବାରୁ ରାଜ୍ୟ ବାହାରୁ ଦୟଣା ଅଣାଯାଇ ମହାପ୍ରଭୁଙ୍କ ସେବାରେ ଲାଗିଥାଏ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ବିଭିନ୍ନ ଜିଲାର ବ୍ୟକ୍ତିବିଶେଷ ଏକାଠି ହୋଇ ୨୦୨୩ ମସିହାରେ ଶ୍ରୀକ୍ଷେତ୍ର ଦୟଣା ସେବା ମଣ୍ଡଳୀ ନାମରେ ଏକ ସଂଗଠନ କରିଛନ୍ତି। ସଂଗଠନ ସହଯୋଗରେ ମହାପ୍ରଭୁଙ୍କ ଦୈନନ୍ଦିନ ନୀତିକାନ୍ତିରେ ଲାଗୁଥିବା ଦୟଣା ନିୟମିତ ଯୋଗାଇବା ପାଇଁ ଏକ ପ୍ରୟାସ ଆରମ୍ଭ କରିଛନ୍ତି। ଚଳିତ ବର୍ଷ ଶାବର ଶ୍ରୀକ୍ଷେତ୍ର କୋରାପୁଟର ପଞ୍ଚବଟୀରେ ପ୍ରାୟ ୨ଏକର ଜମିରେ ଦୟଣା ଚାଷ ଆରମ୍ଭ କରାଯାଇଛି। ସେଠାରେ ଚାଷ ହୋଇଥିବା ଦୟଣା ଗଛ ୧ ଫୁଟ ହେବା ପରେ ଜଗନ୍ନାଥବଲ୍ଲଭ ସାମ୍ନାରେ ଏକ ଷ୍ଟଲରେ ଏହାର ପ୍ରଚାର ପ୍ରସାର କରିବା ସହ ଅଧିକରୁ ଅଧିକ ବ୍ୟକ୍ତିବିଶେଷ ସଂଗଠନ ସହ ଯୋଡ଼ି ହୋଇ ମହାପ୍ରଭୁଙ୍କ ଏହି ପ୍ରମୁଖ ସେବାରେ ସହଯୋଗ କରିବାକୁ ସଦସ୍ୟ ନନ୍ଦିଗୋପାଳ ପ୍ରଧାନ ଅନୁରୋଧ କରିଛନ୍ତି। ଆଗାମୀ ଦିନରେ ମହାପ୍ରଭୁଙ୍କ ନୀତିରେ ଲାଗୁଥିବା ସମସ୍ତ ଦୟଣା ଯୋଗାଇବାକୁ ରାଜ୍ୟର ବିଭିନ୍ନ ସ୍ଥାନରେ ଦୟଣା ଚାଷ ଆରମ୍ଭ କରାଯିବ ବୋଲି ସଂଗଠନ ପକ୍ଷରୁ ସୂଚନା ମିଳିଛି।

ସେହିପରି ମହାପ୍ରଭୁଙ୍କ ଲାଗି ଦୟଣାର ଅଭାବ ପରିଲକ୍ଷିତ ହେବାରୁ ଜଣେ ସାଧୁବାବାଙ୍କ ପରାମର୍ଶକ୍ରମେ ପୁରୀ ଲଜିଂ ହାଉସ୍ ଫଣ୍ଡ ଅଧୀନରେ ଚାଲୁଥିବା ହୋମିଓପାଥିକ ଚିକିତ୍ସାଳୟର ଡାକ୍ତର ପ୍ରଶାନ୍ତ କୁମାର ପାଣି ଏହି ଗଛର ମଞ୍ଜି ଆନ୍ଧ୍ରପ୍ରଦେଶରୁ ଆଣି ଏହାକୁ ଅତି ଯତ୍ନର ସହ ନିଜ ବାଡ଼ିରେ କିଛି ବର୍ଷ ହେବ ଲଗାଇ ଆସୁଛନ୍ତି। ନୀତି ପୂର୍ବରୁ ଉକ୍ତ ବୃକ୍ଷକୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରୁଛନ୍ତି। ତେବେ ଏଥିପାଇଁ ଡା. ପାଣିଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

# ଲୋକକଳା ଗ୍ରାମରେ ଓଡ଼ିଆ ପକ୍ଷ ପାଳନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଶିଶୁ କଳାକାରମାନେ ।

## ଲୋକକଳା ଗୁରୁଙ୍କୁ ସମ୍ବର୍ଦ୍ଧନା

ସାକ୍ଷୀଗୋପାଳ,୧୦।୪(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ସତ୍ୟବାଦୀ ବ୍ଲକ କଳାସଂସ୍କୃତି ସଂଘ ପକ୍ଷରୁ ଲୋକକଳା ଗ୍ରାମ ସାରଙ୍ଗଯୋଡ଼ି ଗୋପବନ୍ଧୁ ମଣ୍ଡପରେ ଗୁରୁବାର ଓଡ଼ିଆ ପକ୍ଷ ପାଳନ ହୋଇଯାଇଛି। ସ୍ଥାନୀୟ ବିଡିଓ ତଥା ବ୍ଲକ କଳା ସଂସ୍କୃତି ସଂଘ ସଭାପତି ଦେବାଶିଷ ନାୟକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାରା ରାଜ୍ୟରେ ପାଳନ କରାଯାଉଥିବା ଓଡ଼ିଆ ପକ୍ଷର ଆଭିମୁଖ୍ୟ ଓ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଲୋକକଳା ଗ୍ରାମର ପ୍ରମୁଖ ସାଂସ୍କୃତିକ ଅନୁଷ୍ଠାନ କୈଳାସ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ଦ୍ୱାରା ଗୋଟିପୁଅ ନୃତ୍ୟ ଓ ବଳପୁର ତାରିଣୀ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଓଡ଼ିଶୀ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଏହି ଅବସରରେ ଲୋକକଳା ଗୁରୁ କୁଳମଣି ବିଶ୍ୱାଳ, ଗୋଟିପୁଅ ଗୁରୁ ଭାଗୀରଥି ମହାପାତ୍ର, ସଂକୀର୍ତ୍ତନ ଗୁରୁ ଶୁଭସୁନ୍ଦର ଘଟୁଆରୀ, ପାଲା ଗୁରୁ ପ୍ରଭାକର ବିଶ୍ୱାଳ, ଚିତ୍ରକଳା ଗୁରୁ ରାଜନ ପରିଡ଼ା ଓ ସାହିଯାତ ଗୁରୁ ନରସିଂହ ପ୍ରଧାନଙ୍କୁ କଳାସଂସ୍କୃତି ସଂଘ ପକ୍ଷରୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ବରିଷ୍ଠ ସଂକୀର୍ତ୍ତନ ଗାୟକ ପୂର୍ଣ୍ଣଚନ୍ଦ୍ର ବାରିକ, ପାଲା କଳାକାର ଧୁରନ୍ଧର ପ୍ରଧାନ ଓ ସଙ୍ଗୀତଜ୍ଞ ତଥା ବାଦ୍ୟଯନ୍ତ୍ର ଶିଳ୍ପୀ ଲୋକନାଥ ଭୋଇଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ବ୍ଲକ ସାମାଜିକ ସେବା ଅଧିକାରିଣୀ ମୋନିକା ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଶିଷ୍ଟ ପାଲା ଗାୟକ ତଥା ଶିକ୍ଷକ ସଦାଶିବ ବରାଳ ଧନ୍ୟବାଦ ଦେଇଥିଲେ। ରବୀନ୍ଦ୍ର ସାହୁ, ସୁଦର୍ଶନ ପରିଡ଼ା, ଶ୍ରୀରାମ ସ୍ୱାଇଁ, ସମୀର କୁମାର ପଲେଇ ଏଥିରେ ସହଯୋଗ କରିଥିବାବେଳେ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ରମେଶ ଚନ୍ଦ୍ର ପଲେଇ ପରିଚାଳନା କରିଥିଲେ।

# କଳାକାର ସଂସ୍କୃତି, ପରମ୍ପରାର ରକ୍ଷାକବଚ ସଦୃଶ





କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କଳାକାର ଓ ଅତିଥିମାନେ ।

## ଓଡ଼ିଆ ପକ୍ଷ ପାଳନ ଅବସରରେ ହସ୍ତଶିଳ୍ପ ସଚେତନତା

ପୁରୀ,୧୦।୪(ଅଜିତ୍ କୁମାର ମହାନ୍ତି)

ଓଡ଼ିଆ ପକ୍ଷ ପାଳନର ୧୦ମ ଦିନରେ ପୁରୀ ଜିଲା ପ୍ରଶାସନ ହସ୍ତଶିଳ୍ପ କାର୍ଯ୍ୟାଳୟ ଓ ସଂସ୍କୃତି କାର୍ଯ୍ୟାଳୟ ପକ୍ଷରୁ ଲୋକକଳା ପାଇଁ ଦିନଟିଏ ଓ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ସଂସ୍କୃତି ଭବନଠାରେ ଗୁରୁବାର ପୂର୍ବାହ୍ନରେ ହସ୍ତଶିଳ୍ପ ସଚେତନତା ଶିବିର ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଯୋଗଦେଇ କଳାକାରମାନେ ଆମ ସଂସ୍କୃତି ଓ ପରମ୍ପରାର ରକ୍ଷା କବଚ ସଦୃଶ ବୋଲି କହିଥିଲେ। ବିଭିନ୍ନ କଳାର ଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଅନ୍ୟତମ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ ସ୍ୱାଗତିକା ପରିଡ଼ା, ହସ୍ତଶିଳ୍ପ ପ୍ରମୋଶନ ଅଧିକାରୀ ମନମୋହନ ମିଶ୍ର, ସହକାରୀ ନିର୍ଦ୍ଦେଶକ ଶ୍ରୀକାନ୍ତ ଶ୍ରୀଚନ୍ଦନ, ଜିଲା କଳା ସଂସ୍କୃତି ସଂଘର ଉପସଭାପତି ବସନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ହସ୍ତଶିଳ୍ପ, ଲୋକକଳା, ଲୋକ ନୃତ୍ୟ, ଲୋକ ସଙ୍ଗୀତ ଆମ ମହାନ୍ ସଂସ୍କୃତି ଓ ପରମ୍ପରାକୁ ପ୍ରତିପାଦିତ କରେ। ହସ୍ତଶିଳ୍ପ ଉପନିର୍ଦ୍ଦେଶକ ଉମାପତି ବେହେରାଙ୍କ ଅଧ୍ୟକ୍ଷତାରେ ଏହି ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ହସ୍ତଶିଳ୍ପ ଗୁରୁ ବନମାଳୀ ମହାପାତ୍ର, ଦୀନବନ୍ଧୁ ମହାପାତ୍ର, ଦେବେନ୍ଦ୍ର ମିଶ୍ର, ଭ୍ରମରବର ନାୟକ, ଲକ୍ଷ୍ମୀଧର ସୁବୁଦ୍ଧି, ଦେବୀ ପ୍ରସନ୍ନ ନନ୍ଦ, ଲୋକକଳା ଗୁରୁ ସର୍ବଶ୍ରୀ ଜୟକୃଷ୍ଣ ନାୟକ, କିଶୋର ଚନ୍ଦ୍ର ପ୍ରଧାନ, ଲକ୍ଷ୍ମୀଧର ଦାସ, ଶ୍ରୀଧର ସାମନ୍ତରାୟ, ରୂପଶ୍ରୀ ମହାପାତ୍ର, ରବି ପଣ୍ଡା, ଗଙ୍ଗାଧର ସୁନ୍ଦର, ପରମାନନ୍ଦ ପାଣି, ଭରତ ତରେଇ ଓ ଚନ୍ଦ୍ରମଣି ମଲ୍ଲିକ ପ୍ରମୁଖଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଘୋଷକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ। ଶେଷରେ ହସ୍ତଶିଳ୍ପ କାର୍ଯ୍ୟାଳୟର ଅତିରିକ୍ତ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଜବରଦଖଲ ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ପିପିଲି,୧୦।୪(ଦୁର୍ଗାମାଧବ ମିଶ୍ର)

ସରକାରୀ ଜାଗାର ଅବରୋଧ ଓ ଜବରଦଖଲର ପ୍ରତିକାର ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବିନ୍ଧା ଗ୍ରାମର ଆଇନଜୀବୀ କବିସୂର୍ଯ୍ୟ ବଳବନ୍ତରାୟଙ୍କ ରିଟ ଆବେଦନକୁ ଭିତ୍ତି କରି ହାଇକୋର୍ଟ ଜଷ୍ଟିସ ଏସ୍. କେ. ପାଣିଗ୍ରାହୀଙ୍କ ପିପିଲି ତହସିଲଦାରଙ୍କୁ ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିନ୍ଧା ଗ୍ରାମର ଉକ୍ତ ମକଦ୍ଦମାରେ ବର୍ଣ୍ଣିତ ଜବରଦଖଲକାରୀଙ୍କୁ ଆଦେଶ ପ୍ରାପ୍ତିର ମାସେ ମଧ୍ୟରେ ଉଚ୍ଛେଦ କରିବାକୁ ପଦକ୍ଷେପ ନେବେ। ଏବଂ ତତ୍ ସହିତ ତହସିଲଦାର ଏକ ଅଭିଯୋଗ ପ୍ରକୋଷ୍ଠ ଖୋଲି ପ୍ରତି ମାସର ଏକ ନିର୍ଦ୍ଦିଷ୍ଟ ଦିନ ଧାର୍ଯ୍ୟ କରି ତହସିଲ ଅଧୀନ ବିଭିନ୍ନ ଗ୍ରାମବାସୀଙ୍କ ଅବରୋଧ ଓ ଜବରଦଖଲ ଉଚ୍ଛେଦ ସମ୍ପର୍କିତ ସମସ୍ତ ଅଭିଯୋଗଗୁଡ଼ିକ ଆହ୍ୱାନ କରି ସେଗୁଡ଼ିକର ସମାଧାନ କରିବେ ବୋଲି ହାଇକୋର୍ଟ ପିପିଲି ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ଏହି ସଂକ୍ରାନ୍ତୀୟ ମାମଲାଗୁଡ଼ିକ ଅନାବଶ୍ୟକ ବୋଝ ହ୍ରାସ ହେବ। ରିଟ ଆବେଦନକାରୀଙ୍କ ପକ୍ଷରୁ ବିଶିଷ୍ଟ ଆଇନଜୀବୀ ପଦ୍ମଚରଣ ପଟ୍ଟନାୟକ ମକଦ୍ଦମା ପରିଚାଳନା କରୁଥିଲେ।

# ହାଇୱା ଜବତ: ମାଲିକ, ଚାଳକଙ୍କ ବିରୋଧରେ ମାମଲା

ନିମାପଡ଼ା,୧୦।୪(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ପୁରୀ ମାଇନିଂ ଅଧିକାରୀ ସମୀର ମିଶ୍ର ନିମାପଡ଼ା ନୂଆ ବସ୍‌ଷ୍ଟାଣ୍ଡଠାରେ ମଙ୍ଗଳବାର ଚଢ଼ାଉ କରି ଏକ ବାଲି ବୋଝେଇ ହାଇୱା (ଓଡି ୧୩ ଆର୍ ୮୮୦୩)କୁ ଜବତ କରିଛନ୍ତି। ଜବତ ହାଇୱାକୁ ନିମାପଡ଼ା ପୋଲିସ ହେପାଜତରେ ଥାନା ପରିସରରେ ରଖାଯାଇଛି। ଏ ସମ୍ପର୍କରେ ପୁରୀ ମାଇନିଂ ଅଧିକାରୀ ମିଶ୍ର ବୁଧବାର ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଜବତ ହାଇୱା ମାଲିକ ଓ ଚାଳକଙ୍କ ବିରୋଧରେ ୧୦୪/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଖଣି ବିଭାଗର ଏହି ଚଢ଼ାଉ ଆଖିଠାର ସଦୃଶ ବୋଲି ବିଭିନ୍ନ ମହଲରୁ କୁହାଯାଉଛି। ନିମାପଡ଼ା ରୁଟ୍‌ରେ ମୁଖ୍ୟ ଛକ ବଜାର ରାସ୍ତାରେ ଦୈନିକ ବହୁ ପରିମାଣର ହାଇୱା ବେଆଇନ ଭାବେ ବେଧଡ଼କ ଭାବେ ବିଭିନ୍ନ ଅଞ୍ଚଳକୁ ବାଲି ଚାଲାଣ କରୁଛି। ହେଲେ ଏ ଦିଗରେ ଖଣି ବିଭାଗ କି ରାଜସ୍ୱ ବିଭାଗ କି ପୋଲିସ ପକ୍ଷରୁ କୌଣସି ପ୍ରକାର ଆଖିଦୃଶିଆ ଦୃଷ୍ଟାନ୍ତମୂଳକ ପଦକ୍ଷେପ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଅତ୍ୟନ୍ତ ଲଜ୍ଜାଜନକ ବିଷୟ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

# ଲଭର୍ସ ଇଲେଭେନ୍ କଜଳପାତିଆ ଚାମ୍ପିୟନ

## କଜଳପାତିଆ କ୍ରିକେଟ୍ କ୍ଲବ ଟୁର୍ଣ୍ଣାମେଣ୍ଟ

ଅସ୍ତରଙ୍ଗ,୧୦।୪(ମମତା ଜେନା)

କାକଟପୁର ବ୍ଲକ ଅଧୀନ ଜଳେଶ୍ୱରପଡ଼ା ଗ୍ରାମ ପଞ୍ଚାୟତ କଜଳପାତିଆ କ୍ରିକେଟ୍ କପ୍ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି।





ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ ।

ଏଥିରେ ଚନ୍ଦନପୁର ଇଲେଭେନ୍ କ୍ରିକେଟ୍ କ୍ଲବକୁ ହରାଇ ଲଭର୍ସ ଇଲେଭେନ୍ କଜଳପାତିଆ କ୍ରିକେଟ କ୍ଲବ ଚାମ୍ପିୟନ ସିଲ୍ ହାସଲ କରିଛି।

ପ୍ରଥମେ ଟସ୍ ଜିତି ଲଭର୍ସ ଇଲେଭେନ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୧୪୯ ରନ୍ ସଂଗ୍ରହ କରିଥିଲା। ବିପକ୍ଷ ଚନ୍ଦନପୁର ଇଲେଭେନ କ୍ରିକେଟ କ୍ଲବ ସମସ୍ତ ଉଇକେଟ ହରାଇ ୫୨ ରନ୍ କରି ପରାସ୍ତ ହୋଇଥିଲା। ଲଭର୍ସ ଇଲେଭେନର ଖେଳାଳି ବର୍ଣ୍ଣିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ସିପୁଙ୍କୁ ମ୍ୟାନ୍ ଅଫ ଦି ସିରିଜ୍ ଘୋଷଣା ପୂର୍ବକ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଜଳେଶ୍ୱରପଡ଼ା ଗ୍ରାମ ପଞ୍ଚାୟତର ସାମାଜିକ କର୍ମୀ ତଥା ଯୁବନେତା ବିଷ୍ଣୁ ଚରଣ ବେହେରା ଓ ସମ୍ମାନିତ ଅତିଥି ଭାବେ ବଳରାମ ବିଶ୍ୱାଳ ଯୋଗଦେଇ ଚାମ୍ପିୟନ ରନର୍ସ ଇଲେଭେନକୁ ଚାମ୍ପିୟନ ଟ୍ରଫି ଓ ନଗଦ ଟଙ୍କା ଏବଂ ରନର୍ସ ଚନ୍ଦନପୁର ଇଲେଭେନକୁ ରନର୍ସ କପ୍ ଓ ନଗଦ ଟଙ୍କା ପ୍ରଦାନ କରିଥିଲେ। ନାରାୟଣ ବେହେରା ଓ କାହ୍ନା ସ୍ୱାଇଁ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। କ୍ଲବ ପକ୍ଷରୁ ପାର୍ଥ, ଜୀବନ, ସୁମନ, ଶିବରାଜ, ପାପୁନି, କପିଳ, ବବୁଲ ଓ ଅନ୍ୟ ସଭ୍ୟମାନେ ସହଯୋଗ କରିଥିଲେ।

# ରାଷ୍ଟ୍ରସେବା କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରାଯାଉ

## ସରକାରୀ ବାଳିକା ବିଦ୍ୟାଳୟ ସାକ୍ଷୀଗୋପାଳର ବାର୍ଷିକୋତ୍ସବ

ସାକ୍ଷୀଗୋପାଳ,୧୦।୪(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ଅଧ୍ୟୟନରତ ଛାତ୍ରୀଛାତ୍ର ଏକ ଅଲିଖିତ କାନଭାସ ଭଳି ଯେଉଁଥିରେ ଯାହା ଲେଖାଯିବ, ତାହା ପ୍ରତିଫଳିତ ହେବ। ତେଣୁ ଶିକ୍ଷୟିତ୍ରୀ ଶିକ୍ଷକ ଏଭଳି ଶିକ୍ଷାଦାନ କରନ୍ତୁ, ଯେଭଳି ପ୍ରତ୍ୟେକ ଛାତ୍ରୀଛାତ୍ର ରାଷ୍ଟ୍ର ସେବାରେ କାର୍ଯ୍ୟକରିବେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସାକ୍ଷୀଗୋପାଳର ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗଦେଇ ଏହା କହିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନମିତା ଦାସ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ, ସମ୍ମାନିତ ଅତିଥି ଭାବେ ଭାଜପା ନେତା ଦୀପକ ଶତପଥି, ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନ, ଆଲୁମ୍ନି କମିଟି ସଭାପତି ସବିତା ପଣ୍ଡା, ବିଦ୍ୟାଳୟ





ବରିଷ୍ଠ ଶିକ୍ଷକ ଅଗସ୍ତି ବେହେରା ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ଅତିଥିଙ୍କଠାରୁ ସମ୍ବର୍ଦ୍ଧିତ ହେଉଛନ୍ତି।

ପରିଚାଳନା କମିଟି ସଭାପତି ଅର୍ଜୁନ ଦାସ, ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନମିତା ଦାସ ବିବରଣୀ ପାଠ ମାଧ୍ୟମରେ ବିଦ୍ୟାଳୟର ଅନେକ ସମସ୍ୟା ସମ୍ପର୍କରେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖୁବ୍ କମ ଦିନରେ ସତ୍ୟବାଦୀ ବିକାଶରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ସତ୍ୟବାଦୀ ହାଇ ସ୍କୁଲ ଯୋଡ଼ି ହୋଇ ଏହାର ନୂତନ କଳେବର ହେବ ବୋଲି ମୁଖ୍ୟ ଅତିଥି କହିଥିଲେ। ବିଦ୍ୟାଳୟ ଦଶମ ଶ୍ରେଣୀ ଛାତ୍ରୀ ସୁକନ୍ୟା ସୁଭଦର୍ଶିନୀ ସ୍ୱାଇଁ ବେଷ୍ଟ ଷ୍ଟୁଡେଣ୍ଟ, ଦଶମ ଶ୍ରେଣୀରେ ସର୍ବାଧିକ ନମ୍ବର ସ୍ୱୟଂସ୍ନିଗ୍ଧା ଜେନା, ଆରାଧ୍ୟା ସତାକି ମିଶ୍ର ଜାତୀୟ ସ୍ୱର୍ଣ୍ଣ ପଦକ ବିଜେତା, ଶୁଭଲକ୍ଷ୍ମୀ ବେହେରା ଜାତୀୟ ସ୍ତରରେ କବାଡ଼ୀ ପ୍ରତିଯୋଗିତାରେ ଚାମ୍ପିୟନ, ବରିଷ୍ଠ ଶିକ୍ଷକ ଅଗସ୍ତି ବେହେରା, ଉମାଶଙ୍କର ମିଶ୍ର, ଶିକ୍ଷୟିତ୍ରୀ ସବିତା ରଥ, ଶିଳ୍ପୀରେଖା ତ୍ରିପାଠୀ, ପୁଷ୍ପାଞ୍ଜଳି ଜେନା, ସୁପ୍ରିୟା ସାହୁଙ୍କ ସମେତ ଅନ୍ୟ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ସବିତା ରଥଙ୍କ ନିର୍ଦ୍ଦେଶନାରେ ଛାତ୍ରୀଙ୍କ ଦ୍ୱାରା ସୁନ୍ଦର ଚିତାକର୍ଷକ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ମନୋରଞ୍ଜନ ନାଥ ଧନ୍ୟବାଦ ଦେଇଥିଲେ। ପୂର୍ବତନ ଛାତ୍ରୀ ତପସ୍ୱିନୀ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ପୋଲିସ ଗାଡ଼ିକୁ ଧକ୍କା ଦେଇଥିବା ଟ୍ରେଲର ଚାଳକ ଗିରଫ

**ବରମୁଣ୍ଡା ଓଭରବ୍ରିଜ୍ ଉପରେ ସିରିଜ୍ ଦୁର୍ଘଟଣା**

**ଭୁବନେଶ୍ୱର,୧୦।୪(ସତ୍ୟଜିତ୍ ରାଉତ):** ବରମୁଣ୍ଡା ଓଭରବ୍ରିଜ୍ ଉପରେ ବୁଧବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ପରେ ସେଠାକୁ ଉଦ୍ଧାର ପାଇଁ ଯାଇଥିବା ଦୁଇ ପୋଲିସ ଗାଡ଼ିକୁ ଧକ୍କା ଦେବା ଘଟଣାରେ ଟ୍ରେଲର ଚାଳକଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ମଡେଲ ଥାନା ଅର୍ଜୁନପୁର ଗ୍ରାମର ଜିତେନ୍ଦ୍ର ବେହେରା(୪୬)। ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୧୨ଟା ୩୦ ବେଳେ ଏକ ପିକ୍‌ଅପ୍ ଭ୍ୟାନ୍ କୁକୁଡ଼ା ଛିଆଁ ଭର୍ତ୍ତି କରି ରସୁଲଗଡ଼ ପାର୍ଶ୍ୱରୁ ଖୋର୍ଦ୍ଧା ଆଡ଼କୁ ଯାଉଥିଲା। ବରମୁଣ୍ଡା ଓଭରବ୍ରିଜ ଉପରେ ଭ୍ୟାନ୍‌ଟି ଡିଭାଇଡର୍‌ରେ ପିଟି ହୋଇ ଓଲଟି ପଡ଼ିଥିଲା। ଡ୍ରାଇଭର ଜଣକ ସେଥିରୁ ବାହାରି ଆସୁଥିବାବେଳେ ଖୋର୍ଦ୍ଧା ଆଡ଼କୁ ଯାଉଥିବା ଏକ ଟ୍ରକ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ସୂଚନା ପାଇ ଦୁଇ ପୋଲିସ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା। ଉଦ୍ଧାର କାର୍ଯ୍ୟରେ ଲାଗିଥିବା ଦୁଇ ପୋଲିସ ଗାଡ଼ିକୁ କିଛି ସମୟ ପରେ ରସୁଲଗଡ଼ ପଟୁ ଆସୁଥିବା ଏକ ଟ୍ରେଲର ଧକ୍କାଦେଇଥିଲା।

# ମନ୍ଦିରକୁ ପ୍ରବେଶକଲେ କପିଳେଶ୍ୱର ଦେବ

**ନିରାକାରପୁର,୧୦।୪(ମାନସ ଚନ୍ଦ୍ର ପଟ୍ଟନାୟକ)**



ଶ୍ରୀଜୀଉମାନଙ୍କୁ ରଥକୁ ନିଆଯାଉଛି।



ରଥଯାତ୍ରା ପରେ ଗ୍ରାମେଶ୍ୱର ଦେବ ସ୍ୱ ମନ୍ଦିର ଅଭିମୁଖେ ଯାଉଛନ୍ତି।

**ସରିଲା ଅଶୋକାଷ୍ଟମୀ ବିଜୟା ରଥଯାତ୍ରା**

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତସ୍ଥିତ ବିଜେ ଡିଆଠାରେ ଥିବା ଶ୍ରୀକପିଳେଶ୍ୱର ଦେବଙ୍କ ଅଶୋକାଷ୍ଟମୀ ରଥଯାତ୍ରା ଗତ ୫ ତାରିଖରୁ ଚାଲୁରହିଥିବା ବେଳେ ତ୍ରୟୋଦଶୀରେ ଶେଷ ହୋଇଛି। ବାହୁଡ଼ା ଯାତ୍ରା ବୁଧବାର ଦ୍ୱାଦଶୀରେ ଆଧ୍ୟାତ୍ମିକ ପରିବେଶରେ ସମ୍ପନ୍ନ ହୋଇଥିଲା। ଗୁଣ୍ଡିଚା ମନ୍ଦିରରେ ନବମୀଠାରୁ ପୂଜା ପାଉଥିବା ଶ୍ରୀଜୀଉଙ୍କୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ଡିଆ, ଭୋଇସାହି, କୋଲସାହି, ଭଙ୍ଗସାହି ଗ୍ରାମବାସୀଙ୍କ ପକ୍ଷରୁ ପେଡ଼ିଭୋଗ ଓ ଖେଚୁଡ଼ି ଭୋଗ ଶ୍ରୀଜୀଉଙ୍କ ପାଖରେ ଲାଗି କରାଯାଇଥିଲା। ପରେ ଶ୍ରୀଜୀଉମାନଙ୍କୁ ସୁସଜ୍ଜିତ ବିମାନରେ ଆସୀନ କରି ଏକ ବିରାଟ ପଟୁଆରରେ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା। ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରୀଜୀଉମାନେ ଗ୍ରାମରେ ଭୋଗ ଖାଇବା ସହ ଗୁଣ୍ଡିଚା ମନ୍ଦିର ପାଖରେ ପହଞ୍ଚିବା ପରେ ଶ୍ରୀଜୀଉଙ୍କୁ ବିମାନରୁ ଅଣାଯାଇ ବାଟପହଣ୍ଡି ଓ ପରେ ରଥାରୂଢ଼ କରାଯାଇଥିଲା। ପରେ ପରିଚାଳନା କମିଟି ପକ୍ଷରୁ ପଣାଭୋଗ ଲାଗି ପରେ ରଥଟଣା ଆରମ୍ଭ ହୋଇଥିଲା। ପରେ ଉପସ୍ଥିତ ଶ୍ରଦ୍ଧାଳୁମାନେ ବିଳମ୍ବିତ ରାତିରେ ରଥକୁ ବିଲ ଗହୀରରେ ଟାଣି ଭେଟବାଲିଠାରେ ପହଞ୍ଚିଥିଲେ। ସେଠାରେ ଗୋପାଳଙ୍କ ଦ୍ୱାରା ପ୍ରସ୍ତୁତି ପଣା ଲାଗି କରାଯାଇଥିଲା। ରଥକୁ ପୁନଃ ଟଣାଯାଇ ମେଳଣ ପଡିଆରେ ପହଞ୍ଚିବା ପରେ ଆତସବାଜି ପରିବେଷଣ କରାଯାଇଥିଲା। ପରେ ଭୋରୁ ରଥ ପୁନଃ ଟଣାଯିବା ସହ ମନ୍ଦିର ନିକଟରେ ପହଞ୍ଚିଥିଲା। ଶ୍ରୀଜୀଉଙ୍କୁ ସ୍ନାନମାର୍ଜନା ଓ ପ୍ରପାନକ ଲାଗି ହୋଇଥିଲା। ଏହା ପରେ ଶ୍ରୀଜୀଉଙ୍କୁ ସ୍ୱ ମନ୍ଦିରକୁ ନିଆଯାଇଥିଲା। ଆରେଡି ଗ୍ରାମରୁ ରଥଯାତ୍ରାରେ ସାମିଲ ହେବା ପାଇଁ ନିମନ୍ତ୍ରଣ ହୋଇ ଆସିଥିବା ଗ୍ରାମେଶ୍ୱରଦେବ ଓ ମା' ଗ୍ରାମେଶ୍ୱର ଦେବୀଙ୍କୁ ରୀତିନୀତି ଅନୁସାରେ ମେଲାଣି ଦିଆଯାଇଥିଲା। ସେହିପରି ଯାତ୍ରାରେ ସାମିଲ ହୋଇଥିବା ଦଳବେହେରାଙ୍କୁ ସିରିପା ପ୍ରଦାନ କରାଯାଇଥିଲା ବୋଲି ପରିଚାଳନା କମିଟିର ସଦସ୍ୟ କିଶୋର କୁମାର ଦାଶ, ସଦସ୍ୟ ମାନସ ଚନ୍ଦ୍ର ପଟ୍ଟନାୟକ, ସାରଙ୍ଗଧର ମହାପାତ୍ର ପ୍ରମୁଖ ସୂଚନା ଦେଇଛନ୍ତି। ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟଙ୍କ ନେତୃତ୍ୱରେ ଏସ୍‌ଆଇ ଦୀପାଳିଶା ନାୟକ, ଏଏସ୍‌ଆଇ ତପନ କୁମାର ପ୍ରଧାନଙ୍କ ସମେତ ପୋଲିସ ଫୋର୍ସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ବ୍ୟବସାୟୀଙ୍କୁ ଛୁରି ଭୁସି ଲୁଟ୍ ଘଟଣା, ୬ ଗିରଫ

**ଭୁବନେଶ୍ୱର,୧୦।୪(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ରାଜମହଲ ଓଭରବ୍ରିଜ୍ ପାଖରେ ବ୍ୟବସାୟୀ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ଛୁରାମାଡ଼ କରି ଲୁଟ୍ ଘଟଣାରେ ଲକ୍ଷ୍ମୀସାଗର ପୋଲିସ ୬ ଜଣଙ୍କୁ ଗୁରୁବାର ଗିରଫ କରିଛି। ସେମାନେ ହେଲେ ବାଲେଶ୍ୱର ଜିଲା ଖଇରା ଅଞ୍ଚଳର ଦୀପକ ରଞ୍ଜନ ମଲ୍ଲିକ (୨୮), ବଡ଼ଗଡ ବ୍ରିଟ୍ କଲୋନୀରେ ରହୁଥିବା ବାଲେଶ୍ୱର ସୋର ଅଞ୍ଚଳର ଗୌତମ ନାୟକ (୩୨), ସଦର ଅଞ୍ଚଳର ପ୍ରୀତମ ପାଢ଼ୀ ଓରଫ ଗୁଲୁ (୨୩), ଭଦ୍ରକ ତିହିଡି ଅଞ୍ଚଳର ସନ୍ତୋଷ ପୁହାଣ ଓରଫ ପୁପୁନୁ (୩୦), ବଡ଼ଗଡ ଉପରସାହିର ସୁଶିଲ ସାମନ୍ତ ସିଂଘାର ଓରଫ ପୁପୁନା (୨୯) ଓ କଟକ ମଧୁପାଟଣା ଥାନା ଅଞ୍ଚଳର ଅଭିଜିତ ମହାନ୍ତି ଓରଫ ଅଭି (୨୪)। ସେମାନଙ୍କଠାରୁ ୪ ବାଇକ୍, ୬ ମୋବାଇଲ, ଛୁରି, ସୁନା ଚେନ୍ ଓ ବ୍ରେସଲେଟ୍ ଜବତ ହୋଇଛି। କୋର୍ଟଚାଲାଣ ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବଡ଼ଗଡ ବ୍ରିଟ୍ କଲୋନୀର ପୂର୍ଣ୍ଣଚନ୍ଦ୍ରଙ୍କର ୟୁନିଟ୍-୧ ମାର୍କେଟ୍‌ରେ ପୂଜାସାମଗ୍ରୀ ଦୋକାନ ରହିଛି। ମାର୍ଚ୍ଚ ୨୩ ରାତିରେ ସେ ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। ଅଭିଯୁକ୍ତମାନେ ତାଙ୍କ ପାଖରୁ ସୁନା ଚେନ୍ ସହ ୭୦ ହଜାର ଟଙ୍କା ନେଇଯାଇଥିଲେ।

# ଆବଶ୍ୟକ ଭିତ୍ତିଭୂମି ସୃଷ୍ଟିକରି ୟୁନିଫାଏଡ୍ ଅଟୋମେଶନ ସିଷ୍ଟମ୍ ଲାଗୁ କରାଯାଉ : ଓଷ୍ଟା

**ଭୁବନେଶ୍ୱର (ସୁଚିସ୍ମିତା ସାହୁ) / ବେଗୁନିଆ,୧୦।୪(ସନ୍ଧ୍ୟାରାଣୀ ମିଶ୍ର)**

ରାଜ୍ୟର ବହୁ ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ନାହିଁ। ଉପାନ୍ତ ଅଞ୍ଚଳଗୁଡ଼ିକରେ ଇଣ୍ଟରନେଟ ସଂଯୋଗ ନ କରି ବା ଏବଂ ୟୁନିଫାଏଡ ଅଟୋମେସନ ସିଷ୍ଟମ୍ ଲାଗୁ କରିବା ସମ୍ଭବ ହେବନାହିଁ। ଆବଶ୍ୟକୀୟ ଭିତ୍ତିଭୂମି ନ ଯୋଗାଇ ବିଦ୍ୟାଳୟରେ ୟୁଏଏସ ଲାଗୁ କରିବା ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ତୀବ୍ର ବିରୋଧ କରୁଛି । ଆବଶ୍ୟକୀୟ ଶିକ୍ଷକ ନିଯୁକ୍ତି, ମୋବାଇଲ୍, ଇଣ୍ଟରନେଟ୍, କମ୍ପ୍ୟୁଟର ସୁବିଧା ଲାଗୁ କରିବାକୁ ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଗୁରୁବାର ଏକ ପ୍ରେସ୍ ବିବୃତ୍ତି ଜରିଆରେ କହିଛନ୍ତି। ୟୁଏଏସ୍ ବ୍ୟବସ୍ଥା ଶିକ୍ଷକଙ୍କ ମାନବିକ ଅଧିକାରକୁ କ୍ଷୁଣ୍ଣ କରୁଛି। ସମସ୍ତ କର୍ମଚାରୀଙ୍କ ପାଇଁ ଏ ବ୍ୟବସ୍ଥା ଲାଗୁ କରାନଯାଇ କେବଳ ଶିକ୍ଷକଙ୍କ କ୍ଷେତ୍ରରେ ଏହା କାର୍ଯ୍ୟକାରୀ କରିବା ନିଷ୍ପତ୍ତି ନିନ୍ଦନୀୟ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ସୂଚନାଥାଉକି, ରାଜ୍ୟସରକାର ବିଦ୍ୟାଳୟସ୍ତରରେ ୟୁନିଫାଏଡ଼ ଅଟୋମେସନ ସିଷ୍ଟମ୍ ଲାଗୁ କରିଛନ୍ତି। ଏହା ମାଧ୍ୟମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଦୈନିକ ଉପସ୍ଥାନ ପକାଇବେ ବୋଲି ଗଣଶିକ୍ଷା ବିଭାଗ ତରଫରୁ ନିର୍ଦ୍ଦେଶନାମା ଜାରି କରାଯାଇଛି ସେହିପରି ବିଦ୍ୟାଳୟଙ୍କରେ ଉପଯୁକ୍ତ ସଂଖ୍ୟାରେ ଶିକ୍ଷକ ନାହାଁନ୍ତି । ବହୁ ପଦବୀ ଖାଲି ପଡ଼ିଛି । ବିଦ୍ୟାଳୟରେ ଉପଯୁକ୍ତ ସାଧନ ବା ଡିଭାଇସ୍ ନାହିଁ କି ଦକ୍ଷ ପରିଚାଳକ ମଧ୍ୟ ନିଯୁକ୍ତ ହୋଇ ନାହାନ୍ତି। ଇଣ୍ଟରନେଟ୍ ସୁବିଧା ନଯୋଗାଇ ଏବଂ ସର୍ବୋପରି ଶିକ୍ଷକଙ୍କର ସମସ୍ୟା ସମାଧାନ ନକରି ଏହି ବ୍ୟବସ୍ଥା ଲାଗୁ କରାଗଲେ ଶିକ୍ଷକମାନେ ମାନସିକସ୍ତରରେ ଚାପଗ୍ରସ୍ତ ହେବେ ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟା ତରଫରୁ କୁହାଯାଇଛି। ୟୁଏଏସ୍ ପୋଟାଲ୍ ସିଷ୍ଟମ ବଦଳରେ ବାୟୋମେଟ୍ରିକ୍ ମାଧ୍ୟମରେ ଉପସ୍ଥାନ ଗ୍ରହଣ କରାଗଲେ ଭଲ ହୁଅନ୍ତା ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷା ପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ସରକାରଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି ।

# ଶିବ ପଞ୍ଚାକ୍ଷର ଧ୍ୱନିରେ କମ୍ପିଲା ପଡ଼ିଆ




ମହୋତ୍ସବ ପଡ଼ିଆରେ ପ୍ରଦର୍ଶିତ ୧୦୮ ଶିବଲିଙ୍ଗ।

**ବେଗୁନିଆ,୧୦।୪ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**

**ମହାପାଟଦେଇ କାଳୀକା ଦେବୀ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା**

ବେଗୁନିଆ ସଦର ମହକୁମାସ୍ଥିତ ମା' ଦୁର୍ଗାଦେବୀଙ୍କ ଯାତ୍ରା ପଡ଼ିଆରେ ଅନୁଷ୍ଠିତ ମହାପାଟଦେଇ କାଳିକା ଦେବୀ ମହୋତ୍ସବର ଗୁରୁବାର ଥିଲା ଦ୍ୱିତୀୟ ଦିବସ। ପୁରାତନ ସଂସ୍କୃତି ଓ ଆଧ୍ୟାତ୍ମିକତାର ପରିଚୟ ପ୍ରଦାନ କରୁଥିବା ଏହି ଯାତ୍ରା ପଡିଆ ଶିବ ପଞ୍ଚାକ୍ଷର ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ଆୟୋଜକ କମିଟି ପକ୍ଷରୁ ପୂର୍ବାହ୍ନରେ ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିଭୋର କରିଥିଲା। ବିଶ୍ୱଶାନ୍ତି ନିମନ୍ତେ ଯଜ୍ଞସ୍ଥଳୀରେ ପୁରୋହିତଙ୍କ ବିଧି ମୁତାବକ ମନ୍ତ୍ର ଉଚ୍ଚାରଣରେ ବୈଦିକ ମହାଯଜ୍ଞ ଏବଂ ସୂର୍ଯ୍ୟପୂଜା, ଗୋପୂଜା, ଶାଳାମଣ୍ଡନ, ଅଗ୍ନି ସ୍ଥାପନା ଆଦି ସମ୍ପନ୍ନ ହୋଇଥିଲା। ପଡିଆ ପରିସରରେ ମହାଦେବଙ୍କ ଅପୂର୍ବ ବେଶ ପ୍ରଦର୍ଶିତ ଦେଖି ଶ୍ରଦ୍ଧାଳୁମାନେ ଓଁ ନମଃ ଶିବାୟ ମନ୍ତ୍ର ସାଧନାରେ ସିଦ୍ଧିଲାଭ କରିଥିଲେ। ମହାଦେବଙ୍କ ଅପୂର୍ବ ବେଶ, ନୀତି ଏବଂ ୧୦୮ ଲିଙ୍ଗର ଝଲକ ଦେଖିବାକୁ ମିଳିଥିଲା। ମହାପାଟଦେଈ କାଳିକା ଦେବୀ ମହୋତ୍ସବ କମିଟି ଏବଂ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ସଭାରେ ବେଗୁନିଆ ବ୍ଲକ ପ୍ରଶାସନିକ ଅଧିକାରୀମାନେ ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା। ସୂଚନାଥାଉ କି, ଆୟୋଜକ କମିଟି ପକ୍ଷରୁ ଅନୁଷ୍ଠିତ ଉକ୍ତ ମହୋତ୍ସବକୁ ବୁଧବାର ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ।

# ୪ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଯାଞ୍ଚ

**ଖୋର୍ଦ୍ଧା,୧୦।୪(ପ୍ରଭାତ ପାଣିଗ୍ରାହୀ)**

- ତାଗିଦ୍ ସତ୍ତ୍ୱେ ୨ ଏସ୍‌ଆର୍‌ରେ ୨୯ ପ୍ଲଟ ବିକ୍ରି
- ଖୋର୍ଦ୍ଧାରେ ୫୦ ଆଂଶିକ ପ୍ଲଟ ବିକ୍ରି ପାଇଁ ମସୁଧା
- ବଦଳିପାରନ୍ତି ଖୋର୍ଦ୍ଧା, ବେଗୁନିଆ ଏସ୍‌ଆର୍

ପାର୍ଟ ବା ଆଂଶିକ ପ୍ଲଟ୍ ରେଜିଷ୍ଟ୍ରେଶନ ଉପରେ ସରକାରୀ କଟକଣା ରହିଥିବା ସତ୍ତ୍ୱେ ଖୋର୍ଦ୍ଧା ଜିଲାର ବିଭିନ୍ନ ସବ୍‌ରେଜିଷ୍ଟ୍ରାର(ଏସ୍‌ଆର୍)ଙ୍କ କାର୍ଯ୍ୟାଳୟରେ ଏହାର ଖୋଲା ଉଲ୍ଲଂଘନ କରାଯାଇଛି। କଟକଣା ସମୟରେ ପାର୍ଟ ପ୍ଲଟ୍ ପଞ୍ଜୀକରଣ କରିଥିବା ୩୧ ସବ୍‌ରେଜିଷ୍ଟ୍ରାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ଯୋଜନା କରିଥିବାବେଳେ ଖୋର୍ଦ୍ଧାର ୧୦ ସବ୍‌ରେଜିଷ୍ଟ୍ରାରଙ୍କୁ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ରିପୋର୍ଟ ତଲବ କରିଥିଲେ। ଏନେଇ 'ଧରିତ୍ରୀ'ରେ ଖବର ପରିବେଷଣ ପରେ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗର ଏକ ଟିମ୍ ଖୋର୍ଦ୍ଧା, ବେଗୁନିଆ, ବୋଲଗଡ଼ ଏବଂ ଜଟଣୀ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଆଂଶିକ ପ୍ଲଟ କିଣାବିକା ସଂକ୍ରାନ୍ତ ରେକର୍ଡପତ୍ର ଯାଞ୍ଚ କରିଥିବା ବେଳେ ଆଂଶିକ ପ୍ଲଟ ବିକ୍ରି ନ କରିବାକୁ ତାଗିଦା କରିଥିଲେ। ତେବେ ଏହା ସତ୍ତ୍ୱେ ବୁଧବାର ଖୋର୍ଦ୍ଧାରେ ୧୯ଟି ଏବଂ ବେଗୁନିଆରେ ୧୦ଟି ମୋଟ ୨୯ଟି ପ୍ଲଟ ବିକ୍ରି ବାବଦକୁ ପ୍ରାୟ ୨୫ଲକ୍ଷ ଟଙ୍କା ଆର୍ଥିକ କାରବାର ହୋଇଥିବା ଚର୍ଚ୍ଚା ଜୋରଧରିଛି। ଖୋର୍ଦ୍ଧା ବିଡିଏ ଅଞ୍ଚଳରେ ଶୁକ୍ରବାର ୫୦ଟି ଆଂଶିକ ପ୍ଲଟ ବିକ୍ରି ପାଇଁ ମସୁଧା କରାଯାଇଥିବା ଏବଂ ଏ ବାବଦକୁ ଜଣଙ୍କ ପିଛା ୧ଲକ୍ଷ ଟଙ୍କା ଦାବି କରାଯାଇଥିବା ଜଣେ ବିଭାଗୀୟ କର୍ମଚାରୀ ନାମ ଗୋପନ ରଖି କହିଛନ୍ତି। ତେବେ ବିଭାଗୀୟ ଅଧିକାରୀଙ୍କ ତାଗିଦା ସତ୍ତ୍ୱେ କିଭଳି ଏସ୍‌ଆର୍‌ମାନେ ମନଇଚ୍ଛା ଆଂଶିକ ପ୍ଲଟ ବିକ୍ରି ପାଇଁ ଯୋଜନା କରୁଛନ୍ତି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ୪ ଏସ୍‌ଆର୍ କାର୍ଯ୍ୟାଳୟ ଉପରେ ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ସ୍ଥିର ହୋଇଥିବା ଜଣାପଡିଛି। ଖୋର୍ଦ୍ଧା ଓ ବେଗୁନିଆ ଏସ୍‌ଆର୍‌ଙ୍କୁ ସରକାର ଅନ୍ୟତ୍ର ବଦଳି କରିପାରନ୍ତି ବୋଲି ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

## ବିଶ୍ୱଶାନ୍ତି ମହାଯଜ୍ଞ, ମା'ରାମଚଣ୍ଡୀ ମହୋତ୍ସବ ଉଦ୍‌ଘାଟିତ

**ବେଗୁନିଆ,୧୦।୪(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡ଼ମାଣିତୀର ଗ୍ରାମସ୍ଥିତ ମା'ରାମଚଣ୍ଡୀଙ୍କ ପୀଠରେ ବାରପଲୀ ଆଞ୍ଚଳିକ କମିଟି ପକ୍ଷରୁ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞାଚାର୍ଯ୍ୟ ରମେଶ ଚନ୍ଦ୍ର କରଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ମୀନକେତନ ମିଶ୍ର କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲେ। ବୈଦିକ ରୀତିନୀତି ଅନୁଯାୟୀ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ଗୋପୂଜା, ସାଲାମଣ୍ଡନ, କଳସଯାତ୍ରା, ସର୍ବଦେବଦେବୀ ଆବାହନ, ଯଜ୍ଞନାରାୟଣଙ୍କ ଆବିର୍ଭାବ, ଅଗ୍ନି ସ୍ଥାପନ, ମା'ରାମଚଣ୍ଡୀଙ୍କ ଷୋଡ଼ଶ ଉପଚାର ପୂଜା, ସପ୍ତଶତୀ ଚଣ୍ଡୀ ଆହୁତି ପ୍ରଦାନ, ଶ୍ରୀମଦ୍‌ଭାଗବତ ବାସୁଦେବଙ୍କ ଷୋଡ଼ଶ ଉପଚାର ପୂଜା, ଭଗବତ ଗୀତାରେ ଆହୁତି ପ୍ରଦାନ, କପିଳେଶ୍ୱର ଦେବଙ୍କ ଉପଚାର ପୂଜା, ଶତରୁଦ୍ରରେ ଆହୁତି ପ୍ରଦାନ କରାଯାଇଥିଲା। ଶୁକ୍ରବାର ସର୍ବଦେବଦେବୀଙ୍କୁ ଆହୁତି ପ୍ରଦାନ ପୂର୍ବକ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସମାପନ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ତେବେ ଗୁରୁବାର ସନ୍ଧ୍ୟାରେ ମା'ରାମଚଣ୍ଡୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷକ ଜନ୍ମେଶ୍ୱର ମଙ୍ଗରାଜଙ୍କ ସଂଯୋଜନାରେ ରାଜରଣପୁର ଓଡ଼ିଶୀ ନୃତ୍ୟଶିଳ୍ପୀ ଅଞ୍ଜଳି ରାଣୀ ସିଂହଦେଓ ଏବଂ ବଡ଼ବେରଣା ମା'କାଳିକାଦେବୀ ସାଂସ୍କୃତିକ କଳା ପରିଷଦ ଓଡ଼ିଶୀ ନୃତ୍ୟ ସହ ଖୋର୍ଦ୍ଧା ଡିଭାଇନ ଡ୍ୟାନ୍ସ ଗ୍ରୁପ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ପଦ୍ମ ଚରଣ ରାଉତ, ବଳଦେବ ରଥ, ସଚ୍ଚିଦାନନ୍ଦ ସାହୁ, ଲକ୍ଷ୍ମୀଧର ଛୋଟରାୟ, ଯଜ୍ଞେଶ୍ୱର ସୁନ୍ଦରାୟ, ଆମ ଗାଁ ମହୋତ୍ସବ କମିଟିର ସମ୍ପାଦକ ଡ. ଶିଶିର କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ।

# ଶ୍ରେଣୀଗୃହରେ ତାଲା, ବାରଣ୍ଡାରେ ପିଲା

**ଭୁବନେଶ୍ୱର,୧୦।୪(ସୁଚିସ୍ମିତା ସାହୁ)**

**ଷଷ୍ଠ, ସପ୍ତମ ଶ୍ରେଣୀ ବନ୍ଦ ପାଇଁ ଚିଠି ଆସିଛି: ପ୍ରଧାନଶିକ୍ଷୟିତ୍ରୀ**

କୌଣସି ଉପାନ୍ତ କି ଗ୍ରାମାଞ୍ଚଳ ନୁହେଁ, ଖୋଦ୍ ରାଜଧାନୀରେ ବିଦ୍ୟାଳୟର ଦୟନୀୟ ଅବସ୍ଥା ଦେଖିବାକୁ ମିଳିଛି। ଶିକ୍ଷକ ଅଭାବରୁ ବିଦ୍ୟାଳୟରେ ତାଲା ଝୁଲୁଥିବାବେଳେ ପିଲାଙ୍କ ପାଠପଢ଼ା ଗୁରୁତର ବାଧାପ୍ରାପ୍ତ ହୋଇଛି। ମଞ୍ଚେଶ୍ୱରସ୍ଥିତ ରେଲୱେ କଲୋନୀ ସରକାରୀ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ଏଭଳି ସ୍ଥିତି ରାଜ୍ୟର ଶିକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଷଷ୍ଠ ଓ ସପ୍ତମ ଶ୍ରେଣୀରେ ତାଲା ପକା ଯାଇଥିବାବେଳେ ପିଲାମାନେ ଶ୍ରେଣୀ ଗୃହ ପରିବର୍ତ୍ତେ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ଏମିତିକି ଅନ୍ୟ ପିଲାମାନେ ମଧ୍ୟାହ୍ନଭୋଜନ ଖାଉଥିବାବେଳେ ଏହି ଦୁଇ ଶ୍ରେଣୀର ପିଲାଙ୍କୁ ଦିଆଯାଉନାହିଁ। ସକାଳୁଆ ସ୍କୁଲ ହେବା ଦିନରୁ ଅର୍ଥାତ୍ ଗତ ୨ ତାରିଖରୁ ଏମିତି ଦୁଇ ଶ୍ରେଣୀର ଛାତ୍ରୀଛାତ୍ର ବାରଣ୍ଡାରେ ବସି ନିଜେ ପାଠ ପଢୁଛନ୍ତି। ପିଲାମାନେ ଘରୁ ନେଇଥିବା ବିସ୍କୁଟ ଓ ଟିଫିନ ଖାଉଛନ୍ତି। ବିନା କୌଣସି ନୋଟିସରେ ହଠାତ୍ ଶ୍ରେଣୀଗୃହରେ ତାଲା ପକାଇ ଦିଆଯାଇଥିବାରୁ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଚଳିତ ଶିକ୍ଷାବର୍ଷରୁ ଏହି ୨ ଶ୍ରେଣୀ ବନ୍ଦ ହୋଇଯାଇଥିବା ଶୁଣିବା ପରେ ସେମାନେ ଚିନ୍ତାରେ ପଡ଼ିଛନ୍ତି।

# ସରିଲା ଲିଙ୍ଗରାଜ ମହୋତ୍ସବ

**ପୁରୁଣା ଭୁବନେଶ୍ୱର,୧୦।୪(ସୁବାସ ଚନ୍ଦ୍ର ପ୍ରଧାନ):** ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଚାଲିଥିବା ଲିଙ୍ଗରାଜ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚିତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ଅତିଥିଭାବେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ବାବୁ ସିଂ, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବରିଷ୍ଠ ଭାଜପା ନେତା ସମୀର ମହାନ୍ତି, ପୂର୍ବତନ ମୁମ୍ବାଇ କମିଶନର ଅରୂପ ପଟ୍ଟନାୟକ, ରାଷ୍ଟ୍ରୀୟ ପତ୍ରକାର ମହାସଂଘ ସଭାପତି ଡ. ପବିତ୍ର କୁମାର ସାମନ୍ତରାୟ, ବଦ୍ରି ପଟ୍ଟନାୟକ, ଭି.ନାଗେଶ୍ୱର ରାଓ, ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ସନତ୍ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଗୁରୁ ଗଜେନ୍ଦ୍ର ପଣ୍ଡା, ପ୍ରତିଭା ପଣ୍ଡାଙ୍କ ନିର୍ଦ୍ଦେଶନାରେ ବାସୁଦେବ ନାଥ ଏହାକୁ ସଂଯୋଜନା କରିଥିଲେ ।

# ୩୩ ୟୁନିଟ୍ ରକ୍ତ ସଂଗ୍ରହ

**ଜଟଣୀ,୧୦।୪(ରବୀନ୍ଦ୍ରନାଥ ମହାକୁଡ଼)**

ଓଡ଼ିଆ ପକ୍ଷ ପାଳନ ପରିପ୍ରେକ୍ଷୀରେ ଜଟଣୀ ମହାବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ୟୁବ ରେଡ୍‌କ୍ରସ ଓ ରେଡ୍ ରିବନ କ୍ଲବ ଏବଂ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ଅଧ୍ୟକ୍ଷ ଡ. ରାଜୀବ କର ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଆଶ୍ଚର୍ଯ୍ୟ କୁମାର କର, ଅଧ୍ୟାପକ ତଥା ଜାତୀୟ ସେବା ଯୋଜନା ଅଧିକାରୀ ଡ. ସୁଶାନ୍ତ ବାରିକ ରକ୍ତଦାନ କରିବା ସହିତ ଛାତ୍ରୀଛାତ୍ରଙ୍କୁ ରକ୍ତଦାନର ମହତ୍ତ୍ୱ ବିଷୟରେ କହିଥିଲେ। ଶିବିରରେ ମୋଟ ୩୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଜଟଣୀ ସୁରକ୍ଷା ମଞ୍ଚର ସଦସ୍ୟ ଏବଂ ଖୋର୍ଦ୍ଧା ରକ୍ତଭଣ୍ଡାର ଅଧିକାରୀ ଡା. ସୌରଭ ରାୟଙ୍କ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା। ରକ୍ତଦାତାଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ୟୁବ ରେଡ୍‌କ୍ରସର କାଉନ୍‌ସିଲର ଅଧ୍ୟାପିକା ପରମିତା ପ୍ରହରାଜ, କାର୍ତ୍ତିକ ଚନ୍ଦ୍ର ଦାସ, ଡ. ଆଲୋକ କୁମାର ଛୋଟରାୟ, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଜିତ କୁମାର ସୁନ୍ଦରାୟ, ଡ. ଅନୁପ କୁମାର ମହାନ୍ତି, ଡ. ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଡ. ଅମିତ ବିକ୍ରମ ପଟ୍ଟନାୟକ, ମିସ ସ୍ନେହାଶୋଭାଙ୍ଗି, ପ୍ରଭାସିନୀ ଦଳେଇ, ସୁପ୍ରିୟା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



# ବିକ୍ରି ହେଉନି, ସହରମୁହାଁ ବେପାରୀ

**ଖୋର୍ଦ୍ଧା,୧୦।୪(ପ୍ରଭାତ ପାଣିଗ୍ରାହୀ)**




ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ସହର ସୌନ୍ଦର୍ଯ୍ୟକରଣ ଏବଂ ଟ୍ରାଫିକ୍ ନିୟନ୍ତ୍ରଣ ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ମାରୱାଡ଼ିପଟି, ଟ୍ରାଫିକ୍ ଛକ, ପୋଷ୍ଟ ଅଫିସ ଓ ଟାଉନ ଥାନା ପାର୍ଶ୍ୱ, ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମବାୟ ଛକ ଏବଂ ପଞ୍ଚସଖା ଓ ମହାଲକ୍ଷ୍ମୀ ପରିବା ସଂଘ ସମେତ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାକଡ଼ ଫୁଟ୍‌ପାଥ ପରିବା, ଫଳ ଦୋକାନ ପ୍ରାୟ ୧୬୬ ଜଣଙ୍କୁ ଉଚ୍ଛେଦ କରାଯାଇଥିଲା। ଫୁଟ୍‌ପାଥ ବ୍ୟବସାୟୀଙ୍କୁ ଟିଏଲ୍‌ସି ଶ୍ମଶାନ ପଡ଼ିଆରେ ପରିବାମଣ୍ଡି ଏବଂ ଟୋକନ ପାଇଥିବା ବ୍ୟବସାୟୀଙ୍କୁ ଭେଣ୍ଡିଂଜୋନରେ ଥଇଥାନ କରାଯାଇଛି। ଗତ ଡିସେମ୍ବର ୨୯ରେ ଉଚ୍ଛେଦ କରାଯାଇ ୩୧ ତାରିଖରେ ଅବସ୍ଥାପିତ କରାଯାଇଥିଲା। ପରିବାମଣ୍ଡି ବ୍ୟବସାୟୀଙ୍କ ବେପାର ଭଲ ହେଉଥିବା ବେଳେ ଭେଣ୍ଡିଂଜୋନ ବେପାରୀ ହାତବାନ୍ଧି ବସିଛନ୍ତି। ଫଳରେ ବେପାରୀ ପୁଣି ଥରେ ସହରମୁହାଁ ହେବାକୁ ଲାଗିଛନ୍ତି। ଜଣଙ୍କ ପରେ ଜଣେ ବେପାରୀ ପୁଣି ଥରେ ନିଜ ସ୍ଥାନକୁ ଫେରି ବେପାର ଆରମ୍ଭ କରିବାକୁ ଲାଗିଛନ୍ତି।

ଏନେଇ ଭେଣ୍ଡିଂଜୋନର ଜଣେ ପରିବା ବେପାରୀ କୁହନ୍ତି, ଗତ ଜାନୁଆରୀରୁ ୩ମାସ ବିତିଲାଣି, ବେପାର ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ପୂର୍ବରୁ ପଞ୍ଚସଖା ଓ ମହାଲକ୍ଷ୍ମୀ ପରିବା ବଜାରରେ ଗ୍ରାହକଙ୍କ ଭିଡ଼ ଜମୁଥିଲା। ଦୈନିକ ୩ରୁ ୫ହଜାର ଟଙ୍କା ରୋଜଗାର ହେଉଥିବା ବେଳେ ଏବେ ଦିନକୁ ୫୦୦ ଟଙ୍କାର ବେପାର ବହୁ କଷ୍ଟରେ ହେଉଛି। ବେପାର ଏକପ୍ରକାର ଠପ୍ ହୋଇଯାଇଛି। ସେହିପରି ଅନ୍ୟ ଜଣେ ବେପାରୀ କୁହନ୍ତି, ପୌର ପ୍ରଶାସନ ଯାହା ପ୍ରତିଶ୍ରୁତି ଦେଇଥିଲା, ତାହା କାର୍ଯ୍ୟକାରୀ କଲା ନାହିଁ। ପ୍ରାଥମିକ ପର୍ଯ୍ୟାୟରେ ହାଇକୋର୍ଟଙ୍କ ରହିତାଦେଶ ରହିଥିବା ଦୋକାନକୁ ବାଦ୍ ଦେଇ ପୂଜା ସାମଗ୍ରୀ, ଫଳ ଓ ପରିବା ଦୋକାନକୁ ଉଚ୍ଛେଦ କରିଦେଲେ। ତେବେ ଅନ୍ୟ ବେପାରୀମାନେ ସେଠାରେ ପୂର୍ବ ଭଳି ବେପାର କରୁଥିବା ବେଳେ ସେମାନଙ୍କୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଉନାହିଁ। ଏଠାରେ ଦିନସାରା ଗ୍ରାହକଙ୍କୁ ଅପେକ୍ଷା କରି ରହୁଥିବା ବେଳେ ସେପଟେ ବେପାରୀମାନେ ଦୈନିକ ଭଲ ରୋଜଗାର କରୁଛନ୍ତି। ପୌର ପ୍ରଶାସନ କଥା ରଖି ସେଠାରୁ ଭେଣ୍ଡିଂଜୋନକୁ ଆସିଲୁ। ଫେବୃଆରୀ ୨୫ ପର୍ଯ୍ୟନ୍ତ ହାଇକୋର୍ଟ ରହିତାଦେଶ ସମୟ ଅବଧି ସରିଯାଇଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଉଚ୍ଛେଦ ପାଇଁ ହାଇକୋର୍ଟରେ କୌଣସି ପ୍ରକ୍ରିୟା କରାଯାଉନାହିଁ। ଆମ ପ୍ରତି ସମ୍ପୂର୍ଣ୍ଣ ଅନ୍ୟାୟ କରାଯାଇଛି। ପୂର୍ବରୁ ଏନେଇ ଜିଲାପାଳଙ୍କୁ ମଧ୍ୟ ଲିଖିତଭାବେ ଅଭିଯୋଗ କରାଯାଇଛି। ତେବେ ଭେଣ୍ଡିଂଜୋନ ପାଇଁ ଟୋକନ ନେଇସାରିଥିବା ଦୋକାନୀ ଏବେବି ସେଠାରେ ବେପାର କରୁଥିବା ବେଳେ ସେମାନଙ୍କୁ ଉଚ୍ଛେଦ କରାଯାଉନାହିଁ ବୋଲି କେତେଜଣ ଉଚ୍ଛେଦ ହୋଇଥିବା ବେପାରୀ କହିଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ ଉକ୍ତ ଦୋକାନକୁ ଉଚ୍ଛେଦ କରାଯାଉ, ନଚେତ୍ ଆଗାମୀ ଦିନରେ ଆମେ ପୂର୍ବ ସ୍ଥାନକୁ ଫେରି ଫୁଟପାଥରେ ଦୋକାନ ଖୋଲିବୁ ବୋଲି ଚେତାବନୀ ଦେଇଛନ୍ତି।

## ରାଜଧାନୀରେ ଶିକ୍ଷା ବ୍ୟବସ୍ଥାର ଦୟନୀୟ ସ୍ଥିତି

# ଶ୍ରେଣୀଗୃହରେ ତାଲା, ବାରଣ୍ଡାରେ ପିଲା

ଭୁବନେଶ୍ୱର,୧୦।୪(ସୁଚିସ୍ମିତା ସାହୁ)

କୌଣସି ଉପାନ୍ତ କି ଗ୍ରାମାଞ୍ଚଳ ନୁହେଁ, ଖୋଦ୍ ରାଜଧାନୀରେ ବିଦ୍ୟାଳୟର ଦୟନୀୟ ଅବସ୍ଥା ଦେଖିବାକୁ ମିଳିଛି। ଶିକ୍ଷକ ଅଭାବରୁ ବିଦ୍ୟାଳୟରେ ତାଲା ଝୁଲୁଥିବାବେଳେ ପିଲାଙ୍କ ପାଠପଢ଼ା ଗୁରୁତର ବାଧାପ୍ରାପ୍ତ ହୋଇଛି। ମଞ୍ଚେଶ୍ୱରସ୍ଥିତ ରେଲୱେ କଲୋନୀ ସରକାରୀ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ଏଭଳି ସ୍ଥିତି ରାଜ୍ୟର ଶିକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଷଷ୍ଠ ଓ ସପ୍ତମ ଶ୍ରେଣୀରେ ତାଲା ପକା ଯାଇଥିବାବେଳେ ପିଲାମାନେ ଶ୍ରେଣୀ ଗୃହ ପରିବର୍ତ୍ତେ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ଏମିତିକି ଅନ୍ୟ ପିଲାମାନେ ମଧ୍ୟାହ୍ନଭୋଜନ ଖାଉଥିବାବେଳେ ଏହି ଦୁଇ ଶ୍ରେଣୀର ପିଲାଙ୍କୁ ଦିଆଯାଉନାହିଁ। ସକାଳୁଆ ସ୍କୁଲ ହେବା ଦିନରୁ ଅର୍ଥାତ୍ ଗତ ୨ ତାରିଖରୁ ଏମିତି ଦୁଇ ଶ୍ରେଣୀର ଛାତ୍ରୀଛାତ୍ର ବାରଣ୍ଡାରେ ବସି ନିଜେ ପାଠ ପଢୁଛନ୍ତି। ପିଲାମାନେ ଘରୁ ନେଇଥିବା ବିସ୍କୁଟ ଓ ଟିଫିନ ଖାଉଛନ୍ତି। ବିନା କୌଣସି ନୋଟିସରେ ହଠାତ୍ ଶ୍ରେଣୀଗୃହରେ ତାଲା ପକାଇ ଦିଆଯାଇଥିବାରୁ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଚଳିତ ଶିକ୍ଷାବର୍ଷରୁ ଏହି ଦୁଇ ଶ୍ରେଣୀ ବନ୍ଦ ହୋଇଯାଇଥିବା ଶୁଣିବା ପରେ ସେମାନେ ଚିନ୍ତାରେ ପଡ଼ିଛନ୍ତି। ବହୁ ପୁରୁଣା ଏହି ବିଦ୍ୟାଳୟରୁ ଶହଶହ ମେଧାବୀ ସୃଷ୍ଟି ହେବା ସହ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହୋଇଛନ୍ତି। ଏବେ ଶିକ୍ଷାନୁଷ୍ଠାନ ବନ୍ଦ ହେବା ଘଟଣା ସେମାନଙ୍କୁ କଷ୍ଟ ଦେଉଛି। ବିଶେଷକରି ଦିନ ମଜୁରିଆ ଓ ମଧ୍ୟବିତ୍ତ ପରିବାରର ଶହେରୁ ଅଧିକ ପିଲା ଏଠାରେ ପଢୁଛନ୍ତି। ସେମାନେ ଟିସି ନେଇ ନ ଥିବାବେଳେ ଶ୍ରେଣୀ ଗୃହରେ ତାଲା ପକାଇବା ଦ୍ୱାରା ସେମାନଙ୍କ ଭବିଷ୍ୟତ ଅନ୍ଧକାର ଆଡକୁ ଠେଲି ହୋଇଯାଇଛି।



ବାରଣ୍ଡାରେ ଛାତ୍ରୀଛାତ୍ର ମାନେ ବସି ପାଠ ପଢୁଛନ୍ତି।

### ଷଷ୍ଠ, ସପ୍ତମ ଶ୍ରେଣୀ ବନ୍ଦ ପାଇଁ ଚିଠି ଆସିଛି: ପ୍ରଧାନଶିକ୍ଷୟିତ୍ରୀ

ଏ ସମ୍ପର୍କରେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ଅମାତୁଲ କରିମ କହିଛନ୍ତି, ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସରକାରୀ ବିଦ୍ୟାଳୟ, ଷଷ୍ଠ ଓ ସପ୍ତମ ଶ୍ରେଣୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଏବଂ ଅଷ୍ଟମରୁ ଦଶମ ଶ୍ରେଣୀ ପ୍ରାଇଭେଟ୍ ସ୍କୁଲ ରହିଛି। ଷଷ୍ଠ ଓ ସପ୍ତମ ଶ୍ରେଣୀର ଶିକ୍ଷକ ଅବସର ନେବା ପରେ ସେଠାରେ ନୂତନ ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ। ଏହି ଦୁଇ ଶ୍ରେଣୀକୁ ବନ୍ଦ କରିବାକୁ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଥିବାବେଳେ ବିଭାଗ ପକ୍ଷରୁ ଗତ ମାର୍ଚ୍ଚ ୩୧ରେ ଏନେଇ ଚିଠି ଆସିଛି। ଚଳିତ ଶିକ୍ଷାବର୍ଷରୁ ଷଷ୍ଠ ଓ ସପ୍ତମ ଶ୍ରେଣୀ ପିଲାଙ୍କ ଆଡମିଶନ ନ କରିବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଥିବାବେଳେ ମଧ୍ୟାହ୍ନ ଭୋଜନ ବନ୍ଦ ପାଇଁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଏହି ଶ୍ରେଣୀ ଦୁଇଟିକୁ ବନ୍ଦ କରିବାକୁ ଅଭିଭାବକମାନେ ଚାହୁଁନାହାନ୍ତି। ସେଥିପାଇଁ ସେମାନେ ଡିଇଓ ଓ ବିଇଓଙ୍କୁ ଅନୁରୋଧ କରିଛନ୍ତି। ବିଦ୍ୟାଳୟ ଖୋଲିବା ନେଇ ଚିଠି ଆସିବା ପରେ ପୁଣି ଆଡମିଶନ କରାଯିବ ବୋଲି ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି।

### ବିଦ୍ୟାଳୟକୁ ବନ୍ଦ କରା ନ ଯାଉ

ଷଷ୍ଠ ଶ୍ରେଣୀର ଜଣେ ଛାତ୍ରୀ କହିଛନ୍ତି, ଶିକ୍ଷକ ଅଭାବରୁ ବିଦ୍ୟାଳୟ ବନ୍ଦ କରାଯାଉଛି। ହେଲେ ଆମେ ବିଦ୍ୟାଳୟକୁ ଆସି ସବୁଦିନ ପାଠପଢୁଛୁ। ବିଦ୍ୟାଳୟ ବନ୍ଦ ହୋଇଗଲା ଓ ତମେମାନେ ଆଉ ବିଦ୍ୟାଳୟକୁ ଆସିବ ନାହିଁ ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହୁଛନ୍ତି। ଆମ ବିଦ୍ୟାଳୟକୁ ବନ୍ଦ କରା ନ ଯାଉ। ତାଙ୍କ ସହ ଅନ୍ୟ ପିଲାମାନେ ମଧ୍ୟ ସମାନ କଥା କହିବା ସହ ଶିକ୍ଷକ ନିଯୁକ୍ତି କରି ପାଠପଢ଼ାଇବାକୁ ଅନୁରୋଧ କରିଛନ୍ତି।

## ଆଜି ବିଏମ୍‌ସିର ୨୨ ସ୍ୱାସ୍ଥ୍ୟକେନ୍ଦ୍ରରେ ହିତାଧିକାରୀଙ୍କୁ ମିଳିବ ଆୟୁଷ୍ମାନ୍ କାର୍ଡ

ଭୁବନେଶ୍ୱର, ୧୦।୪ (ବନ୍ଦନା ସେଠୀ)

ଶୁକ୍ରବାର ଆୟୁଷ୍ମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବିପିଏମଜେଏୱାଇ) ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜିଜେଏୱାଇ)ର ରାଜ୍ୟବ୍ୟାପୀ ଶୁଭାରମ୍ଭ ହେବ। ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମଧ୍ୟ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯିବ। ଏଥିପାଇଁ ବିଏମ୍‌ସି ଅଞ୍ଚଳରେ ଥିବା ୨୨ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବସ୍ଥା କରାଯାଇଛି। ବିଏମ୍‌ସି ଉତ୍ତର ଜୋନ୍ ଅନ୍ତର୍ଗତ ୱାର୍ଡ ନଂ. ୩, ୯ ଏବଂ ୧୨ ହିତାଧିକାରୀଙ୍କୁ ଗାଡ଼କଣ ୟୁପିଏଚ୍‌ସିରେ କାର୍ଡ ପ୍ରଦାନ କରାଯିବ। ସେହିପରି ୱାର୍ଡ ନମ୍ବର-୮ ପାଇଁ ଚନ୍ଦ୍ରଶେଖରପୁର ୟୁପିଏଚ୍‌ସି, ୱାର୍ଡ ନମ୍ବର-୧୮, ୧୯ ଏବଂ ୩୧ ପାଇଁ ଜିଜିପି ରସୁଲଗଡ଼ ୟୁପିଏଚ୍‌ସି, ୱାର୍ଡ ନମ୍ବର ୫, ୧୦ ଓ ୧୧ ପାଇଁ ନହରକଣ୍ଟା ୟୁପିଏଚ୍‌ସି, ୱାର୍ଡ ନମ୍ବର ୭, ୧୩ ଓ ୧୪ ପାଇଁ ନିଳାଦ୍ରୀ ବିହାର ୟୁପିଏଚ୍‌ସି, ୱାର୍ଡ ନମ୍ବର ୪ ପାଇଁ ପାହାଳ ୟୁପିଏଚ୍‌ସି, ୱାର୍ଡ ନମ୍ବର ୧୬, ୨୦, ୨୧ ଓ ୨୬ ପାଇଁ ସାମନ୍ତରାପୁରୀ ୟୁପିଏଚ୍‌ସି, ୱାର୍ଡ ନମ୍ବର ୧, ୨ ଓ ୬ ପାଇଁ ଶିଖରଚଣ୍ଡୀ ୟୁପିଏଚ୍‌ସି, ଦକ୍ଷିଣ-ପଶ୍ଚିମ ଜୋନ୍ ଅନ୍ତର୍ଗତ ୱାର୍ଡ ନମ୍ବର ୧୫, ୫୦, ୫୧ ଓ ୬୩ ପାଇଁ ବରମୁଣ୍ଡା ୟୁପିଏଚ୍‌ସି, ୱାର୍ଡ ନମ୍ବର ୨୨, ୨୩ ଓ ୨୪ ପାଇଁ ଭରତପୁର ୟୁପିଏଚ୍‌ସି, ୱାର୍ଡ ନମ୍ବର ୪୯, ୬୪, ୬୫ ଓ ୬୬ ପାଇଁ ଘାଟିକିଆ ୟୁପିଏଚ୍‌ସି, ୱାର୍ଡ ନମ୍ବର ୨୫, ୨୭, ୨୮ ଓ ୩୭ ପାଇଁ ଆଇଆର୍‌ସି ଭିଲେଜ୍ ୟୁପିଏଚ୍‌ସି, ୱାର୍ଡ ନମ୍ବର ୪୬, ୫୨, ୫୩ ଓ ୬୨ ପାଇଁ ପୋଖରୀପୁଟ ୟୁପିଏଚ୍‌ସି, ୱାର୍ଡ ନମ୍ବର ୩୮, ୩୯, ୪୭ ଏବଂ ୪୮ ପାଇଁ ୟୁନିଟ-୮ ୟୁପିଏଚ୍‌ସି ଏବଂ ଦକ୍ଷିଣ-ପୂର୍ବ ଜୋନ୍ ଅନ୍ତର୍ଗତ ୱାର୍ଡ ନମ୍ବର ୫୪, ୫୭, ୫୮ ଏବଂ ୬୦ ପାଇଁ ବ୍ରହ୍ମେଶ୍ୱର ପାଟଣା ୟୁପିଏଚ୍‌ସି, ୱାର୍ଡ ନମ୍ବର ୪୨, ୪୫, ୫୫ ଓ ୫୬ ପାଇଁ କଳ୍ପନା ୟୁପିଏଚ୍‌ସି, ୱାର୍ଡ ନମ୍ବର ୫୯, ୬୧ ଓ ୬୭ ପାଇଁ କପିଳପ୍ରସାଦ ୟୁପିଏଚ୍‌ସି, ୱାର୍ଡ ନମ୍ବର ୩୦, ୧୭ ପାଇଁ ଶହୀଦନଗର ୟୁପିଏଚ୍‌ସି, ୱାର୍ଡ ନମ୍ବର ୩୪ ପାଇଁ ସତ୍ୟନଗର ୟୁପିଏଚ୍‌ସି, ୱାର୍ଡ ନମ୍ବର ୩୬, ୪୦ ଓ ୪୧ ପାଇଁ ୟୁନିଟ-୩ ୟୁପିଏଚ୍‌ସି ଏବଂ ୱାର୍ଡ ନମ୍ବର ୨୯, ୩୫ ପାଇଁ ୟୁନିଟ୍-୯ ୟୁପିଏଚ୍‌ସିରେ କାର୍ଡ ପ୍ରଦାନ କରାଯିବ। କାର୍ଯ୍ୟକ୍ରମ ଶୃଙ୍ଖଳିତ ତଥା ସଫଳତାର ସହ ସମ୍ପନ୍ନ କରିବାକୁ ଦକ୍ଷିଣ-ପୂର୍ବ ଜୋନ୍ ପାଇଁ ରତ୍ନାକର ସାହୁ, ଦକ୍ଷିଣ-ପଶ୍ଚିମ ଜୋନ୍ ପାଇଁ ଶୁଭେନ୍ଦୁ କୁମାର ସାହୁ ଏବଂ ଉତ୍ତର ଜୋନ୍ ପାଇଁ ଅତିରିକ୍ତ କମିଶନର ସସ୍ମିତା ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

## ୨ ଅଭିଯୁକ୍ତଙ୍କୁ ୧୧ ମାସ ଲେଖାଏ ଜେଲଦଣ୍ଡ

### ଚେନ୍ ଲୁଟ୍ ମାମଲାର ରାୟ

ଭୁବନେଶ୍ୱର,୧୦।୪(ସତ୍ୟଜିତ୍ ରାଉତ)

ଭରତପୁର ଥାନା ଅଞ୍ଚଳରେ ଜଣେ ମହିଳାଙ୍କଠାରୁ ସୁନାଚେନ୍ ଲୁଟ୍ ମାମଲାରେ ଭୁବନେଶ୍ୱର ଜେଏମ୍ଏଫ୍‌ସି(୫)ର ବିଚାରପତି ଇତିଶ୍ରୀ ମହାପାତ୍ର ଗୁରୁବାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଆୟୁଷ ମୋହନ ତ୍ରିପାଠୀ ଓ ଶିବ ପ୍ରସାଦ ବାରିକଙ୍କୁ ୧୧ ମାସ ଲେଖାଏ ଜେଲଦଣ୍ଡ ହୋଇଛି। ଏଥିସହ ୧ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟେ କ୍ଷେତ୍ରରେ ୨ ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ କହିଛନ୍ତି। ୨୦୨୩ ଜୁନ ୩୦ରେ ଅଭିଯୋଗକାରୀ ଦେବେନ୍ଦ୍ର ଦାସ ଓ ତାଙ୍କ ସ୍ତ୍ରୀ କେ-୭ସ୍ଥିତ ଘାଟିକିଆ ମଣ୍ଡପରେ ଏକ ବିବାହ ଭୋଜିରେ ଯୋଗଦେଇ ଫେରୁଥିବାବେଳେ ଲୁଟେରାଦ୍ୱୟ ପିଛା କରି କେ-୭ ବିପୁଲ ଗାର୍ଡେନ୍ ନିକଟରେ ଦେବେନ୍ଦ୍ରଙ୍କ ସ୍ତ୍ରୀଙ୍କ ବେକରୁ ଚେନ୍ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଦେବେନ୍ଦ୍ରଙ୍କ ଏତଲା ଆଧାରରେ ଭରତପୁର ଥାନା ମାମଲା (ନଂ.୨୮୯/୨୦୨୫) ରୁଜୁ କରିଥିଲା।

# ଧଉଳି ମହାବିଦ୍ୟାଳୟ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ



ଭୁବନେଶ୍ୱର, ୧୦।୪ (ସୌମ୍ୟରଞ୍ଜନ ରାଉତ)

ଧଉଳି ଚାରୁକଳା ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚାଲିଥିବା ୭ଦିନିଆ ଚିତ୍ରକଳା ପ୍ରଦର୍ଶନୀ ଗୁରୁବାର ଲଳିତ କଳା ଏକାଡେମୀଠାରେ ଉଦଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଚିତ୍ରଶିଳ୍ପୀ ପଦ୍ମଶ୍ରୀ ବିନୋଦ ମହାରଣା ପ୍ରଦର୍ଶନୀ ବୁଲି ଦେଖିବା ସହ ଶିଳ୍ପୀଙ୍କ କଳାକୃତିର ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଅଧ୍ୟାପକ ପ୍ରବୀର ଦଳାଇ ଓ ଚିତ୍ରଶିଳ୍ପୀ ଦେବର୍ଜନ ରାଉତ ଓଡ଼ିଶାର ସମସାମୟିକ ଚିତ୍ରକଳା ସମ୍ପର୍କରେ ବକ୍ତବ୍ୟ ରଖି ଶିଳ୍ପୀଙ୍କ ନିଜସ୍ୱ ସୃଜନଶୀଳତା ଉପରେ ଗୁରୁତ୍ୱ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ ଯୋଗଦେଇଥିଲେ। ପ୍ରଦର୍ଶନୀରେ ସ୍ମୃତି ରଞ୍ଜନ ବେହେରା,ଦେବାଶିଷ ବେହେରା ,ସୁନିଲ ମିଶ୍ର, ସ୍ନେହା ସୁବୁଦ୍ଧି, ପ୍ରତୀକ୍ଷା ଷଡ଼ଙ୍ଗୀ,ବିକାଶ ପଣ୍ଡା, ଲୋକନାଥ ନନ୍ଦଙ୍କ ଚିତ୍ରକଳା, ସୁବ୍ରତ ମୁଦୁଲି, ଆର୍ଯ୍ୟାନ ସାମଲ ଓ ସୋନାଲି ନାୟକଙ୍କ ଆଧୁନିକ ଭାସ୍କର୍ଯ୍ୟ, ସଂକେତ ଦାସଙ୍କ ଫୋଟୋଗ୍ରାଫି, ସୋନାଲି ବିଶାଳଙ୍କ ମୁଦ୍ରଣ କଳା ଏବଂ ଲିପ୍ସା ପ୍ରଧାନଙ୍କ ଇନଷ୍ଟଲେଶନ୍ ସହ ୩୫ଟି ସୃଜନଶୀଳ କଳାକୃତି ପ୍ରଦର୍ଶିତ ହୋଇଥିଲା। ଅଧ୍ୟାପକ ଚନ୍ଦନ ସାମଲ ପରିଚାଳନା କରିଥିଲେ।

## ଶିଶୁ ବିଦ୍ୟାମନ୍ଦିରର ଏକାଦଶ ବାର୍ଷିକୋତ୍ସବ

ବାରଙ୍ଗ,୧୦।୪(ଲିଙ୍ଗରାଜ ରାଉତ)

ଗଣ୍ଡରପୁରଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଏକାଦଶ ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ପିଲାଙ୍କ ଭବିଷ୍ୟତ ଗଢ଼ିବାରେ ଶିକ୍ଷା ସହ କ୍ରୀଡ଼ା ଓ ନୃତ୍ୟର ଆବଶ୍ୟକତା ରହିଛି ବୋଲି କହିଥିଲେ। ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ କାଶୀନାଥ ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ଶିକ୍ଷାବିତ୍ ଜନ୍ମେଶ୍ୱର ରଥ, ସରପଞ୍ଚ ଦେବରାଜ ଭୋଇ, ଗ୍ରାମ୍ୟ କମିଟି ସଭାପତି ଭାସ୍କର ଚନ୍ଦ୍ର ପଢ଼ିହାରୀ, ମୁରବି କୈଳାସ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ପିଲାମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା। ପ୍ରଧାନ ଆଚାର୍ଯ୍ୟ ଅଜୟ କୁମାର ରାଉତ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିଶୁ ବିଦ୍ୟା ମନ୍ଦିରର ସଭାପତି ଗୋପୀନାଥ ଦାସ ଧନ୍ୟବାଦ ଦେଇଥିଲେ।

## ଉତ୍କଳମଣି ପ୍ରକୃତ ଆରାଧନାର ମାର୍ଗ ଦେଖାଇଛନ୍ତି



ଭୁବନେଶ୍ୱର, ୧୦।୪ (ସୌମ୍ୟରଞ୍ଜନ ରାଉତ)

ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ପକ୍ଷରୁ ସତ୍ୟବାଦୀ ସାହିତ୍ୟ ସନ୍ଧ୍ୟାର ଗୋପବନ୍ଧୁଙ୍କ ଅନବଦ୍ୟ ସୃଷ୍ଟି କବିତା 'ଶିବରାତ୍ରି'ର ଆଲୋଚନାଚକ୍ର ବୁଧବାର ନ୍ୟାସୀ ମଣ୍ଡଳଠାରେ ଅନୁଷ୍ଠିତ ହୋଇଯାଇଛି। ସୀତା ବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଶରତ ଚନ୍ଦ୍ର ରଥ, ଅନ୍ୟତମ ବକ୍ତା ଓ ଆଲୋଚକ ଭାବେ ପର୍ଶୁରାମ ଦ୍ୱିବେଦୀ, ଡ. ଆରତି କର, ବିଜୟ ମହାନ୍ତି, ମନୋଜ କୁମାର ଜେନା, ବିମଳା ସିଂହ, ସୁଶିଲ କୁମାର ମହାପାତ୍ର ଓ ଲଡୁ କିଶୋର ପଢ଼ିଆରୀ ଯୋଗଦାନ ଦେଇଥିଲେ। ଶିବରାତ୍ରି କବିତାରେ ଉତ୍କଳମଣି ପ୍ରକୃତ ଆରାଧନାର ମାର୍ଗ ଦେଖାଇ ଦେଇଛନ୍ତି, ଲୋକ ଦେଖାଣିଆ ପୂଜାର କିଛି ଅର୍ଥ ନ ଥାଏ। ଅନ୍ତରର ପବିତ୍ରତା ଆବଶ୍ୟକ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଆଲୋଚନାରେ କୈଳାଶ ଚନ୍ଦ୍ର ରଥ, ବାସନ୍ତୀ ତ୍ରିପାଠୀ, ବିରଞ୍ଚି ଶତପଥୀ, ଶ୍ରୀବାସ ମହାପାତ୍ର, ତପନ କର, ସବିତା ଶତପଥୀ, ପ୍ରଭାତ ଦାଶ ଓ ବିରଜା ପ୍ରସାଦ ଶତପଥୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ସଭାଟିକୁ ରମାକାନ୍ତ ମିଶ୍ର ପରିଚାଳନା କରିଥିଲା ବେଳେ ରାମ ନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପୋଲିସ ଗାଡ଼ିକୁ ଧକ୍କା ଦେଇଥିବା ଟ୍ରେଲର ଚାଳକ ଗିରଫ

ଭୁବନେଶ୍ୱର,୧୦।୪(ସତ୍ୟଜିତ୍ ରାଉତ)

ବରମୁଣ୍ଡା ଓଭରବ୍ରିଜ୍ ଉପରେ ବୁଧବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ପରେ ସେଠାକୁ ଉଦ୍ଧାର ପାଇଁ ଯାଇଥିବା ଦୁଇ ପୋଲିସ ଗାଡ଼ିକୁ ଧକ୍କା ଦେବା ଘଟଣାରେ ଟ୍ରେଲର ଚାଳକଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ମଡେଲ ଥାନା ଅର୍ଜୁନପୁର ଗ୍ରାମର ଜିତେନ୍ଦ୍ର ବେହେରା(୪୬)। କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୧୨ଟା ୩୦ ବେଳେ ଏକ ପିକ୍‌ଅପ୍ ଭ୍ୟାନ୍ କୁକୁଡ଼ା ଚିଆଁ ଭର୍ତ୍ତି କରି ରସୁଲଗଡ଼ ପାର୍ଶ୍ୱରୁ ଖୋର୍ଦ୍ଧା ଆଡ଼କୁ ଯାଉଥିଲା। ବରମୁଣ୍ଡା ଓଭରବ୍ରିଜ ଉପରେ ଭ୍ୟାନ୍‌ଟି ଡିଭାଇଡର୍‌ରେ ପିଟି ହୋଇ ଓଲଟି ପଡ଼ିଥିଲା। ଡ୍ରାଇଭର ଜଣକ ସେଥିରୁ ବାହାରି ଆସୁଥିବାବେଳେ ଖୋର୍ଦ୍ଧା ଆଡ଼କୁ ଯାଉଥିବା ଏକ ଟ୍ରକ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ସୂଚନା ପାଇ ଦୁଇ ପୋଲିସ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା। ଉଦ୍ଧାର କାର୍ଯ୍ୟରେ ଲାଗିଥିବା ଦୁଇ ପୋଲିସ ଗାଡ଼ିକୁ କିଛି ସମୟ ପରେ ରସୁଲଗଡ଼ ପଟୁ ଆସୁଥିବା ଏକ ଟ୍ରେଲର ଧକ୍କାଦେଇଥିଲା। ଫଳରେ ପୋଲିସ ଗାଡ଼ି କ୍ଷତିଗ୍ରସ୍ତ ହେବା ସହ କନ୍‌ଷ୍ଟେବଲ ମନୋଜ କୁମାର ମେହେର ଓ ହୋମଗାର୍ଡ ଚିତ୍ତରଞ୍ଜନ ପଟ୍ଟନାୟକ ଗୁରୁତର ଆହତ ହୋଇଥିଲେ।

### ବରମୁଣ୍ଡା ଓଭରବ୍ରିଜ୍ ଉପରେ ସିରିଜ୍ ଦୁର୍ଘଟଣା

# ବ୍ୟବସାୟୀଙ୍କୁ ଛୁରି ଭୁସି ଲୁଟ୍ ଘଟଣା, ୬ ଗିରଫ

ଭୁବନେଶ୍ୱର,୧୦।୪(ସତ୍ୟଜିତ୍ ରାଉତ)



ଭୁବନେଶ୍ୱର ରାଜମହଲ ଓଭରବ୍ରିଜ୍ ପାଖରେ ବ୍ୟବସାୟୀ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ଛୁରାମାଡ଼ କରି ଲୁଟ୍ ଘଟଣାରେ ଲକ୍ଷ୍ମୀସାଗର ପୋଲିସ ୬ ଜଣଙ୍କୁ ଗୁରୁବାର ଗିରଫ କରିଛି। ସେମାନେ ହେଲେ ବାଲେଶ୍ୱର ଜିଲା ଖଇରା ଅଞ୍ଚଳର ଦୀପକ ରଞ୍ଜନ ମଲ୍ଲିକ (୨୮), ବଡ଼ଗଡ ବ୍ରିଟ୍ କଲୋନୀରେ ରହୁଥିବା ବାଲେଶ୍ୱର ସୋର ଅଞ୍ଚଳର ଗୌତମ ନାୟକ (୩୨), ସଦର ଅଞ୍ଚଳର ପ୍ରୀତମ ପାଢ଼ୀ ଓରଫ ଗୁଡୁଲୁ (୨୩), ଭଦ୍ରକ ତିହିଡି ଅଞ୍ଚଳର ସନ୍ତୋଷ ପୁହାଣ ଓରଫ ପୁପୁନୁ (୩୦), ବଡ଼ଗଡ ଉପରସାହିର ସୁଶିଲ ସାମନ୍ତ ସିଂଘାର ଓରଫ ପୁପୁନା (୨୯) ଓ କଟକ ମଧୁପାଟଣା ଥାନା ଅଞ୍ଚଳର ଅଭିଜିତ ମହାନ୍ତି ଓରଫ ଅଭି (୨୪)। ସେମାନଙ୍କଠାରୁ ୪ ବାଇକ୍, ୬ ମୋବାଇଲ, ଛୁରି, ସୁନା ଚେନ୍ ଓ ବ୍ରେସଲେଟ୍ ଜବତ ହୋଇଛି। କୋର୍ଟଚାଲାଣ ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବଡ଼ଗଡ ବ୍ରିଟ୍ କଲୋନୀର ପୂର୍ଣ୍ଣଚନ୍ଦ୍ରଙ୍କର ୟୁନିଟ୍-୧ ମାର୍କେଟ୍‌ରେ ପୂଜାସାମଗ୍ରୀ ଦୋକାନ ରହିଛି। ତେଣୁ ବ୍ୟବସାୟ ସରିବା ପରେ ସେ ନିୟମିତ ରାତିରେ ଘରକୁ ଫେରନ୍ତି। ମାର୍ଚ୍ଚ ୨୩ ରାତିରେ ସେ ଦୋକାନ ବନ୍ଦ କରି ସ୍କୁଟିରେ ଘରକୁ ଫେରୁଥିଲେ। ଅଭିଯୁକ୍ତମାନେ ତାଙ୍କ ପାଖରୁ ସୁନା ବ୍ରେସଲେଟ୍ ଓ ସୁନା ଚେନ୍ ସହ ଡିକିରୁ ନଗଦ ୭୦ ହଜାର ଟଙ୍କା ନେଇଯାଇଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କ ଶଳା ରଘୁନାଥ ସାହୁ ମାର୍ଚ୍ଚ ୨୪ ସକାଳେ ଲକ୍ଷ୍ମୀସାଗର ଥାନାରେ ଏତଲା ଦେବା ପରେ ପୋଲିସ ମାମଲା (ନଂ.୧୧୦/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

### ୟୁନିଟ୍-୧ ମାର୍କେଟ୍‌ରୁ ଛୁରି କିଣିଥିଲେ, ସୁନା ବନ୍ଧକ ରଖି ଟଙ୍କା ବାଣ୍ଟି ନେଇଥିଲେ

ପୂର୍ଣ୍ଣଚନ୍ଦ୍ର ପାଖରେ ଟଙ୍କା ରଖିବା ସହ ସବୁବେଳେ ବହୁ ଲକ୍ଷ ଟଙ୍କାର ସୁନା ପିନ୍ଧୁଥିଲେ। ୟୁନିଟ-୧ ମାର୍କେଟ୍‌ରେ ପରିବା ଦୋକାନ କରିଥିବା ଅଭିଯୁକ୍ତ ସୁଶିଲ ତାଙ୍କ ଉପରେ ନଜର ରଖି ଲୁଟ୍ ପାଇଁ ଯୋଜନା କରିଥିଲେ। ତେଣୁ ସେ ୟୁନିଟ-୧ ମାର୍କେଟ୍‌ରେ ଡ୍ରାଇଭର ଥିବା ଅନ୍ୟତମ ଅଭିଯୁକ୍ତ ସନ୍ତୋଷଙ୍କ ସହ ଅନ୍ୟମାନଙ୍କୁ ଏକାଠି କରିଥିଲେ। ପୂର୍ଣ୍ଣଚନ୍ଦ୍ର ସବୁଦିନ ରାତିରେ ଘରକୁ ଫେରୁଥିବାରୁ ଠିକ୍ ସେହି ସମୟରେ ଲୁଟ୍ କରିବାକୁ ଟାର୍ଗେଟ କରିଥିଲେ। ତେଣୁ ଘଟଣାଦିନ ସେମାନେ ୟୁନିଟ-୧ ମାର୍କେଟ୍‌ରୁ ଛୁରି କିଣି ରାଜମହଲ ଛକରେ ଏକାଠି ହୋଇ ଯୋଜନାକୁ ସଫଳ ପାଇଁ ଆଲୋଚନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ଦୋକାନ ବନ୍ଦ କରି ଫେରିବା ପରେ ଅଭିଯୁକ୍ତମାନେ ବାଇକ୍‌ରେ ତାଙ୍କୁ ପିଛା କରି ରାଜମହଲ ବ୍ରିଜ୍ ନିକଟରେ ଛୁରିରେ ଆକ୍ରମଣ କରି ଲୁଟ୍ କରିଥିଲେ। ସେମାନେ ସୁନା ଅଳଙ୍କାରକୁ ଏକ ଫାଇନାନ୍ସ କମ୍ପାନୀରେ ବନ୍ଧକ ରଖି ୨.୪୦ ଲକ୍ଷ ଟଙ୍କା ଆଣିବା ପରେ ପରସ୍ପର ବାଣ୍ଟି ନେଇଥିଲେ।

## ଫଟୋରେ ଖବର







ପୁରୀରେ ସାହିଯାତ ଅବସରରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ବିଭିନ୍ନ ମେଢ ନୃତ୍ୟ ପ୍ରଦର୍ଶନ କରାଯାଉଛି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ଧାର୍ଯ୍ୟ ସମୟରେ ପ୍ରକଳ୍ପ କାମ ସାରିବାକୁ ନିର୍ଦ୍ଦେଶ

## ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମଙ୍କ ଖୋର୍ଦ୍ଧା ଗସ୍ତ

**ଖୋର୍ଦ୍ଧା,୧୦।୪(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ଉନ୍ନୟନ ଦାୟିତ୍ୱରେ ଥିବା ବିଜ୍ଞାନ ଓ ବୈଷୟିକ ବିଭାଗ, ଶ୍ରମ ଓ ରାଜ୍ୟ କର୍ମଚାରୀ ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ ଜିଲାର ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଅଗ୍ରଗତି, ସମସ୍ୟା ସମ୍ବନ୍ଧରେ ସମୀକ୍ଷା କରିବା ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଧାର୍ଯ୍ୟ ସମୟରେ ପ୍ରକଳ୍ପ କାମ ସାରିବା ଏବଂ ଲୋକଙ୍କ ସମସ୍ୟା ତ୍ୱରିତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ତିନିଦିନରେ ୫ ବ୍ଲକ ପରିଦର୍ଶନ କରି ସେଠାରେ ଚାଲିଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଗୁରୁବାର ତୃତୀୟ ଦିନରେ ବାଣପୁର ବ୍ଲକର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ବେଙ୍ଗରାଜପଲ୍ଲୀଠାରେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ପରିମଳ ବିଶୁଦ୍ଧିକରଣ ଜୈବିକ ପ୍ଲାଣ୍ଟ ପରିଦର୍ଶନ କରି ଏହା ଲୋକଙ୍କୁ କିପରି ସୁବିଧା ଏବଂ ସେବା ପ୍ରଦାନ କରୁଛି ସେ ସମ୍ବନ୍ଧରେ ପଚାରି ବୁଝିଥିଲେ। ମହିଳା ସ୍ୱୟଂ ସାହାଯିକା ଗୋଷ୍ଠୀଙ୍କୁ ଉକ୍ତ ପ୍ରକଳ୍ପରେ ସାମିଲ ପାଇଁ ନିର୍ଦ୍ଦେଶ ଦେଇଥିଲେ । ବାଣପୁର ସହରାଞ୍ଚଳରେ ସ୍ୱୟଂ ସାହାଯିକା ଗୋଷ୍ଠୀଙ୍କୁ ଅଧିକରୁ ଅଧିକ ପ୍ରୋତ୍ସାହନ ପ୍ରଦାନ କରି ସେମାନଙ୍କୁ ରୋଜଗାରକ୍ଷମ କରିବାକୁ କହିଥିଲେ। ସହରାଞ୍ଚଳରେ ଯେଭଳି କୌଣସି ଛାତ୍ରୀଛାତ୍ର ଯେପରି ଅଧାରୁ ପାଠ ନ ଛାଡ଼ିବେ ସେଥିପ୍ରତି ଯତ୍ନବାନ ହୁଅନ୍ତୁ। ପରେ ପ୍ରମୁଖ ଶାସନ ସଚିବ ଗୁରୁପଦଠାରେ ସାଲିଆ ଆଶ୍ରମ ସ୍କୁଲ ପରିଦର୍ଶନ କରି ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼, ସ୍ମାର୍ଟ ଶ୍ରେଣୀଗୃହ କାର୍ଯ୍ୟକାରିତା, ବୋରୱେଲ ପକାଇବା, ଛାତ୍ରାବାସ ମରାମତି କାର୍ଯ୍ୟ, ଉଦ୍ୟାନ କୃଷି, ସଙ୍ଗୀତ, କ୍ରୀଡ଼ା ଭିତ୍ତିଭୂମି ସହ ଉକ୍ତ ବିଦ୍ୟାଳୟକୁ ଶିକ୍ଷାନୁଦ୍ୟୋଗୀଙ୍କ ଦ୍ୱାରା ପୋଷ୍ୟ ସ୍କୁଲ ଭାବେ ନେଇ ସ୍ଥାୟୀ ସ୍ମାର୍ଟ ଶ୍ରେଣୀଗୃହ ଭିତ୍ତିଭୂମି ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟ ନୂତନ ଗୃହ ନିର୍ମାଣ ନିମନ୍ତେ ୧କୋଟି ୭ ଲକ୍ଷ ଅର୍ଥ ମଞ୍ଜୁରୀ ମିଳିଥିବା ବେଳେ ଯୁଦ୍ଧକାଳୀନ ଭିତ୍ତିରେ ଶ୍ରେଣୀଗୃହ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ବାମିଆ ବରବରା ପଞ୍ଚାୟତ ବୁଲି କାର୍ଯ୍ୟାଳୟଠାରେ ହିତାଧିକାରୀଙ୍କ ସମସ୍ୟା ଶୁଣିଥିଲେ। ୮୦ବର୍ଷ ବୟସ୍କ ବୃଦ୍ଧବୃଦ୍ଧାଙ୍କ ଜାତୀୟ ଭତ୍ତା ଯୋଜନାରେ ସାମିଲ କରିବାକୁ କହିଥିଲେ। ଅନ୍ତ୍ୟୋଦୟ ଯୋଜନାରେ ହିତାଧିକାରୀଙ୍କୁ ପାଇଖାନା ଯୋଗାଇବା, ଶ୍ରମ କାର୍ଡ଼ଧାରୀଙ୍କୁ ଶ୍ରମ ଯୋଗାଇବା, ଶ୍ରମ କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ ପାଇଁ କହିଥିଲେ। ଲକ୍ଷପତି ଯୋଜନାରେ ସାମିଲ ଥିବା ହିତାଧିକାରୀଙ୍କ ବାଦାମ ଚାଷ, ଖଳିପତ୍ର ବ୍ୟବସାୟ କରୁଥିବା ଜାଣି ପ୍ରମୁଖ ସଚିବ ଖୁସିବ୍ୟକ୍ତ କରିଥିଲେ। ସେହିପରି ଜଙ୍ଗଲ ଜମି ପଟ୍ଟା ହିତାଧିକାରୀଙ୍କ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବରବରା ନେଟରେ କ୍ୟାମ୍ପ ପରିଦର୍ଶନ କରିବା ସହ ବିଭିନ୍ନ ଯୋଜନାର ଅଗ୍ରଗତି ବୁଲିଦେଖି ପ୍ରମୁଖ ସଚିବ ପ୍ରଶଂସା କରିଥିଲେ। ପ୍ରମୁଖ ସଚିବଙ୍କ ସହ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ବାଣପୁର ବିଡିଓ ଶୀତଳ ପ୍ରଗ୍ୟାନ, ବାଣପୁର ଏନ୍‌ସି ଅଧ୍ୟକ୍ଷ ମିଟୁ ନାୟକ, ନିର୍ବାହୀ ଅଧିକାରୀ ନିତ୍ୟାନନ୍ଦ ନନ୍ଦ, ସାଲିଆ ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ମାନସ କୁମାର ନାୟକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ୟୋତି ରଞ୍ଜନ ବେହେରା, ଜିଲା ମଙ୍ଗଳ ଅଧିକାରୀ ଗୀତାଂଶୁ ମୋହନ ଦାସ, ସରପଞ୍ଚ ବାଂଶୀଧର ଷଣ୍ଢ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ।

ତେବେ ବୁଧବାର ପ୍ରମୁଖ ଶାସନ ସଚିବ ଆରୁମୁଗମ ବେଗୁନିଆ, ବୋଲଗଡ଼ ବ୍ଲକର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପରିଦର୍ଶନ ସହ ପ୍ରକଳ୍ପ ସମୀକ୍ଷା କରିବା ସହ ସଫଳ ଚାଷୀଙ୍କ ସହ ଆଲୋଚନା କରିଥିଲେ। ବେଗୁନିଆ ବ୍ଲକ କୁଷପାଲଠାରେ ୧୮୮ କୋଟି ୧୫ ଲକ୍ଷ ବ୍ୟୟ ଅଟକଳରେ ନବନିର୍ମିତ ବୃହତ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଏ ସଂକ୍ରାନ୍ତରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିତା ଦାସଙ୍କୁ ପଚାରି ବୁଝିଥିଲେ। ଆସନ୍ତା ୯ ମାସ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ପାନୀୟ ଜଳ ପ୍ରକଳ୍ପ ହେଲେ ବେଗୁନିଆ ବ୍ଲକର ୫ ପଞ୍ଚାୟତ ସମେତ, ଖୋର୍ଦ୍ଧା ଓ ଜଟଣୀ ବ୍ଲକର ସମସ୍ତ ପଞ୍ଚାୟତବାସୀ ଉପକୃତ ହେବେ। ପରେ ପ୍ରମୁଖ ଶାସନ ସଚିବ ରାଧାକାନ୍ତପୁର ପଞ୍ଚାୟତ ଅଧୀନ ଧାନଘର ନୂଆଗାଁ ଗ୍ରାମ ପରିଦର୍ଶନ କରି ସଫଳ ଉଦ୍ୟାନ ଚାଷୀ ଶୁଶାନ୍ତ ପ୍ରଧାନଙ୍କୁ ଭେଟି ବିଭିନ୍ନ ଚାଷ ପଦ୍ଧତି ଓ କୌଶଳ ସମ୍ବନ୍ଧରେ ପଚାରି ବୁଝିଥିଲେ। ପ୍ରମୁଖ ଶାସନ ସଚିବ ସେଠାରେ ଶୁଶାନ୍ତଙ୍କ ଲେମ୍ବୁ ଚାଷ, ଗେଣ୍ଡୁ, ପୋଟଳ, ମାଛ, କୁନ୍ଦୁରି, କେନ୍ଦୁ ଆଦି ଚାଷ ବୁଲି ଦେଖିଥିଲେ । ଶୁଶାନ୍ତଙ୍କ ଚାଷକ୍ଷେତକୁ ପାଣିର ଅଧିକ ଆବଶ୍ୟକତା ଥିବା ପ୍ରମୁଖ ଶାସନ ସଚିଙ୍କ ଦୃଷ୍ଟି ଆକର୍ଷଣ ପରେ ଗ୍ରାଉଣ୍ଡ ୱାଟର ବୋର୍ଡ ସହ ପରାମର୍ଶ କରି ପାଣି ଯୋଗାଇବା, କେନାଲରେ କଲଭର୍ଟ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସଏଲ୍ ହେଲ୍‌ଥ କାର୍ଡ ଆପେଣେଇବାକୁ ପ୍ରମୁଖ ଶାସନ ସଚିବ ପରାମର୍ଶ ଦେବା ସହ ଶୁଶାନ୍ତଙ୍କ ଉଦ୍ୟାନ କୃଷିକୁ ପ୍ରଶଂଶା କରିଥିଲେ। ଏଥିସହ ପ୍ରମୁଖ ଶାସନ ସଚିବ ଆରୁମୁଗମ ଧଳାପଥର ଉତ୍ପାଦନକାରୀ ଗୋଷ୍ଠୀଙ୍କ କାର୍ଯ୍ୟ, ଗେଡିଆପଲ୍ଲୀ ଅଞ୍ଚଳର ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟ ତଦାରଖ କରିଥିଲେ।



ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ ଅଧିକାରୀ ଓ ଅନ୍ୟମାନଙ୍କ ସହ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ବିନା ସୂଚନାଫଳକରେ ଚାଲିଛି ବଡ଼ଶଙ୍ଖ କାମ

**ଟାଙ୍ଗୀ,୧୦।୪(ରଘୁନାଥ ସାହୁ)**

ଟାଙ୍ଗୀ କାଲୁପଡ଼ା ପୂର୍ତ୍ତ ବିଭାଗ ରାସ୍ତାରେ ଥିବା ବଡ଼ଶଙ୍ଖ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ତେବେ ବିନା ସୂଚନା ଫଳକରେ କାମ ଚାଲିଛି। ଏହି କାର୍ଯ୍ୟ ପାଇଁ କେତେ ଟଙ୍କା ବିଭାଗରୁ ମଞ୍ଜୁର ହୋଇଛି ଏବଂ କ'ଣ କାର୍ଯ୍ୟ କରାଯିବ, ଠିକାଦାରଙ୍କ ନାମ, କାମ ଶେଷ ହେବାର ତାରିଖ ତଥ୍ୟ ଏକ ସୂଚନା ଫଳକରେ ଲିପିବଦ୍ଧ କରାଯିବା ନିୟମ ରହିଛି। ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକର ଆବଶ୍ୟକତା ରହିଛି। ହେଲେ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ବଡ଼ଶଙ୍ଖ କାର୍ଯ୍ୟ ପାଇଁ ପାର୍ଶ୍ୱରେ ନିର୍ମିତ ଅସ୍ଥାୟୀ ରାସ୍ତା ନିମ୍ନମାନର ହୋଇଛି। ଭାରିଯାନ ଯାତାୟାତରେ ଅସୁବିଧା ହେଉଛି। ନାଳରେ ଯଦି ବର୍ଷା ପାଣି ଆସିବ ତେବେ ଏହି ରାସ୍ତାରେ ଯାତାୟାତ ଠପ୍ ହୋଇଯିବ। ଦୁଇଟି ଛୋଟ ହୋମ୍‌ପାଇପ ପକାଇ ରାସ୍ତା ନିର୍ମାଣ କରାଯାଇଛି। ବିଭାଗୀୟ ଯନ୍ତ୍ରୀ ଏହି କାର୍ଯ୍ୟ ତଦାରଖ କରିବା ସହ ପଦକ୍ଷେପ ନେବା ପାଇଁ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ ଦାବି କରିଛନ୍ତି।

### ଦୟଣା ଚୋରି ଯାତ୍ରାରେ ମେଗା ସ୍ୱାସ୍ଥ୍ୟସେବା ଶିବିର ୧୩ରେ

**ଟାଙ୍ଗୀ,୧୦।୪(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଟାଙ୍ଗୋଳ ଦୟଣା ଚୋରି ଯାତ୍ରା ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରେରଣା ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟସେବା ଶିବିର ଆସନ୍ତା ୧୩ ତାରିଖରେ ଅନୁଷ୍ଠିତ ହେବ। ଯାତ୍ରା ପଡ଼ିଆସ୍ଥିତ ଉଦୟନାଥ ସ୍ମୃତି ସେବା ଭବନରେ ସକାଳ ୮ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ଏହି ଶିବିରରେ ବିଭିନ୍ନ ବିଭାଗର ଡାକ୍ତରମାନେ ଯୋଗଦେଇ ୨ ହଜାରରୁ ଅଧିକ ରୋଗୀଙ୍କୁ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଯୋଗାଇଦେବେ ବୋଲି ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ମୁଖ୍ୟ ଡ. ଆଲୋକ କୁମାର ସାହୁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗୋବିନ୍ଦ ଚନ୍ଦ୍ର ସାହୁ, କୈଳାସ ଚନ୍ଦ୍ର ସାହୁ, ଲୋକନାଥ ସାହୁ, ରବି ପଟ୍ଟନାୟକ, ଦାମ ଜୟ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ମା'କାଳିକା ପଞ୍ଚଦଣ୍ଡ ମେଳଣ ଉଦ୍‌ଯାପିତ

**ବେଗୁନିଆ,୧୦।୪(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ଓସ୍ତପୁର ଗ୍ରାମର ପତିତପାବନ ପୀଠରେ ଦୁଇଦିନ ଧରି ଚାଲିଥିବା ମା'କାଳିକା ପଞ୍ଚଦଣ୍ଡ ମେଳଣ ଉଦ୍‌ଯାପିତ ହୋଇଯାଇଛି। ଓସ୍ତପୁର, କେନ୍ଦୁପଲି, ସିମୋର, ପୋଡ଼ାଡିହ ଏବଂ ତୁଳସୀପୁର ଗ୍ରାମର ପାଟ ଭଗତାମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପାରମ୍ପରିକ ଚଢ଼େଇ ଚଢ଼େଇଆଣୀ, କେଳାକେଳୁଣୀ, ମୁଣ୍ଡପୋତା ସହ ସୁଆଙ୍ଗ ନାଚ ଓ ଗୀତ ପରିବେଷଣ ହୋଇଥିଲା। ସୌରୀବନ୍ଧୁ ଜେନା, ଭିକାରୀ ଚରଣ ବାରିକ, ଫକୀର ମୋହନ ନାୟକ, ଭଗବାନ ନାୟକ, କାଳିଶି କାଶୀନାଥ ନାୟକ ଓ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ନିରାକାରପୁର,୧୦।୪(ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ରାମେଶ୍ୱର ନିକଟ କୁଆଁରୀ ଜଙ୍ଗଲରୁ ଗୁରୁବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ପୁରୀ ଜିଲା ଚନ୍ଦନପୁର ଥାନା ଅଧୀନ ଅକାଲସୀ ଅଞ୍ଚଳର ବାଦଲ ପ୍ରଧାନ। ଘଟଣାସ୍ଥଳରୁ ଏକ ବାଇକ୍ (ଓଡି ୧୩ୟୁ ୮୧୯୪) ସହ ମୋବାଇଲ ଫୋନ ଜବତ ହୋଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪/୨୫) ରୁଜୁ ହୋଇଛି। ରାତି ହୋଇଯାଇଥିବାରୁ ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ମେଡିକାଲକୁ ପଠାଯିବ ବୋଲି ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ କହିଛନ୍ତି। ଅନ୍ୟପଟେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ବାଲିପାଟଣା,୧୦।୪(ଅଭିମନ୍ୟୁ ନାୟକ)**

ବାଲିପାଟଣା ବ୍ଲକର ସରାଟ ସେବା ସମବାୟ ସମିତି ଏବଂ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ମିଳିତ ସହଯୋଗରେ ଗୁରୁବାର ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସିନିୟର୍ ଏଆର୍‌ସିଏସ ପ୍ରିୟବ୍ରତ ପଣ୍ଡା ଉଦ୍‌ଘାଟନ କରିଥିଲେ। ଉକ୍ତ ଶିବିରରେ ମୋଟ ୬୯ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ୨୦ଜଣଙ୍କ ଇସିଜି କରାଯାଇଥିଲା। ଏହି ଶିବିରରେ ମଣିପାଲ ହସ୍ପିଟାଲର ଡା.ସୁବାସ ପାଢ଼ୀଙ୍କ ସମେତ ବିଭିନ୍ନ ବିଭାଗର ଡାକ୍ତର ଯୋଗଦେଇ ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦିବ୍ୟରଞ୍ଜନ ପ୍ରଧାନ, ଶକ୍ତି ପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ବିକଶିତ ଖୋର୍ଦ୍ଧାରେ ସମସ୍ତଙ୍କ ସହଯୋଗ ଜରୁରୀ



ଆଲୋଚନାଚକ୍ରରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଏବଂ ଅନ୍ୟମାନେ।

## 'ବସ୍ତିବାସିନ୍ଦାଙ୍କ ବିକାଶ ଆମର ସଂକଳ୍ପ' ଶୀର୍ଷକ ଆଲୋଚନାଚକ୍ର

**ଖୋର୍ଦ୍ଧା,୧୦।୪(ପ୍ରଭାତ ପାଣିଗ୍ରାହୀ)**

ସ୍ଥାନୀୟ ଗୀତା ଭବନ ପଡ଼ିଆରେ 'ବସ୍ତିବାସିନ୍ଦାଙ୍କ ବିକାଶ ଆମର ସଂକଳ୍ପ' ଶୀର୍ଷକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ପୌରାଞ୍ଚଳରେ ଥିବା ୨୨ଟି ବସ୍ତିର ଶତାଧିକ ବାସିନ୍ଦା ଯୋଗଦେଇଥିଲେ। ବସ୍ତି ଅଞ୍ଚଳର ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଅତିଥିଭାବେ ଯୋଗଦେଇ ବସ୍ତିବାସିନ୍ଦାଙ୍କ ସମସ୍ୟା ସମାଧାନ ଓ ସେମାନେ କିଭଳି ରୋଜଗାରକ୍ଷମ ହୋଇପାରିବେ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏମ୍‌ପି ଷଡ଼ଙ୍ଗୀ କହିଥିଲେ, ସହର ସୌନ୍ଦର୍ଯ୍ୟକରଣ ସହ ଥଇଥାନକୁ ଗୁରୁତ୍ୱ ଦିଆଯିବ। କଚ୍ଚାଘରକୁ ଛାତ, ରୋଷେଇ ଘର ପର୍ଯ୍ୟନ୍ତ ପାନୀୟଜଳ, ବିଜୁଳି, ଇନ୍ଧନ ଗ୍ୟାସ ଏବଂ ଶୌଚାଳୟ ବ୍ୟବସ୍ଥା କରାଯିବ। ବସ୍ତି ଅଞ୍ଚଳର ଉନ୍ନୟନ ବିନା ସହର ବିକାଶ ସମ୍ଭବ ନୁହଁ, ଏଥିରେ ସମସ୍ତଙ୍କ ସହଭାଗିତା ଜରୁରୀ। ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ବିକାଶ ତ୍ୱରିତ ଗତିରେ ଚାଲିଛି। ଲୋକେ ଯେଉଁ ଆସ୍ଥା ଓ ବିଶ୍ୱାସ ରଖିଛନ୍ତି, ଆଗାମୀ ୪ବର୍ଷରେ ସମ୍ପୂର୍ଣ୍ଣ କରାଯିବ। ସେହିପରି ବିଧାୟକ ଜଗଦ୍ଦେବ କହିଥିଲେ, ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ବିକାଶକୁ ପ୍ରାଥମିକତା ଦିଆଯାଉଛି। ଗୁରୁଜଙ୍ଗରେ ସାଇନ୍ସ ପାର୍କ, ସହର ଚତୁଃପାର୍ଶ୍ୱରେ ରିଂ ରୋଡ, ସହରର ମୁଖ୍ୟ ରାସ୍ତାର ଉନ୍ନତୀକରଣ, ସହରରେ ଶପିଂମଲ୍ ଓ ମାର୍କେଟ କମ୍ପ୍ଲେକ୍ସ, ୧୫୦ କୋଟି ଟଙ୍କାରେ ବସ୍‌ଷ୍ଟାଣ୍ଡ, ଗଡ଼ଖୋର୍ଦ୍ଧା ଓ ବରୁଣେଇ ପାଇଁ ୬୦କୋଟି, ଷ୍ଟାଡିୟମର ଉନ୍ନତୀକରଣ ପ୍ରତି ଗୁରୁତ୍ୱ ଦିଆଯାଉଛି। ବସ୍ତିବାସିନ୍ଦା ହୁଅନ୍ତୁ କିମ୍ବା କ୍ୟାବିନ ବ୍ୟବସାୟୀ, ସେମାନଙ୍କୁ ପ୍ରଥମେ ଥଇଥାନ କରାଗଲା ପରେ ଉଚ୍ଛେଦ କରାଯିବ। ଏହି ଆଲୋଚନାଚକ୍ରରେ ପୂର୍ବତନ ଭାଜପା ଜିଲା ସଭାପତି ନିକୁଞ୍ଜ ପଟ୍ଟନାୟକ, ରଶ୍ମି ମହାପାତ୍ର, ବାସନ୍ତୀ ମହାପାତ୍ର, ଦିଲୀପ ହୋତା, ଭାଜପା କାଉନସିଲର ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

**ବାଲୁଗାଁ,୧୦।୪(ସଂଗ୍ରାମ ପାଇକରାୟ)**

ବାଲୁଗାଁ ଥାନା ନାଭାଲ ଫାଣ୍ଡି ଅଧୀନ ନିମାଇଁମଲ ଗ୍ରାମରେ ଗୁରୁବାର ସକାଳେ ପୋଖରୀରେ ବୁଡ଼ିଯିବାରୁ ଜଣେ ୫ବର୍ଷ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସୁକାନ୍ତ ଭଞ୍ଜଙ୍କ ପୁଅ ସାଇ। ସୂଚନା ମୁତାବକ, ସୁକାନ୍ତ ବିଦେଶରେ ଶ୍ରମିକଭାବେ କାର୍ଯ୍ୟ କରନ୍ତି। ଗୁରୁବାର ସକାଳେ ତାଙ୍କ ସ୍ତ୍ରୀ ସଙ୍ଗୀତା ଘର ବାରିପଟେ କୌଣସି କାମ କରୁଥିବା ବେଳେ ସାଇ ଖେଳୁଖେଳୁ ନିକଟରେ ଥିବା ପୋଖରୀରେ ବୁଡ଼ିଯାଇଥିଲା। ବହୁ ଖୋଜାଖୋଜି ପରେ ସାଇଙ୍କ ସନ୍ଧାନ ମିଳି ନ ଥିଲା। ସନ୍ଦେହରେ ଗ୍ରାମବାସୀଙ୍କ ସହାୟତାରେ ପୋଖରୀକୁ ତଲାସିବାରୁ ସାଇଙ୍କୁ ଉଦ୍ଧାର କରାଯାଇଥିଲା । ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ସାଇଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ.୬/୨୫)ରୁଜୁ କରିଛି।

# ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ କଳାକାର ଓ ଅନ୍ୟମାନେ।

**କୃଷ୍ଣପ୍ରସାଦ,୧୦।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ଓଡ଼ିଆ ପକ୍ଷ ପାଳନ ପରିପ୍ରେକ୍ଷୀରେ କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପିରିଜିପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ କଳାକାରଙ୍କ ସହିତ ଅବସରପ୍ରାପ୍ତ କର୍ମଚାରୀ ସଂଘର କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଏବଂ କଳା ଗ୍ରାମ ପରିଦର୍ଶନ କାର୍ଯ୍ୟକ୍ରମ ହୋଇଥିଲା। ପିରିଜିପୁର ସରପଞ୍ଚ ଇଂ.ମଳୟ କୁମାର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଅମିୟ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ବୈଠକରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଲୋକକଳାର ବିକାଶ ଓ ପ୍ରଚାର, ପ୍ରସାର କରାଗଲେ ପ୍ରାଚୀନ ସଂସ୍କୃତି ସୁରକ୍ଷିତ ରହିବ ବୋଲି ଅତିଥିମାନେ କହିଥିଲେ। ବ୍ଲକ କଳାକାର ସଂଘର ସମ୍ପାଦକ ଅଶୋକ କୁମାର ଜେନା ଅତିଥି ପରିଚୟ ଏବଂ ଧନ୍ୟବାଦ ଦେଇଥିଲେ।

# ବିକାଶ ଅପେକ୍ଷାରେ ଅତ୍ରି ଉଷ୍ଣପ୍ରସ୍ରବଣ

## ଖର୍ଚ୍ଚ ହୋଇପାରିନି ଅନୁଦାନ ରାଶି

**ବେଗୁନିଆ,୧୦।୪(ସନ୍ଧ୍ୟାରାଣୀ ମିଶ୍ର)**

ଖୋର୍ଦ୍ଧା ଜିଲାରେ ବହୁ ପର୍ଯ୍ୟଟନସ୍ଥଳ ରହିଥିବା ବେଳେ ବାଘମାରୀଠାରେ ଥିବା ଅତ୍ରି ଉଷ୍ଣପ୍ରସ୍ରବଣ ଅନ୍ୟତମ। ଏଠାକୁ ଦୈନନ୍ଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ଆସିଥାନ୍ତି। ବିଶେଷକରି ମକର ସଂକ୍ରାନ୍ତି ସମୟରେ ଏଠାରେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ହୋଇଥାଏ। ତେବେ ଏହି ପର୍ଯ୍ୟଟନସ୍ଥଳୀର ଉନ୍ନତୀକରଣ ପାଇଁ ପୂର୍ବ ସରକାରଙ୍କ ସମୟରେ ୫କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ତେବେ ଏ ପର୍ଯ୍ୟନ୍ତ ଉକ୍ତ ଅନୁଦାନ ରାଶି ବିନିଯୋଗ ହୋଇପାରିନି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ କିଛିମାସ ପୂର୍ବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉକ୍ତ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରିବା ସହ ଏହାର ବିକାଶ ପାଇଁ ପୂର୍ବ ଅନୁଦାନ ରାଶି ସହ ଆଉ ଅଧିକ ଅନୁଦାନ ରାଶି ପ୍ରଦାନ କରାଯିବା ସହିତ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କଲା ଭଳି କାର୍ଯ୍ୟ କରାଯିବ ବୋଲି ଘୋଷଣା କରିଥିଲେ। ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଅନୁଦାନ ରାଶି ଖର୍ଚ୍ଚ ନ ହେବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବେଣ୍ଟରେ ଏକାଦଶ ଶମ୍ଭୁ ମେଳଣ ମହୋତ୍ସବ

**ଟାଙ୍ଗୀ,୧୦।୪(ରଘୁନାଥ ସାହୁ)**

ବେଣ୍ଟ ଗ୍ରାମ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଖେଳପଡିଆରେ ଏକାଦଶ ଶମ୍ଭୁ ମେଳଣ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମେଳଣରେ ସୁନ୍ଦରପୁର ଗ୍ରାମର ମୁକ୍ତେଶର ଦେବ, ବେଣ୍ଟ ଗ୍ରାମର ବାଲୁଙ୍କେଶ୍ୱର ଦେବ, ଚମ୍ପାଗଡ଼ର ସ୍ୱପ୍ନେଶ୍ୱର ଦେବ, ଅରିସଲର ବାଙ୍କନିଧି ଦେବ, ନାଳସିଂର ହଟକେଶ୍ୱର ଦେବ, ଜଙ୍କିଆର ବାଲୁଙ୍କେଶ୍ୱର ଦେବ, ସୁନ୍ଦରପୁରର ମୁକ୍ତେଶ୍ୱର ଦେବ, ଝାଡ଼ପଡ଼ାର ନୀଳକଣ୍ଠେଶ୍ୱର ଦେବ, ମଧୁପୁରର କମଳେଶ୍ୱର ଦେବ, କନ୍ଧନୟାଗଡ଼ର ଐଶାନେଶ୍ୱର ଦେବ, ଚାନ୍ଦପୁରର ଐଶାନେଶ୍ୱର ଦେବ ପ୍ରମୁଖ ଠାକୁର ପାଟ ପଟୁଆର ସହ ଆସି ପୂଜା ମଣ୍ଡପଠାରେ ପହଞ୍ଚିଥିଲେ। ଏହି ଅବସରରେ ଭଗତାମାନେ ଠାକୁରଙ୍କ ସମ୍ମୁଖରେ ବିଭିନ୍ନ କଳାକୌଶଳ ଦଣ୍ଡ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଆତସବାଜି ପ୍ରଦର୍ଶନ ହୋଇଥିଲା। ଏହି ମେଳଣରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଚାନ୍ଦପୁର ଥାନା ପକ୍ଷରୁ ପୋଲିସ ବାହିନୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମକୁ ରବୀନ୍ଦ୍ର କୁମାର ପରିଡାଙ୍କ ସମେତ ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ। ଖାଉଟି ଅଦାଲତର ପୂର୍ବତନ ଅଧ୍ୟକ୍ଷ ନାରାୟଣ ମହାପାତ୍ର, ରଣପୁର ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା, ନୟାଗଡ଼ ଜିଲା ଭାଜପା ସଭାପତି ତାପସ ରଞ୍ଜନ ମାର୍ଥା, ସୁକାନ୍ତ ସେନାପତି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

# ବିଦ୍ୟାର୍ଥୀଙ୍କ ଗତିପଥ ନିର୍ଦ୍ଧାରଣ କରେ ଶିକ୍ଷା

**ବୋଲଗଡ଼,୧୦।୪(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ତାଳତୁମ୍ବସ୍ଥିତ ବୀଣାପାଣି ଶିଶୁ ବିଦ୍ୟାମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ସ୍ଥାନୀୟ ରାଜୀବ ସେବାକେନ୍ଦ୍ର ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଞ୍ଚାନନ ରଥଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷା ବିଦ୍ୟାର୍ଥୀଙ୍କ ଗତିପଥ ନିର୍ଦ୍ଧାରଣ କରିଥାଏ ବୋଲି କହିଥିଲେ। ସେହିପରି ଜିଲାପରିଷଦ ସଭ୍ୟ ପ୍ରଦୀପ୍ତ କିଶୋର ଛୋଟରାୟ ମୁଖ୍ୟ ବକ୍ତା ଏବଂ ସରପଞ୍ଚ ପ୍ରଦୀପ ବାରିକ, ପୂର୍ବତନ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ବେହେରା, ଅଧ୍ୟାପକ ତ୍ରିଲୋଚନ ସାହୁ, ଗ୍ରାମ ସଭାପତି ଶ୍ରୀଧର ସାହୁ, ପଞ୍ଚାୟତ ବିଜେଡି ସଭାପତି ପ୍ରଦୀପ୍ତ ସାହୁ, ସତ୍ୟବାଦୀ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିବା ପରେ ଅଧ୍ୟାପକ ପ୍ରଦୀପ କୁମାର ସାହୁ ମଞ୍ଚ ପରିଚାଳନା କରିବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ବିଜୟ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ଝରଣା ସେଠୀ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅନୁଷ୍ଠାନର ସମସ୍ତ ଗୁରୁମା ଗୁରୁଜୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ଅବାଧରେ ଚାଲିଛି ମାଙ୍କଡ଼ା ପଥର, ମୋରମ ଚାଲାଣ

## ବେଗୁନିଆ ତହସିଲ

**ବେଗୁନିଆ,୧୦।୪(ହର ପ୍ରସନ୍ନ ପଣ୍ଡା)**

ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅଞ୍ଚଳରୁ ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣ ରୋକିବା ଲାଗି ପ୍ରଶାସନ ପକ୍ଷରୁ ଗତ ମାର୍ଚ୍ଚରେ ଟିପ୍‌ଲାଇନ ଜାରି ହୋଇଥିଲା। ଏନେଇ ହ୍ୱାଟ୍ସଆପ୍ ନମ୍ବର ଜାରି କରାଯାଇ ସ୍ଥାନୀୟ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ହେଲେ କୌଣସି ଆଦେଶନାମା କାର୍ଯ୍ୟକାରୀ ହେଉନି। ପ୍ରଶାସନକୁ ଖୋଲା ଚାଲେଞ୍ଜ ଦେଇ ଅବାଧରେ ବଢ଼ିଚାଲିଛି ମାଙ୍କଡ଼ା ପଥର ଓ ମୋରମ ଚୋରାଚାଲାଣ।

ଦେଉଳି ଏବଂ ପରିଛଳ ଅଞ୍ଚଳରେ ଥିବା ପାହାଡ଼କୁ ମାଫିଆମାନେ କମ୍ପ୍ରେସର ସାହାଯ୍ୟରେ ଆମୋନିୟମ, ବାରୁଦ, ଡିନାମାଇଟ୍, ଜିଲୋଟିନ ବ୍ୟବହାର କରି ବିସ୍ଫୋରଣ କରିଚାଲିଛନ୍ତି। ଐତିହ୍ୟସମ୍ପନ୍ନ ପାହାଡ଼କୁ ପଦା କରି କଳାମୁଗୁନି ପଥର ଉତ୍ତୋଳନ କରୁଛନ୍ତି। ପରେ ଏଥିରୁ ଚିପ୍ସ, ପଥର, ସ୍ଲାବ, ବଜୁରି ଆଦି କରାଯାଇ ବିଭିନ୍ନ ଅଞ୍ଚଳକୁ ଚୋରାଚାଲାଣ କରାଯାଉଥିବା ନଜର ରହିଛି। ସେହିପରି ଡିଙ୍ଗର, ରାଉତପଡ଼ା, ଦକ୍ଷିଣେଶ୍ୱର, ବରପଦା, ବିଞ୍ଝଣି, ଗୌଡିଆପଡ଼ା, କୋଡଲାଙ୍ଗ, ଡାଲତୋଳା, ନିଆଁମୁହାଁ, ଲୋକିପୁର, ଗୁଡୁମ, ବାଲିବେରେଣୀ ଆଦି ଅଞ୍ଚଳରେ ୧୨ ଶହରୁ ଊର୍ଦ୍ଧ୍ୱ ଏକର ବେଆଇନ ମାଙ୍କଡ଼ା ପଥର ଖଣି ରହିଛି। ସେହିପରି ଆଉ କେତେକ ଖଣିକୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଥିଲା। ହେଲେ ଉକ୍ତ ଖଣିରୁ ଦିନରାତି ଯନ୍ତ୍ରାଂଶ ସାହାଯ୍ୟରେ ପଥର କଟା ଚାଲିଛି। ଏଭଳି ସ୍ଥଳରେ ମାଙ୍କଡ଼ା ଓ ମୋରମ ଖଣି ଲିଜ୍ ଦିଆ ହେଉ କିମ୍ବା ନ ହେଉ ସବୁ ସମୟରେ ସରକାରୀ ନିୟମକୁ ଅଣଦେଖା କରାଯାଉଛି। ଶ୍ରୀମନ୍ଦିର ପ୍ରଶାସନର କେତେକ ଖଣିକୁ ନିଲାମ ବନ୍ଦ କରାଯାଇଥିବା ପରେ ମଧ୍ୟ ଅବାଧରେ ଖଣି ଉତ୍ତୋଳନ କରାଯାଉଛି। ତେବେ ବେଆଇନ ଖଣି ଖନନକୁ ନେଇ ଅନେକ ସମୟରେ ଗ୍ରାମବାସୀ ଏବଂ ମାଫିଆଙ୍କ ମଧ୍ୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିବା ନଜିର ରହିଛି। ଏହି ବେଆଇନ କାରବାର ସମ୍ପର୍କରେ ଜିଲା ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ମାଙ୍କଡ଼ା ପଥର, ମୋରମ, କଳାମୁଗୁନି ପଥର ଚୋରାଚାଲାଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଚଢ଼ାଉ ଓ ଜରିମାନା ଆଦାୟ କରାଯାଉଛି। ହେଲେ ମାଙ୍କଡ଼ା ପଥର, ମୋରମ ଚୋରାଚାଲାଣ ଥମିବାର ନାଁ ଧରୁନି। ଅନ୍ୟପଟେ ଚଢ଼ାଉ ବେଳେ କେବଳ ଗାଡ଼ି ଜବତ ସହ ଚାଳକମାନଙ୍କୁ ଗିରଫ କରାଯାଉଥିବା ବେଳେ ଖଣି ମାଫିଆମାନେ ଧରାପଡୁନାହାନ୍ତି। ତେବେ ଖଣି ମାଫିଆମାନେ କିପରି ଧରାପଡୁନାହାନ୍ତି ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି କେତେକ ଖଣିରେ ଚଢ଼ାଉ ନ କରିବା ପାଇଁ ପ୍ରତିମାସରେ ଅଧିକାରୀମାନଙ୍କୁ ମାସିକିଆ ଚାନ୍ଦା ଦିଆଯାଇଥାଏ। ଏହାର ସୁଯୋଗ ନେଇ ମାଫିଆମାନେ ମାଙ୍କଡ଼ା ପଥର ଓ ମୋରମ ଚୋରାଚାଲାଣ କରିଥାନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପଟେ ଏ ସମ୍ପର୍କରେ ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କୁହନ୍ତି, ପ୍ରଶାସନ ପକ୍ଷରୁ ନିୟମିତ ଭାବେ ବିଭିନ୍ନ ଅଞ୍ଚଳରେ ଥିବା ଖଣିରେ ଚଢ଼ାଉ କରାଯାଉଛି। ଚୋରାଚାଲାଣ ଏକପ୍ରକାର ଠପ୍ ହୋଇଯାଇଛି।



## ଅଧ୍ୟାପକଙ୍କ ବିୟୋଗରେ ଶୋକସଭା

ସାକ୍ଷୀଗୋପାଳ,(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)-ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟର ଅତିଥି ଅଧ୍ୟାପକ ଡ. ପ୍ରସନ୍ନ କୁମାର ନାୟକଙ୍କ ବୁଧବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ଏହି ଅବସରରେ ଗୁରୁବାର ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, କର୍ମଚାରୀ, ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ସବିତା ପ୍ରଧାନ ସଭାପତିତ୍ୱ କରିଥିଲେ। ସ୍ୱର୍ଗତ ଡ. ନାୟକ ଭାଷା ବିଜ୍ଞାନ ଓ ପ୍ରାକୃତିକ ଭାଷା ସଂସାଧାନ ବିଭାଗରେ ଅଧ୍ୟାପନା କରୁଥିଲେ। ଦୀର୍ଘଦିନର ଅସୁସ୍ଥତା ଯୋଗୁ ତାଙ୍କର ଦେହାବସାନ ଘଟିଛି। ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ଓ ଅଧ୍ୟାପକଗଣ ତାଙ୍କ ଆତ୍ମାର ସଦ୍ଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଥିଲେ।

**ସଂକ୍ଷେପରେ**

## ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ନିମାପଡ଼ା,୧୦।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ବ୍ଲକ ସଭା ଗୃହରେ ଏକ ସ୍ୱତନ୍ତ୍ର ଅଧିବେଶନ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ ତାଲିକା ଅନୁମୋଦନ ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ବ୍ଲକ ପଞ୍ଚାୟତ ଉନ୍ନୟନ ଯୋଜନା (ବିପିଡିପି) ପ୍ରସ୍ତୁତ, ଅନୁମୋଦନ ସମ୍ପର୍କରେ ଓ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଗ୍ରୀଷ୍ମ ପ୍ରବାହ ସମୟରେ ପ୍ରତ୍ୟକ ଗାଁଗଣ୍ଡା ଲୋକଙ୍କୁ ସୂଚାରୁରୂପେ ପାନୀୟ ଜଳ ଯୋଗାଇ ଦେବାକୁ ଉପମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ଅତିରିକ୍ତ ବିଡିଓ ପ୍ରିୟଦର୍ଶିନୀ ବରାଳ, ବ୍ଲକ ସହକାରୀ ଯନ୍ତ୍ରୀ ସୁନୀଲ କୁମାର ନନ୍ଦ, ଏମ୍‌ପିଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଳସମ୍ପଦ ବିଭାଗ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର (ଏସ୍‌ଇ) ବୈକୁଣ୍ଠନାଥ ଦଳେଇ, ବିଇଓ ଦ୍ୱିତିକାନ୍ତ ପ୍ରଧାନ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଭାତ ବେହେରା, ସହକାରୀ ଯନ୍ତ୍ରୀ ପ୍ରବୀର କୁମାର ବଳ, ଉଦ୍ୟାନ ଓ କୃଷି ଅଧିକାରୀ ଶୁଭଶ୍ରୀ କର, ବ୍ଲକ କୃଷି ଅଧିକାରୀ ପ୍ରିୟବ୍ରତ ପୃଷ୍ଟିଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ ସାମିଲ ହୋଇଥିଲେ।

# ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରେ ୯୧ ପ୍ରକଳ୍ପ ଅନୁମୋଦିତ

**ଡେଲାଙ୍ଗ ପଞ୍ଚାୟତ ସମିତିର ୭ମ ଅଧିବେଶନ**

ଡେଲାଙ୍ଗ,୧୦।୪(ରଶ୍ମିରଞ୍ଜନ ପ୍ରଧାନ)



ଅଧିବେଶନରେ ବିଧାୟକ ଆଶ୍ରିତ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁଙ୍କ ସମେତ ଅନ୍ୟଅଧିକାରୀମାନେ ।

କୋରମ୍ ଅଭାବ ଯୋଗୁ ସ୍ଥଗିତ ଥିବା ଡେଲାଙ୍ଗ ପଞ୍ଚାୟତ ସମିତିର ୭ମ ଅଧିବେଶନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ବାସନ୍ତୀ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଗତ ମାର୍ଚ୍ଚ ୬ରେ ସରପଞ୍ଚ ଓ ସମିତି ସଭ୍ୟ ବ୍ଲକ ପ୍ରଶାସନର ଅବହେଳାକୁ ଅଭିଯୋଗ କରି ବୈଠକ ବର୍ଜନ କରିଥିବାରୁ କୋରମ୍ ଅଭାବରୁ ବୈଠକ ସ୍ଥଗିତ ରହିଥିଲା। ଏପରିକି ସଂଖ୍ୟାଗରିଷ୍ଠ ପଞ୍ଚାୟତିରାଜ ପ୍ରତିନିଧି ସମୂହ ଇସ୍ତଫା ଦେବାକୁ ଚେତାବନୀ ଦେଇଥିଲେ। ଆଗକୁ ଅଧିକ ବିଶୃଙ୍ଖଳା ଆଶଙ୍କା କରି ବ୍ଲକ ପ୍ରଶାସନ ପକ୍ଷରୁ ସରପଞ୍ଚଙ୍କୁ ଡକାଯାଇ ଅଭିଯୋଗ ସମୂହର ଆପୋସ ସମାଧାନ ଉଦ୍ୟମ କରାଯାଇଥିଲା। ଆୟୋଜିତ ଏହି ବୈଠକରେ ୨୧ ପଞ୍ଚାୟତରୁ ଅଧ୍ୟକ୍ଷା, ଉପାଧ୍ୟକ୍ଷ, ୩ ଜିଲା ପରିଷଦ ସଭ୍ୟ, ୧୯ ଜଣ ସରପଞ୍ଚଙ୍କ ସହ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପିପିଲି ଆରକ୍ଷୀ ଉପଖଣ୍ଡ ଅଧିକାରୀ ଦେବାଶିଷ ମିଶ୍ର, ଡେଲାଙ୍ଗ ଥାନା ନିରୀକ୍ଷକ ଘନଶ୍ୟାମ ବାରିକ, ୨୦ରୁ ଊର୍ଦ୍ଧ୍ୱ ପୋଲିସ ସଜାଗ ରହିଥିଲେ। ବୈଠକରେ ପଞ୍ଚାୟତିରାଜ ପ୍ରତିନିଧିମାନେ ୬୦% ଓ ବିଧାୟକ ତାଙ୍କ ସମର୍ଥକ ୪୦% କାର୍ଯ୍ୟ କରିବାକୁ ଅଲିଖିତ ଚୁକ୍ତିପରେ ବୈଠକରେ ବିକଶିତ ଗାଁ, ବିକଶିତ ଓଡ଼ିଶା ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହୋଇଥିଲା। ସୁଜନପୁର ଗ୍ରାମ ପଞ୍ଚାୟତକୁ ବାଦ ଦେଇ ଅବଶିଷ୍ଟ ୨୦ ଗ୍ରାମ ପଞ୍ଚାୟତ ନିମନ୍ତେ ୪ କୋଟି ୮ ଲକ୍ଷ ୯୪ ହଜାର ଟଙ୍କାରେ ୯୧ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଥିଲା। ବୈଠକରେ ଅଧ୍ୟକ୍ଷା ସାହୁ, ବିଧାୟକ ପଟ୍ଟନାୟକ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ଜିଲାପରିଷଦ ସଭ୍ୟ ପ୍ରସନ୍ନ ସାହୁ, ସଭ୍ୟା ପ୍ରଜ୍ଞା ଛୋଟରାୟ, ଦୀପ୍ତିଶ୍ରୀ ରାଉତରାୟ, ବିଡିଓ କ୍ଷିତୀଶ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତ ବାରିକଙ୍କ ସହ ପଞ୍ଚାୟତ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ପୂର୍ବରେ ବିବରଣୀ ପାଠ ପୂର୍ବକ ଦୃଢ଼ୀକରଣ କରାଯାଇଥିଲା। ଉପାଧ୍ୟକ୍ଷ ନିଶଙ୍କ ଧନ୍ୟବାଦ ଦେଇଥିଲେ। ତେବେ ବୈଠକରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରବେଶ ବାରଣ କରାଯାଇଥିଲା।

# ଜିଲାର ୫୧ ସ୍ୱାସ୍ଥ୍ୟକେନ୍ଦ୍ରରେ ବଣ୍ଟାଯିବ

**ଆୟୁଷ୍ମାନ କାର୍ଡ ବଣ୍ଟନ ପାଇଁ ବ୍ଲକ ଓ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି**

ପୁରୀ,୧୦।୪(ଅଜିତ୍ କୁମାର ମହାନ୍ତି)

ଆୟୁଷ୍ମାନ ଭାରତ ସହ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁକ୍ରବାର ଶୁଭାରମ୍ଭ ହେବ। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ଶୁକ୍ରବାର ଓଡ଼ିଶାରେ ଆୟୁଷ୍ମାନ ଭାରତ ସହିତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ମିଳିତ ଭାବେ କଟକରେ ଶୁଭାରମ୍ଭ କରିବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା। ଟାଉନ୍ ହଲଠାରେ ପୁରୀ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେବେ। ଏହାର ଶୁଭାରମ୍ଭ ହେବା ଫଳରେ ରାଜ୍ୟବାସୀ ଓଡ଼ିଶା ସହ ଦେଶବ୍ୟାପୀ ମାଗଣା ଚିକିତ୍ସା ସୁବିଧା ପାଇପାରିବେ। ଏହି କାର୍ଡରେ ପୁରୁଷ ହିତାଧିକାରୀଙ୍କୁ ୫ଲକ୍ଷ ଓ ମହିଳା ହିତାଧିକାରୀଙ୍କୁ ୧୦ ଲକ୍ଷ ଲେଖାଏ ଚିକିତ୍ସା ଖର୍ଚ୍ଚ ମିଳିବ। ପରିବାରରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ଥିଲେ ଆୟୁଷ୍ମାନ ବୟୋବନ୍ଦନ ଯୋଜନାରେ ସାମିଲ କରାଯାଇ ପରିବାର ପ୍ରତି ସର୍ବାଧିକ ୧୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ଜଣାଯାଇଛି। କେୱାଇସି ଅପଡେଟ୍ କରି ନୂତନ କାର୍ଡ ନ ପାଇବା ଯାଏ ଆଧାର କାର୍ଡ ପ୍ରଦର୍ଶନ କରି ଚିକିତ୍ସା ସୁବିଧା ପାଇପାରିବେ। ଆସନ୍ତାକାଲି (ଶୁକ୍ରବାର) ଏହାର ଶୁଭାରମ୍ଭ ଥିବାରୁ ପୁରୀ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଜିଲାର ୪୬ଗୋଟି ପିଏଚ୍‌ସି ଓ ୫ଟି ସହରାଞ୍ଚଳ ହସ୍ପିଟାଲ ଏହିଭଳି ମୋଟ ୫୧ଗୋଟି ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି କାର୍ଡ ହିତାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ସାକ୍ଷୀଗୋପାଳ ମନ୍ଦିରରେ ଦୟଣା ଚୋରି ପର୍ବ

ସାକ୍ଷୀଗୋପାଳ,୧୦।୪(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ଅନଙ୍ଗ ତ୍ରୟୋଦଶୀ ତିଥି ଗୁରୁବାରରେ ସାକ୍ଷୀଗୋପାଳ ମନ୍ଦିରରେ ଦୟଣା ଚୋରି ପର୍ବ ପରମ୍ପରା କ୍ରମେ ପାଳିତ ହୋଇଯାଇଛି। ବଡ଼ସିଂହାର ଧୂପ ଶେଷ ହେବା ପରେ ବିଜେ ପ୍ରତିମା ମଦନମୋହନ ବିମାନରେ ନଅରବାଡ଼ିସ୍ଥିତ ଦୟଣା ଚୋରି ମଣ୍ଡପକୁ ବିଜେ କରିଥିଲେ। ସେଠାରେ ପନ୍ତୀ ଭୋଗ, ଆଳତି, ଉପଚାର କରାଯାଇଥିଲା। ବିଧି ମୁତାବକ ଠାକୁରଙ୍କ ପ୍ରତିନିଧି ଭାବେ ପାଳିଆପତ୍ରୀ ସେବକ ନଅରବାଡ଼ିରୁ ଠାକୁରଙ୍କ ପ୍ରିୟ ଦୟଣା ଚୋରି କରିବା ସମୟରେ କଟୁଆଳ ମଣ୍ଡଣୀ ସୁଆଁସିଆ ସେବକଙ୍କ ହାତରେ ଧରା ପଡ଼ିଥିଲେ। ଚୋରି ଦୟଣା ପାତ୍ର ସହ ପାଟ ବସ୍ତ୍ରରେ ବାନ୍ଧି ପାଳିଆ ପତ୍ରୀ ସେବକଙ୍କୁ ବିଜେ ଦାଣ୍ଡରେ ଚଲାଇ ଚଲାଇ ମନ୍ଦିରକୁ ଅଣାଯାଇଥିଲା। ଠାକୁରଙ୍କ ପହୁଡ଼ ନୀତି କରାଯାଇ ବିଜେ ପ୍ରତିମାଙ୍କୁ ଭଣ୍ଡାର ଦ୍ୱାର ନିକଟରେ ରାତି ତମାମ ବାନ୍ଧି ଦିଆଯାଇଥିବା ଦେଖିବାକୁ ମିଳିଥିଲା। ଶୁକ୍ରବାର ଠାକୁରଙ୍କୁ ଦୟଣା ଲାଗି କରାଯିବ।

# ଲୁଚିଯାଉଥିବା ଲୋକକଳାକୁ ଉଜ୍ଜୀବିତ କରିବା ଆମର ମୂଳମନ୍ତ୍ର

ନିମାପଡ଼ା,୧୦।୪(ବିଚିତ୍ରାନନ୍ଦ ସାହୁ)

ରାଜ୍ୟରେ ହଜି ଯାଉଥିବା, ଲୁଚି ଯାଉଥିବା ଓଡ଼ିଶାର ପ୍ରାଚୀନ ଲୋକକଳାକୁ ଉଜ୍ଜୀବିତ କରି ରଖିବା ଓ ଓଡ଼ିଶାର ଲୋକକଳାକୁ ବିଶ୍ୱ ଦରବାରରେ ପ୍ରତିପାଦିତ ଓ ସ୍ଥାନିତ କରିବା ଆମର ମୂଳମନ୍ତ୍ର। ରାଜ୍ୟ ସରକାରଙ୍କ ଓଡ଼ିଆ ପକ୍ଷ ପାଳନ ଓ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ଏହା କହିଥିଲେ। ନିମାପଡ଼ା ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ବ୍ଲକ ସଭାକକ୍ଷରେ ଏକ କଳାକାର ସମ୍ବର୍ଦ୍ଧନା ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ବ୍ଲକ କଳା ସଂସ୍କୃତି ସଂଘ ସଭାପତି ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ଉପସଭାପତି ପବିତ୍ରମୋହନ ପ୍ରଧାନ, ସମ୍ପାଦକ ବିଏସ୍‌ଏସ୍‌ଓ ଜୟକୃଷ୍ଣ ସ୍ୱାଇଁ, ବରିଷ୍ଠ କଳାକାର ତପନଜ୍ୟୋତି ବରିହା, ଅତିରିକ୍ତ ବିଡିଓ ପ୍ରିୟଦର୍ଶିନୀ ବରାଳ, ଯୁବନେତା ପ୍ରଶାନ୍ତ ବେହେରା, ଅରକ୍ଷିତ ଭୋଇ ପ୍ରମୁଖ ଯୋଗଦେଇ ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ଭାଷା, ସଂସ୍କୃତି ଆମର ପରିଚୟ। ଏହାକୁ ଉଜ୍ଜୀବିତ କରି ରଖିବା ପ୍ରତ୍ୟେକ ଓଡ଼ିଆଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି କହିଥିଲେ। ସମାରୋହରେ ବ୍ଲକର ୧୯ ଜଣ କୃତୀ କଳାକାରଙ୍କୁ ଅତିଥିମାନେ ମାନପତ୍ର, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମହିଳା କଳାକାରଙ୍କ ଦ୍ୱାରା ପରିବେଷିତ ଆକର୍ଷଣୀୟ ସଂକୀର୍ତ୍ତନ ନୃତ୍ୟ ସଙ୍ଗୀତ ଅତିଥିଙ୍କୁ ବେଶ୍ ଆକର୍ଷିତ କରିଥିଲା। ସମାରୋହରେ ଶତାଧିକ କଳାକାର ଯୋଗ ଦେଇଥିଲେ।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ କଳାକାରବୃନ୍ଦ।

# ଆଜି ରାତିରେ ଜମିବ ମେଳଣ

ଡେଲାଙ୍ଗ,୧୦।୪(ରଶ୍ମିରଞ୍ଜନ ପ୍ରଧାନ)

ପୁରୀ ଜିଲାର ବୃହତ୍ତ ଗ୍ରାମ ଘୋରଡିଆର ପ୍ରସିଦ୍ଧ ଦୟଣାଚୋରି ମେଳଣ ଶୁକ୍ରବାର ଜମିବ। ଏନେଇ ଗୁରୁବାର ପାଠାଗାର ପରିସରରେ ଚୁଡ଼ାନ୍ତ ପ୍ରସ୍ତୁତି ବୈଠକ ଓ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମେଳଣ କମିଟି ଆବାହକ ଶଶୀଶେଖର ରାୟ ଏଥିରେ ତତ୍ତ୍ୱାବଧାନ କରିଥିଲେ। ସମାବେଶରେ ରାଧାମୋହନ ମଠର ଟ୍ରଷ୍ଟି ପ୍ରହଲ୍ଲାଦ ବଳିୟାରସିଂ ସଭାପତିତ୍ୱ କରିଥିଲେ। ରାଧାକାନ୍ତ ମଠ ଟ୍ରଷ୍ଟିଙ୍କ ପ୍ରତିନିଧି ସୋମନାଥ ମଙ୍ଗରାଜ, ମୀର ସଲିମ୍, ମହମଦ ମୁସ୍ତାକ୍, ରାଜକିଶୋର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ରମେଶ ପାଢ଼ଶାଣୀ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ଦେଇ ମେଳଣ ସମ୍ପର୍କିତ ସମ୍ୟକ ସୂଚନା ଦେଇଥିଲେ। ଏହି ପ୍ରସିଦ୍ଧ ମେଳଣ ୧୧ ତାରିଖ ରାତିରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ସାଉରିଆ ଗ୍ରାମର ଆରାଧ୍ୟ ରାଧାକାନ୍ତ ଦେବ ଓ ଘନିପୁର ଗ୍ରାମର ଆରାଧ୍ୟ ରାଧାମୋହନଦେବ ସୁସଜ୍ଜିତ କଳାକୁଞ୍ଜ ବିମାନରେ ବିରାଜମାନ କରିବେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ପାଇକ ଆଖଡ଼ା, ଗୋଟିପୁଅ ନୃତ୍ୟ ଓ ଭଜନ ସମାରୋହ କରାଯିବାର କାର୍ଯ୍ୟକ୍ରମ ରହିଛି।

# ଲୋକକଳା କଳା ସଂସ୍କୃତିର ଜୀବନ୍ତ ବାର୍ତ୍ତାବହ




ଓଡ଼ିଆ ପକ୍ଷ ପାଳନ ଅବସରରେ ଅତିଥିଙ୍କ ଗହଣରେ କଳାକାରମାନେ ।

ପୁରୀ,୧୦।୪(ଅଜିତ କୁମାର ମହାନ୍ତି)

ବ୍ରହ୍ମଗିରି ବ୍ଲକ କପିଳେଶ୍ୱରସ୍ଥିତ ସ୍ୱାମୀ ବିବେକାନନ୍ଦ ଆଙ୍ଗ୍ଲୋ ବୈଦିକ ଏଜୁକେଶନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଭାଗିତାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଲୋକକଳା ପାଇଁ ଦିନଟିଏ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳର ଶିକ୍ଷକ ପଦ୍ମନାଭ ତ୍ରିପାଠୀ ଲୋକକଳା କଳା ସଂସ୍କୃତିର ଜୀବନ୍ତ ବାର୍ତ୍ତାବହ ବୋଲି କହିଥିଲ। ସଂସ୍କୃତିପ୍ରେମୀ ତଥା ସଙ୍ଗୀତ ଗୁରୁ ଅଧ୍ୟାପକ ଅନନ୍ତ ବେହେରା ଯୋଗଦେଇ ଲୋକକଳା ହିଁ ଆମ ସଂସ୍କୃତିର ପରିଚାୟକ ତଥା ଦର୍ପଣ ସଦୃଶ ବୋଲି କହିଥିଲେ। ଅନୁଷ୍ଠାନର ସଭାପତି ଗଦାଧର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ନାୟକ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କୁନିକୁନି ଛାତ୍ରୀଛାତ୍ରମାନେ ଲୋକକଳାର କିଛି ଝଲକ ପ୍ରଦର୍ଶନ କରିଥିଲେ। ଶିକ୍ଷକ ଦୁର୍ଗା ପ୍ରସାଦ ନାୟକ, ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ କାନୁନ୍‌ଗୋ ଏବଂ ସସ୍ମିତା ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

## ଆଇଆର୍‌ଇଏଲ୍ ପକ୍ଷରୁ ଭକ୍ତଙ୍କ ସୁବିଧା ପାଇଁ ୨ ଗାଡ଼ି ପ୍ରଦାନ

ପୁରୀ,୧୦।୪(ଅଜିତ୍ କୁମାର ମହାନ୍ତି)

ଭାରତ ସରକାରଙ୍କ ଆଇଆର୍‌ଇଏଲ୍ ପକ୍ଷରୁ ଗୁରୁବାର ୨ଟି ବ୍ୟାଟେରିଚାଳିତ ଗାଡ଼ି ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ପ୍ରଦାନ କରାଯାଇଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ପ୍ରଦାନ ସମୟରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଶ୍ରୀମନ୍ଦିର ସ୍ୱତନ୍ତ୍ର ପଦାଧିକାରୀ ଶୁଭ୍ରାଂଶୁ ଶେଖର ପାଢ଼ୀ, ଆଇଆର୍‌ଇଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶାରଦା ଭୂଷଣ ମହାନ୍ତି, ଅନୁତମ ମିଶ୍ର, ସିଭିଆର ମୂର୍ତ୍ତି, ରବିଶଙ୍କର ସାବତ, ଜଗଦାନନ୍ଦ ନାୟକ, ଜିକେ ନାୟକ, ଅଜୟ କୁମାର ପ୍ରହରାଜ, ନରେନ୍ଦ୍ର କୁମାର ନାୟକ, ଆଶୁତୋଷ ଶର୍ମା, ସରୋଜ ବେହେରା, ଦୀପକ ମିଶ୍ର, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ର ନାରାୟଣ ମହାନ୍ତି ଏବଂ ଅନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରତ୍ୟେକ ଦିନ ହଜାର ହଜାର ଶ୍ରଦ୍ଧାଳୁଙ୍କ ଆଗମନ ହେଉଛି। ସେମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗ ଭକ୍ତଙ୍କ ସଂଖ୍ୟା ପୂର୍ବ ଅପେକ୍ଷା ବଢ଼ିବାରେ ଲାଗିଛି। ସେମାନଙ୍କ ସୁରକ୍ଷିତ ଯାତାୟାତ ପାଇଁ ଜିଲାପାଳ ଭାରତ ସରକାରଙ୍କ ଆଇଆର୍‌ଇଏଲ୍‌କୁ ୨ଟି ବ୍ୟାଟେରି ଚାଳିତ ଗାଡ଼ି ପ୍ରଦାନ ପାଇଁ ଚିଠି ଲେଖିଥିଲେ। ଏହି ପରିପ୍ରେକ୍ଷୀରେ ଆଇଆର୍‌ଇଏଲ୍ ପକ୍ଷରୁ ସଂସ୍ଥାଗତ ସାମାଜିକ ଦାୟିତ୍ୱବୋଧକୁ ଉପଲବ୍ଧି କରି ଗୁରୁବାର ୨ଟି ବ୍ୟାଟେରି ଚାଳିତ ଗାଡ଼ି ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକଙ୍କ ଉପସ୍ଥିତିରେ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ପ୍ରଦାନ କରାଯାଇଛି।

## ଶିକ୍ଷା ମାନବ ସମାଜକୁ ସଶକ୍ତ କରେ

କାକଟପୁର/ଅସ୍ତରଙ୍ଗ,୧୦।୪ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଶିକ୍ଷା ହିଁ ମାନବ ସମାଜକୁ ସଶକ୍ତ କରିଥାଏ ବୋଲି ଗୁରୁବାର ଅସ୍ତରଙ୍ଗ ବ୍ଲକ ଅଧୀନ ଉକୁଳେଇସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକୋତ୍ସବରେ ଅତିଥିମାନେ ଯୋଗଦେଇ କହିଛନ୍ତି। ପ୍ରଧାନ ଶିକ୍ଷକ ଗୋବିନ୍ଦଚନ୍ଦ୍ର ସେନାପତି ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ମହାରଣା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ରବୀନ୍ଦ୍ର କୁମାର ସାମନ୍ତରାୟ ଯୋଗଦେଇ ପିଲାଙ୍କୁ ଶିକ୍ଷା ଦେବାରେ ମା' ବାପାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ତଥା ବିଦ୍ୟାଳୟ ଚେୟାରମ୍ୟାନ ଦୀପ୍ତିରଞ୍ଜନ ନାୟକ, ଅନ୍ୟ ଅତିଥି ଜ୍ୟୋତି ରଞ୍ଜନ ନାୟକ, ନିରଞ୍ଜନ ଭଞ୍ଜ, ସୁଧାକର ଦାଶ, ପ୍ରଗତିବାଳା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ରଶ୍ମିରଞ୍ଜନ ନାୟକ ମଞ୍ଚ ପରିଚାଳନା ସହ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସେନାପତି ବାର୍ଷିକ ବିବରଣୀ ପାଠ କରିଥିଲେ।

## ଭାରତୀୟ ଯୋଗ ସଂସ୍ଥାନର ସ୍ଥାପନା ଦିବସ



ଲୋକମାନେ ଯୋଗ କରୁଛନ୍ତି ।

ପୁରୀ,୧୦।୪(ଅଜିତ୍ କୁମାର ମହାନ୍ତି)

ଭାରତୀୟ ଯୋଗ ସଂସ୍ଥାନ ପୁରୀ ଗୁଣ୍ଡିଚାବିହାର କ୍ଷେତ୍ର ତରଫରୁ ସଂସ୍ଥାନର ୫୯ତମ ସ୍ଥାପନା ଦିବସ ଗୁରୁବାର ଆଖଣ୍ଡଳମଣି ପାର୍କ ପୁରୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ଉପଦେଷ୍ଟା ବିକି ରାମ ସ୍ୱାଇଁ, କ୍ଷେତ୍ର ପ୍ରଧାନ ମନମୋହନ ମହାପାତ୍ର, କ୍ଷେତ୍ର ମନ୍ତ୍ରୀ ସଦାଶିବ ଦାସ, କ୍ଷେତ୍ର ସଙ୍ଗଠନ ମନ୍ତ୍ରୀ ନିରଞ୍ଜନ ରାଉତ କାର୍ଯ୍ୟକ୍ରମର ତତ୍ତ୍ୱାବଧାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ବଲ୍ଲଭ କୁମାର ଜୟସିଂହ, ପ୍ରାନ୍ତ ମେମ୍ବର ଏମ୍. ରାମୟା ରେଡ୍ଡି, ବୁଦ୍ଧଦେବ ପ୍ରମୁଖ ଉପସ୍ଥିତ ଥିଲେ। ଶତାଧିକ ସାଧକସାଧିକା ଏବଂ ଯୋଗ ପ୍ରଶିକ୍ଷକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଡଲ୍‌ଫିନ୍ ସୁରକ୍ଷା ସମ୍ପର୍କିତ ତାଲିମ ନେଲେ ୮୦ ମିତ୍ର

କୋଣାର୍କ,୧୦।୪(ଜ୍ୟୋତିରାଜ ମହାନ୍ତି)



ତାଲିମ ଶିବିରରେ ଅଂଶ ଗ୍ରହଣ କରିଥିବା ଡଲ୍‌ଫିନ୍ ମିତ୍ରମାନେ ।

ପୁରୀ ଜିଲା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ୪ଟି ରେଞ୍ଜର ୮୦ ଜଣ ଡଲ୍‌ଫିନ ମିତ୍ର ଗୁରୁବାର ଚିଲିକା ପରିଦର୍ଶନ କରିବା ସହ ଡଲ୍‌ଫିନ ସୁରକ୍ଷା ସମ୍ପର୍କରେ ପ୍ରାକ୍ଟିକାଲ ତାଲିମ ଗ୍ରହଣ କରିଥିବା ଜଣାପଡ଼ିଛି। ଡଲ୍‌ଫିନଗୁଡ଼ିକ ହେଉଛନ୍ତି ମଣିଷର ବନ୍ଧୁ। ସେମାନଙ୍କ ସୁରକ୍ଷା ମାନବ ସମାଜର ଏକ ନୈତିକ ଦାୟିତ୍ୱ କହିଲେ ଅତ୍ୟୁକ୍ତି ହେବନାହିଁ। ଏଠାରେ ସୂଚନାଯୋଗ୍ୟ, କୋଣାର୍କ, ବ୍ରହ୍ମଗିରି, ବାଲୁଖଣ୍ଡ ଓ ଅସ୍ତରଙ୍ଗ ଆଦି ୪ଟି ବନ୍ୟପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ୮୦ ଜଣ ଯୁବ ସ୍ୱେଚ୍ଛାସେବୀଙ୍କୁ ବିରଳ ପ୍ରଜାତିର ପ୍ରାଣୀ ଡଲ୍‌ଫିନଙ୍କ ସୁରକ୍ଷା ନିମନ୍ତେ ସମାଜରେ ସଚେତନତା ସୃଷ୍ଟି କରିବାକୁ ଡଲ୍‌ଫିନ ମିତ୍ର ଭାବେ ବନ ବିଭାଗ ପକ୍ଷରୁ ଚୟନ କରାଯାଇଥିଲା। ଏହି ଡଲ୍‌ଫିନ ମିତ୍ରଙ୍କୁ ଚିଲିକା ଓ ସାତପଡ଼ା ପରିଦର୍ଶନ ନିମନ୍ତେ ନିଆଯାଇଥିଲା। ଏହି ପରିଦର୍ଶନ ଦ୍ୱାରା ଡଲ୍‌ଫିନ ମିତ୍ରମାନେ ଡଲ୍‌ଫିନ ସମ୍ପର୍କରେ ଅଧିକ ସୂଚନା ପ୍ରାପ୍ତ କରିବା ସହ ଆଗାମୀ ଦିନରେ ଡଲ୍‌ଫିନ ସୁରକ୍ଷା ଓ ସଂରକ୍ଷଣ ଦିଗରେ ସହାୟକ ହେବ ବୋଲି ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀ ମୋନାଲିସା ମହାପାତ୍ର ପ୍ରକାଶ କରିଛନ୍ତି। ପୂର୍ବାହ୍ନ ସମୟରେ ଡଲ୍‌ଫିନ ମିତ୍ରଙ୍କୁ ଏକ ବସ୍ ଯୋଗେ ଚିଲିକା ପରିଦର୍ଶନରେ ନିଆଯାଇଥିଲା। ଏହି ସମୟରେ କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟର ଫରେଷ୍ଟର ଯୋଗେନ୍ଦ୍ର ପ୍ରଧାନ, ଫରେଷ୍ଟ ଗାର୍ଡ ଭାବଗ୍ରାହୀ ସେଠୀ, ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟ ଫରେଷ୍ଟର ବବୁଲ ମଲ୍ଲିକ, ଫରେଷ୍ଟର ପ୍ରଫୁଲ୍ଲ ବିଶ୍ୱାଳଙ୍କ ସମେତ ଅନ୍ୟ ବନ କର୍ମଚାରୀ ସାମିଲ ଥିଲେ।







ସାହିଯାତ ଅବସରରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ବିଭିନ୍ନ ମେଢ ନୃତ୍ୟ ପ୍ରଦର୍ଶନ କରୁଛନ୍ତି । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

## ସଂକ୍ଷେପରେ

### ଚୋରି ଘଟଣା, ୩ ଯୁବକ ଗିରଫ

କଣ୍ଟାପଡ଼ା,୧୦।୪(ସୁରନାରାୟଣ ସାହୁ)

ଚୋରି ଘଟଣାରେ ୩ ଜଣ ଯୁବକଙ୍କୁ ଗୋବିନ୍ଦପୁର ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ବଡ଼ପାଟସୁନ୍ଦରପୁର ଗ୍ରାମର ମିଥୁନ ଭୋଇ, ରାକେଶ ବେହେରା ଓ ବୈଦ୍ୟନାଥ ବେହେରା। ସେମାନଙ୍କ ନିକଟରୁ ଗୋଟିଏ ସୁନାଚେନ୍, ୨ଟି ସୁନାମୁଦି ଓ ଗୋଟିଏ ବାଇକ୍ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୮୧/୨୫) ରୁଜୁ ହୋଇଛି। ଗତ ୨୭ ତାରିଖ ରାତିରେ ସାଇଲୋ ଝାରପଡା ଗ୍ରାମର ଅନ୍ତର୍ଯାମୀ ଜେନାଙ୍କ ଘରେ କେହି ନ ଥିବାବେଳେ ଅଭିଯୁକ୍ତମାନେ ତାଙ୍କ ଘରର ତାଲା ଭାଙ୍ଗି ଆଲମିରାରେ ଥିବା ୪ଟି ସୁନାମୁଦି ଓ ୫ ହଜାରଟଙ୍କା ଚୋରି କରି ନେଇଥିଲେ। ଏନେଇ ଅନ୍ତର୍ଯାମୀ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅପରପକ୍ଷରେ ୧ ମାସ ତଳେ କଟକ ସଦର ଥାନା ଅଧୀନ କାକଟପୁର ବ୍ରାଞ୍ଚକେନାଲ ବନ୍ଧରେ ଆସୁଥିବା ଏକ ଦମ୍ପତିଙ୍କଠାରୁ ଅଭିଯୁକ୍ତମାନେ ଭ୍ୟାନିଟ୍ ବ୍ୟାଗ୍ ଲୁଟ୍ କରି ଗୋବିନ୍ଦପୁର ଥାନା ଅଞ୍ଚଳକୁ ପଳାଇ ଆସିଥିଲେ। ଏନେଇ ଦମ୍ପତି ଗୋବିନ୍ଦପୁର ଥାନାରେ ଜଣାଇବା ପରେ ପୋଲିସ ଉକ୍ତ ବନ୍ଧ ପାର୍ଶ୍ୱରେ ଥିବା ଏକ ଦୋକାନର ସିସିଟିଭି ଫୁଟେଜକୁ ଯାଞ୍ଚ କରି ଅଭିଯୁକ୍ତଙ୍କ ଫଟୋ ବାହାର କରିଥିଲା। ଯାଞ୍ଚବେଳେ ଜଣେ ଅଭିଯୁକ୍ତ ପାଟସୁନ୍ଦରପୁର ଅଞ୍ଚଳର ବୋଲି ଜଣାପଡିଥିଲେ। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ଅଭିଯୁକ୍ତମାନେ ଗୋବିନ୍ଦପୁର, କଟକ ସଦର, ଓଲଟପୁର, ନିଆଳି ଥାନା ଅଞ୍ଚଳରେ ଏକାଧିକ ଆପରାଧିକ ଘଟଣା ଘଟାଇଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ।

### ମଶାଲ ଶୋଭାଯାତ୍ରା ପାଇଁ କଂଗ୍ରେସର ପ୍ରସ୍ତୁତି

କଟକ,୧୦।୪(ଶିଲ୍ପା ପ୍ରିୟଦର୍ଶିନୀ)

ଓଡ଼ିଶାରେ ଭାଜପା ସରକାର ସମୟରେ ନାରୀ ନିର୍ଯାତନା ବଢ଼ି ଚାଲିଛି। ମହିଳାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ପିସିସି ସଭାପତି ଭକ୍ତ ଦାସଙ୍କ ଆହ୍ୱାନକ୍ରମେ ରାଜ୍ୟର ସମସ୍ତ ବ୍ଲକ୍ ସମ୍ମୁଖରେ ଆସନ୍ତା ୧୫ ତାରିଖରେ ମଶାଲ ଶୋଭାଯାତ୍ରା କରାଯିବ। ଏହି ପରିପ୍ରେକ୍ଷୀରେ କଟକ ସଦର ବ୍ଲକ ସମ୍ମୁଖରେ ମଶାଲ ଶୋଭାଯାତ୍ରା କରାଯିବ। ଏହି ଶୋଭାଯାତ୍ରା ପରିଚାଳନା ନିମନ୍ତେ କଟକ ସଦର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବରିଷ୍ଠ ନେତା ରାମଚନ୍ଦ୍ର ଗୋଚ୍ଛାୟତଙ୍କ ନେତୃତ୍ୱରେ କଟକ ଶକ୍ତିନଗରସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ କଟକ ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ର, ଜିଲା କଂଗ୍ରେସ ସଭାପତି ରବି ମଲ୍ଲିକ, ଜିଲା ପର୍ଯ୍ୟବେକ୍ଷକ ଡ. ଲଲାଟେନ୍ଦୁ ମହାପାତ୍ର ଯୋଗଦେଇଥିଲେ। ମହିଳାଙ୍କ ସୁରକ୍ଷା ଓ ନ୍ୟାୟ ପାଇଁ କଂଗ୍ରେସ ଲଢେଇ ଜାରି ରଖିବ ବୋଲି ଅତିଥିମାନେ ଆଲୋଚନା କରିଥିଲେ। ଆସନ୍ତା ୧୫ ତାରିଖ ଅପରାହ୍ନରେ ନୂଆବଜାର ଗୋଶାଳା ନିକଟରୁ ମଶାଲ ଶୋଭାଯାତ୍ରା ବାହାରି ବ୍ଲକ୍ ଛକ ନିକଟରେ ପହଞ୍ଚିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବ୍ଲକ କଂଗ୍ରେସର କାର୍ଯ୍ୟକାରୀ ସଭାପତି ସୀତାକାନ୍ତ ପଣ୍ଡା ସ୍ୱାଗତ ଭାଷଣ ଓ ଜିଲା କଂଗ୍ରେସର ପୂର୍ବତନ ଉପସଭାପତି ଶିଶିର ରଥ ଧନ୍ୟବାଦ ଦେଇଥିଲେ। ବୈଠକରେ ଜିଲା କଂଗ୍ରେସର ପୂର୍ବତନ ଉପସଭାପତି ରାଜେଶ ସ୍ୱାଇଁ, ମନୋଜ ବିଶ୍ୱାଳ, କଟକ ନଗର(ଜିଲା)କଂଗ୍ରେସର ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ, ପୂର୍ବତନ କର୍ପୋରେଟର ପ୍ରଶାନ୍ତ ଭୋଇ, ବିପନ ପଶାୟତ, ନିରଞ୍ଜନ ଲେଙ୍କା, ପ୍ରଭାତ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ଆୟୁଷ୍ମାନ୍ ଭାରତ ଯୋଜନା ଶୁଭାରମ୍ଭ ପାଇଁ ଟ୍ରାଫିକ୍ କଟକଣା

## ପୂର୍ବାହ୍ନ ୧୧ଟା ୩୦ରୁ ସନ୍ଧ୍ୟା ୬ଟା ଯାଏ ବଳବତ୍ତର

କଟକ,୧୦।୪(କାର୍ତ୍ତିକ ସାହୁ)

କଟକ ତଳ ବାଲିଯାତ୍ରା ପଡ଼ିଆରେ ଶୁକ୍ରବାର ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ ହେବ। ଏଥିପାଇଁ ଯାନବାହନର ସୁନିୟନ୍ତ୍ରିତ ଚଳାଚଳ ତଥା ଜନସାଧାରଣ ଓ ପଥଚାରୀଙ୍କ ସୁଗମନାଗମନ ନିମନ୍ତେ ଓଡ଼ିଶା ଅର୍ବାନ ପୋଲିସ ଆକ୍ଟ ୨୦୦୩ ଧାରା ୨୮ (ଓଡ଼ିଶା ଆକ୍ଟ ୨୦୦୭ର ଧାରା ୮) ଏବଂ ପୋଲିସ କମିଶନରେଟ୍ ଭୁବନେଶ୍ୱର-କଟକ ଟ୍ରାଫିକ ଓ ପବ୍ଲିକ ଅର୍ଡର ୨୦୦୮ ଧାରା ୩୬ ଅନୁସାରେ କଟକଣା ଲାଗୁ କରାଯାଇଛି। ଏହି କଟକଣା ଏପ୍ରିଲ ୧୧ ତାରିଖ ଶୁକ୍ରବାର ପୂର୍ବାହ୍ନ ୧୧ଟା ୩୦ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବଳବତ୍ତର ରହିବ।

ସୂଚନାନୁସାରେ, ଶିଖରପୁର ଛକ ପଟୁ ଲିଙ୍କ୍ ରୋଡ୍‌ରେ ଆସୁଥିବା ଗାଡ଼ିଗୁଡ଼ିକ ମାତାମଠ ଛକ ଆଡ଼କୁ ଯିବାକୁ ଦିଆଯିବ ନାହିଁ। ସେଗୁଡ଼ିକ ଯୋବ୍ରା ଛକଠାରୁ ଆଗକୁ ଯାଇପାରିବ ନାହିଁ। ଚହଟା ଛକ ପଟୁ ରିଂରୋଡ୍‌ରେ ଆସୁଥିବା ଗାଡ଼ିଗୁଡ଼ିକ ଯୋବ୍ରା ଛକ ଆଡ଼କୁ ଯିବାକୁ ଦିଆଯିବ ନାହିଁ। ସେଗୁଡ଼ିକ କ୍ୟାଣ୍ଟନମେଣ୍ଟ ଥାନା ଛକଠାରୁ ଆଗକୁ ଯାଇପାରିବ ନାହିଁ, ମାତ୍ର କ୍ୟାଣ୍ଟନମେଣ୍ଟ ଛକ ରାସ୍ତା ଦେଇ ମଧୁକୁଞ୍ଜ ପାର୍କ ଆଡ଼କୁ ଯାଇପାରିବ। କୌଣସି ପ୍ରକାର ଗାଡ଼ି ବିଜୁ ପଟ୍ଟନାୟକ ଛକ ପଟୁ ଦୟାଶ୍ରମ-ରିଂରୋଡ୍ ଦେଇ ପୁରୁଣା କ୍ୟାଣ୍ଟନମେଣ୍ଟ ଆଡ଼କୁ ଯାଇପାରିବ ନାହିଁ। ସେହିପରି କୌଣସି ପ୍ରକାର ଗାଡ଼ି ଗ୍ରୀନାର ହୋଟେଲ ଛକଠାରୁ ମହାନଦୀ ରିଂରୋଡ୍‌ରେ ଯିବାକୁ ଅନୁମତି ଦିଆଯିବନାହିଁ। ସେଗୁଡ଼ିକ ଓପା ଛକ ଦେଇ ମଧୁସୂଦନ ଷ୍ଟାଚ୍ୟୁ ଆଡ଼କୁ ଯାଇପାରିବ। କୌଣସି ପ୍ରକାର ଗାଡ଼ି ଚଣ୍ଡୀ ଛକଠାରୁ ପୁରୁଣା କ୍ୟାଣ୍ଟନମେଣ୍ଟ ଥାନା ଆଡ଼କୁ ଯାଇପାରିବ ନାହିଁ। ସେଗୁଡ଼ିକ ପିଏଚ୍‌ଡି ଅଫିସଠାରୁ ଆଗକୁ ଯାଇପାରିବ ନାହିଁ। ଶିଖରପୁର ଛକ ପଟୁ ଯୋବ୍ରା ଛକ ଆଡ଼କୁ ଭାରିଯାନଗୁଡ଼ିକ ଯିବାକୁ ଦିଆଯିବ ନାହିଁ। ସେଗୁଡ଼ିକ ଅନ୍ୟ ରାସ୍ତା ଦେଇ ଯାଇପାରିବ। ସେହିପରି କାଳିଆବୋଦା ପଟୁ ଯୋବ୍ରା ଛକ ଆଡ଼କୁ ଭାରିଯାନଗୁଡ଼ିକ ଯିବାକୁ ଦିଆଯିବ ନାହିଁ। ସେଗୁଡିକ କାଳିଆବୋଦା ଛକରୁ ବାମ ମୋଡ଼ ନେଇ ଓଏମ୍‌ପି ଛକ ଆଡ଼କୁ ଯାଇପାରିବ। ତ୍ରିଶୁଳିଆ ଛକ ପଟୁ ବେଲ୍‌ଭ୍ୟୁ ଛକ ଆଡ଼କୁ ଭାରିଯାନଗୁଡ଼ିକୁ ଯିବାକୁ ଦିଆଯିବ ନାହିଁ ଏବଂ ସେଗୁଡ଼ିକ ତ୍ରିଶୁଳିଆ ବେଲ୍‌ଭ୍ୟୁ ଛକଠାରୁ ଆଗକୁ ଯାଇପାରିବ ନାହିଁ। ନୂଆପାଟଣା ଛକ ପଟୁ ମଧୁସୂଦନ ସେତୁ ଦେଇ ସିଡିଏ ଆଡକୁ ଭାରୀଯାନଗୁଡ଼ିକ ଯିବାକୁ ଦିଆଯିବ ନାହିଁ ଏବଂ ସେଗୁଡ଼ିକ ନୂଆପାଟଣା ଛକଠାରୁ ଆଗକୁ ଯାଇପାରିବ ନାହିଁ। ଡିପିଓ ଗଡ଼ା ପଟୁ ବେଲ୍‌ଭ୍ୟୁ ଛକ ଆଡ଼କୁ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ କୌଣସି ଗାଡ଼ି ଯିବାକୁ ଦିଆଯିବ ନାହିଁ ଏବଂ ସେଗୁଡିକ ଡିପିଓ ଗଡ଼ାଠାରୁ ଆଗକୁ ଯାଇପାରିବ ନାହିଁ।

ଏହି ନିୟମକୁ ଖିଲାପ କଲେ ଖିଲାପକାରୀଙ୍କଠାରୁ ଓଡ଼ିଶା ଅର୍ବାନ ପୋଲିସ ଆକ୍ଟ ୨୦୦୩ ଧାରା ୯୬ ଅନୁସାରେ ୫୦୦ ଟଙ୍କା କିମ୍ବା ସର୍ବାଧିକ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ। ଉପରୋକ୍ତ କଟକଣାଗୁଡ଼ିକ ଜରୁରିକାଳୀନ ସେବାରେ ନିୟୋଜିତ ଯାନବାହନ (ପୋଲିସ, ଫାୟାର ଓ ଆମ୍ବୁଲାନ୍ସ) ଚଳାଚଳ ନିମନ୍ତେ ଲାଗୁ ହେବନାହିଁ। ଉପରୋକ୍ତ ରାସ୍ତାରେ ନ ଯାଇ ଅନ୍ୟ ରାସ୍ତା ଦେଇ ଯାତାୟାତ କରିବା ନିମନ୍ତେ ଜନସାଧାରଣଙ୍କୁ କମିଶନରେଟ ପୋଲିସ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଅନୁରୋଧ କରିଛି।



କଟକ ବାଲିଯାତ୍ରା ତଳ ପଡିଆରେ ହେବାକୁ ଥିବା ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ କଟକରେ ଅନୁଷ୍ଠିତ ସଭାରେ ଉପସ୍ଥିତ ପୋଲିସ ଅଧିକାରୀ।

# 'ଶାରୀରିକ ବିକାଶ ପାଇଁ ଯୋଗ ଜରୁରୀ'



ସିଦ୍ଧମହାବୀର ମନ୍ଦିର ପରିସରରେ ଅନୁଷ୍ଠିତ ଯୋଗାସନ।

## ଭାରତୀୟ ଯୋଗ ସଂସ୍ଥାନର ପ୍ରତିଷ୍ଠା ଦିବସ

କଟକ,୧୦।୪(କାର୍ତ୍ତିକ ସାହୁ)

ଭାରତୀୟ ଯୋଗ ସଂସ୍ଥାନର ୫୯ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମର୍କତ ନଗର ସେକ୍ଟର-୬ସ୍ଥିତ ସିଦ୍ଧମହାବୀର ମନ୍ଦିର ପରିସରରେ ଯୋଗାସନ ଶିବିର ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡା. ନିତ୍ୟାନନ୍ଦ ସ୍ୱାଇଁ ଯୋଗଦେଇ କହିଛନ୍ତି, ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ବିକାଶ ପାଇଁ ନିୟମିତ ଯୋଗାଭ୍ୟାସ ଜରୁରୀ। ଯୋଗ ପ୍ରଶିକ୍ଷକ ରଘୁନାଥ ରେଡ୍ଡୀ, ଜିଲା ପ୍ରମୁଖ ସବିତା ରଞ୍ଜନ ପଟ୍ଟନାୟକ, ରାଜକିଶୋର ଦାଶ, ଡ. ପ୍ରମୋଦ କୁମାର ମହାପାତ୍ର, କେଦାରନାଥ ଜାଲି, ଡ. ଶୈଳଜା ନନ୍ଦିନୀ ଜେନା ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ବିଭିନ୍ନ ଯୋଗକେନ୍ଦ୍ରର ସାଧିକାସାଧକମାନେ ଯୋଗାସନ ଓ ପ୍ରାଣାୟାମ କରିଥିଲେ। ଉପଦେଷ୍ଟା ଡ. ସତ୍ୟ ରାୟଙ୍କ ସଂଯୋଜନାରେ ଆୟୋଜିତ ଶିବିରକୁ କବିତା ପ୍ରଧାନ, ପ୍ରଣତି ସ୍ୱାଇଁ, ସୁଧାଂଶୁବାଳା ମହାନ୍ତି, ରମାକାନ୍ତ ଦଳାଇ, ଜୟନ୍ତୀ ମଲ୍ଲିକ, କବିତା ମିଶ୍ର, ରଞ୍ଜିତ ସାହୁ, ନିର୍ମଳ ରାୟ ପ୍ରମୁଖ ପରିଚାଳନା କରିଥିଲେ।

# ସରକାରୀ ତାଲିମ କାର୍ଯ୍ୟକ୍ରମରେ ଚାଷୀଙ୍କୁ ଉପେକ୍ଷା

କଟକ ସଦର,୧୦।୪(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଆତ୍ମା (କୃଷି ବୈଷୟିକ ପରିଚାଳନା ସଂସ୍ଥା) ପକ୍ଷରୁ ବିଭିନ୍ନ ସ୍ଥାନରେ ଉଦ୍ୟାନ କୃଷି ସମ୍ପର୍କରେ ତାଲିମ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ କେବଳ ଶାସକ ଦଳର ସମର୍ଥିତ ଚାଷୀମାନେ ଯୋଗଦେଇଥିବାରୁ ସରକାରଙ୍କ ମୂଳ ଲକ୍ଷ୍ୟକୁ ପଥଭ୍ରଷ୍ଟ କରାଯାଇଛି ବୋଲି କଟକ ସଦର ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ରାମଚନ୍ଦ୍ର ଗୋଚ୍ଛାୟତ ଅଭିଯୋଗ କରିଛନ୍ତି। ୪୨ ମୌଜା ଥାନା ଅନ୍ତର୍ଗତ ଦଧିବାମନପୁରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗୋଚ୍ଛାୟତ କହିଛନ୍ତି, ଅନ୍ୟ ଦଳର ସମର୍ଥକ ବୋଲି ଆଖ୍ୟା ଦିଆଯାଇ ଅଗ୍ରଣୀ ଚାଷୀମାନଙ୍କୁ ଏହି ତାଲିମ କାର୍ଯ୍ୟକ୍ରମରୁ ଦୂରେଇ ରଖାଯାଇଛି। କେବଳ ଶାସକ ଦଳର ସମର୍ଥକ ଯେଉଁମାନେ ବିଲକୁ ଯାଆନ୍ତି ନାହିଁ କି ଚାଷ କରନ୍ତି ନାହିଁ ସେମାନେ କେବଳ ମିଡିଆର ଚର୍ଚ୍ଚାରେ ରହିବା ପାଇଁ ଏହି ତାଲିମ ଉଦ୍ଦିଷ୍ଟ ଥିଲା ବୋଲି ଗୋଚ୍ଛାୟତ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ କମିଟିର ପୂର୍ବତନ ଉପସଭାପତି ଶିଶିର କୁମାର ରଥ, ମନୋଜ କୁମାର ବିଶ୍ୱାଳ, ରାଜେଶ ସ୍ୱାଇଁ, ଜିଲା କଂଗ୍ରେସର ସାଧାରଣ ସମ୍ପାଦକ ସଚ୍ଚିଦାନନ୍ଦ ରାଉତ, କଟକ ସଦର ବ୍ଲକ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ସୀତାକାନ୍ତ ପଣ୍ଡା, ଜୟନାରାୟଣ ତ୍ରିପାଠୀ, ଋଷି କାଣ୍ଡି, କାଳନ୍ଦୀ ଖୁଣ୍ଟିଆ, ଲିପୁଲ ରାଉତ ଉପସ୍ଥିତ ଥିଲେ। ଅଭିଯୋଗ ସମ୍ପର୍କରେ କଟକ ସଦର ବ୍ଲକ ଉଦ୍ୟାନ କୃଷି ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କୁ ପଚାରିବାରୁ ତାଲିମ ସଂକ୍ରାନ୍ତରେ ସୂଚନା ଅଗ୍ରଣୀ ଚାଷୀମାନଙ୍କ ନିକଟରେ ପହଞ୍ଚାଇବା ପାଇଁ କୃଷକ ସାଥୀମାନଙ୍କୁ କୁହାଯାଇଥିଲା ବୋଲି କହିଥିଲେ।

# ସୁସ୍ଥ ପରିବେଶ ପାଇଁ ଚାରାରୋପଣ କରିବାକୁ ସଙ୍କଳ୍ପ ନେଲେ ପୁରାତନ ଛାତ୍ରୀଛାତ୍ର



ବନ୍ଧୁମିଳନ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଫୁଲନଖରା,୧୦।୪(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ଶାସୋଳସ୍ଥିତ ଶ୍ରୀ ଶ୍ରୀ ଅଭିରାମ ପରମହଂସ ବିଦ୍ୟାପୀଠର ୧୯୯୫ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ନିକଟସ୍ଥ ଭୀମସେନ ପ୍ୟାଲେସରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ଏବଂ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ଅତୀତର ସ୍ମୃତିକୁ ମନେପକାଇଥିଲେ। ଏଥିସହ ଆଗାମୀ ଦିନରେ ସୁସ୍ଥ ପରିବେଶ ପାଇଁ ପ୍ରତ୍ୟେକ ଛାତ୍ରୀଛାତ୍ର ଦୁଇଟି ଲେଖାଏ ଚାରାରୋପଣ କରିବା ପାଇଁ ସଂକଳ୍ପ ନେଇଥିଲେ। ସେହିପରି ଉକ୍ତ ବିଦ୍ୟାପୀଠର ଉନ୍ନତୀକରଣ ପାଇଁ ମଧ ଦୃଢ ସଂକଳ୍ପ ନେଇଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବଟକୃଷ୍ଣ ରାଉତ, ନବକିଶୋର ସାହୁ, ରମାକାନ୍ତ ସାହୁ, ଶରତ କୁମାର ବାରିକ, ରକ୍ଷିନାଥ ସାହୁ, ଲଲାଟେନ୍ଦୁ ଭୋଳ, କ୍ରିଷ୍ଣା ବେହେରା, ପ୍ରଶାନ୍ତ କୁମାର ବେହେରା, ଶୁଭେନ୍ଦୁ ସାହୁ, ପ୍ରଭାକର ପ୍ରଧାନ ଓ ଦାଶରଥୀ ଦାସ ଯୋଗଦେଇଥିଲେ।

# ଜଳ ସଙ୍କଟ ଦୂର ପାଇଁ ପଦକ୍ଷେପ ନିଅନ୍ତୁ

## ଅତିରିକ୍ତ ବିଡିଓଙ୍କୁ ଭେଟିଲେ ଭାଜପା ନେତା

ମଙ୍ଗୁଳି-ଜଗତପୁର,୧୦।୪(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ୧୩ଟି ପଞ୍ଚାୟତର ବିଭିନ୍ନ ମୌଳିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଭାଜପା ଯୁବନେତା ହିମାଂଶୁ ମହାନ୍ତି ଗୁରୁବାର ବ୍ଲକ କାର୍ଯ୍ୟାଳୟରେ ଅତିରିକ୍ତ ବିଡିଓ ଶାଶ୍ୱତ ଜେନାଙ୍କୁ ଭେଟି ଆଲୋଚନା କରିଛନ୍ତି। ବିଶେଷକରି କନ୍ହେଇପୁର ପଞ୍ଚାୟତର ବରପଦାଠାରେ ଥିବା ବିୟର କମ୍ପାନୀରେ ୫୦ରୁ ଊର୍ଦ୍ଧ୍ୱ ବୋର୍‌ୱେଲ ଲଗାଇ ଭୂତଳ ଜଳ ବ୍ୟବହାର ହେଉଛି। ଫଳରେ ଖରାଦିନେ ନିକଟସ୍ଥ ୧୦ରୁ ଊର୍ଦ୍ଧ୍ୱ ଗ୍ରାମରେ ଜଳସଙ୍କଟ ଦେଖାଦେଇଛି। ୬ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ପୋଖରୀ ପୋତି ହେଇଗଲାଣି ତ ଆଉ କେଉଁଠି ନଳକୂପ ମରାମତି ହେଉନାହିଁ। ଏପରି କି କେତେକ ସ୍ଥାନରେ ନୂତନ ନଳକୂପର ଆବଶ୍ୟକତା ରହିଛି। ୮୦ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ୩୫୦୦ ଟଙ୍କା ଭତ୍ତା ପ୍ରଦାନ, ପଞ୍ଚାୟତସ୍ତରୀୟ ମହିଳା ମହାସଂଘର ପୁନର୍ଗଠନ ଏବଂ ଇସି ପରିବର୍ତ୍ତନ ପାଇଁ ହିମାଂଶୁ ଦାବି କରିଥିଲେ। ଏ ଦିଗରେ ଯତ୍ନବାନ ହେବା ସହ ଜଳସଙ୍କଟ ଦୂର ପାଇଁ ଅଧିକାରୀମାନେ ପଦକ୍ଷେପ ନିଅନ୍ତୁ। ଯଦି ଏହାର ସ୍ଥାୟୀ ସମାଧାନ ନ କରାଯାଏ ତେବେ ବିଭାଗୀୟ ମନ୍ତ୍ରୀ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ହିଂମାଶୁ ଚେତାବନୀ ଦେଇଛନ୍ତି। ସରକାର ନୂତନ ନଳକୂପ ସ୍ଥାପନ ଓ ଅଚଳ ନଳକୂପ ମରାମତି ପାଇଁ ଅର୍ଥ ମଞ୍ଜୁର କରିଛନ୍ତି। ପାଣି ସମସ୍ୟା ଥିବା ଗ୍ରାମରେ ନଳକୂପ ମରାମତି ସହ ନୂତନ ନଳକୂପ ସ୍ଥାପନ କରାଯିବ। ଅଭିଯୋଗ ଆସିବା ପରେ ତୁରନ୍ତ ଉକ୍ତ ବିୟର କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହି ନୋଟିସର ଜବାବ ଆସିଲେ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ବିଡିଓ ଜେନା ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନା ସମୟରେ ଅନନ୍ତ ପାତ୍ର, ତାପସ ବେହେରା, ଆକାଶ ପାତ୍ର, ରାଜକିଶୋର ନାୟକ, ଶାନ୍ତନୁ ମହାନ୍ତି, ମନୋରଞ୍ଜନ ଓଝା, ବିନୟ କୁମାର ବେହେରା, ଅମିତ୍ ସିଙ୍ଘ, କମଲେଶ ସାହୁ, ଆଶୀର୍ବାଦ କାନୁନ୍‌ଗୋ, ଅଶ୍ୱିନୀ ଷଡ଼ଙ୍ଗୀ, ଶଶିକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ଅତିରିକ୍ତ ବିଡିଓଙ୍କ ସହ ଭାଜପା ଯୁବନେତା ହିଂମାଶୁ ମହାନ୍ତି ଆଲୋଚନା କରୁଛନ୍ତି।

## ଫଟୋରେ ଖବର



କଟକ ସାହେବଜାଦା ବଜାରସ୍ଥିତ ସରକାରୀ ଅଭ୍ୟାସ ବାଳିକା ବିଦ୍ୟାଳୟରେ ଅନୁଷ୍ଠିତ ଯୋଗ ପ୍ରଶିକ୍ଷଣ ଶିବିର।



କଟକ ନୂଆବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାର୍ଥନା ଗୃହରେ ପ୍ରଦୀପ୍ତ କୁମାର ଜେନାଙ୍କ ରଚିତ ପୁସ୍ତକ 'ଆମ ଧର୍ମ ଆମ ସଂସ୍କୃତି'କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟ ଅତିଥିମାନେ ଉନ୍ମୋଚନ କରୁଛନ୍ତି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୦।୪।୨୦୨୫

| | |
|---|---|
| ୪,୮୫,୪୪୭ ଟଙ୍କା | |
| ସୁନା | ୮୦୦ ମିଲିଗ୍ରାମ୍ |
| ରୁପା | ୧୭ ଗ୍ରାମ୍ |

# ରାଜ୍ୟରେ ପାମ୍ ଅଏଲ୍ ଉତ୍ପାଦନ ବୃଦ୍ଧି ପାଇବ

## ୩ କମ୍ପାନୀ ସହ ରାଜ୍ୟ ସରକାରଙ୍କ ଏମ୍ଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର,୧୦।୪(ଅନୁରାଧା ମହାରଣା)

ରାଜ୍ୟରେ ଏକ ବୃହତ୍ ପାମ୍ ଅଏଲ୍ କ୍ଷେତ୍ର ପ୍ରସ୍ତୁତ ହେବ। ଏଥିପାଇଁ ରାଜ୍ୟ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଓ ୩ଟି ପାମ୍ ଅଏଲ କମ୍ପାନୀ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ୪ ଜିଲା ପାଇଁ ଏହି ଏମ୍ଓୟୁ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଅଏଲ ପାମ୍ କମ୍ପାନିର ସମସ୍ତ ପ୍ରତିନିଧିଙ୍କୁ ସ୍ୱାଗତ କରି କହିଲେ, ଏହି ବୁଝାମଣା ପତ୍ର ରାଜ୍ୟରେ ଅଏଲ ପାମ୍ ଚାଷ କ୍ଷେତ୍ରକୁ ବୃଦ୍ଧି କରିବା ସହ ଖାଇବା ତେଲ ଉତ୍ପାଦନ ବୃଦ୍ଧି ପାଇବ। ରାଜ୍ୟର କୃଷି ଓ ଔଦ୍ୟୋଗିକ ବିକାଶରେ ସହାୟକ ହେବା ସହ ଚାଷୀଙ୍କୁ ଭଲ ମୂଲ୍ୟ ପ୍ରଦାନ, ଗ୍ରାମୀଣ ରୋଜଗାର ସୃଷ୍ଟି ଓ ନିଯୁକ୍ତି ସୁଯୋଗ ପ୍ରଦାନ କରିବ। ଚାଷୀ, ଯୁବ ଓ ଶ୍ରମିକମାନେ ଉପକୃତ ହେବେ। ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆସିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ଅଏଲ ପାମ୍ କମ୍ପାନୀ ପ୍ରତିନିଧିମାନେ ଓଡ଼ିଶାରେ ବିପୁଳ ସମ୍ଭାବନା ଥିବା ଅଏଲ ପାମ୍ କ୍ଷେତ୍ରକୁ ଆମେ ଉନ୍ନତ ପ୍ରଯୁକ୍ତି ଓ ନିବେଶ ସହିତ ଉନ୍ନତି କରିବାକୁ ପ୍ରତିବଦ୍ଧ ବୋଲି କହିଥିଲେ।

ଏନ୍ଏମ୍ଇଓ-ଓପି ଯୋଜନାରେ ରାଜ୍ୟରେ ଅଏଲ ପାମ୍ କାର୍ଯ୍ୟକ୍ରମ ପାଇଁ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ଅନୁଗୋଳ, ଢେଙ୍କାନାଳ, ଯାଜପୁର, କଟକ ଆଦି ୪ ଜିଲା ପାଇଁ ୩ କମ୍ପାନୀ ସହ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି କମ୍ପାନିଗୁଡ଼ିକ ମଧ୍ୟରେ କଟକସ୍ଥିତ ପତଞ୍ଜଳି ଫୁଡ୍ସ ଲିମିଟେଡ୍, ଅନୁଗୋଳସ୍ଥିତ ତୁମ୍ମାଲା ଆଗ୍ରୋ ପ୍ରଡକ୍ଟସ ପ୍ରାଇଭେଟ୍ ଲିମିଟେଡ, ଢେଙ୍କାନାଳ ଓ ଯାଜପୁରସ୍ଥିତ ଲିଭ୍ ପାମ୍ ରିସୋର୍ସେସ ପ୍ରାଇଭେଟ୍ ଲିମିଟେଡ୍ ରହିଛି। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, କୃଷି ବିଭାଗ ନିର୍ଦ୍ଦେଶକ ଶୁଭମ ସାକ୍ସେନା, ଉଦ୍ୟାନ କୃଷି ବିଭାଗ ନିର୍ଦ୍ଦେଶକ ନିଖିଳ ପବନ କଲ୍ୟାଣ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ଏମ୍ଓୟୁ ସ୍ୱାକ୍ଷର ଅବସରରେ ୩ କମ୍ପାନୀ ପ୍ରତିନିଧିଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ଅନ୍ୟମାନେ।

# ୪ରେ ପହଞ୍ଚିଲା ଗିରଫଦାରି ସଂଖ୍ୟା

## କଂଗ୍ରେସର ବିକ୍ଷୋଭବେଳେ ହିଂସା ଘଟଣା

ଭୁବନେଶ୍ୱର,୧୦।୪(ସତ୍ୟଜିତ୍ ରାଉତ)

ମହିଳାଙ୍କ ସୁରକ୍ଷା ଓ ନ୍ୟାୟ ଦାବି ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ବିକ୍ଷୋଭ ସମାବେଶ ଓ ବିଧାନସଭା ଘେରାଉବେଳେ ହିଂସା ଘଟଣାରେ ଆଉ ଜଣେ ଅଭିଯୁକ୍ତଙ୍କୁ କ୍ୟାପିଟାଲ ଥାନା ପୋଲିସ ଗୁରୁବାର ଗିରଫ କରିଛି। ସେ ହେଲେ ଭଦ୍ରକ ଜିଲା ଅଗରପଡ଼ା ଅଞ୍ଚଳର ବିଜୟ କୁମାର ସାହୁ (୨୩)। କୋର୍ଟ ଚାଲାଣ ପରେ ଅଭିଯୁକ୍ତ ବିଜୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଏବେ ଗିରଫଦାରି ସଂଖ୍ୟା ୪ରେ ପହଞ୍ଚିଛି।

ସୂଚନାନୁଯୋଗ୍ୟ, ମାର୍ଚ୍ଚ ୨୭ରେ ଲୋୟର ପିଏମ୍‌ଜିରେ କଂଗ୍ରେସ ବିକ୍ଷୋଭ ବେଳେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ପୋଲିସ ଓ କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଥିଲେ। କଂଗ୍ରେସ କର୍ମୀଙ୍କ ଆକ୍ରମଣରେ ୧୫ଜଣ ପୋଲିସ କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଆହତ ହୋଇଥିବାବେଳେ ପୋଲିସ ମାଡ଼ରେ ବହୁ କଂଗ୍ରେସ କର୍ମୀ ମଧ୍ୟ ଆହତ ହୋଇଥିଲେ। ପୋଲିସ ଉପରକୁ ଆକ୍ରମଣ ଘଟଣାରେ କ୍ୟାପିଟାଲ ଥାନା ପୋଲିସ ମାମଲା(ନଂ.୧୩୦/୨୫) ରୁଜୁ କରିଥିଲା। ଏହି ମାମଲାରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ସମେତ ୫ହଜାରରୁ ଊର୍ଦ୍ଧ୍ୱ ଜଣଙ୍କୁ ପୋଲିସ ଅଭିଯୁକ୍ତ ଦର୍ଶାଇଥିବା ଜଣାପଡ଼ିଥିଲା।



ଶ୍ରୀଲିଙ୍ଗରାଜ ମନ୍ଦିର ନିକଟ ରଥଖଳାରେ ପହଞ୍ଚିଥିବା ରୁକୁଣା ରଥ।

# ରଥଖଳାରେ ଶ୍ରୀଲିଙ୍ଗରାଜ

ପୁରୁଣା ଭୁବନେଶ୍ୱର,୧୦।୪
(ସୁବାସ ଚନ୍ଦ୍ର ପ୍ରଧାନ)

ଗୋଷଗୋରେଶ୍ୱର ଛକରେ ଅଟକି ରହିଥିବା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥକୁ ଗୁରୁବାର ଅପରାହ୍ନ ୩ଟା ୩୦ରେ ଟଣାଯାଇଥିଲା। ଖରା ଗୁଳୁଗୁଳି

## ଆଜି ଶ୍ରୀଲିଙ୍ଗରାଜଙ୍କ ସ୍ୱର୍ଣ୍ଣାଦ୍ରି ବିଜେ

ସତ୍ତ୍ୱେ ଶ୍ରଦ୍ଧାଳୁ ଓ ପୋଲିସ ରଥ ଟାଣି ସନ୍ଧ୍ୟା ୭ଟା ୨୮ରେ ରଥଖଳାରେ ପହଞ୍ଚାଇଥିଲେ। ତେବେ ୬ଦିନ ହୋଇଥିବାରୁ ଶ୍ରୀଲିଙ୍ଗରାଜ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିପାରି ନ ଥିଲେ। ତେବେ ରଥ ମୟିତ୍ରୟେଶ୍ୱର ମନ୍ଦିର ନିକଟରେ ପହଞ୍ଚିବା ସମୟରେ ମା'ପାର୍ବତୀ ସୁସଜ୍ଜିତ ବିମାନରେ ଲୁଚି ଲୁଚି ସେଠାକୁ ଆସିଥିଲେ। ରାଗରେ ରଥର ଏକ ପଟା ଭାଙ୍ଗି ସେଠାରୁ ଯାଇ ଚାହାଣି ମଣ୍ଡପରେ ଲିଙ୍ଗରାଜଙ୍କୁ ଅପେକ୍ଷା କରିଥିଲେ। ପରେ ରଥରେ ଅନ୍ୟାନ୍ୟ ପୂଜା ହୋଇଥିଲା। ଶୁକ୍ରବାର ଶ୍ରୀଲିଙ୍ଗରାଜଙ୍କ ସ୍ୱର୍ଣ୍ଣାଦ୍ରି ବିଜେ ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ରଥ ଅଖ ଦବିଯିବାରୁ ରଥ ଟାଣିବାରେ ବିଳମ୍ବ ହୋଇଥିଲା। ଶୀତଳ ଷଷ୍ଠୀ ମାର୍ଗରେ ରଥ ଘର ନିକଟକୁ ପଶିଯାଇଥିବା ସୂଚନା ମିଳିଛି।



ଅଖ ଦବିଯିବାରୁ ରଥ ଅଟକି ରହିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବିଶ୍ୱଜିତ୍



@ ମେଟ୍ରୋ



@ ଶିବ



@ ଶ୍ରୀଧର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିକଶିତ ଓଡ଼ିଶା ପାଇଁ ସହରାଞ୍ଚଳର ସ୍ଥାୟୀ ବିକାଶ ଜରୁରୀ

## ଗୃହ ଓ ନଗର ଉନ୍ନୟନ ବିଭାଗର ସମୀକ୍ଷା ବୈଠକ

ଭୁବନେଶ୍ୱର, ୧୦।୪ (ବନ୍ଦନା ସେଠୀ)

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡିକ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ଏଥିରେ ଅଧ୍ୟକ୍ଷତା କରି ବିଭିନ୍ନ ସରକାରୀ ଯୋଜନାର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ବିକଶିତ ଓଡ଼ିଶା ଗଠନ ପାଇଁ ସହରାଞ୍ଚଳଗୁଡ଼ିକର ସ୍ଥାୟୀ ଏବଂ ସମ୍ମିଳିତ ବିକାଶ ଜରୁରୀ ବୋଲି ସେ କହିଥିଲେ। ସହରାଞ୍ଚଳରେ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡିକ ପକ୍ଷରୁ ଯୋଗାଇ ଦିଆଯାଉଥିବା ଜନସେବାକୁ ଅଧିକ ପ୍ରଭାବୀ ଏବଂ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ସଂସ୍କାର ଆଣିବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍ଏୱାଇ)୨.୦, ଅଟଳ ମିଶନ ଫର୍ ରିଜ୍ୟୁଭେନେଶନ ଆଣ୍ଡ୍ ଅର୍ବାନ ଟ୍ରାନ୍ସଫର୍ମେଶନ (AMRUT) ଭଳି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଯୋଜନାଗୁଡ଼ିକର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ସହ ପାଣିପାଗ ପରିବର୍ତ୍ତନ ଯୋଗୁ ଉପୁଜୁଥିବା ସମସ୍ୟାର ସମାଧାନ ପାଇଁ ଆଗୁଆ ପ୍ରସ୍ତୁତ ରହିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ପୌର ପ୍ରଶାସନ ନିର୍ଦ୍ଦେଶକ ଅରବିନ୍ଦ ଡାକୁଆ ରାଜ୍ୟର ସମସ୍ତ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡିକ ନିମନ୍ତେ ବିକାଶମୂଳକ କାର୍ଯ୍ୟର ସୂଚୀ ଏବଂ ତାହାକୁ ପୂରଣ କରିବା ନେଇ ସମୟ ନିର୍ଦ୍ଧାରଣ କରିଥିଲେ। ବୈଠକରେ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଓ ସ୍ୱାୟତ୍ତ ଶାସନ ସଂସ୍ଥା ମୁଖ୍ୟମାନେ ଉପସ୍ଥିତ ଥିଲେ।

# ଆଦାନୀ ଭିଜିଞ୍ଜାମ ପୋର୍ଟରେ ବିଶ୍ୱର ବୃହତ୍ତମ ପରିବେଶ ଅନୁକୂଳ ଜାହାଜ

ଭୁବନେଶ୍ୱର,୧୦।୪(ଅନୁରାଧା ମହାରଣା)

ବିଶ୍ୱର ବୃହତ୍ତମ ପରିବେଶ ଅନୁକୂଳ ଜାହାଜ 'ଏମ୍ଏସ୍ସି ଟି ରେକିୟେ' ବୁଧବାର କେରଳସ୍ଥିତ ଆଦାନୀ ପୋର୍ଟ ଆଣ୍ଡ୍ ଏସ୍ଇଜେଡ୍ ଦ୍ୱାରା ପରିଚାଳିତ ଭିଜିଞ୍ଜାମ ଅନ୍ତର୍ଜାତୀୟ ବନ୍ଦରରେ ପହଞ୍ଚିଛି। ମେଡିଟେରାନିୟନ୍ ସିପିଙ୍ଗ କମ୍ପାନି(ଏମ୍ଏସ୍ସି) ଦ୍ୱାରା ପରିଚାଳିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ଜାହାଜଟି ୩୯୯.୦ ମିଟର ଦୀର୍ଘ, ୬୧.୩ ମିଟର ପ୍ରଶସ୍ତ ଓ ୩୩.୫ ମିଟର ଗଭୀରତାଯୁକ୍ତ ହୋଇଥିବାବେଳେ ଏହା ପ୍ରାୟ ୨୪,୩୪୬ଟି କୋଡ଼ିଏ ଫୁଟିଆ ୟୁନିଟ୍ ବହନ କରିପାରିବ। ବିଶେଷତା ହେଉଛି ଏହା ଖୁବ୍ କମ୍ ପରିମାଣର କାର୍ବନ ନିର୍ଗମନ କରିଥାଏ। ଫଳରେ ଏହାକୁ ପରିବେଶ ଅନୁକୂଳ ଜାହାଜ ଭାବେ ବିବେଚନା କରାଯାଇଥାଏ।

୨୦୧୫ରେ ଭିଜିଞ୍ଜାମ ବନ୍ଦର କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଗତବର୍ଷ କାର୍ଯ୍ୟକ୍ଷମ ହୋଇଛି। ସାମୁଦ୍ରିକ ପରିବହନ କ୍ଷେତ୍ରରେ ଏହା ବିଶ୍ୱସ୍ତରୀୟ ପ୍ରତିଷ୍ଠା ଲାଭ କରିଛି। ପ୍ରଥମଥର ପରିବେଶ ଅନୁକୂଳ ଏହି ବିଶାଳ ଜାହାଜ ଏଠାରେ ପହଞ୍ଚିବା ଭାରତର ବନ୍ଦର ଓ ସାମୁଦ୍ରିକ ଇତିହାସରେ ଏକ ଉଲ୍ଲେଖନୀୟ ଘଟଣା ହୋଇଛି। ଏହି ବନ୍ଦର ସମଗ୍ର ବିଶ୍ୱରୁ ଅଲ୍ଟ୍ରା-ଲାର୍ଜ କଣ୍ଟେନର ଜାହାଜ (ୟୁଏଲଭିସି)କୁ ଆକର୍ଷିତ କରିବ। ଭିଜିଞ୍ଜାମ ବନ୍ଦରର ବିକାଶ ତଥା ପରିଚାଳନା ପାଇଁ ଆଦାନୀ ଗ୍ରୁପ୍ କେରଳ ସରକାରଙ୍କ ସହ ୪୦ ବର୍ଷିଆ ଚୁକ୍ତିନାମା ସ୍ୱାକ୍ଷର କରିଛି ଏବଂ ସମସ୍ତ ପର୍ଯ୍ୟାୟ ୨୦୨୮ ସୁଦ୍ଧା ଶେଷ ହେବାର ଯୋଜନା ରହିଛି। ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ଏହା ଭାରତର ୫୦% କଣ୍ଟେନର ଟ୍ରାନ୍ସମିଶନ ଆବଶ୍ୟକତା ପରିଚାଳନା କରିପାରିବ, ଯାହା ଦୁବାଇ, କଲମ୍ବୋ ଏବଂ ସିଙ୍ଗାପୁର ଭଳି ଅନ୍ୟ ପ୍ରମୁଖ ଏସୀୟ ସମୁଦ୍ର ବନ୍ଦର ଉପରେ ନିର୍ଭରଶୀଳତାକୁ ହ୍ରାସ କରିବ ବୋଲି କୁହାଯାଉଛି।





# ଓଡ଼ିଶାର କେନ୍ଦ୍ରୀୟ ଅଞ୍ଚଳରେ ପ୍ରମୁଖ ଷ୍ଟେଶନର ନବୀକରଣ

ଭୁବନେଶ୍ୱର,୧୦।୪(ଅନୁରାଧା ମହାରଣା)

ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ପୂର୍ବତଟ ରେଳପଥ କେନ୍ଦ୍ରୀୟ ଓଡ଼ିଶାର ୬ଟି ରେଳ ଷ୍ଟେଶନର ପୁନଃ ବିକାଶ ଆରମ୍ଭ କରିଛି। ଏହି ପ୍ରକଳ୍ପରେ ଅନୁଗୋଳ, ତାଳଚେର, ତାଳଚେର ରୋଡ୍, ମେରାମଣ୍ଡଳୀ, ଢେଙ୍କାନାଳ ଏବଂ ରେଢ଼ାଖୋଲ ଆଦି ଷ୍ଟେଶନ ରହିଛି। ନୂତନ ଷ୍ଟେଶନ ଭବନ ନିର୍ମାଣ ସହ ଉନ୍ନତ ସ୍ଥାପତ୍ୟ, ଆଧୁନିକ ସୁବିଧା ଏବଂ ଉନ୍ନତ ଯାତ୍ରୀସେବା ପ୍ରଦାନ କରାଯିବ। ପ୍ରଶସ୍ତ ଫୁଟଓଭର ବ୍ରିଜ (୧୨ ମିଟର) ଏବଂ ଯାତ୍ରୀ ଲିଫ୍ଟ, ବର୍ଦ୍ଧିତ ଆଶ୍ରୟସ୍ଥଳୀ, ଡିଜିଟାଲ ସାଇନେଜ୍ ଏବଂ ସୁରକ୍ଷା ବ୍ୟବସ୍ଥା ସହିତ ଉନ୍ନତ ପ୍ଲାଟ୍‌ଫର୍ମ ଉପରେ ଗୁରୁତ୍ୱ ଦିଆଯାଉଛି। ସେହିପରି ଆଲୋକୀକରଣ, ଜଳ ସଂରକ୍ଷଣ ଏବଂ ଜଳ ଅପଚୟ ପରିଚାଳନା ଉପରେ ପଦକ୍ଷେପ ନିଆଯାଉଛି। ଡ୍ରପ-ଅଫ୍/ପିକ୍-ଅପ୍ ଲେନ୍ ଏବଂ ପାର୍କିଂ ସୁବିଧା ସହିତ ସମନ୍ୱିତ ପରିବହନ ଭିତ୍ତିଭୂମି ବିକାଶ କରାଯାଉଛି। ୱାଇ-ଫାଇ, ଏଲ୍ଇଡି କୋଚ୍ ସଙ୍କେତ ବୋର୍ଡ, ଟ୍ରେନ ସୂଚନା ପ୍ରଦର୍ଶନ ଏବଂ ଉନ୍ନତ ଲାଉଞ୍ଜ କ୍ଷେତ୍ର ଭଳି ଡିଜିଟାଲ ସୁବିଧା ଉପଲବ୍ଧ କରାଯାଉଛି। ଅନୁଗୋଳ ଷ୍ଟେଶନ ନବୀକରଣ ପାଇଁ ୨୫.୪୧ କୋଟି, ତାଳଚେର ରୋଡ ଷ୍ଟେଶନ ପାଇଁ ୧୮.୮୫ କୋଟି, ତାଳଚେର ଷ୍ଟେଶନ ପାଇଁ ୧୨.୯୭ କୋଟି, ମେରାମଣ୍ଡଳୀ ଷ୍ଟେଶନ ପାଇଁ ୨୧.୯୯ କୋଟି, ଢେଙ୍କାନାଳ ଷ୍ଟେଶନ ପାଇଁ ୨୬.୧୧ କୋଟି ଓ ରେଢ଼ାଖୋଲ ଷ୍ଟେଶନ ପାଇଁ ୨୬.୯୩ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ସୂଚନା ଦିଆଯାଇଛି।

# ଅଚ୍ୟୁତ ସାମନ୍ତଙ୍କୁ ୬୫ତମ ସମ୍ମାନସୂଚକ ଡକ୍ଟରେଟ୍

ଭୁବନେଶ୍ୱର,୧୦।୪
(ଅନୁରାଧା ମହାରଣା)

ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କିଟ୍‌ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଇଂଲଣ୍ଡର ଖ୍ୟାତିସମ୍ପନ୍ନ ବକିଙ୍ଗହାମ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ଗୁରୁବାର ବକିଙ୍ଗହାମ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହରେ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ଅଚ୍ୟୁତଙ୍କ ୬୫ତମ ସମ୍ମାନସୂଚକ ଡକ୍ଟରେଟ୍। ଏହି ସମ୍ମାନ ଗ୍ରହଣ କରି ସେ କହିଲେ, ବିଗତ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ମୁଁ ନିରନ୍ତର ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିଆସୁଛି। ଏହି ସମ୍ମାନ ଏ କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ। କାର୍ଯ୍ୟକ୍ରମରେ ବକିଙ୍ଗହାମ ବିଶ୍ୱବିଦ୍ୟାଳୟର କୁଳାଧିପତି ଡେମ୍ ମାରୀ ଆର୍ଚର, କୁଳପତି ପ୍ରଫେସର ଜେମ୍ସ ଟୁଲେ, ଉପକୁଳପତି ପ୍ରଫେସର ହାରିଏଟ୍ ଡନ୍‌ବାର ମୋରିସଡକ୍‌ଙ୍କ ସମେତ ସିନେଟ୍ ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।



ଡ. ଅଚ୍ୟୁତ ସାମନ୍ତ ଡକ୍ଟରେଟ୍ ସମ୍ମାନ ଗ୍ରହଣ କରୁଛନ୍ତି।

# ବାଲେଶ୍ୱର ଆଇନଜୀବୀଙ୍କୁ କାରଣ ଦର୍ଶାଅ ନୋଟିସ

## ମିଥ୍ୟା, କପୋଳକଳ୍ପିତ ଖବର ପରିବେଷଣ

କଟକ,୧୦।୪(କାର୍ତ୍ତିକ ସାହୁ)

ବାଲେଶ୍ୱରରେ କାର୍ଯ୍ୟରତ ସାମ୍ବାଦିକା ତଥା ଆଇନଜୀବୀ ସୁମନା ପରିଡ଼ା ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଚଳିତ ବିଧି ବ୍ୟବସ୍ଥାକୁ ଉଲ୍ଲଘଂନ କରିବା ସହ ମିଥ୍ୟା ଏବଂ କପୋଳକଳ୍ପିତ ଖବର ପରିବେଷଣ କରିଥିବା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ କୁହାଯାଇଛି। ତାଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ରାଜ୍ୟ ଆଇନଜୀବୀ ପରିଷଦ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଗୁରୁବାର ଜାରି କରାଯାଇଥିବା ପ୍ରେସ୍ ଇସ୍ତାହାରରେ ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

ରାଜ୍ୟ ଆଇନଜୀବୀ ପରିଷଦର ସୂଚନା ଅନୁସାରେ, ବାଲେଶ୍ୱର ଓପିଆଇଡି କୋର୍ଟରେ ରାଜା ଚକ୍ରଙ୍କ ଜାମିନ ଆବେଦନ ପିଟିଶନ୍ ଶୁଣାଣି ସମୟରେ ଅନୁସନ୍ଧାନକାରୀ ଅଫିସରଙ୍କ ଦ୍ୱାରା ଜବତ ହୋଇଥିବା ରିଜୋଲ୍ୟୁଶନ୍ ଖାତା (୨୦୨୨-୨୪) ଏବଂ ସ୍ୱତନ୍ତ୍ର ଅଡିଟ୍ ରିପୋର୍ଟ (୨୦୧୭-୧୮ରୁ ୨୦୨୧) ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତଦନ୍ତକାରୀ ଅଫିସର ତାହା ଦାଖଲ କରି ନ ଥିଲେ। ବିଚାରପତି ତଦନ୍ତକାରୀ ଅଫିସରଙ୍କୁ ୪ ତାରିଖ ସୁଦ୍ଧା ସମସ୍ତ ଜବତ ନଥିପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣିବେଳେ ରାଜା ଚକ୍ରଙ୍କ ଓକିଲ ସିତାଂଶୁ ମୋହନ ଦ୍ୱିବେଦୀ ୭।୬।୨୦୨୪ ଏବଂ ୪।୭।୨୦୨୪ରେ ହୋଇଥିବା ରିଜୋଲ୍ୟୁଶନ ବାବଦରେ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଦାଲତ ଜାମିନ ଆବେଦନର ଶୁଣାଣି ପରେ ଇଓଡବ୍ଲ୍ୟୁର ତଦନ୍ତକାରୀ ଅଧିକାରୀଙ୍କୁ ୨୪ ଘଣ୍ଟା ଭିତରେ ଜବତ ହୋଇଥିବା ରିଜୋଲ୍ୟୁଶନ୍ ବୁକ୍ ଏବଂ ସମସ୍ତ କାଗଜପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସେ ନିର୍ଦ୍ଦେଶକୁ ପାଳନ ନ କରି ଗତ ଏପ୍ରିଲ ୫ ତାରିଖରେ ଅଦାଲତଙ୍କୁ ୭ ଦିନ ସମୟ ମାଗିଥିଲେ। ଅଦାଲତ ରାଜା ଚକ୍ରଙ୍କ ଜାମିନ ଖାରଜ କରିବା ସହ ଇଓଡବ୍ଲ୍ୟୁ ତଦନ୍ତକାରୀ ଅଧିକାରୀଙ୍କୁ ଜବତ ହୋଇଥିବା ରିଜୋଲ୍ୟୁଶନ୍ ବୁକ୍, ସ୍ୱତନ୍ତ୍ର ଅଡିଟ୍ ରିପୋର୍ଟ ଏବଂ ଅନ୍ୟାନ୍ୟ ଜବତ ହୋଇଥିବା କାଗଜପତ୍ର, ରାଜା ଚକ୍ରଙ୍କଠାରୁ ଜବତ ହୋଇଥିବା ସମସ୍ତ ଯାନବାହନ ଏବଂ ମେଶିନାରୀର ଜବତ ତାଲିକା ଦାଖଲ କରିବା ପାଇଁ ଏପ୍ରିଲ ୧୧ ତାରିଖକୁ ସମୟ ଧାର୍ଯ୍ୟ କରିଛନ୍ତି। ଆଇନଜୀବୀ ତଥା ସାମ୍ବାଦିକା ସୁମନା ପରିଡ଼ା ଆଇନଜୀବୀ ହିସାବରେ ଶୁଣାଣି ସମୟରେ ଅଦାଲତ ଗୃହରେ ଉପସ୍ଥିତ ରହି ଉପରୋକ୍ତ ବିଷୟରେ ସବୁକିଛି ଜାଣିଥିଲେ। ତଥାପି ରାଜା ଚକ୍ରଙ୍କ ଓକିଲ ଦ୍ୱିବେଦୀଙ୍କୁ ବାରମ୍ବାର ପ୍ରଶ୍ନ ପଚାରି ଚାଲିଥିଲେ, ରାଜା ଚକ୍ର କାହାକୁ କୋଟି କୋଟି ଟଙ୍କା ଦେଲେ? ଯାହାର ଭିଡିଓ କ୍ଲିପ୍‌ରେ ପ୍ରମାଣ ମଧ୍ୟ ଅଛି ଏବଂ ପରବର୍ତ୍ତୀ ସମୟରେ ବିନା କୌଣସି ତଥ୍ୟରେ ଉକ୍ତ ସାମ୍ବାଦିକା ସତ୍ୟ ଘଟଣାକୁ ଆଢୁଆଳରେ ରଖି ଏକ ଭିନ୍ନ କପୋଳକଳ୍ପିତ ଓ ନିଜର ମନଗଢ଼ା ମିଥ୍ୟା ଖବର ଟିଭି ଓ ଖବରକାଗଜରେ ପରିବେଷଣ କରିଥିଲେ, ଯଦ୍ୱାରା ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ରାଜା ଚକ୍ରଙ୍କ ଓକିଲ ତଥା ରାଜ୍ୟ ଆଇନଜୀବୀ ପରିଷଦ ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ ମିଥ୍ୟା ତଥ୍ୟ ଉପସ୍ଥାପନ କରିଥିବା କହି ଓକିଲମାନଙ୍କ ପଦମର୍ଯ୍ୟାଦା ହାନି ହୋଇଥିବା ଦର୍ଶାଇ ଦ୍ୱିବେଦୀ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି କହିଥିଲେ। ଏତାଦୃଶ ଖବର ଆଇନଜୀବୀ ତଥା ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ରାଜ୍ୟର ପ୍ରାୟ ୫୦ ହଜାର ଆଇନଜୀବୀଙ୍କ ପଦମର୍ଯ୍ୟାଦା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ପରିଷଦ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଛି।

# ସାର୍ଟିଫିକେଟ୍ ନକଲି, ଚାକିରି ଅସଲି

## ଏସ୍‌ଡିସିସି ବ୍ୟାଙ୍କ କର୍ମଚାରୀ ନିଯୁକ୍ତିରେ ଜାଲିଆତି

**ବରଗଡ଼,୧୦।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ସ୍ଥିତ ସମ୍ବଲପୁର ଜିଲା ସମବାୟ କେନ୍ଦ୍ର (ଏସ୍‌ଡିସିସି) ବ୍ୟାଙ୍କ କର୍ମଚାରୀ ନିଯୁକ୍ତିରେ ଏକ ବଡ଼ଧରଣର ଜାଲିଆତି ଅଭିଯୋଗ ହୋଇଛି। ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ ଏହି ପ୍ରସଙ୍ଗ ବିଧାନସଭାରେ ଉପସ୍ଥାପନ କରିବା ପରେ ଏହାର ଖୋଳତାଡ଼ ଆରମ୍ଭ ହୋଇଛି। ନକଲି ଶିକ୍ଷାଗତ ପ୍ରମାଣପତ୍ର ପ୍ରଦାନ କରି ଉକ୍ତ ବ୍ୟାଙ୍କରେ ଅନେକ କର୍ମଚାରୀ ଚାକିରି ହାତେଇଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ, ସେଭଳି ଜାଲିଆତିରେ ସମ୍ପୃକ୍ତ ଏକାଧିକ କର୍ମଚାରୀଙ୍କ ପଦୋନ୍ନତି ମଧ୍ୟ ହୋଇସାରିଛି। ଏହି ଘଟଣାରେ ଇତିମଧ୍ୟରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ (ସପୋର୍ଟିଂ ଷ୍ଟାଫ୍) କାମାକ୍ଷା ପ୍ରସାଦ ମହାନନ୍ଦଙ୍କୁ ନିଲମ୍ବନ କରାଯାଇଥିବାବେଳେ ଅନ୍ୟ କର୍ମଚାରୀଙ୍କ ଶିକ୍ଷାଗତ ପ୍ରମାଣପତ୍ର



ବରଗଡ଼ସ୍ଥିତ ଏସ୍‌ଡିସିସି ବ୍ୟାଙ୍କର ମୁଖ୍ୟାଳୟ।

ଯାଞ୍ଚ ଚାଲିଛି। ଯାଞ୍ଚ ପ୍ରକ୍ରିୟା ସରିବା ପରେ ଆହୁରି କର୍ମଚାରୀ ଚାକିରିରୁ ବିଦା ହେବେ ବୋଲି ଅନୁମାନ କରାଯାଉଛି।

ସୂଚନା ଅନୁଯାୟୀ, ଏସ୍‌ଡିସିସି ବ୍ୟାଙ୍କରେ କାର୍ଯ୍ୟରତ ଏକାଧିକ କର୍ମଚାରୀ ବିଭିନ୍ନ ବିଶ୍ୱବିଦ୍ୟାଳୟ ନାଁରେ ଶିକ୍ଷାଗତ ପ୍ରମାଣପତ୍ର ତଥା ଡିଗ୍ରୀ ସାର୍ଟିଫିକେଟ୍ ଦାଖଲ କରି ଚାକିରି ହାତେଇଛନ୍ତି। କାର୍ଯ୍ୟରତ ୧୭୪ କର୍ମଚାରୀଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ ଚାଲିଛି। ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ସେହି ଟିମ୍ ରାଜ୍ୟ ତଥା ରାଜ୍ୟ ବାହାରେ ରହିଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟକୁ ଶିକ୍ଷାଗତ ପ୍ରମାଣପତ୍ରର ଯାଞ୍ଚ ପାଇଁ ଯାଇଥିବା ସୂଚନା ମିଳିଛି। ଉକ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପ୍ରମାଣପତ୍ର ଯାଞ୍ଚ ପରେ ଆଉ କେଉଁ କର୍ମଚାରୀ ନକଲି ଶିକ୍ଷାଗତ ପ୍ରମାଣପତ୍ର ପ୍ରଦାନ କରି ଚାକିରି ହାତେଇଛନ୍ତି ତାହା ସ୍ପଷ୍ଟ ହୋଇଯିବ।

ଏ ସମ୍ପର୍କରେ ଉକ୍ତ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଲକ୍ଷ୍ମୀଧର ମଲ୍ଲିକ କହିଛନ୍ତି, ବ୍ୟାଙ୍କରେ ନକଲି ଶିକ୍ଷାଗତ ପ୍ରମାଣପତ୍ର ଗ୍ରହଣ କରି କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ମିଳିବା ପରେ ଏହାର ତଦନ୍ତ ପ୍ରକ୍ରିୟା ଚାଲିଛି। ବ୍ୟାଙ୍କରେ କାର୍ଯ୍ୟରତ ୧୭୪ କର୍ମଚାରୀଙ୍କ ମଧ୍ୟରୁ ୯୩ଜଣଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ ଶେଷ ହୋଇଛି। ମାସକ ମଧ୍ୟରେ ଅବଶିଷ୍ଟ କର୍ମଚାରୀଙ୍କ ଯାଞ୍ଚ ସରିଯିବ। ଯାଞ୍ଚରେ ଯେଉଁ କର୍ମଚାରୀଙ୍କ ଶିକ୍ଷାଗତ ପ୍ରମାଣପତ୍ର ନକଲି ବୋଲି ଜଣାପଡ଼ିବ, ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ସେହିପରି ସୋମବାର ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ବରଗଡ଼ ଗସ୍ତରେ ଆସିଥିବାବେଳେ ଏ ସମ୍ପର୍କରେ ପଚାରିବାରୁ ଏଭଳି ଜାଲିଆତି ଘଟଣାରେ କାହାକୁ ଛଡ଼ାଯିବ ନାହିଁ। ସବୁମୂଷା ଯନ୍ତାରେ ପଡ଼ିବେ ବୋଲି ସେ କହିଥିଲେ।



ଗ୍ରୀଷ୍ମରେ ଜଳାଶୟଗୁଡ଼ିକ ଶୁଖିଯାଉଥିବାରୁ ପକ୍ଷୀମାନେ ପାଣି ପାଉନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ସେମାନଙ୍କ ଜୀବନ ବଞ୍ଚାଇବା ପାଇଁ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଗୋପୀନାଥପୁର ମହାବୀର ଫାଉଣ୍ଡେଶନ ପକ୍ଷରୁ ଗଛଗୁଡ଼ିକରେ ମାଠିଆ ରଖି ଜଳଦାନ ବ୍ୟବସ୍ଥା କରାଯାଇଛି।

## ଶାନ୍ତି ଅପିଲ କଲେ ମାଓବାଦୀ

**ମାଲକାନଗିରି,୧୦।୪(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ପୋଲିସ ପକ୍ଷରୁ ଲଗାତର କମ୍ବିଂ କରାଯାଉଥିବା ବେଳେ ଏଥିରେ ବହୁ ସଂଖ୍ୟକ ମାଓବାଦୀଙ୍କର ମୃତ୍ୟୁ ଘଟୁଛି। ଗତ ୧୦ଦିନ ପୂର୍ବେ ସଂଗଠନ ତରଫରୁ ଏକ ପ୍ରେସ ବିଜ୍ଞପ୍ତି ଜାରି କରାଯାଇଥିଲା। ସେଥିରେ ଉଲ୍ଲେଖ ଥିଲା, ଛତିଶଗଡ ଓ ତେଲେଙ୍ଗାନା ସରକାରଙ୍କ ସହ ମାଓବାଦୀ ସଂଗଠନ ଶାନ୍ତି ବାର୍ତ୍ତା ଚାହୁଁଛି। ଏହି ବାର୍ତ୍ତାରେ ତିନୋଟି ସର୍ତ୍ତ ମାନିବାକୁ ପଡିବ ବୋଲି ଉଲ୍ଲେଖ ରହିଥିଲା। ଉକ୍ତ ତିନୋଟି ସର୍ତ୍ତ ମଧ୍ୟରୁ ଅପରେଶନ କାଗାର ବନ୍ଦ, ବିଭିନ୍ନ ସ୍ଥାନରେ ହେଉଥିବା କ୍ୟାମ୍ପ ଉଚ୍ଛେଦ ଓ କମ୍ବିଂ ବନ୍ଦ କରାଯାଉ ବୋଲି ରହିଥିଲା। କିନ୍ତୁ ଛତିଶଗଡ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ବିନା ସର୍ତ୍ତରେ ଶାନ୍ତି ବାର୍ତ୍ତା ନିମନ୍ତେ ଜଣାଇଥିଲେ। କିଛିଦିନ ସଂଗଠନ ଚୁପ ରହିବା ପରେ ଗୁରୁବାର ପୁନର୍ବାର ଏକ ପ୍ରେସ ବିଜ୍ଞପ୍ତିରେ ଶାନ୍ତି ବାର୍ତ୍ତା ପାଇଁ ଅପିଲ କରିଛନ୍ତି। ଏଥିରେ କେବଳ ଅପରେଶନ କାଗାର ବନ୍ଦ କରାଯାଉ ବୋଲି ସର୍ତ୍ତ ରହିଛି। ତେବେ ଏହି ପ୍ରେସ୍ ବିଜ୍ଞପ୍ତି ସମ୍ପର୍କରେ ସରକାରଙ୍କ ତରଫରୁ କୌଣସି ପ୍ରକ୍ରିୟା ମିଳି ନ ଥିବା ବେଳେ ଆଗାମୀ ଦିନରେ ଏ ନେଇ କ'ଣ ନିଷ୍ପତ୍ତି ନିଆଯିବ ତାହା ଜଣାପଡିବ।

## ବଲାଙ୍ଗୀରରେ ବିକ୍ରି ଶିଶୁ ଟିଟିଲାଗଡ଼ରୁ ଉଦ୍ଧାର

**ବଲାଙ୍ଗୀର,୧୦।୪(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରୁ ଏକ ନବଜାତ ଶିଶୁପୁତ୍ର ବିକ୍ରି ଅଭିଯୋଗ ହୋଇଥିଲା। ଏହି ଖବର ପ୍ରଘଟ ହେବା ପରେ ଏକ ମିଳିତ ପ୍ରଶାସନିକ ଟିମ୍ ବୁଧବାର ରାତିରେ ଟିଟିଲାଗଡ଼ରୁ ସମ୍ପୃକ୍ତ ଶିଶୁପୁତ୍ରକୁ ଉଦ୍ଧାର କରିଥିବା ଜଣାପଡିଛି। ଟିଟିଲାଗଡ଼ ହାଟପଦାପଡା ଅଞ୍ଚଳରୁ ପୋଲିସ ଶିଶୁପୁତ୍ରକୁ ଉଦ୍ଧାର କରିଥିବା ସୂଚନା ଦିଆଯାଇଛି। ଶିଶୁପୁତ୍ରକୁ ତାଙ୍କ ମା', ଶିଶୁ ମଙ୍ଗଳ ସମିତି (ସିଡବ୍ଲୁସି), ଜିଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ), ଚାଇଲ୍ଡ ଲାଇନ୍ ସଦସ୍ୟଙ୍କ ଉପସ୍ଥିତିରେ ସ୍ଥାନୀୟ ସ୍ୱତନ୍ତ୍ର ପୌଷ୍ୟ ସନ୍ତାନ ଗ୍ରହଣ ସଂସ୍ଥାକୁ ହସ୍ତାନ୍ତର କରାଯାଇଛି। ଶିଶୁପୁତ୍ର ହସ୍ତାନ୍ତର ବେଳେ ଡିସିପିୟୁର ସାମାଜିକ କର୍ମୀ ଅରୁଣ କୁମାର ଖୁଆସ, ସିଡବ୍ଲୁସି ସଦସ୍ୟା ଏସ୍. ଲତାଶ୍ରୀ, ଲିନା ବାବୁ, ସନ୍ଧ୍ୟାରାଣୀ ପଣ୍ଡା, ସ୍ୱତନ୍ତ୍ର ପୌଷ୍ୟ ସନ୍ତାନ ଗ୍ରହଣ ସଂସ୍ଥାର ପ୍ରୋଗ୍ରାମ ମ୍ୟାନେଜର ଦେବାଶିଷ ପଟେଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉକ୍ତ ଶିଶୁର ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିଛି ଏବଂ ଶିଶୁ ବିକ୍ରି ଅଭିଯୋଗର ତଦନ୍ତ ଚାଲିଛି ବୋଲି ଅତିରିକ୍ତ ଜିଲାପାଳ (ଏଡିଏମ୍) ପବିତ୍ର ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଶିଶୁ ବିକ୍ରି ଘଟଣା ନେଇ ସିଡବ୍ଲୁସି ପକ୍ଷରୁ ଗୁରୁବାର ରାତିରେ ବଲାଙ୍ଗୀର ଟାଉନ ଥାନାରେ ମାମଲା ରୁଜୁ ହୋଇଛି। ଏଥିରେ ୩ ଜଣଙ୍କୁ ଅଭିଯୁକ୍ତ ଦର୍ଶାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

## ଜଳଭଣ୍ଡାରରେ ବୁଡ଼ି ଭିସୁଟ୍ ଛାତ୍ରୀଙ୍କ ମୃତ୍ୟୁ



ଶାଶ୍ୱତୀ ଭୋଇ

**ସମ୍ବଲପୁର,୧୦।୪(ପ୍ରମୋଦ ବହିଦାର)**

ହୀରାକୁଦ ଜଳଭଣ୍ଡାରର ଫିସେରି ପଏଣ୍ଟରେ ପାଣିରେ ବୁଡ଼ି ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗର ଶେଷ ବର୍ଷ ଛାତ୍ରୀ ତଥା ବରଗଡ଼ ନିବାସୀ ପୃଥ୍ୱୀରାଜ ଭୋଇଙ୍କ ଝିଅ ଶାଶ୍ୱତୀ ଭୋଇ(୨୦)ଙ୍କ ମୃତ୍ୟୁ ଘଟିଛି। ସେ ବୁଡି ଯାଉଥିବା ନିଜ ସାଥୀଙ୍କୁ ବଞ୍ଚାଇବାରେ ସକ୍ଷମ ହୋଇଥିଲେ ହେଁ ନିଜେ ବୁଡିଯାଇଥିଲେ ବୋଲି ତାଙ୍କ ସହପାଠୀମାନେ କହିଛନ୍ତି। ଗୁରୁବାର ଅପରାହ୍ନ ସାଢ଼େ ୫ଟାରେ ଶାଶ୍ୱତୀ ତାଙ୍କର ଅନ୍ୟ ୭ ସହପାଠୀଙ୍କ ସହ ଏକ ଅଟୋରେ ଗାଧୋଇବା ପାଇଁ ହୀରାକୁଦ ଜଳଭଣ୍ଡାରର ଫିସେରି ପଏଣ୍ଟକୁ ଯାଇଥିଲେ। ଗାଧୋଇବା ସମୟରେ ପୂରବୀ ନାମ୍ନୀ ଜଣେ ସହପାଠୀ ହଠାତ ଗଭୀର ପାଣି ଭିତରକୁ ଚାଲି ଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଶାଶ୍ୱତୀ ଉଦ୍ୟମ କରିଥିଲେ। ହେଲେ ସେ ମଧ୍ୟ ପାଣିରେ ବୁଡ଼ି ଯାଇଥିଲେ। ଏହା ଦେଖି ଅନ୍ୟ ସହପାଠୀମାନେ ନିକଟରେ ଥିବା କେତେକ ସ୍ଥାନୀୟ ଯୁବକଙ୍କୁ ଡାକିଥିଲେ। ସେମାନେ ପ୍ରଥମେ ପୂରବୀଙ୍କୁ ଉଦ୍ଧାର କରିଥିଲେ। ଶାଶ୍ୱତୀଙ୍କୁ ଅତ୍ୟନ୍ତ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭିମ୍‌ସାର ପଠାଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଏଡିଟି ପଦବୀରେ ଥଇଥାନ ପରେ ପଦୋନ୍ନତି, ତଦନ୍ତ ଦାବି

**ଭୁବନେଶ୍ୱର,୧୦।୪(ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ବୟନ ଶିଳ୍ପ ଓ ହସ୍ତତନ୍ତ ବିଭାଗରେ ବେଆଇନ ଭାବେ ଉଚ୍ଚପଦବୀରେ ଜଣେ ଅଧିକାରୀଙ୍କୁ ଥଇଥାନ କରିବା ଓ ପରେ ପଦୋନ୍ନତି ଦେବାକୁ ନେଇ ଅଭିଯୋଗ ହୋଇଛି। ଏନେଇ ବିଭାଗୀୟ ସଚିବଙ୍କୁ ଅବଗତ କରାଯାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଅଭିଯୋଗକାରୀ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ଓଡ଼ିଶା ଟେକ୍ସ ଟାଇଲ୍‌ସ ଆଣ୍ଡ ସେରିକଲ୍‌ଚର ସର୍ଭିସରେ ବିନା କ୍ୟାବିନେଟ୍ ଅନୁମୋଦନରେ କ୍ୟାଡର ରୁଲରେ ପରିବର୍ତ୍ତନ କରି ଜଣେ ଆସିଷ୍ଟାଣ୍ଟ ଡାଇରେକ୍ଟର କେମେଷ୍ଟ୍ରି(ଏଡିସି)ଙ୍କୁ ଆସିଷ୍ଟାଣ୍ଟ ଡାଇରେକ୍ଟର ଟେକ୍ସଟାଇଲ(ଏଡିଟି) ପଦବୀରେ ଥଇଥାନ କରାଯାଇଛି। ମୂଳ ପଦବୀ ଏଡିସିରେ ପଦୋନ୍ନତି ବ୍ୟବସ୍ଥା ନ ଥିବାବେଳେ ଏଡିସି ପୋଷ୍ଟକୁ ଏଡିଟି ଦର୍ଶାଯାଇଛି। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଅଧିକାରୀଙ୍କୁ ଡେପୁଟି ଡାଇରେକ୍ଟର ଅଫ ଟେକ୍ସଟାଇଲସ୍ (ଡିଡିଟି) ଓ ଯୁଗ୍ମ ଡାଇରେକ୍ଟର ଅଫ ଟେକ୍ସଟାଇଲସ୍ (ଜେଡିଟି)କୁ ପଦୋନ୍ନତି ଦିଆଯାଇ କ୍ୟାଡର ରୁଲକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। ଏଡିସି ଓ ଏଡିଟି ଏକା ପ୍ରକାରର ପଦବୀ ହୋଇ ନ ଥିବାରୁ ଏଭଳି ଚଞ୍ଚକତାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗୀୟ ସଚିବଙ୍କ ନିକଟରେ ରମେଶ ମେହେର ନାମକ ଜଣେ ବ୍ୟକ୍ତି ଦାବି କରିଛନ୍ତି। ଏନେଇ ବିଭାଗୀୟ ସଚିବ ପୁନମ୍ ଗୁହା ତାପସ କୁମାରଙ୍କୁ ଯୋଗାଯୋଗ କରାଯିବାରେ ସେ କହିଥିଲେ ଯେ, ଯଦି ଏଭଳି କିଛି ହୋଇଥିବ ତେବେ ବିଭାଗ ପକ୍ଷରୁ ଅନୁସନ୍ଧାନ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଆଜିଠାରୁ ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା

**ତାଳଚେର,୧୦।୪(ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଓ ୨୧ତମ ଲୋକ ମହୋତ୍ସବ ଶୁକ୍ରବାରଠାରୁ ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠରେ ଆରମ୍ଭ ହେବ। ଏଥିପାଇଁ ଉପଖଣ୍ଡ ପ୍ରଶାସନ ଓ ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି ଶେଷ ହୋଇଛି। ମା'ଙ୍କ ଉଭାସ୍ଥଳୀ ଚଳିତ ବର୍ଷ ଗୋପାଳପ୍ରସାଦ ହାଇସ୍କୁଲ ପାଚେରି ନିକଟରେ ହୋଇଥିବାରୁ ସେଠାରେ ବ୍ୟାପକ ଆୟୋଜନ କରାଯାଇଛି। ପ୍ରବଳ ଜନସମାଗମ ହେବାକୁ ଥିବାରୁ ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳାକୁ କଡ଼ାକଡ଼ି କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୧୫ ପ୍ଲାଟୁନ ଫୋର୍ସଙ୍କୁ ନିୟୋଜିତ କରାଯାଇଛି। ମନ୍ଦିର, ଯାତ୍ରାସ୍ଥଳୀ, ଉଭାସ୍ଥଳୀ ତଥା ବିଭିନ୍ନ ସ୍ଥାନରେ ୫୦ରୁ ଅଧିକ ସିସିଟିଭି କ୍ୟାମେରା ଲଗାଯାଇଛି।

## ୨ରୁ ୩ ହେକ୍ଟର ଜମି ପାଇଁ ମିଳିବ ବିହନ ସବ୍‌ସିଡି

**ଭୁବନେଶ୍ୱର,୧୦।୪(ସୁନିତ୍ ମିଶ୍ର)**

କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ଲୋକସେବା ଭବନର ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଚାଷୀମାନଙ୍କୁ ବିହନ ଯୋଗାଣ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଓଡ଼ିଶାର ଚାଷୀମାନଙ୍କ ନିମନ୍ତେ ଖରିଫ ୨୦୨୫ ପାଇଁ ବିଭିନ୍ନ ବିହନ ଯୋଗାଣ, ଆବଶ୍ୟକତା ଓ ଉପଲବ୍ଧି ଉପରେ ବିସ୍ତୃତ ଅଲୋଚନା ହୋଇଛି। ବୈଠକରେ ଯୋଗଦେଇ କନକବର୍ଦ୍ଧନ କହିଛନ୍ତି, ସମସ୍ତ ଚାଷୀଙ୍କୁ ସୁଲଭ ମୂଲ୍ୟରେ ବିହନ ଯୋଗାଇ ଦିଆଯିବ। ଖରିଫ ଋତୁ ପାଇଁ ବିହନଗୁଡିକ ଉପଯୁକ୍ତ ସମୟରେ ଚାଷୀଙ୍କ ନିକଟରେ ଯୋଗାଣ ଉପଲବ୍ଧ ହେବା ଆବଶ୍ୟକ। ୨ ହେକ୍ଟରରୁ ଅଧିକ ଏବଂ ୩ ହେକ୍ଟର ଚାଷ ଜମି ପର୍ଯ୍ୟନ୍ତ ବିହନ ବିକ୍ରୟ ପାଇଁ ସରକାର ସବ୍‌ସିଡି ପ୍ରଦାନ କରିବେ।

## ବିବାଦରେ ଛେନାପୋଡ଼ ଦିବସ

### ଏଥର ପାଳିବନି ନୟାଗଡ଼ ଜିଲା ପ୍ରଶାସନ

**ନୟାଗଡ଼,୧୦।୪(ଲୋକନାଥ ମିଶ୍ର)**

ବର୍ଷରେ ୨ଥର ବିଶ୍ୱ ଛେନାପୋଡ଼ ଦିବସ ପାଳନ ପରେ ବିବାଦ ବଢ଼ିଛି। ଫଳରେ ଏପ୍ରିଲ ୧୧ ଅର୍ଥାତ୍ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ଯେଉଁ ବିଶ୍ୱ ଛେନାପୋଡ଼ ଦିବସ ପାଳନ କରିବାର ଥିଲା ସେଥିରେ ପୂର୍ଣ୍ଣଚ୍ଛେଦ ପଡିଛି। ଅନ୍ୟପକ୍ଷେ ଜିଲା ସଦର ମହକୁମାରେ ବେସରକାରୀ ଭାବେ ଛେନାପୋଡ଼ ଦିବସ ପୂର୍ବ ବର୍ଷ ପରି ପାଳନ ନ ହୋଇପାରେ ବୋଲି ସୂଚନା ମିଳିଛି। ଛେନାପୋଡ଼ର ସ୍ରଷ୍ଟାକୁ ନେଇ ବାପା ଓ ପୁଅଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ବିବାଦ ଉଗ୍ରରୂପ ନେଉଥିବାରୁ ଛେନାପୋଡ଼ ଦିବସ ପାଳନ ନେଇ କେହି ଆଗ୍ରହ ପ୍ରକାଶ କରୁନାହାନ୍ତି। ଅନ୍ୟପକ୍ଷେ ନୟାଗଡ଼ର ହେଲ୍‌ପି ହ୍ୟାଣ୍ଡସର କର୍ମକର୍ତ୍ତା ନୂଆ ରାଜବାଟୀ କଲ୍ୟାଣ ମଣ୍ଡପରେ ବିଶ୍ୱ ଛେନାପୋଡ଼ ଦିବସ ପାଳନ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ତେବେ ଜିଲାବାସୀ ଘରେ ଛେନାପୋଡ଼ ଦିବସ ପାଳନ ପାଇଁ ନୟାଗଡ଼ ବିଧାୟକ ଅରୁଣ ସାହୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ନୟାଗଡ଼ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟାଗଡ଼ ବିଧାୟକ, ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ, ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ ଓ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ପୁଣି ଇଟାମାଟିରେ ଏପ୍ରିଲ ୧୧ରେ ଛେନାପୋଡ଼ ଦିବସ ପାଳନ ପାଇଁ ପ୍ରସ୍ତୁତି ସରିଛି। ଓଡ଼ିଆ ମିଡ଼ିଆ ପ୍ରାଇଭେଟ୍ ଲିମିଟେଡ଼ ଆୟୋଜିତ ସହଭାଗିତା ନୟାଗଡ଼ ବିକାଶ ମଞ୍ଚ ପକ୍ଷରୁ ଭୁବନେଶ୍ୱରର ସୂଚନା ଭବନରେ ଏପ୍ରିଲ ୧୧ରେ ଛେନାପୋଡ଼ ଦିବସ ପାଳନ କରାଯିବାକୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୂଚନାଯୋଗ୍ୟ, ୨୦୨୨ ଏପ୍ରିଲ ୧୧ରୁ ବିଶ୍ୱ ଛେନାପୋଡ଼ ଦିବସ ପାଳନ ହୋଇ ଆସିଛି। ତେବେ ୨୦୨୪ରେ ଏପ୍ରିଲ ୧୧ ଓ ଡିସେମ୍ବର ୩୧ରେ ବିଶ୍ୱ ଛେନାପୋଡ଼ ଦିବସ ପାଳନ ହେବା ପରେ ବିବାଦ ବଢ଼ିଛି।

## ଓଡ଼ିଶା ମୋଟର ପରିବହନ ଚାଳକ ଓ କର୍ମଚାରୀ କଲ୍ୟାଣ ବୋର୍ଡର ୱେବ୍ ପୋର୍ଟାଲ ଲୋକାର୍ପିତ

**ଭୁବନେଶ୍ୱର,୧୦।୪(ସୁନିତ୍ ମିଶ୍ର)**

### ବୋର୍ଡର ସଦସ୍ୟତା ଏବଂ ଅନୁକମ୍ପା ସହାୟତା ପାଇଁ ଦପ୍ତରକୁ ଆସିବାକୁ ପଡ଼ିବନି

ଓଡ଼ିଶା ମୋଟର ପରିବହନ ଚାଳକ ଓ କର୍ମଚାରୀ କଲ୍ୟାଣ ବୋର୍ଡରେ ସଦସ୍ୟତା କିମ୍ବା ଅନୁକମ୍ପାମୂଳକ ସହାୟତା ପାଇଁ ଏଣିକି କୌଣସି ଦପ୍ତର ଆସିବାକୁ ପଡ଼ିବ ନାହିଁ। ଅନ୍‌ଲାଇନରେ ଏହି ସମସ୍ତ ସୁବିଧା ଉପଲବ୍ଧ ହୋଇଛି। ଖାରବେଳ ଭବନରେ ଆୟୋଜିତ ବୋର୍ଡର ୪ର୍ଥ ବୈଠକରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଦ୍ୱାରା ଏ ସମ୍ପର୍କିତ ୱେବ୍ ପୋର୍ଟାଲ https://driverwelfare.odisha.gov.inର ଲୋକାର୍ପିତ ହୋଇଛି। ଏହାଦ୍ୱାରା ରାଜ୍ୟର ହଜାର ହଜାର ମୋଟରଯାନ ଚାଳକ ଓ କର୍ମଚାରୀ ଉପକୃତ ହେବା ସହ ସହାୟତା ପ୍ରଦାନ ବ୍ୟବସ୍ଥା ଅଧିକ ସକ୍ରିୟ ଏବଂ ପାରଦର୍ଶୀ ହେବ ବୋଲି ମନ୍ତ୍ରୀ ଜେନା ଆଶାବ୍ୟକ୍ତ କରିଛନ୍ତି।

ଏହା ବ୍ୟତୀତ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୋର୍ଡ ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଛି। ଏଥିରେ ବୋର୍ଡ ସଦସ୍ୟ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପରିବହନ ଆୟୁକ୍ତ ଅମିତାଭ ଠାକୁର, ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ, ସିଭିଲ ସୋସାଇଟି ସଦସ୍ୟ, ଡ୍ରାଇଭର ସଂଘ ପ୍ରତିନିଧିମାନେ ଯୋଗଦେଇଛନ୍ତି। ଚାଳକମାନେ ବୋର୍ଡର ଅଧ୍ୟକ୍ଷଙ୍କ ନିକଟରେ ନିଜର ବିଭିନ୍ନ ଦାବି ଉପସ୍ଥାପନ କରିଛନ୍ତି। ଏହାକୁ ତର୍ଜମାକରି ସକାରାତ୍ମକ ନିଷ୍ପତ୍ତି ଗ୍ରହଣ କରାଯିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ୱେବ୍ ପୋର୍ଟାଲରେ ସୁବିଧା କେନ୍ଦ୍ର, ଜରୁରୀକାଳୀନ ସହାୟତା ଓ ଅନ୍ୟାନ୍ୟ ଆବଶ୍ୟକ ତଥ୍ୟ ସାମିଲ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଅନୁକମ୍ପାମୂଳକ ସହାୟତା ବୟସ ସୀମା ୬୦ରୁ ୬୫କୁ ବୃଦ୍ଧି କରାଯିବା ଦାବି ଉପରେ ପ୍ରାଧାନ୍ୟ ଦେଇ ମନ୍ତ୍ରୀ କହିଛନ୍ତି, ସରକାର ଚାହୁଁଛନ୍ତି ଅଧିକରୁ ଅଧିକ ଚାଳକଙ୍କ ପରିବାର ଏହାର ଲାଭ ପାଆନ୍ତୁ। ଏ ସମ୍ପର୍କରେ ସମସ୍ତ ଦିଗକୁ ତର୍ଜମା କରିବାକୁ ସବ୍ କମିଟି ଗଠନ କରାଯିବ। ଭାରତ ସରକାରଙ୍କ ନିୟମ, ଶ୍ରମ ବିଭାଗର ବ୍ୟବସ୍ଥା ଓ ଅନ୍ୟାନ୍ୟ ବିଷୟକୁ ଅନୁଧ୍ୟାନ କରି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଅଟୋଚାଳକମାନେ ମଧ୍ୟ ସହାୟତା ପାଇବେ। ସେଥିପାଇଁ ଶ୍ରମ ବିଭାଗର ଥିବା ପୋର୍ଟାଲରେ ପଞ୍ଜୀକରଣ ବ୍ୟବସ୍ଥା ସମ୍ପର୍କରେ ଶ୍ରମ ଆୟୁକ୍ତ ଜଣାଇଛନ୍ତି। ବୈଠକରେ ମନ୍ତ୍ରୀ କହିଛନ୍ତି, ଲୋକଙ୍କ ସରକାର ଚାଳକଙ୍କ ସ୍ୱାର୍ଥରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ। କଲ୍ୟାଣ ବୋର୍ଡ ଜରିଆରେ ଚାଳକଙ୍କ ଉନ୍ନତି ପାଇଁ ପଦକ୍ଷେପ ନିଆଯାଉଛି।

## ପ୍ରାକୃତିକ ସମ୍ବଳ ଆକାଉଣ୍ଟକୁ ନେଇ ମହାଲେଖାକାରଙ୍କ ପ୍ରଶ୍ନ

**ଭୁବନେଶ୍ୱର,୧୦।୪(ରବିନାରାୟଣ ଜେନା)**

ଜଳସମ୍ପଦ ବିଭାଗ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷରେ ଖର୍ଚ୍ଚ ହୋଇଥିବା ପ୍ରାକୃତିକ ସମ୍ବଳ ଆକାଉଣ୍ଟ(ଏନ୍‌ଆର୍‌ଏ)କୁ ନେଇ ପ୍ରମୁଖ ମହାଲେଖାକାର(ପିଏଜି) ପ୍ରଶ୍ନ ଉଠାଇଛନ୍ତି। ଏହାସହିତ ପରିବେଶ ପ୍ରଦୂଷଣର ଭରଣା କରିବାପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ କାହିଁକି ଟଙ୍କାଟିଏ ଖର୍ଚ୍ଚ ହୋଇନାହିଁ ବୋଲି ପ୍ରମୁଖ ମହାଲେଖାକାର ପ୍ରଶ୍ନ କରିଛନ୍ତି। ମାର୍ଚ୍ଚ ୨୧ରେ ପ୍ରମୁଖ ମହାଲେଖାକାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାକୃତିକ ସମ୍ବଳ ଆକାଉଣ୍ଟରେ ଖର୍ଚ୍ଚ ହୋଇଥିବା ଅର୍ଥର ପୂର୍ଣ୍ଣାଙ୍ଗ ବିବରଣୀ ଦେବାକୁ କୁହାଯାଇଥିଲା। ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଭବାନୀ ଶଙ୍କର ମାରାଣ୍ଡି ଆଂଶିକ ତଥ୍ୟ ପ୍ରଦାନ କରିଥିଲେ। ସର୍ବୋଚ୍ଚଯନ୍ତ୍ରୀ ତଥା ସ୍ୱତନ୍ତ୍ର ସଚିବ ଇଂ. ମୁକୁଲ ଚନ୍ଦ୍ର ବେରା ସେଚସଦନସ୍ଥିତ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଆସନ୍ତା ୧୫ ସୁଦ୍ଧା ପ୍ରାକୃତିକ ସମ୍ବଳ ଆକାଉଣ୍ଟର ପୂର୍ଣ୍ଣାଙ୍ଗ ବିବରଣୀ ଦେବାକୁ ସେ ଦର୍ଶାଇଛନ୍ତି। ପ୍ରମୁଖ ମହାଲେଖାକାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକର ସୂଚନା ଅନୁଯାୟୀ, ପରିବେଶ ପ୍ରଦୂଷଣର ଭରଣା କରିବାପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ କୌଣସି ଅର୍ଥ ଖର୍ଚ୍ଚ ହୋଇନାହିଁ। ଏହାକୁନେଇ ଅରଣ୍ୟ ଭବନସ୍ଥିତ ପିସିସିଏଫ(ଡବ୍ଲୁଏଲ୍)ଙ୍କୁ ଚଳିତମାସ ୧୫ ସୁଦ୍ଧା ରିପୋର୍ଟ ଦେବାକୁ କୁହାଯାଇଛି।

## ଆଜିଠୁ ଓଟିଟିରେ 'ଛାବା'



**ମୁମ୍ବାଇ:** ଅଭିନେତା ଭିକି କୌଶଲ ଓ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କର 'ଛାବା' ଫିଲ୍ମକୁ ବକ୍ସ ଅଫିସ୍‌ରେ ଢ଼େର ସଫଳତା ମିଳିଛି। ତେବେ ବଡ଼ ପରଦା ପରେ ଏବେ ଏହି ଫିଲ୍ମ ଓଟିଟିରେ ରିଲିଜ୍ ହେବାକୁ ଯାଉଛି। ଶୁକ୍ରବାରଠାରୁ 'ଛାବା' ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ଷ୍ଟ୍ରିମିଂ ହେବ। ଏନେଇ ଫିଲ୍ମର ପ୍ରଡକ୍ସନ କମ୍ପାନୀ ମେଡକ୍ ଫିଲ୍ମସ୍ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରାଯାଇ ସୂଚନା ଦିଆଯାଇଛି। ଏହି ପୋଷ୍ଟକୁ ନେଟ୍‌ଫ୍ଲିକ୍ସ ମଧ୍ୟ ରି-ଶେୟାର କରିଛି।

ଗତ ଫେବୃଆରୀ ୧୪ରେ ଲକ୍ଷ୍ମଣ ଉଟେକରଙ୍କ ନିର୍ଦ୍ଦେଶିତ 'ଛାବା' ଫିଲ୍ମ ପ୍ରେକ୍ଷାଳୟରେ ରିଲିଜ୍ ହୋଇଥିଲା। ରିଲିଜ୍ ହେବା ପରଠାରୁ ଏହା ବକ୍ସ ଅଫିସରେ ଧମାଲ ମଚାଇବା ଆରମ୍ଭ କରିଥିଲା। ବର୍ତ୍ତମାନ ସୁଦ୍ଧା ଏହି ଫିଲ୍ମ ବିଶ୍ୱବ୍ୟାପୀ ୮୦୪.୮୫ କୋଟି ଟଙ୍କା ସଂଗ୍ରହ କରିଥିବା ବେଳେ କେବଳ ଭାରତୀୟ ସିନେମା ହଲଗୁଡ଼ିକରୁ ଏହି ଫିଲ୍ମ ୫୯୯.୨ କୋଟି ଟଙ୍କାର ରୋଜଗାର କରିଛି।

## ନିରାପଦ ମାତୃତ୍ୱ, ସୁସ୍ଥ ଶିଶୁ

### ଆଜି ନିରାପଦ ମାତୃତ୍ୱ ଦିବସ

ମାତୃତ୍ୱ ପ୍ରତ୍ୟେକ ନାରୀ ପାଇଁ ଏକ ସୁନ୍ଦର ସ୍ୱପ୍ନ। ସେ ସ୍ୱପ୍ନ ସାକାର ହୁଏ, ଯେତେବେଳେ ମା'ର କୋଳ ପୂର୍ଣ୍ଣ କରି ଏକ ସୁସ୍ଥ ଶିଶୁଟିଏ ଜନ୍ମନିଏ। ତେବେ ମାତୃତ୍ୱର ଏ ପଥ ସବୁବେଳେ ନିରାପଦ ନୁହେଁ। ଟିକିଏ ଅସାବଧାନ ହେଲେ ଗର୍ଭ ଓ ପ୍ରସବଜନିତ ଜଟିଳତା ଦେଖାଦେଇଥାଏ ଏବଂ ମା' ସହ ଶିଶୁର ଜୀବନ ବିପଦାପନ୍ନ ହୋଇଥାଏ। ଏକବିଂଶ ଶତାବ୍ଦୀରେ ପ୍ରତ୍ୟେକ ମିନିଟ୍‌ରେ ପୃଥିବୀର କୌଣସି ନା କୌଣସି ସ୍ଥାନରେ ନିଶ୍ଚିତ ଭାବରେ ଜଣେ ମହିଳା ଗର୍ଭଜନିତ ତଥା ପ୍ରସବଜନିତ କାରଣରୁ ମୃତ୍ୟୁବରଣ କରିଥାନ୍ତି। ଗୋଟିଏ ମା'ର ମୃତ୍ୟୁ ଏକ ପରିବାରର କ୍ଷତି ନୁହେଁ, ଏହା ସାରା ଦେଶର କ୍ଷତି। ତେବେ ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ବର୍ଷ ଏପ୍ରିଲ ୧୧ରେ ସାରା ଭାରତରେ ଜାତୀୟ ମାତୃତ୍ୱ ଦିବସ ପାଳନ କରାଯାଉଛି। ଏହା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପତ୍ନୀ କସ୍ତୁରବା ଗାନ୍ଧୀଙ୍କ ଜନ୍ମ ଶତବାର୍ଷିକୀ ୨୦୦୩ ମସିହାରୁ ପାଳନ କରାଯାଉଛି। ଏହାର ମୂଳଲକ୍ଷ୍ୟ ପ୍ରତ୍ୟେକ ଗର୍ଭବତୀ ନାରୀଙ୍କ ଗର୍ଭାବସ୍ଥା, ପ୍ରସବ ସମୟ ତଥା ପ୍ରସବ ପରେ ସମସ୍ତ



ଯତ୍ନ ନେଇ ଭାରତରେ ମାତୃ ମୃତ୍ୟୁ ହାର କମାଇବା। ତେବେ ସାରା ବିଶ୍ୱରେ ପ୍ରତିବର୍ଷ ମାତୃମୃତ୍ୟୁ ସଂଖ୍ୟା ୬ଲକ୍ଷ। ଏହା ମଧ୍ୟରୁ ୯୯ ଭାଗ ମୃତ୍ୟୁ ପ୍ରାୟ ବିକାଶୋନ୍ମୁଖୀ ଦେଶରେ ଘଟିଥାଏ। ସାରା ବିଶ୍ୱର ଶତକଡା ୪୬ ଭାଗ ମାତୃ ମୃତ୍ୟୁ କେବଳ ଭାରତ, ପାକିସ୍ତାନ ଏବଂ ବାଂଲାଦେଶରେ ହୋଇଥାଏ।

ମାତୃ ମୃତ୍ୟୁ ହାରକୁ ରୋକିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା (WHO) ୧୯୮୭ରେ ନାଇରୋବିଠାରେ ନିରାପଦ ମାତୃତ୍ୱର କେତେକ ପଦକ୍ଷେପ ଗ୍ରହଣ ପାଇଁ ନିଷ୍ପତ୍ତି ନେଲା। ଏହାର ଉଦ୍ଦେଶ୍ୟ ଥିଲା ଝିଅ ଓ ମା' ମାନଙ୍କ ଜୀବନଯାପନଶୈଳୀକୁ ସ୍ୱାସ୍ଥ୍ୟ ଓ ସାମାଜିକ ସ୍ତରରେ ଅଭିବୃଦ୍ଧି କରିବା। ଏଥିସହିତ ବିକାଶଶୀଳ ରାଷ୍ଟ୍ରରେ ମାତୃ ମୃତ୍ୟୁ ଓ ଶିଶୁ ମୃତ୍ୟୁ ହାର କମାଇବା ପାଇଁ ସ୍ଥିର କରାଯାଇଥିଲା।

ନିରାପଦ ମାତୃତ୍ୱର ପ୍ରଥମ ଯତ୍ନ ମା' ଗର୍ଭରେ ଥିବା ଶିଶୁଠାରୁ ହିଁ ଆରମ୍ଭ ହୋଇଥାଏ। ଗର୍ଭାବସ୍ଥାର ପ୍ରଥମ ସୋପାନରୁ ମା'ର ଯତ୍ନ ନିଆଗଲେ ମା'ମାନେ ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚିପାଇପାରିବେ। ଏଥିପାଇଁ ସଚେତନତା ଜରୁରୀ। ମହିଳାଙ୍କ ପାଇଁ ଖାଦ୍ୟ ଓ ଶିକ୍ଷାର ମାନ ବଢାଇବାକୁ ହେଲେ ସମାଜରେ ତାଙ୍କ ସ୍ଥିତିର ଉନ୍ନତି କରିବା ଆବଶ୍ୟକ। ତେଣୁ ଏକବିଂଶ ଶତାବ୍ଦୀରେ ନିରାପଦ ମାତୃତ୍ୱ ଓ ସୁସ୍ଥ ଶିଶୁ ପାଇଁ ପଦକ୍ଷେପ ହେଲା ଆମ ଦେଶରେ 'ଏମର୍ଜେନ୍‌ସି ଅବଷ୍ଟେଟ୍ରିକ୍ ସର୍ଭିସ୍' ତ୍ୱରାନ୍ୱିତ କରିବା।

**- ଡା. ସରୋଜିନୀ ଷଡ଼ଙ୍ଗୀ,**
ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ, ଲିଙ୍କ୍ ରୋଡ୍, କଟକ - ୧୨

## ଘାତକ ଅସ୍ତ୍ର ନୁହେଁ ମଣିଷ ଦାନ୍ତ

### ବମ୍ବେ ହାଇକୋର୍ଟଙ୍କ ରାୟ

**ମୁମ୍ବାଇ,୧୦।୪**

ମଣିଷ ଦାନ୍ତ ଘାତକ ନୁହେଁ। ଜଣେ ଅନ୍ୟ ଜଣଙ୍କୁ କାମୁଡ଼ି ଦେଲେ ଏହାର କୌଣସି ଗଭୀର ପ୍ରଭାବ ପଡ଼ି ନ ଥାଏ ବୋଲି ବମ୍ବେ ହାଇକୋର୍ଟ ଏକ ଏଫ୍‌ଆଇଆର କ୍ୱାଶିଂ ବା ଏତଲା ଖାରଜ ଆବେଦନର ଶୁଣାଣି କରି କହିଛନ୍ତି। ବିଚାରପତି ଭିଭା କଙ୍କଣ୍ୱାଡି ଏବଂ ସଞ୍ଜୟ ଦେଶମୁଖଙ୍କୁ ନେଇ ଗଠିତ ହାଇକୋର୍ଟର ଔରଙ୍ଗାବାଦ ପୀଠ ଜଣେ ମହିଳାଙ୍କ ଆବେଦନ ଉପରେ ବିଚାର କରି ଏଭଳି ମତ ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଜଣେ ମହିଳାଙ୍କ ସହ ତାଙ୍କ ଭାଉଜଙ୍କ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ଭାଉଜ ରାଗିଯାଇ ତାଙ୍କ ନଣନ୍ଦଙ୍କ ହାତକୁ କାମୁଡ଼ି ଦେଇଥିଲେ। ଏନେଇ ନଣନ୍ଦ ୨୦୨୦ରେ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ଆଇପିସି ଦଫା ୩୨୪(ଘାତକ ଅସ୍ତ୍ର ବ୍ୟବହାର କରି ଆହତ କରିବା) ଲଗାଇ ଏକ ମାମଲା ରୁଜୁ କରିଥିଲା। ଏପରି କି ଅଭିଯୋଗକାରିଣୀଙ୍କ ଡାକ୍ତରୀ ପରୀକ୍ଷା ହୋଇଥିଲା। ଡାକ୍ତରୀ ରିପୋର୍ଟରେ ସାମାନ୍ୟ ଆହତ ଉଲ୍ଲେଖ ରହିଥିଲା। ପରେ ଉକ୍ତ ଏତଲାକୁ ଖାରଜ କରିବାକୁ ସମ୍ପୃକ୍ତ ଭାଉଜ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଗତ ୪ତାରିଖରେ ଉକ୍ତ ଆବେଦନର ଶୁଣାଣି କରି କହିଛନ୍ତି ଯେ, ଅଭିଯୋଗକାରିଣୀଙ୍କ ଏତଲାକୁ ଆଧାର କରି ପୋଲିସ ଆଇପିସି ଦଫା ୩୨୪ ଲଗାଇଛି, ଯାହାର ଏହି ଘଟଣା ସହିତ କୌଣସି ପ୍ରକାର ତାଳମେଳ ରହୁ ନାହିଁ। ଅଭିଯୋଗକାରିଣୀଙ୍କୁ ତାଙ୍କ ଭାଉଜ ଦାନ୍ତରେ କାମୁଡ଼ି ଥିବାନେଇ ଅଭିଯୋଗ ହୋଇଥିଲା। ତେବେ ମଣିଷ ଦାନ୍ତ ଏକ ଘାତକ ଅସ୍ତ୍ର ନୁହେଁ। ଏହାଦ୍ୱାରା ମଣିଷ ଶରୀରରେ ଗଭୀର ମାତ୍ରାରେ ପ୍ରଭାବ ପଡ଼ି ନ ଥାଏ। ଅଭିଯୋଗକାରିଣୀଙ୍କ ମେଡିକାଲ ରିପୋର୍ଟରେ ମଧ୍ୟ ସାମାନ୍ୟ ଆହତ ବୋଲି ଉଲ୍ଲେଖ ରହିଛି। ଏତଲା ଅଭିଯୋଗକୁ ଆଧାର କରି ଏଭଳି ଦଫା ଲଗାଇବା ଆଇନର ଦୁରୁପଯୋଗ ସଦୃଶ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିବା ସହ ଅଭିଯୋଗକାରିଣୀଙ୍କ ଏତଲାକୁ ଖାରଜ କରିଦେଇଛନ୍ତି।

## ଆମ୍ବତୋଟାରୁ ନରକଙ୍କାଳ ଉଦ୍ଧାର

ଜମନକିରା,୧୦।୪(ରବୀନ୍ଦ୍ର ପ୍ରସାଦ ଦାନୀ): ସମ୍ବଲପୁର ଜିଲା ଜମନକିରା ଥାନା ଲଦୋପଡ଼ାର ଏକ ଆମ୍ବତୋଟାରୁ ଗୁରୁବାର ପୋଲିସ ନରକଙ୍କାଳ ଜବତ କରିଛି। କୁଚିଣ୍ଡା ଏସ୍‌ଡିପିଓ ପ୍ରଦୀପ କୁମାର ଦାଶ, ଜମନକିରା ଥାନା ଆଇଆଇସି ପଦ୍ମାଳୟା ସାହୁ, କୁଚିଣ୍ଡା ଆଇଆଇସି ବାମଦେବ ଶଙ୍ଖୁଆଳ ସମ୍ବଲପୁରରୁ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲେ। ମାଜିଷ୍ଟ୍ରେଟ ଦାୟିତ୍ୱରେ ଜମନକିରା ତହସିଲଦାର ପ୍ରଭିନା ବିଲୁଙ୍ଗ ଉପସ୍ଥିତ ଥିଲେ। ପରେ ବୁର୍ଲା ଏଫଏମଟିକୁ କଙ୍କାଳ ନମୁନା ପରୀକ୍ଷା ପାଇଁ ପଠାଯାଇଛି।

### ଦୟାନଦୀ ପଠାରୁ ଯୁବତୀଙ୍କ ମୃତଦେହ ଜବତ ଘଟଣାର ପର୍ଦ୍ଦାଫାଶ

# ଓଢ଼ଣିରେ ତଣ୍ଟିକୁ ଭିଡ଼ି ମାରିଥିଲେ ପ୍ରେମିକ

ଭୁବନେଶ୍ୱର,୧୦।୪ (ସତ୍ୟଜିତ୍ ରାଉତ)

ପ୍ରାୟ ଅଢ଼େଇ ମାସ ତଳେ ଭୁବନେଶ୍ୱର ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ମେଳଣପଡ଼ିଆ ନିକଟ ଦୟାନଦୀ ପଠାରେ ଜଣେ ଅଚିହ୍ନା ଯୁବତୀଙ୍କ ଗଳିତ ମୃତଦେହ ଜବତ ଘଟଣାର ସତ ପଦାକୁ ଆସିଛି। ଏହା ଏକ ହତ୍ୟାକାଣ୍ଡ ଥିଲା ବୋଲି କମିଶନରେଟ୍ ପୋଲିସ କହିବା ସହ ପରଦା ପଛରେ ଥିବା ରହସ୍ୟ ଉନ୍ମୋଚନ କରିଛି। ମୃତା ଯୁବତୀ ହେଲେ କନ୍ଧମାଳର ସ୍ନେହା ବେହେରା ଓରଫ ଅପର୍ଣ୍ଣା (୩୦)। ପ୍ରେମ ସମ୍ପର୍କ ଭିତରେ କୁହୁଳୁଥିବା ସନ୍ଦେହରୁ ଏହି ବର୍ବରୋଚିତ କାଣ୍ଡ ଘଟିଥିଲା। ଧଉଳି ବୁଲାଇବାକୁ ନେଇ ଫେରିବା ବେଳେ ପ୍ରେମିକ ହିଁ ଓଢ଼ଣିରେ ସ୍ନେହାଙ୍କ ବେକକୁ ଭିଡ଼ି ଜୀବନ ନେଇଥିଲେ। ଗୁରୁବାର ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଏହି ସୂଚନା ଦେଇଛନ୍ତି। ଏହି ଘଟଣାରେ ଧଉଳି ପୋଲିସ ଏକ ହତ୍ୟା ମାମଲା (ନଂ.୬୦/୨୦୨୫) ରୁଜୁ କରି ଅଭିଯୁକ୍ତ ପ୍ରେମିକ ଚନ୍ଦନ ପରିଡ଼ା ଓରଫ ମଙ୍ଗୁ (୨୭)ଙ୍କୁ ଗିରଫ କରିଛି। ଚନ୍ଦନଙ୍କ ଘର ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଧୀନ କାଠକୋଟା ଗାଁରେ ଓ ସେ ଭୁବନେଶ୍ୱର କଟକରୋଡ଼ସ୍ଥିତ ଏକ ହୋଟେଲରେ ସିକ୍ୟୁରିଟି ଗାର୍ଡ ଥିଲେ। ଅଭିଯୁକ୍ତ ଚନ୍ଦନଙ୍କୁ କୋର୍ଟ ଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଛି। ଚନ୍ଦଙ୍କ ନାଁରେ କୁଜଙ୍ଗ ଥାନାରେ ଦୁଇଟି ମାମଲା ରହିଛି। ପୋଲିସ ଟିମ୍ ଚନ୍ଦନଙ୍କୁ ଘଟଣାସ୍ଥଳକୁ ନେଇ କ୍ରାଇମ୍ ସିନ୍ ରିକ୍ରିଏଶନ କରିବା ସହ ପୂରା ଘଟଣାର ତଥ୍ୟ ହାସଲ କରିଛି।

### ଫେସ୍‌ବୁକ୍‌ରୁ ପ୍ରେମ

ସ୍ନେହାଙ୍କ ଘର କନ୍ଧମାଳ ଜିଲା ଫୁଲବାଣୀ ଟାଉନ୍‌ରେ ହୋଇଥିବାବେଳେ ସେ ଭୁବନେଶ୍ୱର ନୟାପଲ୍ଲୀ ବରମୁଣ୍ଡା ବେହେରା ସାହିରେ ରହି ଏକ ଧୂପ କାରଖାନାରେ କାମ କରୁଥିଲେ। ଏଥିସହ ଅନ୍ୟାନ୍ୟ ଛୋଟମୋଟ କାମ ମଧ୍ୟ କରୁଥିଲେ। ଗତବର୍ଷ ମାର୍ଚ୍ଚରେ ଫେସ୍‌ବୁକ୍‌ରେ ଚନ୍ଦନଙ୍କ ସମ୍ପର୍କରେ ଆସିଥିଲେ। ଉଭୟ ଫ୍ରେଣ୍ଡ୍ ହେବା ପରେ ମେସେଞ୍ଜର୍‌ରେ ଚାଟିଂ ଏବଂ ନମ୍ବର ଦିଆନିଆ ହୋଇଥିଲେ। ପରେ ଉଭୟ ବିଭିନ୍ନ ସମୟରେ ପାର୍କ ଆଦି ବୁଲିଯିବା ସହ ସମ୍ପର୍କରେ ଘନିଷ୍ଠତା ବଢ଼ିଥିଲା। ସ୍ନେହାଙ୍କୁ ଚନ୍ଦନ ଏକ ନୂଆ ମୋବାଇଲ ଦେଇଥିଲେ। ଏପରିକି ଅଧିକାଂଶ ସମୟରେ ଟଙ୍କା ମଧ୍ୟ ଦେଉଥିଲେ।

### ଜାନୁଆରୀ ୧୦ ସ୍ନେହାଙ୍କ ପାଇଁ ଥିଲା ଶେଷଦିନ

ସ୍ନେହା ଗତ ଜାନୁଆରୀ ୧୦ରେ ଘରୁ ଭୁବନେଶ୍ୱର ଫେରିଥିଲେ। ପରେ ଚନ୍ଦନଙ୍କ ସହ ସେ ମୋ ବସ୍‌ରେ ଧଉଳି ଶାନ୍ତିସ୍ତୂପକୁ ବୁଲିବାକୁ ଯାଇଥିଲେ। ତେବେ ସ୍ନେହାଙ୍କ ମୋବାଇଲ ପ୍ରାୟ ସମୟରେ ବିଜି ରହୁଥିବାରୁ ସେ ଅନ୍ୟ ଜଣେ ଯୁବକଙ୍କ ସହ ସମ୍ପର୍କ ବଢ଼ାଉଥିବା ଚନ୍ଦନଙ୍କ ମନରେ ସନ୍ଦେହ ଉପୁଜିଥିଲା। ବୁଲାବୁଲି ସମୟରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ବଢ଼ିଥିଲା। ଚନ୍ଦନଙ୍କ ପ୍ରଶ୍ନକୁ ସ୍ନେହା ବାଆଁରେଇ ଦେଇଥିଲେ। ଉଭୟ ଅଟୋ ଯୋଗେ ଧଉଳିଛକକୁ ଫେରିଥିଲେ। ଝଗଡ଼ାଭିତରେ ଉଭୟ ଆଗ ପଛ ହୋଇ ଚାଲି ଚାଲି ଦୟାନଦୀ ପଠା ଆଡକୁ ଆସିଥିଲେ। ସନ୍ଧ୍ୟାରେ ବାଲିଯାତ୍ରା ପଡିଆ ପାଖରେ ଝଗଡା ଉଗ୍ରରୂପ ନେଇଥିଲା। ହଠାତ୍ ସ୍ନେହାଙ୍କୁ ଚନ୍ଦନ ଶକ୍ତ ଚାପୁଡା ମାରିବା ସହ ଗାଳି ଦେଇଥିଲେ। ସ୍ନେହା ତଳେ ପଡ଼ିଯିବାରୁ ରାଗରେ ଜର୍ଜରିତ ଚନ୍ଦନ ଓଢ଼ଣିରେ ତାଙ୍କ ବେକକୁ ଭିଡ଼ି ହତ୍ୟା କରିଥିଲେ। ସେଠାରେ ହିଁ ସ୍ନେହାଙ୍କ ପ୍ରାଣବାୟୁ ଉଡ଼ିଯିବା ପରେ ରାସ୍ତାପାର୍ଶ୍ୱରେ ମୃତଦେହ ଫିଙ୍ଗି ଚନ୍ଦନ ଚାଲିଆସିଥିଲେ।


ଅଭିଯୁକ୍ତ ଚନ୍ଦନ ପରିଡା

### ଖଣ୍ଡଗିରି ଥାନାରେ ନିଖୋଜ ଅଭିଯୋଗ କରିଥିଲେ ଭଉଣୀ

ଘରୁ ଭୁବନେଶ୍ୱର ଫେରିଥିବା ସ୍ନେହାଙ୍କ ମୋବାଇଲ ସୁଇଚ୍‌ଅଫ୍ ରହିବାରୁ ପରିବାର ଲୋକେ ସନ୍ଦେହରେ ପଡ଼ିଥିଲେ। ବହୁ ଖୋଜାଖୋଜି କରି ଭଉଣୀ ବନିତା ଦିଗଲ ଜାନୁଆରୀ ୧୭ରେ ଧଉଳି ଥାନାକୁ ଯାଇ ନିଖୋଜ ଅଭିଯୋଗ କରିଥିଲେ। ଜାନୁଆରୀ ୧୦ରୁ ଭଉଣୀ ସହ ଯୋଗାଯୋଗ ହୋଇପାରୁ ନ ଥିବା କହିଥିଲେ। ପୋଲିସ ଏକ ମ୍ୟାନ୍ ମିସିଙ୍ଗ୍ ରିପୋର୍ଟ (ଏମ୍‌ଏମ୍‌ଆର୍) ନଂ.୬/୨୦୨୫ ରୁଜୁ କରି ତଦନ୍ତ କରିଥିଲା।

### ବ୍ୟବଚ୍ଛେଦ ରିପୋର୍ଟ ସହ ମେଳ ଖାଇଲା ସିଡିଆର୍

ଧଉଳି ପୋଲିସ ମାର୍ଚ୍ଚ ୨୮ରେ ଯୁବତୀଙ୍କ ଗଳିତ ମୃତଦେହ ପାଇବା ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ବ୍ୟବଚ୍ଛେଦ ରିପୋର୍ଟରେ ତଣ୍ଟି ଚିପି ହତ୍ୟା ହୋଇଥିବା ଓ ୧୫ଦିନ ତଳୁ ମୃତ୍ୟୁ ହୋଇଥିବା ଡାକ୍ତର ଉଲ୍ଲେଖ କରିଥିଲେ। ସେହି ଅନୁଯାୟୀ ପୋଲିସ ନିକଟ ଥାନାକୁ ଖବର ଦେବା ସହ ୨ ସପ୍ତାହ ତଳର ଏମ୍‌ଏମ୍‌ଆର୍ ଯାଞ୍ଚ କରିଥିଲା। ଖଣ୍ଡଗିରି ଥାନାରେ ହୋଇଥିବା ଅଭିଯୋଗ ଆଧାରରେ ଯାଞ୍ଚ ପରେ ଗଳିତ ମୃତଦେହଟି ସ୍ନେହାଙ୍କର ବୋଲି ସ୍ପଷ୍ଟ ହୋଇଥିଲା। ସ୍ନେହାଙ୍କ କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍)ରୁ ସେ ନିୟମିତ ଚନ୍ଦନଙ୍କ ସହ କଥା ହେଉଥିବା ଜଣାପଡିଥିଲା।


ସ୍ନେହା ବେହେରା

### ମୃତଦେହ ସହ ଯୋଡ଼ି ହୋଇଥିଲା ଆଉଏକ ପ୍ରେମ କାହାଣୀ

ସ୍ନେହାଙ୍କ ଗଳିତ ମୃତଦେହର ପରିଚୟ ପାଇବାକୁ ପୋଲିସ ଛାନଭିନ୍ ଚଳାଇଥିବାବେଳେ ଏକ ରୋଚକ ଘଟଣା ସମସ୍ତଙ୍କୁ ଚକିତ କରିଦେଇଥିଲା। ପୁରୀ ଚନ୍ଦନପୁରର ମିଟୁ ପରିଡା ନାମକ ଜଣେ ଯୁବକ ଯାଜପୁର ବାଲିଚନ୍ଦ୍ରପୁରର ସୁମିତ୍ରାଙ୍କୁ ଏକତରଫା ପ୍ରେମ କରୁଥିଲେ। ସ୍ୱାମୀ ରମେଶଙ୍କୁ ଫସାଇ ଜେଲ ପଠାଇବା ପରେ ସୁମିତ୍ରାଙ୍କୁ ପାଇବାକୁ ମିଟୁ ସୁଯୋଗ ଖୋଜୁଥିବାବେଳେ ଗଣମାଧ୍ୟମରୁ ଉକ୍ତ ଗଳିତ ମୃତଦେହ କଥା ଜାଣିବାକୁ ପାଇଥିଲେ। ତେଣୁ ସେ ମୃତଦେହ ମିଳିଥିବା ସ୍ଥାନରେ ରମେଶଙ୍କ ପରିଚୟପତ୍ରକୁ ଏକ ପର୍ସରେ ପୂରାଇ ପକାଇ ଦେଇଥିଲେ। ପୋଲିସ ଘଟଣାସ୍ଥଳରୁ ଉକ୍ତ ପରିଚୟପତ୍ର ପାଇ ରମେଶଙ୍କୁ ଡାକି ପଚରାଉଚରା କରିଥିଲା। ହେଲେ ରମେଶ ମୃତଦେହ ବିଷୟରେ କିଛି ଜାଣି ନ ଥିବା କହିଥିଲେ। ପରେ ରମେଶଙ୍କ ସ୍ତ୍ରୀ ସୁମିତ୍ରାଙ୍କୁ ପଚରାଉଚରା ପରେ ଲୋନ୍ କରାଇବା ପାଇଁ ମିଟୁ ତାଙ୍କଠାରୁ ସ୍ୱାମୀଙ୍କ ଡକ୍ୟୁମେଣ୍ଟ ନେଇଥିଲେ ବୋଲି କହିଥିଲେ। ମିଟୁଙ୍କୁ ପୋଲିସ ଜେରା କରିବାବେଳେ ସୁମିତ୍ରାଙ୍କୁ ନିଜର କରିବା ପାଇଁ ତାଙ୍କ ସ୍ୱାମୀ ରମେଶଙ୍କୁ ମିଛ କେସ୍‌ରେ ଜେଲ ପଠାଇବାକୁ ଏପରି ଷଡ଼ଯନ୍ତ୍ର ରଚିଥିଲେ ବୋଲି କହିଥିଲେ। ତେଣୁ ପୋଲିସ ଅନ୍ୟଏକ ମାମଲା ରୁଜୁ କରି ଫେବୃଆରୀ ୬ରେ ମିଟୁଙ୍କୁ ଗିରଫ କରିବା ସହ ଜେଲ ପଠାଇଥିଲା।

# ଭିନ୍ନ ଜାତିର ପୁଅ ସହ ଚାଲିଯିବାରୁ ଝିଅଙ୍କୁ ହତ୍ୟାକଲେ ବାପା

ପାଟନା, ୧୦।୪

ଅନ୍ୟ ଜାତିର ଜଣେ ଯୁବକଙ୍କ ସହ ଝିଅ ଘରୁ ପଳାଇଯିବାରୁ କ୍ରୋଧରେ ଜର୍ଜରିତ ଜଣେ ବାପା ନିଜ ଝିଅଙ୍କୁ ହତ୍ୟା କରିବାକୁ ପଛାଇ ନାହାନ୍ତି। ଏପରି କି ଏହି ହତ୍ୟା ସମ୍ପର୍କରେ ଅନ୍ୟ କାହାରିକୁ ନ ଜଣାଇ ମୃତଦେହକୁ ଗାଧୁଆ ଘରେ ଲୁଚାଇ ରଖିଥିଲେ। ଏଭଳି ଏକ ଘଟଣା ବିହାର ସମସ୍ତିପୁର ଜିଲାରେ ଘଟିଥିବାବେଳେ ଅଭିଯୁକ୍ତ ବାପା ମୁକେଶ ସିଂଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅପରପକ୍ଷରେ ଝିଅ ସାକ୍ଷୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ପୋଲିସ ସୂଚନାନୁଯାୟୀ, ସାକ୍ଷୀଙ୍କ ବାପା ମୁକେଶ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ। ସାକ୍ଷୀ ଏବଂ ତାଙ୍କର ଜଣେ ପୁରୁଷବନ୍ଧୁ ସାଙ୍ଗ ହୋଇ କଲେଜ ଯିବାଆସିବା କରନ୍ତି।

### ମାମୁଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତ ବାପା ଗିରଫ

ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ହେଲେ ଯୁବକ ଜଣକ ଭିନ୍ନ ଜାତିର ହୋଇଥିବାରୁ ଏହି ସମ୍ପର୍କକୁ ଝିଅର ପରିବାର ଗ୍ରହଣ କରିପାରି ନ ଥିଲେ। ଗତ ମାର୍ଚ୍ଚ ୪ରେ ସାକ୍ଷୀ ପୁରୁଷବନ୍ଧୁଙ୍କ ସହ ଘରଛାଡ଼ି ଦିଲ୍ଲୀ ପଳାଇଯାଇଥିଲେ। ସେଠାରେ ଜଣେ ସମ୍ପର୍କୀୟଙ୍କ ଘରେ ରହିଥିଲେ। ଘରୁ ଝିଅ କୁଆଡ଼େ ଚାଲିଯାଇଥିବା ନେଇ ମୁକେଶ ମୋଇଉଦ୍ଦିନ ନଗର ଥାନାରେ ନିଖୋଜ ରିପୋର୍ଟ କରିଥିଲେ। ସପ୍ତାହେ ତଳେ ପୁରୁଷ ବନ୍ଧୁଙ୍କ ସମ୍ପର୍କୀୟମାନେ ଉଭୟଙ୍କୁ ବୁଝାଶୁଝା କରିବା ସହ ସାକ୍ଷୀଙ୍କୁ ତାଙ୍କ ଘର ଲୋକଙ୍କୁ ଫେରାଇ ଦେଇଥିଲେ। ତେବେ କିଛିଦିନ ପରେ ସାକ୍ଷୀଙ୍କୁ ଆଉ ଦେଖିବାକୁ ମିଳି ନ ଥିଲା। ଏନେଇ ମୁକେଶଙ୍କୁ ତାଙ୍କ ସ୍ତ୍ରୀ ପଚାରିଥିଲେ ସୁଦ୍ଧା ସେ କୌଣସି ଉତ୍ତର ଦେଇ ନ ଥିଲେ। ପରେ ସାକ୍ଷୀଙ୍କ ମା' ନିଜ ଭାଇ ବିପିନ କୁମାରଙ୍କୁ ଏନେଇ ଜଣାଇଥିଲେ। ବିପିନ ଭାଣିଜୀଙ୍କ ସମ୍ପର୍କରେ ମୁକେଶଙ୍କୁ ପଚାରିବାରୁ ସାକ୍ଷୀ ପୁଣି ଥରେ ଘର ଛାଡ଼ି ଚାଲିଯାଇଥିବା କହିଥିଲେ। ତେବେ ମୁକେଶଙ୍କ ଏହି କଥାରେ ସନ୍ଦେହ ହେବାରୁ ବିପିନ ପୋଲିସକୁ ଖବର ଦେଇଥିଲେ। ଏହାପରେ ପୋଲିସ ମୁକେଶଙ୍କ ଘରକୁ ଆସି ତଦନ୍ତ ଆରମ୍ଭ କରିଥିଲା। ମୁକେଶଙ୍କ ଘରର ବନ୍ଦ ପଡ଼ିଥିବା ଏକ ଗାଧୁଆଘର ମଧ୍ୟରୁ ଦୁର୍ଗନ୍ଧ ଆସିବାରୁ ପୋଲିସ ଉକ୍ତ ଗାଧୁଆ ଘର ଖୋଲିଥିଲା ଓ ସେଠାରୁ ସାକ୍ଷୀଙ୍କ ମୃତଦେହ ଜବତ କରିଥିଲା। ପରେ ପୋଲିସ ମୁକେଶଙ୍କୁ ଗିରଫ କରିଥିଲା। ଝିଅ ସାକ୍ଷୀଙ୍କୁ ହତ୍ୟା କରିଥିବା ନେଇ ମୁକେଶ ପୋଲିସ ସମ୍ମୁଖରେ ସ୍ୱୀକାର କରିଛନ୍ତି।

# ୪୯ ଲକ୍ଷର ନକଲି ନୋଟ୍ ଜବତ, ୨ ଗିରଫ

### ଟିଟିଲାଗଡ଼ରେ ଏସ୍‌ଟିଏଫ୍ ଚଢ଼ାଉ

ଟିଟିଲାଗଡ଼,(ଶରତ ମିଶ୍ର)/ ଭୁବନେଶ୍ୱର,୧୦।୪ (ସତ୍ୟଜିତ୍ ରାଉତ)

ପଶ୍ଚିମ ଓଡ଼ିଶା ନକଲି ନୋଟ୍ କାରବାରର ପେଣ୍ଠସ୍ଥଳ ପାଲଟିଛି। କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବାରମ୍ବାର ନକଲି ନୋଟ୍ ଜବତ କରିବା ସହ ସମ୍ପୃକ୍ତ ଚାଲାଣକାରୀଙ୍କୁ ଧରୁଥିଲେ ମଧ୍ୟ ଏହି ବେଆଇନ କାରବାର ବନ୍ଦ ହେବା ପରିବର୍ତ୍ତେ ବଢ଼ି ଚାଲିଛି। ଏବେ ବଲାଙ୍ଗୀର ଜିଲା ଟିଟିଲାଗଡ଼ରେ ଆଉ ଏକ ନକଲି ନୋଟ୍ ର୍ୟାକେଟକୁ ଧରିଛି କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍। ସ୍ଥାନୀୟ ପୋଲିସ ସହାୟତାରେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ୪୯ ଲକ୍ଷ ଟଙ୍କାର ନକଲି ନୋଟ୍ ଜବତ କରିବା ସହ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଟିଟିଲାଗଡ଼ ସହର ରଘୁନାଥପଡା ଅଞ୍ଚଳର ମହମ୍ମଦ ସବିର (୪୫) ଓ ସିକିର ଅଞ୍ଚଳର ନେତ୍ର ରାଉତ। ମିଳିତ ଟିମ୍ ସେମାନଙ୍କଠାରୁ ନକଲି ନୋଟ୍ ବ୍ୟତୀତ ଅନ୍ୟ ଅପରାଧ ସମ୍ବନ୍ଧୀୟ ସାମଗ୍ରୀ ଜବତ କରିଛି। ତେବେ ଗିରଫ ପରେ ଅଭିଯୁକ୍ତଦ୍ୱୟଙ୍କୁ ଏସ୍‌ଟିଏଫ୍ ଟିମ୍ ଟିଟିଲାଗଡ ଥାନାକୁ ହସ୍ତାନ୍ତର କରିଥିଲା। ଏହି ଘଟଣାରେ ଟିଟିଲାଗଡ ଥାନା ପୋଲିସ ଏକ ମାମଲା (ନଂ.୧୨୭/୨୦୨୫) ରୁଜୁ କରିବା ସହ ସବିର ଓ ନେତ୍ରଙ୍କୁ ଗୁରୁବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାକୁ ନେଇ ଟିଟିଲାଗଡ଼ ଥାନାରେ ପୋଲିସ ପକ୍ଷରୁ ଗୁରୁବାର ଖବରଦାତା ସମ୍ମିଳନୀ କରାଯାଇଥିଲା। ଟିଟିଲାଗଡ଼ ଏସ୍‌ଡିପିଓ ଯଶୋବନ୍ତ ପ୍ରଧାନୀ ଓ ଆଇଆଇସି କଲ୍ୟାଣୀ ବେହେରାଙ୍କ ସୂଚନା ଅନୁଯାୟୀ, ନକଲି ନୋଟ୍ କାରବାର ନେଇ ସୂଚନା ମିଳିବା ପରେ ବୁଧବାର ସନ୍ଧ୍ୟାରେ ବଲାଙ୍ଗୀର-ଟିଟିଲାଗଡ ରୋଡ୍ ସିକିର ଗ୍ରାମ ନିକଟରେ ମିଳିତ ଟିମ୍ ଛକି ରହି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଥିଲା। ସେମାନେ ଦୀର୍ଘଦିନ ହେବ ନକଲି ନୋଟ କାରବାର କରୁଥିଲେ। ସେମାନଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ତଦନ୍ତ କରାଯିବ। ଏହି ନକଲି ନୋଟ୍ କେଉଁଠି ଛପା ଯାଉଥିଲା, ର୍ୟାକେଟର ମାଷ୍ଟରମାଇଣ୍ଡ କିଏ; ତାହା ଜାଣିବାକୁ ଛାନ୍‌ଭିନ୍ ଚାଲିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।


ଗିରଫ ଦୁଇ ଅଭିଯୁକ୍ତ

# ପାରିବାରିକ କଳହରୁ ବାପାଙ୍କୁ ହତ୍ୟା ଅଭିଯୋଗ

ବାଲେଶ୍ୱର, ୧୦।୪ (ବାଞ୍ଛାନିଧି ଦେ)

ପାରିବାରିକ କଳହରୁ ବୃଦ୍ଧ ବାପାଙ୍କୁ ପୁଅ ମାଡ଼ ମାରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବସ୍ତା ଥାନା ରାଇସୁଆଁ ଗ୍ରାମର ମାଧବାନନ୍ଦ ବେହେରା (୬୫)। ଏ ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ବସ୍ତା ଥାନା ରାଇସୁଆଁ ଗାଁର ମାଧବାନନ୍ଦଙ୍କ ସହ ପୁଅ ନିମାଇଁଙ୍କ କଳହ ଲାଗି ରହିଥିଲା। ବୁଧବାର ରାତିରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ନିମାଇଁ ଉତ୍ତ୍ୟକ୍ତ ହୋଇ ବାପାଙ୍କୁ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ ମାଧବାନନ୍ଦଙ୍କୁ ଫକୀରମୋହନ ମେଡିକାଲ ଓ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବାଲେଶ୍ୱର ଶିଳ୍ପାଞ୍ଚଳ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୯/୨୫) ରୁଜୁ ହୋଇ ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଅପରପକ୍ଷରେ ବସ୍ତା ଥାନା ପୋଲିସ ପୁଅ ନିମାଇଁ ଓ ବୈଶିଙ୍ଗା ଥାନା କେଶୁରା ଗ୍ରାମର ପୁତୁରା ଭୁବନ ବେହେରାଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

# ରାଉରକେଲାରେ ଡବଲ ମର୍ଡର, ଜଣେ ଗିରଫ

ରାଉରକେଲା,୧୦।୪ (ସଙ୍ଗୀତା ଜେନା)

ରାଉରକେଲା ସହରରେ ବୁଧବାର ରାତିରେ ୨ଟି ହତ୍ୟାକାଣ୍ଡ ଘଟିଛି। ପ୍ଲାଣ୍ଟସାଇଟ୍ ଥାନା ଗାନ୍ଧୀରୋଡ୍‌ରେ ଶୋଇଥିବା ଅବସ୍ଥାରେ ଏକ ଧାରୁଆ ଛୁରିରେ ଜଣେ ଯୁବକଙ୍କ ତଣ୍ଟିକାଟି ହତ୍ୟା କରାଯାଇଛି। ମୃତକ ହେଲେ ମଧୁସୂଦନପାଲୀ ଅଞ୍ଚଳର ସୁଦୀପ କର(୩୭) ଓରଫ ବଙ୍ଗାଳୀ। ଏହି ମାମଲାରେ ପୋଲିସ ଗୁରୁବାର ବିହାର ରାଜ୍ୟ ଗୟାର ମୂଳନିବାସୀ ତଥା ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ରହୁଥିବା ସଞ୍ଜୟ ରବିଦାସ(୪୪)ଙ୍କୁ ଗିରଫ କରିଛି। ତାଙ୍କଠାରୁ ହତ୍ୟାରେ ବ୍ୟବହୃତ ଧାରୁଆ ଛୁରି ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୫୨/୨୫) ରୁଜୁ କରି ଅପରାହ୍ନ ୫ଟାରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ସଞ୍ଜୟ ଏବଂ ବଙ୍ଗାଳୀ ଜରି ଓ ବର୍ଜ୍ୟବସ୍ତୁ ସଂଗ୍ରହ କରି ଚଳୁଥିଲେ।

- ଶୋଇଥିବାବେଳେ ଯୁବକଙ୍କ ତଣ୍ଟିକାଟି ହତ୍ୟା
- ପୂର୍ବଶତ୍ରୁତାରୁ ବିଟ୍ ବଜାରରେ ଗୋଡ଼ାଇ ହାଣିଲେ

ଉଭୟ ବୁଧବାର ରାତି ପ୍ରାୟ ୧୦ଟା ସମୟରେ ଗାନ୍ଧୀ ରୋଡ୍ ପାର୍ଶ୍ୱରେ ଶୋଇଥିଲେ। ଏହାପୂର୍ବରୁ ସଞ୍ଜୟ ମଦ ପିଇବା ପାଇଁ ବଙ୍ଗାଳୀଙ୍କୁ ଟଙ୍କା ମାଗିଥିଲେ। ଏଥିରେ ବଙ୍ଗାଳୀ ରାଜି ନ ହୋଇ ଶୋଇପଡ଼ିଥିଲେ। ସଞ୍ଜୟ ଉତ୍ତ୍ୟକ୍ତ ହୋଇ ଏକ ଧାରୁଆ ଛୁରିରେ ବଙ୍ଗାଳୀଙ୍କ ତଣ୍ଟି କାଟି ଦେଇଥିଲେ। ସ୍ଥାନୀୟ ଲୋକେ ସଞ୍ଜୟଙ୍କୁ କାବୁ କରି ପୋଲିସକୁ ହସ୍ତାନ୍ତର କରିଥିଲେ। ସେହିପରି ବୁଧବାର ରାତିରେ ଛେଣ୍ଡ ଥାନା ଅଞ୍ଚଳରେ ଚାଲିଥିବା ଆଖଡା ଶୋଭାଯାତ୍ରାରେ ଅଂଶଗ୍ରହଣ କରିବାକୁ ଆସିଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁର୍ବୃତ୍ତମାନେ ଜଣେ ଯୁବକଙ୍କୁ ବିଟ୍ ବଜାରରେ ଗୋଡାଇ ଗୋଡାଇ ହାଣି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଛେଣ୍ଡ କଳିଙ୍ଗ ବିହାର କୋ-ଅପରେଟିଭ୍ କଲୋନିର ମୁକେଶ କର(୨୧)। ମୃତକଙ୍କ ସମ୍ପର୍କୀୟ ବିଶ୍ୱରଞ୍ଜନ କର ରାତି ପ୍ରାୟ ୩ଟାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୯୭/୨୫) ରୁଜୁ କରି ହତ୍ୟାକାଣ୍ଡରେ ସମ୍ପୃକ୍ତି ସନ୍ଦେହରେ ୪/୫ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସିସିଟିଭି ଓ ସାଇଣ୍ଟିଫିକ୍ ଟିମ୍ ଏହାର ଅନୁସନ୍ଧାନ କରୁଛନ୍ତି। ଅପରପକ୍ଷେ ଗୁରୁବାର ସକାଳେ ମୃତକଙ୍କ ପିତା ସୁଧୀର କର ଛେଣ୍ଡ ଥାନାରେ ପହଞ୍ଚି ହତ୍ୟାକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କହିଛନ୍ତି। ଅପରାହ୍ନ ୪ଟାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ଚାକିରି କରାଇଦେବା ନାଁରେ ୬୪ ଲକ୍ଷ ଠକେଇ, ଜଣେ ଗିରଫ

ପଦ୍ମପୁର, ୧୦।୪ (ପ୍ରଶାନ୍ତ କୁମାର କର)

ଫରେଷ୍ଟ ବିଭାଗରେ ରେଞ୍ଜର ଚାକିରି କରାଇଦେବା ନାଁରେ ଠକେଇ। ୪ ଜଣ ଯୁବକଙ୍କଠାରୁ ୬୪ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ରାୟଗଡ଼ା ଜିଲା ପଦ୍ମପୁର ପୋଲିସ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପଦ୍ମପୁର ବ୍ଲକ୍ ଅଧୀନ କେନ୍ଦୁଗୁଡ଼ା ନିକଟସ୍ଥ ରାଜପୁରର ଗ୍ରାମର ପ୍ରସନ୍ନ କରଡ଼ା। ନିକଟରେ ଭୁବନେଶ୍ୱରରୁ ଗିରଫ ହୋଇଥିବା ନକଲି ଡିଏସ୍‌ପି ମାନସ ରଞ୍ଜନ

### ଗିରଫ ନକଲି ଡିଏସ୍‌ପିଙ୍କ ସହ ଲିଙ୍କ୍ ଥିବା ସନ୍ଦେହ

ସେନାପତିଙ୍କ ସହ ପ୍ରସନ୍ନଙ୍କ ଲିଙ୍କ୍ ଥିବା ପୋଲିସ ସନ୍ଦେହ କରିଛି। ତେବେ ଏହି ଠକେଇ କାର୍ଯ୍ୟରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ପୋଲିସ ସେ ନେଇ ଖୋଳତାଡ଼ କରୁଥିବା ଜଣାପଡିଛି।

ପୋଲିସ ସୂଚନା ଅନୁଯାୟୀ, ଖମ୍ବାରିଗୁଡ଼ାର ଶ୍ରୀଧର ପ୍ରହରାଜଙ୍କ ପୁଅଙ୍କୁ ଫରେଷ୍ଟ ବିଭାଗରେ ରେଞ୍ଜର ଚାକିରି କରାଇଦେବାକୁ କହି ପ୍ରସନ୍ନ ୪୦ ଲକ୍ଷ ଟଙ୍କା ଠକି ନେଇଥିଲେ। ଏହାପରେ ସେ ଆଉ ଧରାଛୁଆଁ ନ ଦେବାରୁ ଶ୍ରୀଧର ପଦ୍ମପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ କେସ୍ ନଂ. ୫୨/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଅଭିଯୁକ୍ତ ପ୍ରସନ୍ନ ଚାକିରି କରାଇଦେବା ନାଁରେ ପଦ୍ମପୁର ଅଞ୍ଚଳର ଆଉ ୩ଜଣ ବ୍ୟକ୍ତିଙ୍କଠାରୁ ୨୪ ଲକ୍ଷ ଟଙ୍କା ଠକି ନେଇଥିବା ପୋଲିସ ତଦନ୍ତ ସମୟରେ ଜଣାପଡ଼ିଥିଲା।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧୋବ ଧାଉଳିଆ ଯେଉଁଠି**
**ପୁଳା ଟଙ୍କା ପଡ଼େ ସେଇଠି।**

ବଡ଼ବଡ଼ିଆଙ୍କ ପାଖରେ ସମସ୍ତେ ନେଇ ଅର୍ଥ ଠୁଳ କରନ୍ତି। କ୍ଷମତାଶାଳୀଙ୍କ ପାଖରେ ଟଙ୍କା ଭୋଗ ନ ଥୋଇଲେ କାମ କିଛି ହେଉ ନ ଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧେଇ ଧେଇ ଧେଇକି ନାଟ**
**ପେଯ ପିଆଠାରେ ବସିଛି ହାଟ।**

ସାଧାରଣତଃ ବଡ଼ ଲୋକ ଭୁଲ୍ କଲେ କିଛି ହଟଗୋଳ ହୋଇ ନ ଥାଏ। କିନ୍ତୁ ଗରିବ ବା ଅଭାବୀ ଲୋକଙ୍କର ସାମାନ୍ୟତମ ଭୁଲ୍ ପାଇଁ ବି କଥା କୋର୍ଟ କଚେରିକୁ ଯାଏ, ନ ହେଲେ ସଭା କିମ୍ବା ନିଶାପ ବସିଥାଏ। ଏହାହିଁ ଏ ଦୁନିଆର ରୀତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସ୍ୱାମୀହନ୍ତା ସ୍ତ୍ରୀଙ୍କୁ ଆଜୀବନ କାରାଦଣ୍ଡ

ବଲାଙ୍ଗୀର,୧୦।୪ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଗୁରୁବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜିଲା ଦୌରାଜଜ୍ ଡ. ପବିତ୍ର ମୋହନ ସାମଲ ଏହାର ବିଚାରକରି ସ୍ୱାମୀହନ୍ତା ସ୍ତ୍ରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦାୟେ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ମିଳିଥିବା ସୂଚନା ମୁତାବକ, ୨୦୨୨ ଅକ୍ଟୋବର ୨୨ରେ ବଲାଙ୍ଗୀର ଜିଲା ତୁଷରା ଥାନା ମହୀପୁର ଗ୍ରାମର ରଜନୀକାନ୍ତ ଭୋଇ ତୁଷରା ଥାନାରେ ତାଙ୍କ ପୁଅ ଦିବ୍ୟସିଂହ ଭୋଇଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ଦିବ୍ୟସିଂହଙ୍କ ସ୍ତ୍ରୀ ଯଶୋଦା ଭୋଇ (୩୦) ଏହି ହତ୍ୟାରେ ସମ୍ପୃକ୍ତ ଥିବା ଅଭିଯୋଗରେ ସେ ଦର୍ଶାଇଥିଲେ। ଏ ସଂକ୍ରାନ୍ତରେ ଥାନାରେ ସେତେବେଳେ ଏକ ମାମଲା (ନଂ.୧୬୨/୨୨) ରୁଜୁ ହୋଇଥିଲା। ତତ୍କାଳୀନ ପୋଲିସ ଅଧିକାରୀ ସଞ୍ଜୀବ ପ୍ରଧାନ ଘଟଣାର ତଦନ୍ତ କରିଥିଲେ। ଏହି ମାମଲାରେ ଅଭିଯୁକ୍ତ ଯଶୋଦାଙ୍କୁ ପୋଲିସ ଗିରଫକରି କୋର୍ଟ ଚାଲାଣ କରିଥିଲା। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା। ଶେଷରେ ୨୦୨୨ ଅକ୍ଟୋବର ୨୧ ବିଳମ୍ବିତ ରାତିରେ ଦିବ୍ୟସିଂହଙ୍କୁ ଶୋଇଥିବା ଅବସ୍ଥାରେ ଯଶୋଦା ଏକ ଟାଙ୍ଗିଆ ସାହାଯ୍ୟରେ ହତ୍ୟାକରିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଏହି ମାମଲାର ବିଚାରକରି ଜିଲା ଦୌରାଜଜ୍ ଡ. ସାମଲ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଉକ୍ତ ମାମଲାକୁ ସରକାରୀ ଓକିଲ ସୁବାସ ଚନ୍ଦ୍ର ମାହାନ୍ତ ପରିଚାଳନା କରିଥିଲେ।

# ଶ୍ମଶାନ ମାଟି ତଳୁ ଶବ ଗାଏବ

### ପୋତାଯାଇଥିଲା, ଦଶାହ କର୍ମବେଳକୁ ନାହିଁ

ଭଣ୍ଡାରିପୋଖରୀ,୧୦।୪ (ରାଜେନ୍ଦ୍ର ଶତପଥୀ)

ଶ୍ମଶାନରୁ ଶବ ଗାଏବ। ଗାଁ ଶ୍ମଶାନରେ ମା'ଙ୍କ ମୃତଦେହ ପୋତାଯାଇଥିଲା। ଦଶାହ କର୍ମ ପାଇଁ ପୁଅ ଗଲାବେଳକୁ ଶ୍ମଶାନରେ ମୃତଦେହ ନାହିଁ। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମଣିନାଥପୁର ବୈତରଣୀ ନଦୀପଠାରେ ଥିବା ଶ୍ମଶାନରେ ଗୁରୁବାର ସକାଳେ ଏଭଳି ଘଟଣା ଦେଖିବାକୁ ମିଳିଛି। ମୃତା ମହିଳା ହେଲେ ମଣିନାଥପୁର ଗ୍ରାମର ରୁକ୍ମିଣୀ ସାମଲ। ଗତ ୧ ତାରିଖରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିଲା। ନଦୀପଠାରେ ଥିବା ଶ୍ମଶାନରେ ତାଙ୍କ ମୃତଦେହ ପୋତାଯାଇଥିଲା। ଦଶାହ କର୍ମ ପାଇଁ ମୁଖାଗ୍ନି ଦେଇଥିବା ତାଙ୍କ ପୁଅ ତପନ ସାମଲ ସକାଳେ ଉକ୍ତ ସ୍ଥାନକୁ ଯାଇଥିବା ବେଳେ ଗାତ ଖୋଳାଯାଇ ଶବ ଗାଏବ ହୋଇଥିବା ସେ ଦେଖିବାକୁ ପାଇଥିଲେ। ସେଠାରେ ପାଣି ଓ ମଦ ବୋତଲ ପଡ଼ିଥିଲା। ପ୍ରାୟ ୨ଶହ ମିଟର ଘୋଷରା ଯାଇଥିବା ସ୍ଥାନରେ ପଚି ଯାଇଥିବା ମାଂସ ଓ ଅନ୍ତଃବସ୍ତ୍ର ପଡ଼ିଥିବା ସେ ଦେଖିଥିଲେ। ମୃତା ରୁକ୍ମିଣୀଙ୍କ ସ୍ୱାମୀ ଶ୍ରୀମନ୍ତ ସାମଲ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ବୁଧବାର ରାତିରେ ମୃତଦେହ ଚୋରି ହୋଇଥିବା ନେଇ ଦର୍ଶାଯାଇଛି। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛି। ପ୍ରକାଶଥାଉ କି, ୨୦୨୩ ଜୁନ୍ ୨୩ ରାତିରେ ଏହି ଶ୍ମଶାନରୁ ଏକକାଳୀନ ୩ ମୃତଦେହ ଗାଏବ ହୋଇଯାଇଥିବା ନେଇ ଗ୍ରାମବାସୀ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲା। ୨୦୨୩ ଏପ୍ରିଲ ୨୪ରେ ମୃତକ ଗ୍ରାମର ଶ୍ରୀକାନ୍ତ ବେହେରା, ୩ରେ ମୃତକ ଅକ୍ଷୟ ବେହେରା ଓ ଅନନ୍ତ ନାଥଙ୍କ ଶବ ନ ଥିବା ଚିହ୍ନଟ ହୋଇଥିଲା। ଖୋଳାଯାଇଥିବା ୩ଟି ଗାତ ନିକଟରୁ ସଂସ୍କାର ସମୟରେ ମୃତଦେହର ପିନ୍ଧାବସ୍ତ୍ର ପଡ଼ିଥିଲା। ଏଥିପୂର୍ବରୁ ୨୦୧୬ରେ ମୃତଦେହ ଚୋରି ହୋଇଥିବା ସମ୍ପର୍କରେ ଗ୍ରାମବାସୀ ପ୍ରଥମେ ଅବଗତ ହୋଇଥିଲେ। ନଦୀର ବାଲି ଖାଲରେ ବୁଡ଼ିଯାଇ ପ୍ରାଣ ହରାଇଥିବା ଜଣେ ଶିଶୁର ମୃତଦେହ ପୋତାଯିବାର ଦୁଇମାସ ପରେ ଖୋଳି ନିଆଯାଇଥିଲା। ଏହା ଗୁଣିଗାରେଡ଼ି କିମ୍ବା ବିଜ୍ଞାନ ପରୀକ୍ଷାଗାର କିମ୍ବା ଡାକ୍ତରୀ ଶିକ୍ଷା ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଚୋରି କରାଯାଇଥାଇପାରେ ବୋଲି ଗ୍ରାମବାସୀ ଆଲୋଚନା କରୁଛନ୍ତି।


ମୃତଦେହ ଗାଏବ ହୋଇଥିବା ସ୍ଥାନ

# ସୁନା ଦର ୯୩,୦୦୦ ପାର

## ଲକ୍ଷେ ନିକଟବର୍ତ୍ତୀ ରୁପା ମୂଲ୍ୟ



ଭୁବନେଶ୍ୱର,୧୦।୪

କ୍ରମାଗତ ଭାବେ ଘରୋଇ ବଜାରରେ ଉଭୟ ସୁନା ଓ ରୁପା ଦର ପରିବର୍ତ୍ତନ ହେଉଛି। ଏପରି କି ବୈଶ୍ୱିକ ବଜାରରେ ଦେଖାଦେଇଥିବା ଭୂ-ରାଜନୈତିକ ପରିସ୍ଥିତି ଓ ଅନ୍ତରାଷ୍ଟ୍ରୀୟ ସମସ୍ୟାର ପ୍ରଭାବ ସିଧାସଳଖ ଭାରତୀୟ ବଜାରର କାରବାରକୁ ପ୍ରଭାବିତ କରିବା ସହ ସୁନା ଦର ସର୍ବକାଳୀନ ସ୍ତରରେ ପହଞ୍ଚିଛି। ଅପରପକ୍ଷରେ ରୁପା ମୂଲ୍ୟରେ ମଧ୍ୟ ଦର ବୃଦ୍ଧି ଜାରି ରହିଛି।

ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହରେ ସୁନା ଓ ରୁପା ଦର ହ୍ରାସ ପାଉଥିଲାବେଳେ ଗୁରୁବାର ହଠାତ ପୁଣି ଥରେ ଏହାର ଦରବୃଦ୍ଧି ଘଟିଛି। ଏପରି କି ନୂଆଦିଲ୍ଲୀ ସୁନା ଦରରେ ୨୫୦ ରୁ ୩୦୦ ଟଙ୍କା ବୃଦ୍ଧି ଘଟିଛି। ଗୁରୁବାର ନୂଆଦିଲ୍ଲୀରେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୯୩,୫୩୦ ଟଙ୍କା ପାର କରିଥିଲା ବେଳେ ୨୨ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୮୫,୭୫୦ ଟଙ୍କାରେ କାରବାର ହେଉଛି। ଏପରି କି ୧୮ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୦,୧୭୦ ଟଙ୍କାରେ କାରବାର ହେଉଥିଲାବେଳେ ରୁପା ମୂଲ୍ୟ ଏକ ଲକ୍ଷ/ଲକ୍ଷେ ନିକଟବର୍ତ୍ତୀ (୯୩,୨୦୦ ଟଙ୍କା) ହୋଇଛି। ସେହିଭଳି ଦେଶର ପ୍ରମୁଖ ମହାନଗର ମୁମ୍ବାଇ, ଚେନ୍ନାଇ ଏବଂ କୋଲକାତା ବଜାରରେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୯୩,୩୮୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୮୫,୬୦୦ ଟଙ୍କାରେ କାରବାର ହେଉଛି। ଏପରି କି ୧୮ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୦,୦୦୦ରୁ ଅଧିକ ଟଙ୍କାରେ କାରବାର ହେଉଥିଲାବେଳେ ରୁପା ମୂଲ୍ୟ ଏକ ଲକ୍ଷ/ଲକ୍ଷେ ନିକଟବର୍ତ୍ତୀ (୯୨,୭୦୦ ଟଙ୍କା) ହୋଇଛି। ସେହିପରି ଭୁବନେଶ୍ୱର ବଜାରରେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୯୩,୩୮୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୮୫,୬୦୦ ଟଙ୍କାରେ କାରବାର ହେଉଛି। ଏପରିକି ୧୮ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୦,୦୬୦ ଟଙ୍କାରେ କାରବାର ହେଉଥିଲାବେଳେ ରୁପା ମୂଲ୍ୟ ଏକ ଲକ୍ଷ/ଲକ୍ଷେ ନିକଟବର୍ତ୍ତୀ (୯୬,୫୦୦ ଟଙ୍କା) ହୋଇଛି।

ଅପରପକ୍ଷରେ ଆଗକୁ ଅକ୍ଷୟତୃତୀୟା ଭଳି ପ୍ରମୁଖ ପର୍ବ ସହିତ ବିବାହ ଋତୁ ଆରମ୍ଭ ହେବାକୁ ଯାଉଥିଲାବେଳେ ସୁନା ଦର ଉଭୟ ଗ୍ରାହକ ଓ ବ୍ୟବସାୟଙ୍କ ପାଇଁ ଚିନ୍ତାଜନକ ହୋଇଛି। ଏପରି କି ବ୍ୟବସାୟୀମାନେ ଅକ୍ଷୟ ତୃତୀୟାରେ ପୂର୍ବ ବର୍ଷ ଅପେକ୍ଷା ଅଧିକ କାରବାର ପାଇଁ ଆକର୍ଷଣୀୟ ରିହାତି ଓ ଅଫର ଶୁଭାରମ୍ଭ କରିଥିଲାବେଳେ କ୍ରମାଗତ ଦରବୃଦ୍ଧି ଏହି ସ୍ୱତନ୍ତ୍ର ସମୟର ବ୍ୟବସାୟରେ ବାଧା ସୃଷ୍ଟି କରିପାରେ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି।

# ଡ୍ରିମ୍‌ସରେ ଗବେଷଣାଧର୍ମୀ ପ୍ରକଳ୍ପ ପ୍ରଦର୍ଶନୀ



ଭୁବନେଶ୍ୱର,୧୦।୪ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର 'ସ୍କୁଲ ଅଫ୍ ପ୍ରଫେଶନାଲ ଷ୍ଟଡିଜ୍' ପକ୍ଷରୁ ଆୟୋଜିତ ଏକ ୩ ଦିନିଆ ଗବେଷଣାଧର୍ମୀ ପ୍ରକଳ୍ପ ପ୍ରଦର୍ଶନୀ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଷୟିକ ଜ୍ଞାନକୌଶଳଭିତ୍ତିକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏମ୍‌ସିଏ, ବିସିଏ ଓ ବିଏସ୍‌ସି (ଆଇଟିଏମ୍)ର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିବା ସହ କୋଡିଂ ଟେଷ୍ଟ ଇନ୍ ସି ଲାଙ୍ଗୁଏଜ୍, ବୈଷୟିକ ପୋଷ୍ଟର ପ୍ରସ୍ତୁତି ଏବଂ ଆଇଓଟି ଉପରେ ଆଧାରିତ ତଥା ବିଭିନ୍ନ କ୍ଷେତ୍ରରେ ଉପଯୋଗ ହୋଇପାରୁଥିବା ୮ ମଡେଲ ଉପସ୍ଥାପନ କରିଥିଲେ।

ସେହିଭଳି ପ୍ରଦର୍ଶନୀର ଉଦ୍‌ଯାପନୀ ଉତ୍ସବରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ପ୍ରଦର୍ଶିତ ପ୍ରକଳ୍ପଗୁଡିକୁ ଅନୁଧ୍ୟାନ କରିବା ସହ ଛାତ୍ରୀଛାତ୍ରଙ୍କ ଦକ୍ଷତା, ବୁଦ୍ଧିମତ୍ତା ଓ ସଫଳ ପ୍ରୟାସ ପାଇଁ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ବ୍ୟବହାରିକ ଜ୍ଞାନ ଓ ନୂତନ ଗବେଷଣା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ।

ସେହିପରି ଶିକ୍ଷାନୁଷ୍ଠାନର 'ଡିନ୍' ପ୍ରଫେସର ଡ. ବିଶ୍ୱରଞ୍ଜନ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା (ସମନ୍ୱୟ) ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା, ଡିନ୍ ଡ. ବିଶ୍ୱରଞ୍ଜନ ମହାନ୍ତି, ଡ. ନୟନ ରଞ୍ଜନ ସାମଲ, ଡ. ଆଲୋକ ରଞ୍ଜନ ବିଶ୍ୱାଳ, ଡ. ତୁଷାରକାନ୍ତ ସାମଲ, ଡ. ସୁରଜିତ୍ ମହାନ୍ତି, ଡ. ଶ୍ରୀତା ଭୋଳ, ଡ. ହିମାଂଶୁ ଭୂଷଣ ଗୋଚ୍ଛାୟତ, ପ୍ରାଧ୍ୟାପିକା ଡ. ପ୍ରଣିତା ସାହୁ, ସ୍ମିତା ଦାସ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ସୁଧାଂଶୁ ଭୂଷଣ କର ପ୍ରମୁଖ ଯୋଗଦେଇଥିଲେ।

ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଶିବଚରଣ ବାରିକ କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରାଧ୍ୟାପକ ଚନ୍ଦନ ବାରିକ, ସରୋଜ କୁମାର ନାୟକ, ଅବିନାଶ ଆଚାର୍ଯ୍ୟ, ସୌମ୍ୟରଞ୍ଜନ ପୃଷ୍ଟି, ସ୍ୱାଗତମ୍ ପରିଡ଼ା, ପ୍ରାଧ୍ୟାପିକା ବର୍ଷାରାଣୀ ପଣ୍ଡା ପରିଚାଳନାରେ ସହଯୋଗ କରିଥିଲେ ।

## ରିଅଲ୍‌ମିର ନୂତନ ଉତ୍ପାଦ

ଭୁବନେଶ୍ୱର,୧୦।୪

ରିଅଲ୍‌ମିର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ରିଅଲମି ନାର୍ଜୋ ୮୦ ପ୍ରୋ ୫ଜି ଏବଂ ରିଅଲ୍‌ମି ନାର୍ଜୋ ୮୦ଏକ୍ସ ୫ଜିର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ସ୍ମାର୍ଟଫୋନଗୁଡ଼ିକ ପ୍ରିମିୟମ୍ ଡିଜାଇନ, ଅତୁଳନୀୟ ସ୍ଥାୟିତ୍ୱ ଏବଂ ପରବର୍ତ୍ତୀ ପିଢ଼ିର ପ୍ରଦର୍ଶନକୁ ଏକାଠି କରିଛନ୍ତି। ଏ ସମ୍ପର୍କରେ ରିଅଲ୍‌ମିର ମୁଖପାତ୍ର କହିଛନ୍ତି, ନିରବଚ୍ଛିନ୍ନ ପ୍ରଦର୍ଶନ ଚାହୁଁଥିବା ଯୁବା ଉପଭୋକ୍ତାଙ୍କ ପାଇଁ ନାର୍ଜୋ ୮୦ ସିରିଜରେ ଆମର ସବୁଠାରୁ ଶକ୍ତିଶାଳୀ ସୁବିଧାଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି। ୮୦ପ୍ରୋର ଗେମିଂ ଆଧିପତ୍ୟ ଏବଂ ୮୦ଏକ୍ସର ସନ୍ତୁଳିତ ଉତ୍କର୍ଷତା ସହିତ ଆମେ ମଧ୍ୟମ ସେଗ୍‌ମେଣ୍ଟରେ ପ୍ରିମିୟମସ୍ତରର ଉଦ୍ଭାବନ ଆଣିଛୁ। ୮୦ ପ୍ରୋରେ ୪୫୦୦ ନିଟ୍ସ ଡିସ୍‌ପ୍ଲେ ଏବଂ ୬୦୦୦ ଏମ୍‌ଏଏଚ୍ ବ୍ୟାଟେରି ସହିତ ୮୦ଏକ୍ସର ସେଗମେଣ୍ଟ-ପ୍ରଥମ ମିଡିଆଟେକ୍ ଡାଇମେନସିଟି ୬୪୦୦ ଚିପ୍‌ସେଟ 'ମେକ୍ ଇଟ୍ ରିୟଲ' ପ୍ରତି ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି। ସେହିଭଳି ଏହି ଡିଭାଇସଗୁଡିକ ରିଅଲମିର ସିଗ୍ନେଚର ମୂଲ୍ୟ ପ୍ରସ୍ତାବ ସହିତ ଗ୍ରାଉଣ୍ଡବ୍ରେକିଂ ଉଦ୍ଭାବନକୁ ମିଶ୍ରଣ କରିଛନ୍ତି, ଯାହାକି ସୁଲଭ ମୂଲ୍ୟରେ ଫ୍ଲାଗ୍‌ଶିପ୍-ଗ୍ରେଡ୍‌ର ବୈଶିଷ୍ଟ୍ୟ ପ୍ରଦାନ କରୁଛନ୍ତି। ରିଅଲମି ନାର୍ଜୋ ୮୦ ପ୍ରୋ ୫ଜି ଏବଂ ରିଅଲମି ନାର୍ଜୋ ୮୦ଏକ୍ସ ୫ଜି, ଆଇପି୬୯ ୱାଟରପ୍ରୁଫିଂ, ମିଲିଟାରି-ଗ୍ରେଡ୍ ଶକ୍ ରେଜିଷ୍ଟାନ୍ସ ଏବଂ ଉନ୍ନତ କୁଲିଂ ସିଷ୍ଟମ ସମେତ ଶିଳ୍ପ-ପ୍ରଥମ ବୈଶିଷ୍ଟ୍ୟ ସହିତ ଆସୁଛନ୍ତି।

## ଫିଜିକ୍ସୱାଲାର ୨ୟ ଅଫ୍‌ଲାଇନ ସେଣ୍ଟର ଉଦ୍‌ଘାଟିତ

ଭୁବନେଶ୍ୱର,୧୦।୪

ଫିଜିକ୍ସୱାଲା(ପିଡବ୍ଲ୍ୟୁ)ର ଦ୍ୱିତୀୟ ଅଫ୍‌ଲାଇନ ସେଣ୍ଟର 'ବିଦ୍ୟାପୀଠ କେନ୍ଦ୍ର' ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ଇନ୍‌ଫିନିଆ ଟାୱାରରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷକରି ଏହା ଏକ ନୂତନ ଟେକ୍-ସକ୍ଷମ 'ପିଡବ୍ଲ୍ୟୁ ବିଦ୍ୟାପୀଠ କେନ୍ଦ୍ର' ହୋଇଥିଲାବେଳେ ଏଠାରେ ଛାତ୍ରୀଛାତ୍ରମାନେ ଅନୁଭବୀ ଶିକ୍ଷକଙ୍କ ନେତୃତ୍ୱରେ ପାଠ ପଢ଼ି ପାରିବେ। ଏହି ଅବସରରେ ଫିଜିକ୍ସୱାଲାର ମୁଖ୍ୟ ଅଭିବୃଦ୍ଧି ଅଧିକାରୀ ବିବେକ ଗୌର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଡବ୍ଲ୍ୟୁର ବହୁ ବରିଷ୍ଠ ଅଧିକାରୀ ଓ ସେଣ୍ଟର କର୍ମଚାରୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଫିଜିକ୍ସୱାଲାର ସିଇଓ (ଅଫ୍‌ଲାଇନ) ଅଙ୍କିତ ଗୁପ୍ତା କହିଛନ୍ତି, ଆମେ ସର୍ବଦା ଛାତ୍ରୀଛାତ୍ରମାନଙ୍କର ଶିକ୍ଷା ଗ୍ରହଣ ଅନୁଭବକୁ ଉନ୍ନତ କରିବାର ଉପାୟ ଖୋଜିବାକୁ ଚେଷ୍ଟା କରୁଛୁ। ଭୁବନେଶ୍ୱରରେ ଆମର ପୂର୍ବ କେନ୍ଦ୍ର ସହିତ ଏକ ନୂତନ କେନ୍ଦ୍ର ଖୋଲି ଆମେ ଅଧିକ ଛାତ୍ରୀଛାତ୍ରଙ୍କୁ ସେବା ପ୍ରଦାନ କରିବା ଏବଂ ସେମାନଙ୍କ ଘର ନିକଟରେ ଉଚ୍ଚ ଗୁଣବତା ଶିକ୍ଷା ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛୁ। ଏହା ବ୍ୟତୀତ ପିଡବ୍ଲ୍ୟୁଏସ୍‌ଏଟି ପାଇଁ ମଧ୍ୟ ନାମଲେଖା ଆରମ୍ଭ ହୋଇଛି, ଯାହା ଛାତ୍ରୀଛାତ୍ରମାନଙ୍କୁ ଅଫ୍‌ଲାଇନ କୋର୍ସଗୁଡିକ ପାଇଁ ଟ୍ୟୁଶନ ଫି ଛାଡ଼ ସୁଯୋଗ ପ୍ରଦାନ କରିବ।

## ବ୍ୟାଙ୍ଗଲ ଉତ୍ସବର ଶୁଭାରମ୍ଭ

ଭୁବନେଶ୍ୱର,୧୦।୪

ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ (ସେନ୍‌କୋ)ର ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ 'ବ୍ୟାଙ୍ଗଲ ଉତ୍ସବ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି ପୋଇଲା ବୈଶାଖ ଏବଂ ଅକ୍ଷୟ ତୃତୀୟା ଉପଲକ୍ଷେ ଆୟୋଜିତ ଏହି ନୂତନ ବ୍ୟାଙ୍ଗଲ ଉତ୍ସବ ଉଭୟ ପ୍ରଦର୍ଶନୀ ଓ ବିକ୍ରୟ ପାଇଁ ଉପଲବ୍ଧ। ଏହି ପରିପ୍ରେକ୍ଷୀରେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଗର୍ବର ସହ ଖୁସିୟୋଁ କି ରିତ ଉପସ୍ଥାପନ କରୁଛି, ସେନ୍‌କୋ କାରିଗରିର ୮୫ ବର୍ଷରୁ ଅଧିକ ଗୌରବମୟ ବର୍ଷ ପାଳନ କରୁଥିବା ବେଳେ 'ଆପ୍‌କା ଶୁକ୍ରିୟା ପ୍ରତ୍ୟେକ ଫିଲିଗ୍ରୀ, ନକ୍ସୀ ଖୋଦିନ ଏବଂ ହୀରା ସେଟିଂ ପଛରେ ଥିବା କାରିଗରମାନଙ୍କୁ ସ୍ୱୀକୃତି ପ୍ରଦାନ କରୁଛି। ଏ ସମ୍ପର୍କରେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନିର୍ଦ୍ଦେଶକ ତଥା ମାର୍କେଟିଂ ଆଣ୍ଡ ଡିଜାଇନ ମୁଖ୍ୟ ଜୋଇତା ସେନ୍ କହିଛନ୍ତି, ଆପ୍‌କା ଶୁକ୍ରିୟା ଅଭିଯାନ ହେଉଛି କାରିଗର ଏବଂ କାରିଗରି ଉପରେ ନିର୍ମିତ ସେନ୍‌କୋର ବିରାସତର ଏକ ଉଦାହରଣ।


**Tender Call Notice**

No.CAD-91: Odisha Rail Infrastructure Development Limited (ORIDL) invites sealed tenders for hiring of passenger cars (03 Nos.) for a period of two years from reputed transport agencies/ firms. Tender document and details of the work are available in website **http://oridl.in/current-tenders/**.

Last date for submission of tender is **13.05.2025 at 03.00 P.M.**

Sd./- Director (BD & F)
OIPR-13228/11/0002/2425

**OFFICE OF THE DEAN & PRINCIPAL**
**FAKIR MOHAN MEDICAL COLLEGE & HOSPITAL, BALASORE**
Remuna, Balasore, Odisha - 756019
E-mail: dean.fmmchb@gmail.com Tel.: 06782-224901, Web: blsmch.nic.in

**WALK-IN-INTERVIEW FOR ENGAGEMENT OF THE POST OF JUNIOR RESIDENT, SENIOR RESIDENT & TUTOR ON CONTRACTUAL BASIS AT FM MCH, BALASORE**

No. E-16: Eligible candidates are invited for Walk-in-Interview for the Posts of Junior Resident, Senior Resident & Tutor on contractual basis at FMMCH, Balasore. The Walk-in-Interview is scheduled to be held on 15.04.2025 at 11.00 A.M. in the Office of the Dean & Principal, FMMCH, Balasore. The details eligibility criteria, selection procedure, application form along with other terms & conditions are available in district website i.e. **www.balasore.odisha.gov.in** as well as our official website i.e. **www.blsmch.nic.in**.

Sd./- Dean & Principal
Fakir Mohan Medical College & Hospital, Balasore
OIPR-10134/11/0042/2425

**STATE SELECTION BOARD**
**Higher Education Department**
**Unit-II, Ashok Nagar, Bhubaneswar-9**
Web-site: - www.ssbodisha.ac.in/ E-mail:-ssbdeptofhe@gmail.com

**NOTICE**
**No.SSB(EX)32/2025 600/SSB Dated 09.04.2025**

**No.N-06:** It is for information of all concerned that, the Common PG Entrance Test (CPET)-2025 is scheduled to held from 05.05.2025 (Monday) to 13.05.2025 (Tuesday) in different subjects as per the following schedule.

**Common P.G. Entrance Test-2025 (Examination Schedule)**

| Date | 1st Sitting 09.00 A.M.-10.20 A.M. (10.50 A.M. for PwD Candidates) | 2nd Sitting 11.30 A.M.- 12.50 P.M. (1.20 P.M. for PwD Candidates | 3rd Sitting 3.00 P.M.-4.20 P.M. (4.50 P.M. for PwD Candidates) |
|---|---|---|---|
| | Subjects | Subjects | Subjects |
| 5-May-25 Monday | Commerce, Economics, Electronic Science | Environmental Science Education | Physics Microbiology |
| 6-May-25 Tuesday | English, Geology, Wildlife & Biodiversity, Conservation | Psychology | Zoology, History |
| 7-May-25 Wednesday | Odia, Atmospheric Science, Marine Science-Marine Biology | Public Health Marine Science Oceanography Women Studies | Philosophy |
| 8-May-25 Thursday | Home Science | Food Science & Nutrition Linguistics | Rural Development |
| 9-May-25 Friday | Public Administration | Computer Science | Political Science |
| 10-May-25 Saturday | Chemistry | Biotechnology | Library & Information Science |
| 11-May-25 Sunday | Mathematics, Botany | Journalism and Mass Communication | Tourism and Travel Studies Urdu, Santali, Sanskrit |
| 12-May-25 Monday | PMIR/IRPM | Social Work | Yoga & Naturopathy |
| 13-May-25 Tuesday | Anthropology (Arts) Anthropology (Science), Statistics | Geography, Hindi, Sociology, Law | Business Administration Population Studies |

1. State Selection Board, Odisha reserves every right to change the dates without mentioning any reasons thereof. Any change in the dates will be published in the newspapers as well as in the official website of State Selection Board, Odisha: www.ssbodisha.ac.in. 2. Candidates can download their Hall Tickets (Admit Cards) from the official website of State Selection Board w.e.f. **28.04.2025** (11.00 A.M. onwards) by entering their **Roll No.** and **Date of Birth.**

OIPR-11015/11/0019/2425 Sd./- Secretary

**OFFICE OF THE DEPUTY DIRECTOR**
**NANDANKANAN ZOOLOGICAL PARK**
P.O.:BARANG, DIST-KHURDA,PIN-754005
PHONE NO.-9437022023
Email: deputydirector.kanan@gmail.com
Web: www.nandankanan.org
NANDANKANAN CONSERVE | EDUCATE | INSPIRE

**TENDER NOTICE**
**Notice No.12/NKZP/2025-26, Date:10.04.2025**

**No.MM-06:** The Nandankanan Zoological Park Authority, Bhubaneswar invites Tender in sealed cover from individuals/firms etc. for the supply of Animal Feed & Fodder to Nandankanan Zoological Park, Bhubaneswar for one financial year 2025-26 for Zoo animals. The detailed terms and conditions alongwith tender documents shall be available at the website: www.nandankanan.org from **10.04.2025** onwards. The last date of submission of bid is upto 24.04.2025 at 05.00 PM and date of opening is on **25.04.2025 at 11.00 AM.**

Nandankanan Zoological Park Authority reserves the right to cancel this invitation and issue fresh Bid with or without amendments to this invitation, without any liability/ obligation for such invitation and assigning any reason. NKZP reserves the right to accept or reject any or all proposals without assigning any reason whatsoever.

Sd./- Deputy Director
Nandankanan Zoological Park
OIPR-08070/11/0063/2425

**O/O CHIEF DISTRICT MEDICAL & PUBLIC HEALTH OFFICER**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION, BALASORE**
e-mail : dpmubal@gmail.com

**No.E-13** : Sealed Tenders are invited by the CDM & PHO cum District Mission Director, NHM, Balasore from the established and reputed Printers/ Agencies for the following purposes.

**All kinds of Printing Activities & Erection of Hoarding**

Interested bidders may send their completed bids in double cover system (Technical & Financial) super scribing the Tender Notification No : 5420 and Date : 10.04.25 on the top of the Bid envelope addressing clearly to the CDM & PHO, Balasore. PIN : 756001. Bidders are advised to visit the District website www.baleswar.odisha.gov.in for detailed tender requirements. Last date for receipt of Tender is 05.05.2025 latest by 5.30 P.M. through Speed Post/Regd. Post (India post only) and the bids so received will be opened on 06.05.2025 at 11.30 A.M. in the official chamber of the CDM & PHO, Balasore. The bidders are advised to keep in touch with the district website for addendum or corrigendum if at all required till the last date. No publication in the newspaper will further be made for the same. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

Sd./- CDM & PHO cum District Mission Director, NHM, Balasore
OIPR-10032/11/0015/2425

**ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ.**
Utkalika
ଡି-୨/୩ ଏବଂ ୪, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ରସୁଲଗଡ଼,
ଭୁବନେଶ୍ୱର-୭୫୧୦୧୦ (ଓଡ଼ିଶା), ଫୋନ୍: ୦୬୭୪-୨୯୭୫୩୯୦
GSTN: 21AAAAO0096K2ZQ
E-mail: oschcutkalika@gmail.com, Website: www.utkalikaodisha.com

ଚିଠି ନଂ. ୧୧୮୪ ତାରିଖ: ୧୦।୦୪।୨୫

**ଶାଣ ପଥର ନିମନ୍ତେ ବିଜ୍ଞପ୍ତି**

No. CAD-95: ଏତଦ୍ୱାରା ଓଡ଼ିଶାର ସମସ୍ତ ବ୍ୟକ୍ତିଗତ ପ୍ରସ୍ତର ଶିଳ୍ପୀ/ସମବାୟ ସମିତି/ସ୍ୱୟଂ ସହାୟକ ଗୋଷ୍ଠୀ/ରେଜିଷ୍ଟ୍ରିଭୁକ୍ତ ସଂସ୍ଥାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ. (ଉତ୍କଳିକା) ସୁଲଭ ମୂଲ୍ୟରେ ଶାଣ ପଥର କଞ୍ଚାମାଲ ଯୋଗାଇ ଦେଉଅଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସେମାନଙ୍କର ଆବଶ୍ୟକ ହେଉଥିବା ସାଇଜ ଶାଣ ପଥର କଞ୍ଚାମାଲ ନିମ୍ନ ପ୍ରଦତ୍ତ ସାରଣୀରେ ପୂରଣ କରି ପରିଚାଳନା ନିର୍ଦ୍ଦେଶିକା, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା), ଡି-୨/୩ ଏବଂ ୪, ରସୁଲଗଡ଼ ଶିଳ୍ପାଞ୍ଚଳ, ରସୁଲଗଡ଼, ଭୁବନେଶ୍ୱର-୭୫୧୦୧୦ ଠିକଣାରେ ତା୩୦।୦୪।୨୦୨୫ରିଖ ସୁଦ୍ଧା ଆବେଦନ କରିପାରିବେ।

**ଆବେଦନ ପତ୍ର**

| କ୍ରମିକ ନଂ. | ବିବରଣୀ | ସାଇଜ | ପରିମାଣ |
|---|---|---|---|
| ୧ | | | |
| ୨ | | | |
| ୩ | | | |
| ୪ | | | |
| ୫ | | | |

ଆବେଦନକାରୀଙ୍କ ନାମ ଓ ଠିକଣା:
ଦୂରଭାଷ/ମୋବାଇଲ ନଂ.:
ସ୍ୱାକ୍ଷର:

ସ୍ୱା./- ପରିଚାଳନା ନିର୍ଦ୍ଦେଶିକା
ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ., ଭୁବନେଶ୍ୱର
OIPR-31041/11/0054/2425

**Government of Odisha "e" procurement Notice**
**Bid Identification No. TENDER ONLINE**
**SNPR - 01 OF 2025-26**
No.O-39
Letter No. 1869 Dated : 09.04.2025

1. Name of the Work : Building Works as per DTCN available in the website www.tendersodisha.gov.in
2. Total No. of Work : 06 (Six) Nos.
3. Approximate Estimated Cost : Vary from Rs. 29.02 lakh to Rs. 39.24 lakh
4. Period of Completion : 6 (Six) Calendar months
5. Period and time of availability of bid document in the portal for bidding : 11.04.2025 at 11.00 A.M. to 22.04.2025 up to 5.00 P.M.
6. Date and time of opening of Tender : 23.04.2025 at 11.00 A.M. (Technical Bid) & (Financial Bid will be intimated later on)
7. Name and address of the Officer Inviting Bid : S.E.,R.W. Division, Sonepur

(1) Other details can be seen from detailed notice
(2) Inviting tenders, available in website www.tendersodishagov.in
(3) Corrigendum if any shall only be published in the website : www.tenderodisha.gov.in

Sd./- Executive Engineer
Rural Works Division, Sonepur
OIPR-25054/11/0030/2425

**ODISHA PUBLIC SERVICE COMMISSION**
**19, DR. P.K. PARIJA ROAD, CUTTACK-753001**
**ADVERTISEMENT NO. 01 OF 2025-26**
NO.D-08
**Website - https://opsc.gov.in**

| | |
|---|---|
| I. | Assistant Director of Factories and Boilers (Group-A) (JB) Odisha Factories and Boilers Inspection Service Cadre under the Labour and Employees' State Insurance Department |
| II. | No. of Vacancies-02 |

Online applications are invited from the prospective candidates through the Proforma Application Form to be made available on the WEBSITE (http://opsc.gov.in). The link for registration and submission of online application shall be available from **16.04.2025 to 15.05.2025 (Note- 15.05.2025 is the last date/closing date for submission of Registered Online Application)** for recruitment to **02** posts of Assistant Director of Factories & Boilers in the Group-A (JB) of Odisha Factories and Boilers Inspection Service Cadre under Labour & ESI Department in the scale of pay Rs. 56100/- in Level-12, Cell-1 of the pay matrix as per ORSP Rules, 2017 with usual Dearness and other Allowances as may be sanctioned by the Government from time to time. The Examination will be conducted in accordance with the provisions of the Odisha Factories and Boilers Inspection Service (Recruitment and Conditions of Service) Rules, 1984 as amended from time to time.

2. **VACANCY POSITION** :
As per requisition filed by the Labour and ESI Department, Government of Odisha, **the vacancy position for the post of Assistant Director of Factories and Boilers is 02 i.e. UR-01 & SEBC- 01.**

3. **AGE** :
A candidate must have attained the age of 21 years and must not be above the age of 32 years as on the **1st August, 2025,** i.e. he/ she must not have been born earlier than **2nd August, 1993** and not later than **1st August, 2004**.

4. **EDUCATIONAL QUALIFICATION** :
A candidate **should hold a Degree in Mechanical Engineering** of a recognised University or any qualification declared by the Union or State Public Service Commission as equivalent thereto and **should have practical experience of at least 2 years** in a workshop or manufacturing concern of good standing or in design, construction, operation or maintenance of boilers.

**Note** :
**1. The degrees/ subjects which are equivalent to a Degree in Mechanical Engineering are :**
- A Mechanical Engineering Degree obtained from any institute, which is recognized by AICTE or
- A Mechanical Engineering Degree obtained from "The Institution of Engineers" or
- A Mechanical Engineering Degree obtained from "Institution of Mechanical Engineers (India)".

**2. The Certificate showing Practical Experience of at least 2 years must have been obtained after completion of Degree in Mechanical Engineering.**
**3. The Authority competent to issue the Practical Experience Certificate shall be :**
- Owner of the unit in case of a proprietorship firm ;
- Any one of the partner, in case of a partnership firm;
- Anyone of the Director or Unit Head or HR Head in case of a Private Limited firm.
- The unit Head or HR Head in case of a Public Limited firm

**4. Candidates are to upload their Practical Experience Certificate along with the online application form.**

5. **METHOD OF SELECTION** :
The method of selection will consist of the following stages :
a. Written Examination (Objective Type) - 300 marks
i. Paper-I – 100 marks - 100 questions } Each paper
ii. Paper-II - 200 marks - 100 questions } duration - 2 hours
(Negative markings for wrong answers - **25 (twenty-five) percent** of marks allotted to a particular item (question) will be deducted as negative marking for every wrong response (answer).
b. Interview - 30 (thirty) marks (No minimum qualifying mark)
**The details of Plan of Examination, Scheme, Subjects & Syllabus for the Written Examination is available in the Long Advertisement.**

6. **WRITTEN EXAMINATION** :
The Written Examination will be conducted on 3rd August, 2025 (Sunday). The detailed schedule and centers for the Examination will be intimated in due course.

7. **HOW TO APPLY** :
Candidates must go through the details of this Advertisement available on the website of OPSC before filling up of online application form.
Candidates must apply online though the website of OPSC http://opsc.gov.in. Applications received through any other mode would not be accepted and summarily be rejected.

CUTTACK
DT - 10.04.25
OIPR-12002/11/0184/2425

Sd./- SECRETARY
ODISHA PUBLIC SERVICE COMMISSION
CUTTACK

**ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ.**
Utkalika
ଡି-୨/୩ ଏବଂ ୪, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ରସୁଲଗଡ଼,
ଭୁବନେଶ୍ୱର-୭୫୧୦୧୦ (ଓଡ଼ିଶା), ଫୋନ୍: ୦୬୭୪-୨୯୭୫୩୯୦
GSTN: 21AAAAO0096K2ZQ
E-mail: oschcutkalika@gmail.com, Website: www.utkalikaodisha.com

ଚିଠି ନଂ. ୧୧୮୩ ତାରିଖ: ୧୦।୦୪।୨୫

**ଚୂନାର ପଥର ନିମନ୍ତେ ବିଜ୍ଞପ୍ତି**

No. CAD-94: ଏତଦ୍ୱାରା ଓଡ଼ିଶାର ସମସ୍ତ ବ୍ୟକ୍ତିଗତ ପ୍ରସ୍ତର ଶିଳ୍ପୀ/ସମବାୟ ସମିତି/ସ୍ୱୟଂ ସହାୟକ ଗୋଷ୍ଠୀ/ରେଜିଷ୍ଟ୍ରିଭୁକ୍ତ ସଂସ୍ଥାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ. (ଉତ୍କଳିକା) ସୁଲଭ ମୂଲ୍ୟରେ ଚୂନାର ପଥର କଞ୍ଚାମାଲ ଯୋଗାଇ ଦେଉଅଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସେମାନଙ୍କର ଆବଶ୍ୟକ ହେଉଥିବା ସାଇଜ ଚୂନାର ପଥର କଞ୍ଚାମାଲ ନିମ୍ନ ପ୍ରଦତ୍ତ ସାରଣୀରେ ପୂରଣ କରି ପରିଚାଳନା ନିର୍ଦ୍ଦେଶିକା, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା), ଡି-୨/୩ ଏବଂ ୪, ରସୁଲଗଡ଼ ଶିଳ୍ପାଞ୍ଚଳ, ରସୁଲଗଡ଼, ଭୁବନେଶ୍ୱର-୭୫୧୦୧୦ ଠିକଣାରେ ତା୩୦।୦୪।୨୦୨୫ରିଖ ସୁଦ୍ଧା ଆବେଦନ କରିପାରିବେ।

**ଆବେଦନ ପତ୍ର**

| କ୍ରମିକ ନଂ. | ବିବରଣୀ | ସାଇଜ | ପରିମାଣ |
|---|---|---|---|
| ୧ | | | |
| ୨ | | | |
| ୩ | | | |
| ୪ | | | |
| ୫ | | | |

ଆବେଦନକାରୀଙ୍କ ନାମ ଓ ଠିକଣା:
ଦୂରଭାଷ/ମୋବାଇଲ ନଂ.:
ସ୍ୱାକ୍ଷର:

ସ୍ୱା./- ପରିଚାଳନା ନିର୍ଦ୍ଦେଶିକା
ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ., ଭୁବନେଶ୍ୱର
OIPR-31041/11/0055/2425

See Career Appointment on every Wednesday & Saturday

**OFFICE OF THE EXECUTIVE ENGINEER, P.H. DIVISION, ANGUL** No. C-69
Ph. (06764) 296431, Email: eephangul@yahoo.in
**GOVERNMENT OF ODISHA**
**Bid Identification No. SE PH Division Angul - 01/2025-26 Dt.05.04.2025**

| | | | |
|---|---|---|---|
| 1. | Name of the Work | : | 01 (One) No. |
| 2. | Type of Bid | : | Double Bid System |
| 3. | Estimated Cost | : | Rs.83.12 Lakhs |
| 4. | Period of Completion | : | 03 (Three) Months |
| 5. | Date & time of availability of Bid document in the Portal | : | From 11.00 A.M. of 11.04.2025 to 5.00 P.M. of 25.04.2025 |
| 6. | Last date/time of receipt of bids in the Portal | : | 5.00 P.M. of 25.04.2025 |
| 7. | Date & time of Opening of Technical Bids | : | At 11.00 A.M. of 28.04.2025 |
| 8. | Name & address of the Officer Inviting Bid | : | Superintending Engineer, P.H. Division, Angul |
| 9. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/ cancellation of tender can also be seen in the said website. | | |

Sd./- (Er. Prasanta Behera)
Superintending Engineer, P.H. Division, Angul
OIPR-13056/11/0017/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ଭାରତକୁ ମିଳିବ

**ନୂଆଦିଲ୍ଲୀ,୧୦।୪(ପି.ଟି.)**

୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ଭାରତକୁ ମିଳିବ। ଏହି ଇଭେଣ୍ଟ ଆୟୋଜନ ଲାଗି କାନାଡା ଓ ନାଇଜେରିଆ ଇଚ୍ଛା ପ୍ରକଟ କରୁଥିବା ସତ୍ତ୍ୱେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଗୁରୁବାର ଏଭଳି ଦୃଢ଼ୋକ୍ତି ଦେଇଛନ୍ତି। ମାର୍ଚ୍ଚ ୩୧ ତାରିଖ ସମୟସୀମା ମଧ୍ୟରେ ଉଭୟ କାନାଡା ଓ ନାଇଜେରିଆ ଏକ୍ସପ୍ରେଶନ ଅଫ ଇଣ୍ଟରେଷ୍ଟ (ଇଓଆଇ) ଦାଖଲ କରିଛନ୍ତି।

ମୋତେ ସୂଚନା ମିଳିଛି ଯେ, କାନାଡା ଓ ନାଇଜେରିଆ ଇଚ୍ଛା ପ୍ରକଟ କରିଛନ୍ତି। କିନ୍ତୁ ଆମେ ନିଶ୍ଚିତ ଯେ, ଭାରତକୁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ମିଳିବ। ଯଦି ଭାରତକୁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ମିଳେ, ତେବେ ଆମେ ୨୦୩୬ ଅଲିମ୍ପିକ୍ସ ଆୟୋଜନ ଲାଗି ଦକ୍ଷ ବୋଲି ପ୍ରଦର୍ଶିତ କରିପାରିବୁ। ଏ ସଂକ୍ରାନ୍ତରେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ସହ ପରାମର୍ଶ ଚାଲିଛି। ଜୁନ୍‌ରେ ନୂଆ ଆଇଓସି ସଭାପତି କ୍ରିଷ୍ଟି କୋଭେଣ୍ଟ୍ରି ଦାୟିତ୍ୱ ନେଲା ପରେ ଭାରତ ତା'ର ଯୋଜନାକୁ ପ୍ରଦର୍ଶିତ କରିବାକୁ ପ୍ରସ୍ତୁତ ବୋଲି ମାଣ୍ଡବ୍ୟ କହିଛନ୍ତି। ଆସନ୍ତା ବର୍ଷ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ଅଷ୍ଟ୍ରେଲିଆର ଭିକ୍ଟୋରିଆ ବଦଳରେ ଗ୍ଲାସଗୋରେ ହେବ। ଆୟୋଜନ ଲାଗି ଖର୍ଚ୍ଚ ବୃଦ୍ଧି ପାଉଥିବାରୁ ଭିକ୍ଟୋରିଆ ଆୟୋଜନରୁ ପଛଘୁଞ୍ଚା ଦେଉଛି। ଏଥିଯୋଗୁ ପରବର୍ତ୍ତୀ ସଂସ୍କରଣ ଗ୍ଲାସଗୋରେ ହେବ ଏବଂ ଏଥିରୁ ବକ୍ସିଂ, ରେସଲିଂ, ହକି, କ୍ରିକେଟ, ବ୍ୟାଡ୍‌ମିଣ୍ଟନ ଓ ଶୁଟିଂ ଆଦି ଇଭେଣ୍ଟକୁ ବାଦ ଦିଆଯାଇଛି।

# ଓଡ଼ିଶାକୁ ୬ ପଦକ



ପଦକ ବିଜେତା ଓଡ଼ିଶା ଦଳ।

**ଭୁବନେଶ୍ୱର,୧୦।୪(ଅନାଦି କର)**

## ସିନିୟର ଅସ୍ମିତା ଖେଲୋ ଇଣ୍ଡିଆ ପେଞ୍ଚକ ସିଲାଟ ଚାମ୍ପିୟନଶିପ୍

ଜମ୍ମୁ-କଶ୍ମୀରର ଶ୍ରୀନଗରଠାରେ ଚାଲିଥିବା ସିନିୟର ଅସ୍ମିତା ଖେଲୋ ଇଣ୍ଡିଆ ପେଞ୍ଚକ ସିଲାଟ ଚାମ୍ପିୟନଶିପରେ ଓଡ଼ିଶା ଆଥଲେଟ୍‌ମାନେ ୬ ପଦକ ଜିତିଛନ୍ତି। ପଦକ ତାଲିକାରେ ୧ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ରହିଛି। ଓଡ଼ିଶା ଦଳର କୋଚ ରାହୁଲ ସା'ଙ୍କ ତତ୍ତ୍ୱାବଧାନରେ ୧୮ ଜଣ ଓଡ଼ିଆ ଆଥ୍‌ଲେଟ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଟାଣ୍ଡିଂ ଇଭେଣ୍ଟର ୭୦ରୁ ୭୫ କେଜି ଓଜନ ବର୍ଗରେ ଖୋର୍ଦ୍ଧାର ପ୍ରିଜାଲିନ ତରାଇ (କ୍ଲାସ ଏଫ୍) ରୌପ୍ୟ ପଦକ ଜିତିଥିବାବେଳେ ୬୦ରୁ ୬୫ କେଜି ବର୍ଗରେ ମୟୂରଭଞ୍ଜର ଗାୟତ୍ରୀ ବଦ୍ରା (କ୍ଲାସ ଡି') ଓ ୭୫ରୁ ୮୦ କେଜି ବର୍ଗରେ ସମ୍ବଲପୁରର ପାୟଲ ତାଣ୍ଡି (କ୍ଲାସ ଜି) ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିଭଳି ସୋଲୋ ଇଭେଣ୍ଟରେ ଝାରସୁଗୁଡ଼ାର ତାନ୍ୟା ଠାକୁର, ଗାଣ୍ଡା ଇଭେଣ୍ଟରେ ମୟୂରଭଞ୍ଜର ଉମାବତୀ ପାତ୍ର ଓ ଝାରସୁଗୁଡ଼ାର ଲିଲାବତୀ ରଣା ବ୍ରୋଞ୍ଜ ପଦକ ହାତେଇଛନ୍ତି। ପ୍ରତିଯୋଗିତାରେ ସୁଚାରୁରୂପେ ରେଫ୍ରିଶିପ ତୁଲାଇଥିବାରୁ ପ୍ରେମ ସିଂ ଥାପାଙ୍କୁ ସାଇ ଓ ଖେଲୋ ଇଣ୍ଡିଆ ପକ୍ଷରୁ ସମ୍ମାନିତ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପେଞ୍ଚକ ସିଲାଟ ଆସୋସିଏଶନ ଓଡ଼ିଶାର ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି ଓ ପେଞ୍ଚକ ସିଲାଟ ଆସୋସିଏଶନ ଖୋର୍ଦ୍ଧାର ସମ୍ପାଦକ ତିତେନ୍ଦ୍ର କୁମାର ରାଉତ ଅଭିନନ୍ଦନ ଜଣାଇଛନ୍ତି।

# ସିଆଇଏସ୍‌ଏଫ୍, ବିଏସ୍‌ଏଫ୍, ସିଆର୍‌ପିଏଫ୍, ମଣିପୁର ବିଜୟୀ

**ଭୁବନେଶ୍ୱର,୧୦।୪ (ଅନାଦି କର)**

## ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍‌ରେ ଗୁରୁବାର ଖେଳାଯାଇଥିବା ଭିନ୍ନ ଭିନ୍ନ ମ୍ୟାଚରେ ସିଆଇଏସ୍‌ଏଫ୍, ବିଏସ୍‌ଏଫ୍, ସିଆର୍‌ପିଏଫ୍ ଓ ମଣିପୁର ବିଜୟୀ ହୋଇଛନ୍ତି।

ଆଜିର ପ୍ରଥମ ମ୍ୟାଚରେ ସିଆଇଏସ୍‌ଏଫ୍ ୩-୨ ଗୋଲରେ ଏସ୍‌ଏସ୍‌ବିକୁ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚରେ ବିଏସ୍‌ଏଫ୍ ୬-୦ ଗୋଲରେ କେରଳ ପୋଲିସକୁ ହରାଇଥିଲା। ତୃତୀୟ ମ୍ୟାଚ ସିଆର୍‌ପିଏଫ୍ ଓ ତାମିଲନାଡୁ ପୋଲିସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ସିଆର୍‌ପିଏଫ୍ ୫-୨ ଗୋଲରେ ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚରେ ମଣିପୁର ପୋଲିସ ୪-୨ ଗୋଲରେ ପଶ୍ଚିମବଙ୍ଗ ପୋଲିସକୁ ହରାଇଥିଲା। ଖେଳ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନର ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ, ଡିଆଇଜି (କ୍ରାଇମବ୍ରାଞ୍ଚ) ବାତୁଲା ଗଙ୍ଗାଧର, ରେଳବାଇ (କଟକ) ଏସ୍‌ପି ବିବେକାନନ୍ଦ ଶର୍ମା ପ୍ରମୁଖ ବିଭିନ୍ନ ମ୍ୟାଚରେ ଅତିଥି ଭାବେ ଯୋଗଦେଇଥିଲେ।

# ପୂର୍ବତନ ବାସ୍କେଟବଲ ଅଧିନାୟକଙ୍କ ପରଲୋକ

**ପିଥୋରାଗଡ଼, ୧୦।୪ (ପି.ଟି.)**

ବିଶିଷ୍ଟ ବାସ୍କେଟବଲ ଖେଳାଳି ତଥା ଭାରତୀୟ ଦଳର ପୂର୍ବତନ ଅଧିନାୟକ ହରିଦତ୍ତ କାପ୍ରିଙ୍କର ୮୩ ବର୍ଷୀୟ ବୟସରେ ତାଙ୍କ ନିଜସ୍ୱ ବାସଭବନରେ ପରଲୋକ ଘଟିଛି। ସେ ତାଙ୍କର ସ୍ତ୍ରୀ ଓ ଦୁଇ ପୁତ୍ରସନ୍ତାନକୁ ଛାଡ଼ି ଚାଲିଯାଇଛନ୍ତି। କାପ୍ରି ୧୯୬୯ରେ ଅର୍ଜୁନ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ତାଙ୍କ ନେତୃତ୍ୱରେ ୧୯୬୯ରେ ଭାରତୀୟ ବାସ୍କେଟବଲ ଦଳ ଏସିଆରେ ୭ମରୁ ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇପାରିଥିଲେ। ତାଙ୍କ ଅଧିନାୟକତ୍ୱରେ ଭାରତ ୧୯୬୫ରୁ ୧୦୭୮ ମଧ୍ୟରେ ସିରିଜ କ୍ରମାଗତ ବିଜୟ ଲାଭ କରିଥିଲା। ଉତ୍ତରାଖଣ୍ଡ ସରକାରଙ୍କ ଦ୍ୱାରା ସେ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ ହୋଇଥିଲେ।


# Classified Everyday
0674-2580101, 9692975378


**AUTOMOBILE SALE**

For Sale Innova Crysta, Landrover, Dezire, Hondacity, Mercedes, Fortuner Ertiga CNG for details contact: 7381091234, 7077731532. D-76254


**REAL ESTATE SALE**

**Gharabari plot with compoundwall 52x40 2080sft. at lowest price 7K.M. from NAKHARA, 12K.M. from BHUBANESWAR also instalment basis (middle of CTC & BBSR) no interest. 7809525452.** D-76439




Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-033

Positively health benefited SPA by expert female therapist. 9114559860. D-76907

Newly open Jyoti SPA positively health benefits (Expert therapist). 8458067955. D-76908

Positivelyhealthbenefited spa by expert female therapist, Bapujinagar. 8018429809 D-76906

**AFFIDAVIT**

By virtue of an affidavit CF No.-582, dated 10.4.2025 sworn before the Executive Magistrate, Kuchinda, I, Ashman Patel, Mob No.6370777415, R/o. Village- K.Jamankira, P.S.- Mahulpali, Dist.- Sambalpur, Odisha, PIN- 768227 declare that I have changed my name from Ashman Kumar Patel to Ashman Patel. Now onwards I shall be known as Ashman Patel for all future purposes. D-123

By virtue of an affidavit sworn before the Executive Magistrate, Dharmasala, dated- 08.04.2025, Indramani Malik, At- Pratappur, P.O.- Neulpur, P.S.- Dharmasala, Dist.- Jajpur, PIN- 755024, Odisha declare that I have changed my son name from Paritis Mallik to Pratyush Malik. Henceforth, he shall be known as Pratyush Malik for all future purposes. Indramani Malik. D-119

ମୁଁ, ଭଗବାନ ପାତ୍ର, ପି- ସ୍ୱର୍ଗତ ହାଡ଼ିବନ୍ଧୁ ପାତ୍ର, ଜାତି କୁମୁଟି, ସା/ପୋ- ରଙ୍ଗଣୀପାଟଣା, ଥାନା- ଓଡ଼ଗାଁ, ଜିଲ୍ଲା- ନୟାଗଡ଼, ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଓଡ଼ଗାଁଙ୍କ ନିକଟରେ ସତ୍ୟପାଠ ଦ୍ୱାରା ଜଣାଉଛି ଯେ, ୩।୯।୧୯୮୩ ତାରିଖଠାରୁ ମୋ ଆଈ ମୋତେ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିବାରୁ ସେହିଦିନଠାରୁ ମୋର ନାମ ଭଗବାନ ସୁବୁଦ୍ଧି, ପି-କାଶୀନାଥ ସୁବୁଦ୍ଧି, ମାତା- ରୂପା ସୁବୁଦ୍ଧିଙ୍କର ପୁତ୍ର ରୂପେ ବିବେଚିତ ହୋଇ ଆସୁଛି। ବର୍ତ୍ତମାନ ଏହି ଘୋଷଣାନାମା ପ୍ରକାଶ କରୁଛି କି, ମୋର ନାମ ଭଗବାନ ପାତ୍ର, ପିତା- ହାଡ଼ିବନ୍ଧୁ ପାତ୍ର ବଦଳରେ ସର୍ବତ୍ର ଭଗବାନ ସୁବୁଦ୍ଧି, ପିତା- କାଶୀନାଥ ସୁବୁଦ୍ଧି, ମାତା ରୂପା ସୁବୁଦ୍ଧି ରୂପେ ବିବେଚିତ ହୋଇ ମୋର ନାମ ଭଗବାନ ସୁବୁଦ୍ଧି ସ୍ୱାକ୍ଷର କରୁଅଛି। ଧ-୧୨୫

I, Benar Patra, R/o. Village- Dhekunkupa, P.O.- Nunpur, P.S.- M. Rampur, Dist.- Kalahandi declare by this affidavit No.- 2025, dated 09.04.25 that I have changed my daughter's name from Mancini Patra to Nandini Patra. Now onwards she shall be known as Nandini Patra for all future purposes. D-114

I, Neemisha Rani Nanda, D/o- Basanta Nanda, R/o. At- Chandrapur, P.O.- Jarasingha, P.S.- Deogaon, Dist.- Balangir, Odisha, PIN- 767067 declare by this affidavit No. 2413, dated 03.03.25 that I have changed my name from Nimisarani Nanda to Neemisha Rani Nanda. Now onwards I shall be known as Neemisha Rani Nanda for all future purposes. D-113

By virtue of an affidavit sworn before the Executive Magistrate, Dhenkanal, dated- 07.04.2025, I, Swarnalata Sahoo, Address: At-Deogaon, P.O.-Kapilash, P.S.- Gondia, Dist.-Dhenkanal, PIN-759016, declare that I have changed my name from Swarnalata Mohapatra to Swarnalata Sahoo. Henceforth, I shall be known as Swarnalata Sahoo for all future Purposes. D-76810

By virtue of an affidavit sworn before Executive Magistrate, Bhubaneswar, date 09.04.2025, I, Rajakishor Srichandan, Address: At/P.O.- Mendhasal, P.S.- Chandaka, Dist.- Khurdha, declare that I have changed my daughter's name from DIBYASHREE SRICHANDAN to DIVYASHREE PRIYADARSHINI. Henceforth, she shall be known as DIVYASHREE PRIYADARSHINI for all purposes. Rajakishor Srichandan D-89

By virtue of an affidavit sworn before Executive Magistrate, Bhubaneswar, date 07.04.2025, I, Tapas Kumar Mallik, Address: At/P.O.- Kuanarpur, P.O.- Bhera, P.S.- Salipur, Dist.- Cuttack, declare that I have changed my daughter's name from Krishan Priyadarshini Mallik to Sudeshna Priyadarshinee. Henceforth, she shall be known as Sudeshna Priyadarshinee for all purposes. Tapas Kumar Mallik D-116

By virtue of an affidavit sworn before Executive Magistrate, Puri, dated 02.04.2025, I, Srimati Swain, At- Basukera, P.O.- Sakhigopal, P.S.- Satyabadi, Dist.- Puri, PIN-752014, declare that I have changed my name from Swarnalata Dei to Srimati Swain. Henceforth, I shall be known as Srimati Swain for all purposes. Srimati Swain D-117

By this affidavit sworn before the Notary Public, Birmaharajpur, I, Rusudh Samal, R/o. Village- Kardapal, P.O.- Mursundhi, P.S.- Birmaharajpur, Dist.- Subarnapur declare that in Aadhaar Card bearing No.xxxx xxxx 9541 my son's name has been wrongly mentioned as Maheswar Samal, S/o- Rushadha Samal instead of Pritam Samal, S/o- Rusudh Samal. Now I have changed his name to Pritam Samal, S/o- Rusudh Samal for all future purposes. D-124

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

I, Biswajit Barpanda, S/o-Narasingh Barpanda, aged about 54 years, R/o-Matru Vihar, Danipali Near Sai Mandir, P.O.-Budharaja, P.S.-Ainthapali, Dist.- Sambalpur-768004, in the State of Odisha, solemnly declare that I have Changed my Name as Biswajit Badpanda vide affidavit No.- 16AA 549329 before the Notary Sambalpur, dated- 03.03.2025. Now onwards I shall be known as Biswajit Badpanda for all future purpose. D-122

Before the Notary Public, Athagarh, I, Biswabhusan Barik, aged about 46 years, S/o- Late Brajasundar Barik, At- Champapur, P.O.- Mahakalabasta, P.S.- Khuntuni, Dist.- Cuttack hereby declare that the power of Attorney holder namely Pabitra Mohan Sahu and Biswaranjan Barik Vide e-registration document No.- 40402301450 on dated- 03.05.2023, before the SRO, Athagarh has been cancelled/ revoked as per deed of revocation of power of Attorney vide e- registration document No.- 40402500643, dated- 27.03.2025. Athagarh date- 07.04.2025 Biswabhusan Barik D-126

I, Kalpana Manjari Singh, W/o- Akshaya Kumar Swain, resident of Plot No.-18, Sai Nivas, Near NH, Indira Housing Colony, P.O.- Old Town, P.S.-Sri Lingaraj, Bhubaneswar, Dist.- Khordha, PIN-751002, Odisha declare by this affidavit No.- C.F./92 dtd. 07.04.2025 that now onwards I shall be known as Kalpana Swain for all future purposes. D-76440

I, Anjela Dhanwar, aged about 34 years, W/o- Late Sachin Dhanwar, resident of Village-Junani, P.O.- Rangiatikra, P.S.- Govindpur, Dist.- Sambalpur, Odisha do hereby Solemnly affirm and declare as under- I have Aadhaar Card vide No.-XXXX XXXX 8415 in which my name has been wrongly mentioned as Anjali Dhanwar.That Anjela Dhanwar and Anjali Dhanwar denotes to one and same person, i,e myself.
Anjela Dhanwar D-127

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଧୋବୁଣି ନାହାକ**
ଆବିର୍ଭାବ: ୦୧।୦୧।୧୯୪୫
ତିରୋଧାନ: ୦୧।୦୪।୨୦୨୫
ତୁମର ସ୍ନେହ, ଶ୍ରଦ୍ଧା, ଉପଦେଶ ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ହତଭାଗା/ହତଭାଗିନୀ: ଚିତ୍ତରଞ୍ଜନ ନାହାକ, ତପସ୍ୱିନୀ ନାହାକ, ରାମଚନ୍ଦ୍ର ନାହାକ, ବାସନ୍ତି ନାହାକ, ଦେବକୀ ନାହାକ, ସମାପ୍ତି ନାହାକ, ବନ୍ଧୁ ଓ ପରିବାରବର୍ଗ
ଧ-୧୧୨

**2nd Death Anniversary**
**In Treasured Memory of**



**NARENDRA PRASAD DAS**
**18.10.1936 to 11.04.2023**
"Baba" – We continue to love you every moment of our lives. Your presence surrounds us and your love is still our guide. With each passing day, we fondly recall the moments shared, finding solace in the enduring love you bestowed upon us. We miss you…
**Fondly Remembered by:**
**Arihant, Abhijat, Nirali, Biswajit (Tutu), Mamata, Niyati, Family & Friends.**
ଧ-୧୧୮


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମହିଳା ହକିର ସଫଳ ବିନ୍ଧାଣି

**ଦୀର୍ଘ ୧୫ ବର୍ଷ ଧରି ଭାରତୀୟ ମହିଳା ହକିର ସେବା ପରେ ଅବସର ଘୋଷଣା କରିଛନ୍ତି ତାରକା ଫରୱାର୍ଡ ବନ୍ଦନା କାଟରିଆ। ଦେଢ଼ ଦଶନ୍ଧିରୁ ଊର୍ଦ୍ଧ୍ୱ ଭାରତୀୟ ମହିଳା ହକି ଦଳର ସଫଳତାରେ ସେ ସାଜିଥିଲେ ଅନ୍ୟତମ ମୁଖ୍ୟ ବିନ୍ଧାଣି। ଭାରତ ପକ୍ଷରୁ ସର୍ବାଧିକ ମ୍ୟାଚ ଖେଳିବାର ଗୌରବ ମଧ୍ୟ ସେ ଲାଭ କରିଛନ୍ତି। ଅନ୍ତର୍ଜାତୀୟ ହକିକୁ ଅଲ୍‌ବିଦା ଜଣାଇଥିଲେ ହେଁ ବନ୍ଦନା ଏଚ୍‌ଆଇଏଲ୍ ଓ ଅନ୍ୟ ଘରୋଇ ପ୍ରତିଯୋଗିତାରେ ଖେଳିବେ ବୋଲି ସ୍ପଷ୍ଟ କରିଛନ୍ତି...**

ଭାରତୀୟ ମହିଳା ହକିକୁ ଦୀର୍ଘ ୧୫ ବର୍ଷର ସେବା ପରେ ଅବସର ଘୋଷଣା କରିଛନ୍ତି ତାରକା ଫରୱାର୍ଡ ବନ୍ଦନା କାଟରିଆ। ଦେଢ଼ ଦଶନ୍ଧିରୁ ଊର୍ଦ୍ଧ୍ୱ ଭାରତୀୟ ମହିଳା ହକି ଦଳର ସଫଳତାରେ ସେ ସାଜିଥିଲେ ଅନ୍ୟତମ ମୁଖ୍ୟ ବିନ୍ଧାଣି। କେବଳ ସେତିକି ନୁହେଁ ଭାରତ ପକ୍ଷରୁ ସର୍ବାଧିକ ମ୍ୟାଚ ଖେଳିବାର ଗୌରବ ମଧ୍ୟ ସେ ଲାଭ କରିଛନ୍ତି। ୧୯୯୨ ଏପ୍ରିଲ ୧୫ରେ ଜନ୍ମଗ୍ରହଣ କରିଥିବା ବନ୍ଦନା ଦେଶ ପକ୍ଷରୁ ୩୨୦ ମ୍ୟାଚରେ ପ୍ରତିନିଧିତ୍ୱ କରି ମୋଟ ୧୫୮ଟି ଗୋଲ ସ୍କୋର କରିଛନ୍ତି। ଏହା ତାଙ୍କ ଫିଟ୍‌ନେସ ଓ ଦକ୍ଷତାର ପ୍ରମାଣ ଦେଉଥାଏ।

୨୦୧୩ ଜୁନିୟର ମହିଳା ହକି ବିଶ୍ୱକପରେ ଚମତ୍କାର ପ୍ରଦର୍ଶନ କରି ସମସ୍ତଙ୍କୁ ପ୍ରଭାବିତ କରନ୍ତି ବନ୍ଦନା। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତ ବ୍ରୋଞ୍ଜ ପଦକ ଜିତିଥିବାବେଳେ ସେ ହୋଇଥିଲେ ଟପ୍ ସ୍କୋରର। ଟୁର୍ନାମେଣ୍ଟରେ ୫ ଗୋଲ ଦେଇଥିବା ବନ୍ଦନା ଆଉ ପଛକୁ ଫେରି ଚାହିଁ ନ ଥିଲେ। ୨୦୧୪ ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସେଥିଲେ ଅନ୍ୟତମ ସଦସ୍ୟା। ୨୦୧୬ ରିଓ ଅଲିମ୍ପିକ୍ସରେ ସେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ଚତୁର୍ଥ ସ୍ଥାନ ହାସଲ କରିଥିବା ଭାରତୀୟ ଦଳର ମଧ୍ୟ ସେ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲେ। ଆର୍ଜେଣ୍ଟିନାର ଲୁସିଆନା ଆୟିମର ଥିଲେ ତାଙ୍କ ଆଦର୍ଶ ଖେଳାଳି। ଭାରତୀୟ ମହିଳା ହକିପ୍ରତି ଅବଦାନକୁ ଦୃଷ୍ଟିରେ ରଖି ୨୦୨୧ରେ ତାଙ୍କୁ ଅର୍ଜୁନ ଓ ୨୦୨୨ ମାର୍ଚ୍ଚରେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

ସେତେବେଳେ ଉତ୍ତର ପ୍ରଦେଶ (ବର୍ତ୍ତମାନ ଉତ୍ତରାଖଣ୍ଡ) ହରିଦ୍ୱାର ଜିଲାର ରୋଶନାବାଦରେ ଜନ୍ମଗ୍ରହଣ କରିଥିଲେ ବନ୍ଦନା। ହରିଦ୍ୱାରସ୍ଥିତ ବିଏଚଇଏଲ୍‌ରେ ତାଙ୍କ ବାପା ଜଣେ ମାଷ୍ଟର ଟେକ୍ନିସିଆନ ଥିଲେ। ଗତ କିଛିବର୍ଷ ଧରି ଯେଉଁ କେତେଜଣ ଖେଳାଳିଙ୍କ ପ୍ରଦର୍ଶନରେ ବ୍ୟାପକ ଉନ୍ନତି ହୋଇଥିଲା ତା' ମଧ୍ୟରେ ବନ୍ଦନା ଅନ୍ୟତମ। ୨୦୦୬ରେ ସେ ଜୁନିୟର ଅନ୍ତର୍ଜାତୀୟ ପଦାର୍ପଣ କରିଥିବାବେଳେ ୨୦୦୯ରେ ସିନିୟର ସ୍ତରରେ ପ୍ରଥମେ ଜାତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ରୁଷିଆର କାଜାନରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ଚାମ୍ପିୟନ୍ସ ଚ୍ୟାଲେଞ୍ଜ-୨ ଟୁର୍ନାମେଣ୍ଟ ଥିଲା ସିନିୟର ସ୍ତରରେ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ପ୍ରତିଯୋଗିତା। ୨୦୧୩ ଜୁନିୟର ବିଶ୍ୱକପରେ ବ୍ରୋଞ୍ଜ ପଦକ ଜିତିବାପରେ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଥମଥରପାଇଁ ତାଙ୍କ ବାପାଙ୍କ ସାକ୍ଷାତକାର ନେଇଥିଲେ। ଏହା ତାଙ୍କୁ ଖୁବ୍ ଗର୍ବିତ କରିଥିଲା ବୋଲି ପ୍ରକାଶ କରିଥିଲେ ବନ୍ଦନା। ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କାନାଡ଼ା ବିପକ୍ଷରେ କ୍ୟାରିୟରର ୧୦୦ତମ ମ୍ୟାଚ ଖେଳିଥିଲେ ଏହି ଦକ୍ଷ ଫରୱାର୍ଡ। ସେହିବର୍ଷ ସେ ହକି ଇଣ୍ଡିଆର ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ମଧ୍ୟ ପାଇଥିଲେ। ୨୦୨୪-୧୫ ଏଫ୍‌ଆଇଏଚ୍ ହକି ୱାର୍ଲ୍ଡ ଲିଗ୍‌ରେ ଭାରତ ଚାମ୍ପିୟନ ହୋଇଥିବାବେଳେ ବନ୍ଦନା ଟପ୍ ସ୍କୋରର ଭାବେ ୧୧ ଗୋଲ ସ୍କୋର କରିଥିଲେ।

୨୦୧୬ ନଭେମ୍ବରରେ ସେ ଭାରତୀୟ ଦଳର ଅଷ୍ଟ୍ରେଲିଆ ଟୁର୍ ପାଇଁ ଅଧିନାୟିକା ଭାବେ ଅପରିବର୍ତ୍ତିତ ରହିଥିଲେ। ସେଠାରେ ଭାରତ ନଭେମ୍ବର ୨୩ରୁ ୩୦ ପର୍ଯ୍ୟନ୍ତ ଟେଷ୍ଟ ସିରିଜ ଖେଳିଥିଲା। ୨୦୧୮ ଏସିଆନ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ କୋରିଆଠାରୁ ହାରି ଭାରତ ରନରଅପ୍ ହୋଇଥିଲେ ମଧ୍ୟ ବନ୍ଦନା ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଥିଲେ। ୨୦୧୮ରେ ଭାରତୀୟ ଦଳ ସ୍ପେନ୍ ଗସ୍ତରେ ଥିବାବେଳେ ୫ ମ୍ୟାଚ ବିଶିଷ୍ଟ ସିରିଜର ୩ୟ ମ୍ୟାଚ ଖେଳି ସେ ୨୦୦ ମାଇଲଖୁଣ୍ଟ ସ୍ପର୍ଶ କରିଥିଲେ। ଏହାପରେ ସେ ଭାରତୀୟ ବିଶ୍ୱକପ ଦଳରେ ସାମିଲ ହୋଇଥିଲେ। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ବନ୍ଦନା ପ୍ରଥମ ଭାରତୀୟ ମହିଳା ଭାବେ ହ୍ୟାଟ୍ରିକ୍ ଗୋଲ ସ୍କୋର କରିଥିଲେ। ମାତ୍ର ସେମିଫାଇନାଲରେ ଆର୍ଜେଣ୍ଟିନାଠାରୁ ଭାରତ ହାରିବା ପରେ ତାଙ୍କ ପରିବାରକୁ ଜାତିଭିତ୍ତିକ ନିନ୍ଦା ଶୁଣିବାକୁ ମିଳିଥିଲା। ଦଳରେ ଅଧିକ ଦଳିତ ଖେଳାଳି ରହିଥିବାରୁ ଭାରତ ସେମିଫାଇନାଲରେ ହାରିଲା ବୋଲି କିଛି ଉଚ୍ଚଜାତିର ଲୋକ କହିବା ସହ ତାଙ୍କ ପରିବାରକୁ ଗାଳିଗୁଲଜ କରିଥିଲେ। ୨୦୨୧ ଅଗଷ୍ଟ ୮ରେ ତାଙ୍କୁ 'ବେଟୀ ବଚାଓ ବେଟୀ ପଢ଼ାଓ' ଅଭିଯାନର ଅନ୍ୟତମ ଆମ୍ବାସାଡର ନିଯୁକ୍ତ କରାଯାଇଥିଲା। କାଟାରିଆ ଗତ ଫେବୃୟାରୀରେ ଭୁବନେଶ୍ୱରରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗରେ ଭାରତ ପାଇଁ ଅନ୍ତିମ ମ୍ୟାଚ ଖେଳିଥିଲେ।

ଅନ୍ତର୍ଜାତୀୟ ହକିକୁ ଅଲ୍‌ବିଦା ଜଣାଇଥିଲେ ହେଁ ସେ ସମ୍ପୂର୍ଣ୍ଣଭାବେ ହକିରୁ ଅବସର ନେଉନାହାନ୍ତି ବୋଲି ବନ୍ଦନା ସ୍ପଷ୍ଟ କରିଛନ୍ତି। ''ମୁଁ ମୋ ଷ୍ଟିକ ଛାଡୁ ନାହିଁ। ମୁଁ ହକି ଇଣ୍ଡିଆ ଲିଗ ଓ ଅନ୍ୟ ଟୁର୍ନାମେଣ୍ଟରେ ଖେଳିବା ଓ ସ୍କୋର କରିବା ଜାରି ରଖିବି। ମୋତେ ମିଳିଥିବା ଭଲ ପାଇବା, ଅନୁଭୂତି ଓ ସ୍ମୃତିକୁ ନେଇ ଆଗକୁ ବଢ଼ିବି ବୋଲି ବନ୍ଦନା ପ୍ରକାଶ କରିଛନ୍ତି।


ଦିଲୀପ ତିର୍କୀଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ବନ୍ଦନା।

**''ମୁଁ ଅନ୍ତର୍ଜାତୀୟ ହକିରୁ ଦୂରକୁ ଯିବାର ନିଷ୍ପତ୍ତି ନେଇଛି। ଏହା ପଛର କାରଣ ନୁହେଁ ଯେ, ମୋ ଭିତରେ ଦେଶ ପାଇଁ ଖେଳିବା ଲାଗି ଥିବା ଭୋକ ମରି ଯାଇଛି। ମୁଁ ମୋ କ୍ୟାରିୟରର ଶୀର୍ଷରେ ଥାଇ ବିଦାୟ ନେବାକୁ ଚାହେଁ। ଥକି ପଡ଼ିଥିବାରୁ ନୁହେଁ, ବରଂ ମୁଁ ମୁଣ୍ଡ ଟେକି ଅନ୍ତର୍ଜାତୀୟ ହକି ଛାଡ଼ିବାକୁ ନିଷ୍ପତ୍ତି ନେଇଛି। ଦର୍ଶକଙ୍କ କୋଳାହଳ, ପ୍ରତ୍ୟେକ ଗୋଲର ରୋମାଞ୍ଚ ଓ ଭାରତୀୟ ଜର୍ସି ପିନ୍ଧିବାର ଗର୍ବ ମୋ ହୃଦୟରେ ସର୍ବଦା ରହିବ''**

**- ବନ୍ଦନା କାଟରିଆ**

### ସଂକ୍ଷେପରେ...

ନାମ: ବନ୍ଦନା କାଟରିଆ
ଜନ୍ମ: ୧୫ ଏପ୍ରିଲ, ୧୯୯୨, ରୋଶନାବାଦ, ଉତ୍ତର ପ୍ରଦେଶ (ଏବେ ଉତ୍ତରାଖଣ୍ଡ)
ପ୍ଲେଇଂ ପୋଜିଶନ: ଫରୱାର୍ଡ
ଜାତୀୟ ଦଳରୁ ପ୍ରତିନିଧିତ୍ୱ (୨୦୦୯ରୁ ୨୦୨୫)
ମ୍ୟାଚ: ୩୨୦, ଗୋଲ୍: ୧୫୮।
ପଦକ ରେକର୍ଡ
ଏସିଆନ ଗେମ୍ସ: ୨୦୧୮ ଜାକର୍ତ୍ତା-ରୌପ୍ୟ, ୨୦୧୪ ଇଞ୍ଚିଅନ-ବ୍ରୋଞ୍ଜ, ୨୦୨୨ ହାଙ୍ଗଝୋ-ବ୍ରୋଞ୍ଜ।
ରାଜ୍ୟଗୋଷ୍ଠୀ କ୍ରୀଡ଼ା: ୨୦୨୨ ବର୍ମିଂହାମ-ବ୍ରୋଞ୍ଜ।
ଏସିଆ କପ୍: ୨୦୧୭ ଗିଫୁ-ସ୍ୱର୍ଣ୍ଣ, ୨୦୧୩ କୁଆଲାଲମ୍ପୁର-ବ୍ରୋଞ୍ଜ, ୨୦୨୨ ମସ୍କଟ-ବ୍ରୋଞ୍ଜ।
ଏସିଆନ ଚାମ୍ପିୟନ୍ସ ଟ୍ରଫି: ୨୦୧୬ ସିଙ୍ଗାପୁର-ସ୍ୱର୍ଣ୍ଣ, ୨୦୨୩ ରାଞ୍ଚି-ସ୍ୱର୍ଣ୍ଣ, ୨୦୧୩ କାକାମିଗହରା-ରୌପ୍ୟ, ୨୦୧୮ ଡୋଙ୍ଗେ-ରୌପ୍ୟ।
ଏଫ୍‌ଆଇଏଚ୍ ନେସନ୍ସ କପ୍: ୨୦୨୨ ସ୍ପେନ୍-ସ୍ୱର୍ଣ୍ଣ।
ଜୁନିୟର ବିଶ୍ୱକପ: ୨୦୧୩ ମନଚେନ୍‌ଗ୍ଲାଡବ୍ୟାକ୍-ବ୍ରୋଞ୍ଜ।

**ପୁରସ୍କାର**
୨୦୨୧............... ଅର୍ଜୁନ
୨୦୨୨............... ପଦ୍ମଶ୍ରୀ


ବନ୍ଦନା କାଟରିଆ

## ବାପାଙ୍କ ସ୍ୱପ୍ନକୁ ସାକାରକଲେ ରେଣୁକା

# କପଡ଼ା ବଲରୁ ଅନ୍ତର୍ଜାତୀୟ କ୍ରିକେଟ

**ପିଲାଦିନେ ଗାଁରେ କପଡା ବଲରେ ଖେଳୁଥିଲି। ଏଥିଯୋଗୁ ବଲକୁ ଖୁବ୍ ଦ୍ରୁତ ଗତିରେ ଥ୍ରୋ କରିବାକୁ ପଡୁଥିଲା। ନ ହେଲେ ଏହା ବ୍ୟାଟରଙ୍କ ନିକଟରେ ପହଞ୍ଚି ପାରି ନ ଥାଏ। ଏଭଳି ଖେଳି ମୁଁ ଜଣେ ଫାଷ୍ଟ ବୋଲର ପାଲଟିଗଲି। କ୍ରିକେଟ ଖେଳିବା ମୋ ବାପାଙ୍କ ହବି ଥିଲା। ସେ ଚାହୁଁଥିଲେ, ତାଙ୍କ ପିଲାଙ୍କ ମଧ୍ୟରୁ ଜଣେ କେହି ଖେଳନ୍ତୁ। ବାପାଙ୍କର ଏହି ଇଚ୍ଛାକୁ ମୁଁ ଗୁରୁତ୍ୱର ସହ ନେଇଥିଲି...**

ଓମେନ ପ୍ରିମିୟର ଲିଗ(ଡବ୍ଲ୍ୟୁପିଏଲ୍)ର ତୃତୀୟ ସଂସ୍କରଣରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପାଇଁ ରେଣୁକା ସିଂ ଠାକୁର ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ସେ ସିଜନରେ ୭ ମ୍ୟାଚ ଖେଳି ୧୦ ଉଇକେଟ ନେଇଛନ୍ତି। ଏକଦା ଗାଁରେ କପଡା ବଲରେ ଖେଳିବା ଆରମ୍ଭ କରିଥିବା ରେଣୁକା ଏବେ ଅନ୍ତର୍ଜାତୀୟ ମହିଳା କ୍ରିକେଟରେ ଜଣେ ପରିଚିତ ଚେହେରା। ନିଜ ଦକ୍ଷତା ପ୍ରଦର୍ଶନ କରି ସେ ଏବେ ଭାରତୀୟ ଦଳର ମୁଖ୍ୟ ଫାଷ୍ଟ ବୋଲର ପାଲଟି ଯାଇଛନ୍ତି। ରେଣୁକାଙ୍କ ଲାଗି କ୍ରିକେଟ କେବଳ ଏକ ଖେଳ ନୁହେଁ। ଏହା ତାଙ୍କ ସ୍ୱର୍ଗତ ବାପାଙ୍କର ପୂରଣ ହୋଇପାରି ନ ଥିବା ସ୍ୱପ୍ନ ଥିଲା। ସେ ସାମ୍ନାରେ ଥିବା ବାଧାବିଘ୍ନକୁ ଖାତିର ନ କରି ତାଙ୍କ ବାପାଙ୍କ ସ୍ୱପ୍ନକୁ ପୂରା କରିବା ପାଇଁ ମନ ସ୍ଥିର କରିଥିଲେ। ''ମୁଁ ଛୋଟ ବେଳେ ଅଧିକ କ୍ରିକେଟ ଦେଖି ନ ଥିଲି। ଏହା ମୋର ହବି ଥିଲା। ଏହା ମୋ ପାଖକୁ କେଉଁଠୁ ଆସିଲା, ତାହା ମୋତେ ଜଣା ନାହିଁ। ଆମେ ଗାଁରେ ଆମେ କପଡା ବଲରେ ଖେଳୁଥିଲୁ। ଏଥିଯୋଗୁ ବଲକୁ ଖୁବ୍ ଦ୍ରୁତ ଗତିରେ ଥ୍ରୋ କରିବାକୁ ପଡୁଥିଲା। ନହେଲେ ଏହା ବ୍ୟାଟରଙ୍କ ନିକଟରେ ପହଞ୍ଚି ପାରି ନ ଥାଏ। ଏଭଳି ଖେଳି ମୁଁ ଜଣେ ଫାଷ୍ଟ ବୋଲର ପାଲଟିଲି। ମୁଁ ମୋ ମା'ଙ୍କ ସହିତ ବାପାଙ୍କ ସମ୍ପର୍କରେ ଅଧିକ କଥା ହୁଏ ନାହିଁ। ଦିନେ ମୋ ମା' ମୋତେ କହିଥିଲେ ଯେ, କ୍ରିକେଟ ଖେଳିବା ମୋ ବାପାଙ୍କ ହବି ଥିଲା। ସେ ଚାହୁଁଥିଲେ, ତାଙ୍କର ଛୁଆଙ୍କ ମଧ୍ୟରୁ ଜଣେ କେହି ଖେଳନ୍ତୁ। ବାପାଙ୍କର ଏହି ଇଚ୍ଛାକୁ ମୁଁ ଗୁରୁତ୍ୱର ସହ ନେଇଥିଲି। ଏଣୁ ସତ କହିବାକୁ ଗଲେ ମୋ ବାପାଙ୍କଠାରୁ ମୋତେ କ୍ରିକେଟ ମିଳିଛି। ଏହା ତାଙ୍କର ସ୍ୱପ୍ନ ଥିଲା।

ରେଣୁକାଙ୍କ ଲାଗି ସଫଳତାରେ ପହଞ୍ଚିବା ଆଦୌ ସହଜ ନ ଥିଲା। ସେ କ୍ରିକେଟ ଏକାଡେମୀରେ ଯୋଗ ଦେବା ପାଇଁ ଗାଁ ଛାଡ଼ିଥିଲେ। ଧୀରେ ଧୀରେ ଆଗକୁ ବଢ଼ୁଥିବା ବେଳେ ତାଙ୍କୁ ୧୯ ବର୍ଷରୁ କମ ଦଳରୁ ବାଦ୍ ଦିଆଯାଇଥିଲା। ଏହା ତାଙ୍କୁ ବାଧିଥିଲା। ଏ ସମ୍ପର୍କରେ ରେଣୁକା କୁହନ୍ତି ଯେ, ''ସେହି ସମୟରେ ଅନେକ କିଛି ଘଟୁଥିଲା। ମୁଁ ଦଳରୁ ବାଦ୍ ପଡ଼ିଥିବା ବେଳେ ମୋ ଭାଇ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏଭଳି ପରିସ୍ଥିତିରୁ ମୁଁ କେଉଁ ଭଳି ବାହାରି ବି ମୋତେ ଜଣାନଥିଲା। କିନ୍ତୁ ମୋତେ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ପସନ୍ଦ। ୧୯ ବର୍ଷରୁ କମ୍ ଦଳରୁ ବାଦ ପଡ଼ିବା ପରେ ମୁଁ ନିଜକୁ ପଚାରିଥିଲି ଯେ, ସେମାନଙ୍କୁ କେଉଁ ଭଳି ଭୁଲ ସାବ୍ୟସ୍ତ କରିପାରିବେ। ଏଥିଯୋଗୁ ମୁଁ ଅଧିକ ପରିଶ୍ରମ କରିବା ଆରମ୍ଭ କରିଥିଲି। ଏହି ପରିଶ୍ରମର ଫଳ ମୋତେ ୨୦୨୧ ଅକ୍ଟୋବରରେ ମିଳିଥିଲା। ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ପାଇଁ ପଦାର୍ପଣ କରିବାକୁ ସୁଯୋଗ ମିଳିଥିଲା। ୨୦୨୩ରେ ମୋତେ ଆର୍‌ସିବି ଉଦ୍‌ଘାଟନୀ ଡବ୍ଲ୍ୟୁପିଏଲ୍ ପାଇଁ ସାଇନ କରିଥିଲା। ଯଦିଓ ପ୍ରଥମ ସିଜନରେ ମୋତେ ମାତ୍ର ଗୋଟିଏ ଉଇକେଟ ମିଳିଥିଲା, କିନ୍ତୁ ଶିଖିବା କଦାପି ଛାଡ଼ି ନ ଥିଲି। ଚାପକୁ କେଉଁ ଭଳି ନିୟନ୍ତ୍ରଣ କରାଯାଏ, ତାହା ମୁଁ ବିଶ୍ୱର ଶ୍ରେଷ୍ଠ ବୋଲର ଯଶପ୍ରୀତ ବୁମରାଙ୍କଠାରୁ ଶିକ୍ଷା କରିଥିଲି ବୋଲି ରେଣୁକା ପ୍ରକାଶ କରିଛନ୍ତି। ଡବ୍ଲ୍ୟୁପିଏଲ୍ ପରେ ମୁଁ ବୁମ୍‌ରାଙ୍କ ସହ ଅନେକ ଥର କଥା ହୋଇଥିଲି। ଚାପର କେଉଁ ଭଳି ସମ୍ମୁଖୀନ ହେବା ଦରକାର ବୋଲି ତାଙ୍କୁ ମୁଁ ପ୍ରଶ୍ନ କରିଥିଲି। ସେ ଉତ୍ତରରେ କହିଥିଲେ ଯେ, ତୁମେ ଯେତେ ଅଧିକ ମ୍ୟାଚ ଖେଳିବ, ସେତେ ଅଧିକ ଚାପ ସହିତ ଅଭ୍ୟସ୍ତ ହୋଇଯିବ।

ଚଳିତ ସିଜନରେ ଯଦିଓ ତାଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦଳ ଆଶାନୁଯାୟୀ ପ୍ରଦର୍ଶନ କରିପାରି ନ ଥିଲା, କିନ୍ତୁ ତାଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଥିଲା। ସେ ସିଜନର ବିଭିନ୍ନ ପର୍ଯ୍ୟାୟରେ ପର୍ପଲ କ୍ୟାପର ଅଧିକାରୀ ହୋଇଥିଲେ। ଆର୍‌ସିବି ପାଇଁ ଖେଳିବାର ଅଭିଜ୍ଞତା ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ଆର୍‌ସିବି ପାଇଁ ଖେଳୁଥିବାରୁ ମୁଁ ନିଜକୁ ଭାଗ୍ୟବାନ ମନେକରୁଛି। କାରଣ ଆର୍‌ସିବି ଫ୍ୟାନ୍ସ ଖୁବ୍ ଭଲ। ଆମେ ଯେତେବେଳେ ଷ୍ଟାଡିୟମ ଯାଉ, ପୂରା ଷ୍ଟାଡିୟମ ଆର୍‌ସିବି...ଆର୍‌ସିବି... ସ୍ୱରରେ ପ୍ରକମ୍ପିତ ହୋଇଉଠେ। ଉପସ୍ଥିତ ଦର୍ଶକ ଯେଉଁଭଳି ଆମ ନାମ ନିଅନ୍ତି, ମୋତେ ତାହା ଖୁବ ପସନ୍ଦ। ଏହା ଆମକୁ ଉତ୍ସାହିତ କରେ। କିନ୍ତୁ ମୋଟାମୋଟି ଭାବେ ଗତ କିଛି ବର୍ଷରେ ମହିଳା କ୍ରିକେଟ ଖୁବ୍ ଆଗକୁ ବଢ଼ିଛି। ବର୍ତ୍ତମାନ ସୁଦ୍ଧା ଅନେକ ସୁବିଧା ମିଳୁଛି, ଟଙ୍କା ମଧ୍ୟ ବୃଦ୍ଧି ପାଇଛି। ଏଣୁ ଅନେକ ଲୋକ ଏହାକୁ ଏବେ ଏକ କ୍ୟାରିୟର ଭାବେ ଦେଖିପାରନ୍ତି। ମୁଁ ଯେତେବେଳେ ଘରକୁ ଯାଏ, ଛୋଟ ଛୁଆମାନେ ଗାଁରେ ଖେଳୁଥାଆନ୍ତି। ସେମାନେ ମୋ ପାଖକୁ ଆସି, ଦିଦି.. ଦିଦି ମୁଁ ତୁମ ଭଳି ହେବାକୁ ଚାହେଁ ବୋଲି କୁହନ୍ତି, ତାହା ମୋତେ ଖୁବ୍ ଆନନ୍ଦ ଦିଏ।

୧୯୯୬ ମସିହା ଜାନୁଆରୀ ୨ ତାରିଖରେ ହିମାଚଳ ପ୍ରଦେଶର ଶିମ୍‌ଲାରେ ରେଣୁକାଙ୍କ ଜନ୍ମ। ସେ ୨୦୧୯-୨୦ ସିଜନରେ ସିନିୟର ମହିଳା ଦିନିକିଆ ଲିଗ୍‌ରେ ସର୍ବାଧିକ ୩୩ ଉଇକେଟ ନେଇଥିଲେ। ଏଥିଯୋଗୁ ୨୦୨୧ ଅଗଷ୍ଟରେ ତାଙ୍କୁ ଭାରତୀୟ ମହିଳା ଦଳରୁ ପ୍ରଥମ ଥର ଡାକରା ଆସିଥିଲା। ସେହି ବର୍ଷ ଅକ୍ଟୋବର ୭ ତାରିଖରେ ଅଷ୍ଟ୍ରେଲିଆ ବିପକ୍ଷରେ ଅନ୍ତର୍ଜାତୀୟ ମହିଳା ଟି୨୦ କ୍ରିକେଟରେ ପଦାର୍ପଣ କରିଥିଲେ। ୨୦୨୨ ଜାନୁଆରୀରେ ତାଙ୍କୁ ଭାରତୀୟ ମହିଳା କ୍ରିକେଟ ବିଶ୍ୱକପ୍ ଦଳରେ ସାମିଲ କରାଯାଇଥିଲା। ସେ ଫେବୃଆରୀ ୧୮ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଅନ୍ତର୍ଜାତୀୟ ମହିଳା ଦିନିକିଆ କ୍ରିକେଟରେ ପଦାର୍ପଣ ମ୍ୟାଚ ଖେଳିଥିଲେ। ସେହି ବର୍ଷ ଜୁଲାଇରେ ତାଙ୍କୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି ଭାରତୀୟ ଦଳରେ ସ୍ଥାନ ମିଳିଥିଲା। ଏଥିରେ ଭାରତ ରୌପ୍ୟ ପଦକ ଜିତିଥିଲା। ୨୦୨୩ ମହିଳା ଟି୨୦ ବିଶ୍ୱକପ୍‌ରେ ଇଂଲଣ୍ଡ ବିପକ୍ଷ ମ୍ୟାଚରେ କ୍ୟାରିୟରରେ ପ୍ରଥମ ଥର ପାଇଁ ୫ ଉଇକେଟ ସଫଳତା ହାସଲ କରିଥିଲେ। ଠାକୁର ୨୦୨୩ ଡିସେମ୍ବରରେ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିଲେ। ୨୦୨୪ ଡିସେମ୍ବରରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଦିନିକିଆ କ୍ରିକେଟରେ କ୍ୟାରିୟରର ପ୍ରଥମ ୫ ଉଇକେଟ ସଫଳତା ପାଇଥିଲେ। ସେ ଏପର୍ଯ୍ୟନ୍ତ ଭାରତ ପାଇଁ ୩ ଟେଷ୍ଟ, ୧୯ ଦିନିକିଆ ଓ ୫୪ ଟି୨୦ ମ୍ୟାଚ ଖେଳିଛନ୍ତି। ଏଥିରୁ ସେ ୯୫ ଉଇକେଟ ନେଇଛନ୍ତି।



### ରେଣୁକାଙ୍କ କ୍ୟାରିୟର

| ଫର୍ମାଟ | ମ୍ୟାଚ | ଉଇକେଟ | ଶ୍ରେଷ୍ଠ ପ୍ରଦର୍ଶନ |
|---|---|---|---|
| ଟେଷ୍ଟ | ୩ | ୨ | ୧/୩୦ |
| ଦିନିକିଆ | ୧୯ | ୩୫ | ୫/୨୯ |
| ଟି୨୦ | ୫୪ | ୫୮ | ୫/୧୫ |

### ଫିଟ୍/ଅନ୍‌ଫିଟ

ଜାତୀୟ ମାଉଣ୍ଟେନ
ବାଇକ୍ ଚାମ୍ପିୟନଶିପ୍
ମୋ ଓଡ଼ିଶା ଭାଗନେବ
ହରିୟାଣାରେ ଏକୋଇଶତମ
ଏ କଣ୍ଟେଷ୍ଟ
ମୋର୍ନି ହିଲ୍ସରେ ହେବ
ତାପମାତ୍ରା ହାଇ ଥିବ
ହିଲ୍ ସାଇଡ୍ ରୋଡ୍ ପରିବେଶ କେଡ଼େ
ହାର୍ଡ ୱର୍କ ଥରେ ଭାବ।

ଅଠରତମ ଜାତୀୟ ଦୃଷ୍ଟି ବାଧିତ ଚେସ୍
ଚାମ୍ପିୟନଶିପ୍ ଶେଷ
ଟାଇ-ବ୍ରେକ୍ ସ୍କୋରରେ ଦର୍ପନ
ଇନାନୀ
ଚାମ୍ପିୟନ ମୋଡ଼େ ନିଶ
ଇଏ ଗୁଜରାଟ ଯଶ
ଇମ୍ପଶିବଲକୁ ପଶିବୁଲ କରେ
ଆଜିର ଦିବ୍ୟାଙ୍ଗ କୁଶ।




ଜାପାନିଜ୍ ଫର୍ମୁଲାୱାନ ଗ୍ରାଁ ପ୍ରି
ମୋଟର ରେସ୍‌କୁ ଜିତି
ସେବାଷ୍ଟିଆନ ରେକର୍ଡ
ସଙ୍ଗେ ଇକ୍ୟୁଆଲ
ଭର୍ଷ୍ଟାପେନ୍ ଏଠି ମାତି
ୱାକିଂ ସାଇକ୍ଲିଂ ନିତି
କରୁଥିବା ଲୋକ ଫିଟ୍, ଅନ୍‌ଫିଟ
ପେଟ୍ରୋଲ ପୋଡ଼ିଲେ ନାତି।

-ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୧/୨୦୨୫ Bhubaneswar, Friday, April 11/ 2025

# ଦିଲ୍ଲୀର ବିଜୟ ଧାରା ଜାରି



ଉଇକେଟ ନେବାପରେ ଉଲ୍ଲସିତ ଦିଲ୍ଲୀ ଖେଳାଳି।

**ବେଙ୍ଗାଲୁରୁ,୧୦।୪**

ବୋଲରଙ୍କ ମାପଚୁପ ବୋଲିଂ ଏବଂ ଲୋକେଶ ରାହୁଲଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ୬ ଉଇକେଟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ପରାସ୍ତ କରିଛି। ଏହି ବିଜୟ ସହ ଦିଲ୍ଲୀ ଚଳିତ ଲିଗ୍‌ର ଏକମାତ୍ର ଦଳ ଭାବେ ତା'ର ଅପରାଜେୟ ଧାରା ଜାରି ରଖିଛି। ଏହା ଦିଲ୍ଲୀ ପାଇଁ କ୍ରମାଗତ ଚତୁର୍ଥ ବିଜୟ ହୋଇଥିବା ବେଳେ ବେଙ୍ଗାଲୁରୁ ଲାଗି ଏହା ଦ୍ୱିତୀୟ ପରାଜୟ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗାଲୁରୁକୁ ଫିଲିପ ସଲ୍ଟ ଓ ବିରାଟ କୋହଲି ବିସ୍ଫୋରକ ଆରମ୍ଭ ଦେଇଥିଲେ। ଦୁହେଁ ପ୍ରଥମ ଉଇକେଟରେ ୩.୫ ଓଭରରେ ୬୧ ରନ କରିଥିଲେ। ଆଟାକିଂ ବ୍ୟାଟିଂ କରୁଥିବା ସଲ୍ଟ ଦୁର୍ଭାଗ୍ୟବଶତଃ ରନ ଆଉଟ ହୋଇଥିଲେ। ଆଉଟ ହେବା ପୂର୍ବରୁ ସେ ୧୭ ବଲରେ ୪ ଚୌକା ଓ ୩ ଛକା ସହିତ ୩୭ ରନ କରିଥିଲେ। ତାଙ୍କ ଉଇକେଟ ପଡ଼ିବା ପରେ ବେଙ୍ଗାଲୁରୁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦେବଦତ୍ତ ପଡିକେଲ ୧ ଓ କୋହଲି ୧୪ ବଲରେ ୧ ଚୌକା ଓ ୨ ଛକା ସହିତ ୨୨ ରନ କରି ଆଉଟ ହୋଇଥିଲେ। ଅଧିନାୟକ ରଜତ ପଟିଦାର ୨୩ ବଲରେ ୧ ଲେଖାଏ ଚୌକା ଓ ଛକା ସହିତ ୨୫ ରନ କରି ଆଉଟ ହୋଇଥିଲେ। ଶେଷ ଆଡ଼କୁ ଟିମ ଡେଭିଡ ୨୦ ବଲରେ ୨ ଚୌକା ଓ ୪ ଛକା ସହିତ ୩୭ ରନ କରି ଦଳକୁ ଏକ ଚ୍ୟାଲେଞ୍ଜିଂ ସ୍କୋର ପ୍ରଦାନ କରିଥିଲେ। ତାଙ୍କୁ କୃନାଲ ପାଣ୍ଡ୍ୟା ୧୮ (୧ ଚୌକା) ଉପଯୁକ୍ତ ସମର୍ଥନ ପ୍ରଦାନ କରିଥିଲେ। ଫଳରେ ଆର୍‌ସିବି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୬୩ ରନ କରିବାକୁ ସକ୍ଷମ ହୋଇଥିଲା। ଦିଲ୍ଲୀ ପକ୍ଷରୁ କୁଲଦୀପ ଯାଦବ ଓ ବିପ୍ରଜ ନିଗମ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଦିଲ୍ଲୀ ମଧ୍ୟ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ୫୮ ରନ ମଧ୍ୟରେ ଫାଫ ଡୁ'ପ୍ଲେସିସ (୨), ଜେକ ଫ୍ରେଜର ମ୍ୟାକଗର୍କ (୭) ଓ ଅଭିଶେକ ପୋରେଲ (୭) ଓ ଅଧିନାୟକ ଅକ୍ଷର ପଟେଲ(୧୫)ଙ୍କ ଉଇକେଟ ହରାଇଥିଲା। ଏହାପରେ ଲୋକେଶ ରାହୁଲ ଓ ଟ୍ରିସ୍ତାନ ଷ୍ଟବ୍ସ ଅବିଭାଜିତ ପଞ୍ଚମ ଉଇକେଟରେ ୧୧୧ ରନ ଯୋଡ଼ିଥିଲେ। ରାହୁଲ ୫୩ ବଲରେ ୯୩ (୭ ଚୌକା ଓ ୬ ଛକା) ଓ ଷ୍ଟବ୍ସ ୨୩ ବଲରେ ୩୮ (୪ ଚୌକା ଓ ୧ ଛକା) ରନ କରି ଅପରାଜିତ ରହିଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ୍)
ଚେନ୍ନାଇ
ବନାମ କୋଲକାତା
ସ୍ଥାନ: ଚେନ୍ନାଇ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୨୦ ଓଭରରେ ୧୬୩/୭ (ଫିଲ୍ ସଲ୍ଟ–୩୭, ଟିମ ଡେଭିଡ–୩୭*, ରଜତ ପଟିଦାର–୨୫, ବିରାଟ କୋହଲି–୨୨, କୁଲଦୀପ ଯାଦବ–୨/୧୭, ବିପ୍ରଜ ନିଗମ–୨/୧୮)। ଦିଲ୍ଲୀ କ୍ୟାପିଟାଲ୍ସ: ୧୭.୫ ଓଭରରେ ୧୬୯/୪ (ଲୋକେଶ ରାହୁଲ–୯୩*, ଟ୍ରିସ୍ତାନ ଷ୍ଟବ୍ସ–୩୮*, ଭୁବନେଶ୍ୱର କୁମାର–୨/୨୬, ସୁୟଶ ଶର୍ମା–୧/୨୫)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୫ | ୪ | ୧ | ୮ | +୧.୪୧୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୪ | ୦ | ୮ | +୧.୨୭୮ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୫ | ୩ | ୨ | ୬ | +୦.୫୩୯ |
| ପଞ୍ଜାବ କିଙ୍ଗ୍ସ | ୪ | ୩ | ୧ | ୬ | +୦.୨୮୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୫ | ୩ | ୨ | ୬ | +୦.୦୭୮ |
| କୋଲକାତା ନାଇଟ ରାଇଡର୍ସ | ୫ | ୨ | ୩ | ୪ | +୦.୦୫୬ |
| ରାଜସ୍ଥାନ ରୟାଲ୍ସ | ୫ | ୨ | ୩ | ୪ | –୦.୭୩୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୧ | ୪ | ୨ | –୦.୦୧୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୧ | ୪ | ୨ | –୦.୮୮୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୧ | ୪ | ୨ | –୧.୬୨୯ |

# ପାରା ଫେନ୍ସିଂ ସାଟେଲାଇଟ୍ କପ୍‌ରେ ୩ ଓଡ଼ିଆ



ଫେନ୍ସିଂ ସାଟେଲାଇଟ୍ କପ୍‌ରେ ଭାଗ ନେଇଥିବା ଓଡ଼ିଶାର ୩ ଖେଳାଳି।

**ଭୁବନେଶ୍ୱର,୧୦।୪ (ଅନାଦି କର)**

ଆଜିଠାରୁ ୧୩ ତାରିଖ ପର୍ଯ୍ୟନ୍ତ ହଂକଂରେ ହେବାକୁ ଥିବା ହୁଇଲ ପାରା ଫେନ୍ସିଂ ସାଟେଲାଇଟ୍ କପ୍‌ରେ ଭାରତ ପକ୍ଷରୁ ଓଡ଼ିଶାର ୩ ଜଣ ପ୍ରତିନିଧିତ୍ୱ କରିବେ। ସେମାନେ ହେଲେ ଭି ରମେଶ ରାଓ, ରାଖାଲ କୁମାର ସେଠୀ ଓ ମାଳତୀ ପାନାଉରେ। ସମସ୍ତେ ବ୍ୟକ୍ତିଗତ ଇଭେଣ୍ଟରେ ଭାଗ ନେବେ। ଏମାନେ ସମସ୍ତେ ଉଚ୍ଚସ୍ତରର ଖେଳ ପ୍ରଦର୍ଶନ କରି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏସନ ଅଫ ଓଡ଼ିଶାର ସଭାପତି କମଳାକାନ୍ତ ରଥ, ସମ୍ପାଦକ ସୁନୀଲ ପ୍ରଧାନ ଓ ପାରା ଫେନ୍ସିଂ ଓଡ଼ିଶାର ଚେୟାରପର୍ସନ ବେଲା ଜୟସ୍ୱାଲ ଭାରତୀୟ ଦଳରେ ସ୍ଥାନ ପାଇଥିବା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଚାକିରି ନୁହେଁ, ୪ କୋଟିକୁ ବାଛିଲେ ଭିନେଶ ଫୋଗଟ

**ଚଣ୍ଡିଗଡ଼,୧୦।୪**

ରେସଲରରୁ ରାଜନେତ୍ରୀ ପାଲଟିଥିବା ଭିନେଶ ଫୋଗଟଙ୍କୁ ହରିୟାଣା ସରକାରଙ୍କ ପକ୍ଷରୁ ୪ କୋଟି କିମ୍ବା ସରକାରୀ ଚାକିରି ମଧ୍ୟରୁ ଗୋଟିଏ ବାଛିବାକୁ ପ୍ରସ୍ତାବ ଦିଆଯାଇଥିଲା। ସେ ୪ କୋଟି ଟଙ୍କାକୁ ବାଛିଛନ୍ତି। ୩୦ ବର୍ଷୀୟ ଆଥଲେଟ୍ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରୁ ଧାର୍ଯ୍ୟ ଓଜନଠାରୁ ଅଧିକ ଯୋଗୁ ୫୦ କେଜି ବର୍ଗର ଗୋଲ୍ଡ ମେଡାଲ ବାଉଟରୁ ବାଦ ପଡ଼ିଥିଲେ। ଏହାସତ୍ତ୍ୱେ ତାଙ୍କୁ ରାଜ୍ୟ ସରକାର ଅଲିମ୍ପିକ୍ସ ରୌପ୍ୟ ପଦକଧାରୀଙ୍କ ଭଳି ପୁରସ୍କୃତ କରିବ ବୋଲି ଘୋଷଣା କରିଥିଲା। ଗତ ବର୍ଷ ସେ ହରିୟାଣା ବିଧାନସଭା ନିର୍ବାଚନରେ ଜିନ୍ଦ୍ ଜିଲାର ଝୁଲନା ଆସନରୁ କଂଗ୍ରେସ ଟିକେଟରେ ବିଜୟୀ ହୋଇଥିଲେ। ନିକଟରେ ହରିୟାଣା ସରକାର ଏହାର କ୍ରୀଡ଼ା ନୀତି ଅନୁଯାୟୀ, ୪ କୋଟି ଟଙ୍କାର ପୁରସ୍କାର ରାଶି ଏବଂ ଓଏସ୍‌ପି ଗ୍ରୁପ ଏ' ଚାକିରି କିମ୍ବା ହରିୟାଣା ଶେହରି ବିକାଶ ପ୍ରାଧିକରଣ (ଏଚ୍‌ଏସ୍‌ଭିପି) ଅଧୀନରେ ଏକ ପ୍ଲଟ ଲାଗି ପ୍ରସ୍ତାବ ଦିଆଯାଇଥିଲା। ସବୁ ବିକଳ୍ପ ଉପରେ ବିଚାର କରିବା ପରେ ଫୋଗଟ ରାଜ୍ୟ କ୍ରୀଡ଼ା ବିଭାଗକୁ ଅର୍ଥ ରାଶି ଗ୍ରହଣ କରିବାକୁ ଚାହୁଁଥିବା ଏକ ପତ୍ର ଜରିଆରେ ଜଣାଇଛନ୍ତି।

# ସିଏସ୍‌କେର ନେତୃତ୍ୱକୁ ଫେରିଲେ ଧୋନୀ

**ଚେନ୍ନାଇ,୧୦।୪(ପି.ଟି.)**

ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଦଳର ନିୟମିତ ଅଧିନାୟକ ଋତୁରାଜ ଗାଏକ୍ୱାଡ ଆହତ ସମସ୍ୟା ଯୋଗୁ ଚଳିତ ଆଇପିଏଲ୍‌ର ଅବଶିଷ୍ଟ ମ୍ୟାଚରୁ ବାଦ୍ ପଡ଼ିଛନ୍ତି। ତାଙ୍କ ଅନୁପସ୍ଥିତିରେ ମହେନ୍ଦ୍ର ସିଂ ଧୋନୀ ଦଳର ନେତୃତ୍ୱ ନେବେ। ତେବେ ଋତୁରାଜଙ୍କ ଏଲବୋ ଫ୍ରାକଚର ହୋଇଯାଇଥିବା ଜଣାପଡ଼ିଛି। ଶୁକ୍ରବାର ଖେଳାଯିବାକୁ ଥିବା କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ବିପକ୍ଷ



**ଗାଏକ୍ୱାଡ ଆହତ**

ମ୍ୟାଚ ପୂର୍ବରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଏସ୍‌କେର ମୁଖ୍ୟ କୋଚ ଷ୍ଟିଫେନ ଫ୍ଲେମିଂ ଏହା କହିଛନ୍ତି।

ଗତ ୩୦ ତାରିଖରେ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚରେ ତୁଷାର ଦେଶପାଣ୍ଡେଙ୍କ ଏକ ବଲ ୨୮ ବର୍ଷୀୟ ଗାଏକ୍ୱାଡଙ୍କ ଏଲବୋ ବାଜିଥିଲା। ଏହାପରେ ବି ସେ ଦୁଇଟି ମ୍ୟାଚରେ ଖେଳିଥିଲେ। କିନ୍ତୁ ସ୍କାନରୁ ଫ୍ରାକଚର ସ୍ପଷ୍ଟ ହୋଇଛି। ୫ ମ୍ୟାଚରେ ୪ ପରାଜୟ ସହ ପଏଣ୍ଟ ଟେବୁଲର ନବମ ସ୍ଥାନରେ ଥିବା ଦଳ ପାଇଁ ଏହି ଆହତ ସମସ୍ୟା ଏକ ଶକ୍ତ ଧକ୍କା ସଦୃଶ। ଗାଏକ୍ୱାଡ ଗତ ୪ରୁ ୩ ଆଇପିଏଲ୍ ସିଜନରେ ସିଏସ୍‌କେ ଲାଗି ସର୍ବାଧିକ ରନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ସିଏସ୍‌କେ ଆଇପିଏଲ୍‌ରେ ୨୬୮ ମ୍ୟାଚ ଖେଳିଥିବା ବେଳେ ଧୋନୀ ୨୩୫ ମ୍ୟାଚରେ ଦଳର ନେତୃତ୍ୱ ନେଇଛନ୍ତି। ତାଙ୍କ ନେତୃତ୍ୱରେ ସିଏସ୍‌କେ ୨୦୧୦, ୨୦୧୧, ୨୦୧୮, ୨୦୨୧ ଓ ୨୦୨୩ରେ ଆଇପିଏଲ୍ ସହ ଦୁଇଟି ଚାମ୍ପିୟନ୍ସ ଲିଗ୍ ଟି୨୦ ଟ୍ରଫି ଜିତିଥିଲା।

# ଅଷ୍ଟ୍ରେଲିଆ ଟୁର୍‌ରେ ଯିବ ମହିଳା ହକି ଦଳ

**ନୂଆଦିଲ୍ଲୀ, ୧୦।୪ (ପି.ଟି.):** ଭାରତୀୟ ମହିଳା ହକି ଦଳ ଅଷ୍ଟ୍ରେଲିଆ ଟୁର୍‌ରେ ଯିବ। ଦଳ ସେଠାରେ ଏପ୍ରିଲ ୨୬ରୁ ମେ ୪ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଏକ ସିରିଜ ଖେଳିବ। ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ଦୁଇଟି ମ୍ୟାଚ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ପରେ ସେମାନେ ଅଷ୍ଟ୍ରେଲିଆ ସିନିୟର ଦଳ ସହ ୩ଟି ମ୍ୟାଚ ଖେଳିବେ। ଟୁର୍ ବେଳେ ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ପଛକୁ ପଛ ମ୍ୟାଚ ଏପ୍ରିଲ ୨୬ ଓ ୨୭ରେ ଖେଳାଯିବ। ପରେ ବିଶ୍ୱ ୫ ନମ୍ବର ଦଳ ଅଷ୍ଟ୍ରେଲିଆ ସିନିୟର ଦଳ ସହିତ ତିନୋଟି ମ୍ୟାଚ ମେ ୧, ୩ ଓ ୪ରେ ଖେଳାଯିବ। ଏହି ସମସ୍ତ ମ୍ୟାଚ ପର୍ଥ ହକି ଷ୍ଟାଡିୟମରେ ଖେଳାଯିବ। ଆସନ୍ତା ଜୁନ୍‌ରେ ଏଫ୍ଆଇଏଚ୍ ପ୍ରୋ–ଲିଗ୍ ୨୦୨୪–୨୫ ଲାଗି ପ୍ରସ୍ତୁତି କ୍ଷେତ୍ରରେ ଏହି ଟୁର୍ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଉଛି। ନବମ ର‍୍ୟାଙ୍କିଂପ୍ରାପ୍ତ ଭାରତ ଏହି ସିରିଜ ପୂର୍ବରୁ ଭୁବନେଶ୍ୱରରେ ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚ ୨–୨ ଡ୍ର ରଖିବା ସହ ରୋମାଞ୍ଚକ ଶୁଟ୍ ଆଉଟ୍‌ରେ ବୋନସ ପଏଣ୍ଟ ଅର୍ଜନ କରିଥିବାରୁ ଏହାର ମନୋବଳ ଉଚ୍ଚା ରହିଛି।

# ସଞ୍ଜୁ ସାମସନଙ୍କୁ ୨୪ଲକ୍ଷ ଜରିମାନା

**ଅହମଦାବାଦ, ୧୦।୪ (ପି.ଟି.)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଏଠାରେ ଖେଳାଯାଇଥିବା ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚରେ ଏକ ସ୍ଲୋ ଓଭର ରେଟ୍ ପାଇଁ ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମ୍‌ସନଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ବୁଧବାର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଗୁଜରାଟ ୨୧୮ରନର ଟାର୍ଗେଟ ଧାର୍ଯ୍ୟ କରିଥିଲା। ରୟାଲ୍ସ ଦଳ ୧୯.୨ ଓଭରରେ ୧୫୯ ରନ କରି ଅଲଆଉଟ ହୋଇଯାଇଥିଲା। ଗୁଜରାଟ ଏହି ମ୍ୟାଚ ୫୮ରନରେ ଜିତି ନେଇଥିଲା। ମ୍ୟାଚରେ ଧାର୍ଯ୍ୟ ସମୟ ମଧ୍ୟରେ ଗୋଟିଏ ଓଭର ପଛରେ ରହିଯାଇଥିବାରୁ ରାଜସ୍ଥାନ ରୟାଲ୍ସ ଅଧିନାୟକଙ୍କୁ ଜରିମାନା କରାଯାଇଥିବା ଆଇପିଏଲ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଆଇପିଏଲ ଆଚରଣ ସଂହିତାର ଧାରା ୨.୨୨ ଅଧୀନରେ ରାଜସ୍ଥାନ ଦଳର ସିଜନରେ ଏହା ହେଉଛି ଦ୍ୱିତୀୟ ଅପରାଧ;



ଯେଉଁଥିରେ କି ସର୍ବନିମ୍ନ ଓଭରରେଟ୍ ଅପରାଧ ପାଇଁ ସାମସନଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଇମ୍ପାକ୍ଟ ଖେଳାଳିଙ୍କ ସମେତ ଦଳର ଅନ୍ୟ ଖେଳାଳିମାନଙ୍କୁ ୬ଲକ୍ଷ ଟଙ୍କା କିମ୍ବା ସେମାନଙ୍କ ମ୍ୟାଚ ଫି'ର ୨୫ ପ୍ରତିଶତ ଜରିମାନା ଦେବାକୁ ପଡ଼ିବ, ଯାହାର ପରିମାଣ କମ୍ ରହିବ। ଗୁଜରାଟ ଟାଇଟନ୍ସ ବର୍ତ୍ତମାନ ସୁଦ୍ଧା ଖେଳିସାରିଥିବା ୫ଟି ମ୍ୟାଚରେ ୪ ବିଜୟ ଓ ଗୋଟିଏ ପରାଜୟ ସହ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ପହଞ୍ଚିପାରିଛି। ଅନ୍ୟପକ୍ଷରେ ରାଜସ୍ଥାନ ୫ଟି ଗେମ୍‌ରୁ ୨ ବିଜୟ ଓ ୩ ପରାଜୟ ସହ ଟେବୁଲର ୭ମ ସ୍ଥାନରେ ରହିଛି।

# ଜାତୀୟ ସିନିୟର ସଫ୍ଟବଲ୍ ପାଇଁ କିସ୍‌ରୁ ୪ ଖେଳାଳି



ଓଡ଼ିଶା ସଫ୍ଟବଲ୍ ଦଳରେ ସ୍ଥାନ ପାଇଥିବା କିସ୍‌ର ୪ ଖେଳାଳି।

**ଭୁବନେଶ୍ୱର, ୧୦।୪ (ବିଜୟ ରଣା)**

ଏପ୍ରିଲ ୧୨ରୁ ୧୫ ପର୍ଯ୍ୟନ୍ତ ଜମ୍ମୁ ଓ କଶ୍ମୀର ହେବାକୁଥିବା ଜାତୀୟ ସିନିୟର ସଫ୍ଟବଲ ଚାମ୍ପିୟନଶିପ୍–୨୦୨୫ରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବା ଲାଗି କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍)ରୁ ୪ଜଣ ମନୋନୀତ ହୋଇଛନ୍ତି। ଓଡ଼ିଶା ପୁରୁଷ ଦଳରେ କିସ୍‌ର ଅନୀଲ ମାର୍ଣ୍ଡିଙ୍କୁ ସ୍ଥାନ ମିଳିଥିବା ବେଳେ ଓଡ଼ିଶା ମହିଳା ଦଳରେ ଦ୍ରୁପତି ରେଖା ସୋରେନ, ପୂର୍ଣ୍ଣିମା ସୋରେନ ଓ ଲକ୍ଷ୍ମୀ ବୋଇପାଇ ପ୍ରତିନିଧିତ୍ୱ କରୁଛନ୍ତି। ଦଳ ସହିତ ସେମାନେ ଗୁରୁବାର ଜମ୍ମୁ କଶ୍ମୀର ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଅବସରରେ କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଓଡ଼ିଶା ସଫ୍ଟ ବଲ୍ ଆସୋସିଏଶନର ସାଧାରଣ ସମ୍ପାଦକ ଦେବେନ୍ଦ୍ର ମୁକାର ସାହୁ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଶୁଭକାମନା କରିଛନ୍ତି।

# ରାମେଶ୍ୱର କପ୍ ଜୁନିୟର କ୍ରିକେଟ

**ଭୁବନେଶ୍ୱର, ୧୦।୪ (ବିଜୟ ରଣା)**

ସ୍ଥାନୀୟ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସ୍ୱର୍ଗତ କମଳା ପରିଡ଼ା (୧୮ ବର୍ଷରୁ କମ୍) ଓ ଅମରେନ୍ଦ୍ର ପ୍ରସାଦ ବଳ (୧୫ ବର୍ଷରୁ କମ୍) ମେମୋରିଆଲ କ୍ରିକେଟରେ ଗୁରୁବାର ଖେଳାଯାଇଥିବା ମ୍ୟାଚରେ ପାରାମାଉଣ୍ଟ ସ୍ପୋର୍ଟିଂ ଓ ସହିଦ ସ୍ପୋର୍ଟିଂ କ୍ଲବ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ୧୮ ବର୍ଷରୁ କମ୍ ବିଭାଗରେ ପାରାମାଉଣ୍ଟ ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୩୦ ଓଭରରେ ୭ ଉଇକେଟ ବିନିମୟରେ ୧୯୫ ରନ କରିଥିଲା। ସ୍ୱାଗତ ମିଶ୍ର ୬୨(୫୦ ବଲ୍) ଏବଂ ଏସ୍.କେ ନାକ୍ବିବ ୪୩ (୨୭) ରନ କରିଥିଲେ। ବିପକ୍ଷ ଆଲ୍‌ଫା ସ୍ପୋର୍ଟିଂ ବ୍ରହ୍ମପୁରର ଅଭିନିତ ପଟ୍ଟନାୟକ ଓ ବିଶାଳ ପ୍ରସାଦ ଦୁଇଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ୧୯୬ ରନର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିବାକୁଯାଇ ଆଲ୍‌ଫା ସ୍ପୋର୍ଟିଂ ୨୯.୫ ଓଭରରେ ୧୨୨ ରନ କରି ଅଲଆଉଟ ହୋଇଯାଇଥିଲା। ଟପ୍ ସ୍କୋରର ସମରପ୍ରୀତ ୧୯ ରନ କରିଥିଲେ। ବିଜୟୀ ଦଳର ପ୍ରଜ୍ଞା ପତ୍ରୀ ୪ ଉଇକେଟ ଓ ଦୁର୍ଗା ମଲିକ ୩ ଉଇକେଟ ନେଇଥିଲେ। ପାରାମାଉଣ୍ଟ ସ୍ପୋର୍ଟିଂ କ୍ଲବ ୭୨ ରନରେ ବିଜୟ ଲାଭ କରିଥିଲା। ପ୍ଲେୟର ଅଫ୍ ଦି ମ୍ୟାଚ ସ୍ୱାଗତ ମିଶ୍ର ପୂର୍ବତନ ରଣଜୀ ଫାଷ୍ଟ ବୋଲର ଆଲୋକ ମଙ୍ଗରାଜଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

ଅନ୍ୟପକ୍ଷରେ ୧୫ ବର୍ଷରୁ କମ୍ ବିଭାଗରେ ଏମ୍‌ସିସି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ବିନିମୟରେ ୧୨୪ ରନ କରିଥିଲା। ଅଂଶୁମାନ ଦାସ ୪୮ (୪୨) ବଲ୍) ଓ ଅନିମେଶ ପ୍ରଧାନ ୩୫ (୩୯) ରନ କରିଥିଲେ। ବିପକ୍ଷ ଦଳର ଋତୁରାଜ ମହାନ୍ତି ଓ ଶ୍ରେୟାଂଶ ପାଢୀ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ସହିଦ ସ୍ପୋର୍ଟିଂ ୧୯.୧ ଓଭରରେ ୯ ଉଇକେଟ ହରାଇ ୧୨୮ରନ କରିପାରିଥିଲା। ଦଳ ପକ୍ଷରୁ ଋତୁରାଜ ମହାନ୍ତି ୩୭ ଏବଂ ଓମ୍ ପ୍ରକାଶ ନାୟମ ୨୮ ରନ କରିଥିଲେ। ଆଦିତ୍ୟ ଦାସ ୪ ଉଇକେଟ ନେଇଥିବା ବେଳେ ଆୟୁଷ ପ୍ରଧାନ ୩ ଉଇକେଟ ସଫଳତା ପାଇଥିଲେ। ସହିଦ ସ୍ପୋର୍ଟିଂ ୧ ଉଇକେଟରେ ବିଜୟ ଲାଭ କରିଥିଲା। ପ୍ଲେୟର ଅଫ୍ ଦି ମ୍ୟାଚ ଋତୁରାଜ ମହାନ୍ତି ପୂର୍ବତନ ରଣଜୀ ଅଧିନାୟକ ରଶ୍ମୀରଞ୍ଜନ ପରିଡ଼ାଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ୧୫ବର୍ଷରୁ କମ୍ ଫାଇନାଲରେ ସହିଦ ସ୍ପୋର୍ଟିଂ ଓ ରାମେଶ୍ୱର ସ୍ପୋର୍ଟିଂ ପରସ୍ପରକୁ ଭେଟିବେ।




ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ପ୍ଲେୟର୍ ଅଫ୍ ଦି ମ୍ୟାଚ୍।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ